# ଧରିତ୍ରୀ
DHARITRI

ବ୍ରହ୍ମପୁର, ବୁଧବାର, ଫେବୃୟାରୀ ୧୩ /୨୦୧୯ (୨୦ ପୃଷ୍ଠା) Berhampur, Wednesday, February 13/ 2019 ★★★

୧୫ ଶ ଭାଗ ୧୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-







"ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଫାଲ ଚୁକ୍ତିରେ ଶିଳ୍ପପତି ଅନିଲ ଅମ୍ବାନୀଙ୍କ ମଧ୍ୟସ୍ଥ ଭାବେ କାର୍ଯ୍ୟ କରି ଦେଶଦ୍ରୋହ କରିଛନ୍ତି। ତାଙ୍କ ବିରୋଧରେ ଅଫିସିଆଲ୍ ସିକ୍ରେଟ୍ ଆକ୍ଟ ବଳରେ ମାମଲା ରୁଜୁ କରାଯାଉ।"

ରାହୁଲ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷ

# ବଢ଼ିବ ଯୁଦ୍ଧକ୍ଷମତା

ନୂଆଦିଲ୍ଲୀ,୧୨।୨



ରାଫାଲ ଯୁଦ୍ଧବିମାନ କିଣା ଚୁକ୍ତିରେ ଦୁର୍ନୀତିକୁ ନେଇ କେନ୍ଦ୍ରର ଏନ୍‌ଡିଏ ସରକାରଙ୍କୁ ବିରୋଧୀ ଟାର୍ଗେଟ କରୁଥିବାବେଳେ ଭାରତ ୭୨,୪୦୦ ସିଗ୍ ସଉର୍ ଆସଲ୍ଟ ରାଇଫଲ୍ କିଣିବା ପାଇଁ ଆମେରିକା ସହ ଚୁକ୍ତିବଦ୍ଧ ହୋଇଛି। ଭାରତୀୟ ସେନା ପାଇଁ ଫାଷ୍ଟ-ଟ୍ରାକ୍ ପ୍ରକ୍ରିୟାରେ ଏହି ରାଇଫଲ୍ ଅଣାଯିବ। ଏହା ସୀମାନ୍ତରେ ମୁତୟନ ଭାରତୀୟ ଯବାନଙ୍କ ଯୁଦ୍ଧକ୍ଷମତା ବୃଦ୍ଧି କରିବ ବୋଲି ମଙ୍ଗଳବାର ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

ପ୍ରତିରକ୍ଷା ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀଙ୍କଠାରୁ ମିଳିଥିବା ସୂଚନାନୁସାରେ ଆମେରିକାର ନ୍ୟୁ ହାମ୍ପଶାୟାରସ୍ଥିତ ଅସ୍ତ୍ରଶସ୍ତ୍ର ନିର୍ମାଣକାରୀ କମ୍ପାନୀ ସିଗ୍ ସଉର୍ ଭାରତକୁ ୭୨,୪୦୦ ଆସଲ୍ଟ ରାଇଫଲ୍ ପ୍ରଦାନ କରିବ। ଏହା ଆମେରିକାରେ ନିର୍ମିତ ହେବ ଏବଂ ଭାରତକୁ ବର୍ଷକ ମଧ୍ୟରେ ଯୋଗାଣ କରାଯିବ। ଏନେଇ ଭାରତ ଓ ଆମେରିକା ମଧ୍ୟରେ ୭୦୦ କୋଟି ଟଙ୍କାର ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଏହି ରାଇଫଲ୍ ମଧ୍ୟରୁ ଅଧିକାଂଶ ଅର୍ଥାତ୍ ୬୬,୦୦୦ଟି ଭାରତୀୟ ସେନାକୁ ଦିଆଯିବ। ଭାରତ-ଚାଇନାର ୩,୬୦୦ କି.ମି. ବିସ୍ତୃତ ସୀମାରେ ମୁତୟନ ଯବାନଙ୍କ ଏହା ଯୁଦ୍ଧକ୍ଷମତା ବୃଦ୍ଧି କରିବ। ଅବଶିଷ୍ଟ ରାଇଫଲ୍‌କୁ ନୌସେନା (୨,୦୦୦) ଓ ବାୟୁସେନା (୪,୦୦୦)କୁ ଦିଆଯିବ।

**ଆମେରିକାଠାରୁ ୭୨,୪୦୦ ଆସଲ୍ଟ ରାଇଫଲ୍ କିଣିବା ପାଇଁ ଚୁକ୍ତି ସ୍ୱାକ୍ଷର**

ବର୍ତ୍ତମାନ ବ୍ୟବହାର କରାଯାଉଥିବା ଭାରତ ନିର୍ମିତ ୫.୫X୪୫ଏମ୍‌ଏମ୍ ଇନ୍‌ସାସ୍ ରାଇଫଲ୍ ବଦଳରେ ଏସ୍‌ଆଇଜି ୭୧୬ ୭.୬୨X୫୧ଏମ୍‌ଏମ୍ ଆସଲ୍ଟ ରାଇଫଲ୍ ବ୍ୟବହାର କରାଯିବ। ଏହାକୁ ବିଗତ କିଛିବର୍ଷ ମଧ୍ୟରେ କରାଯାଇଥିବା ସବୁଠୁ ବଡ଼ ଚୁକ୍ତି ବୋଲି କୁହାଯାଉଛି। ଭାରତୀୟ ସଶସ୍ତ୍ର ବାହିନୀର ଆଧୁନିକୀକରଣ ପାଇଁ ଚାଲିଥିବା ଉଦ୍ୟମକୁ ସଫଳ କରିବାରେ ଏହା ସହାୟକ ହେବ। ଗତବର୍ଷ ଏହି କମ୍ପାନୀକୁ ରାଇଫଲ୍ ଯୋଗାଣ ପାଇଁ ଚୟନ କରାଯାଇଥିଲା। ନିକଟରେ ପ୍ରତିରକ୍ଷା ମନ୍ତ୍ରୀ ନିର୍ମଳା ସୀଥାରାମନ୍ ଏହି ଅସ୍ତ୍ର ଅଧିଗ୍ରହଣକୁ ଅନୁମୋଦନ କରିଥିଲେ।

## ନୌସେନା ପାଇଁ ୧୧୧ ହେଲିକପ୍ଟର

**ନୂଆଦିଲ୍ଲୀ,୧୨।୨:** ଭାରତୀୟ ନୌସେନା ପାଇଁ ୧୧୧ ନାଭାଲ୍ ୟୁଟିଲିଟି ହେଲିକପ୍ଟର (ଏନ୍‌ୟୁଏଚ୍) ଅଣାଯାଉଛି। ତନ୍ମଧ୍ୟରୁ ୯୫ଟି ହେଲିକପ୍ଟର ଭାରତରେ ନିର୍ମିତ ହୋଇଥିବାବେଳେ ଅବଶିଷ୍ଟ ୧୬ଟି ବିଦେଶରୁ ଅଣାଯିବ। ଏଥିପାଇଁ ମୋଟ ୨୨,୦୦୦ କୋଟି ଟଙ୍କା ଖର୍ଚ୍ଚ ହେବ। କେଉଁ କମ୍ପାନୀଗୁଡ଼ିକଠାରୁ ଏହି ହେଲିକପ୍ଟର କିଣାଯିବ ସେନେଇ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଏକ ତାଲିକା ଚୂଡ଼ାନ୍ତ କରାଯାଉଛି। ଟାଟା ଆଡ୍‌ଭାନ୍ସ ସିଷ୍ଟମ୍, ମହିନ୍ଦ୍ରା ଡିଫେନ୍ସ, ଆଦାନି ଡିଫେନ୍ସ, ଏଲ୍‌ଆଣ୍ଡଟି, ଭାରତ ଫୋର୍ଜ ଏବଂ ରିଲାଏନ୍ସ ଇନ୍‌ଫ୍ରାଷ୍ଟ୍ରକ୍‌ଚର ଭଳି କମ୍ପାନୀ ଏହି ହେଲିକପ୍ଟର ନିର୍ମାଣ ପ୍ରକ୍ରିୟାରେ ଭାଗନେବା ପାଇଁ ଆଗ୍ରହୀ ଥିବା ଜଣାପଡ଼ିଛି। ନୌସେନାରେ ୧୯୬୦ ଦଶକରୁ ନିୟୋଜିତ ଚେତକ୍ ହେଲିକପ୍ଟର ବଦଳରେ ଏନ୍‌ୟୁଏଚ୍‌ଗୁଡ଼ିକୁ ବ୍ୟବହାର କରାଯିବ। ଏହା ତଲାସି, ଉଦ୍ଧାର ଓ ଯୁଦ୍ଧରେ ବ୍ୟବହାର କରାଯିବ ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ମଙ୍ଗଳବାର ଜାରି ଏକ ବିବୃତିରେ କୁହାଯାଇଛି।



**ସଂକ୍ଷେପରେ**

## ଆନ୍ଧ୍ରକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଦାବି
## ରାଷ୍ଟ୍ରପତିଙ୍କୁ ଭେଟିଲେ ଚନ୍ଦ୍ରାବାବୁ



**ନୂଆଦିଲ୍ଲୀ,୧୨।୨(ପି.ଟି.):** ଆନ୍ଧ୍ରପ୍ରଦେଶକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଦାବିରେ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରାବାବୁ ନାଇଡୁ ମଙ୍ଗଳବାର ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ଭେଟିଛନ୍ତି। ଚନ୍ଦ୍ରାବାବୁଙ୍କ ନେତୃତ୍ୱରେ ତେଲୁଗୁ ଦେଶମ୍ ପାର୍ଟି (ଟିଡିପି)ର ଏକ ପ୍ରତିନିଧି ଦଳ ରାଷ୍ଟ୍ରପତି ଭବନକୁ ଯାଇ ରାଷ୍ଟ୍ରପତିଙ୍କୁ ଭେଟି ୧୮ ଦାବି ସମ୍ବଳିତ ଏକ ସ୍ମାରକପତ୍ର ପ୍ରଦାନ କରିଛି। ରାଷ୍ଟ୍ରପତିଙ୍କୁ ଭେଟିବା ପରେ ଚନ୍ଦ୍ରାବାବୁ କହିଛନ୍ତି, କେନ୍ଦ୍ର ସରକାର ଆନ୍ଧ୍ରପ୍ରଦେଶ ବିଭାଜନ ଆଇନ ପ୍ରତିଶ୍ରୁତିଗୁଡ଼ିକୁ ଅଣଦେଖା କରିଛି। ମୋଦି ସରକାର ରାଜ୍ୟକୁ ଅନୁଦାନ ନ ଦେଇ ସମୟ ଅତିବାହିତ କରିବାରେ ଲାଗିଛି। ଆମ ଦାବି ସମ୍ପର୍କରେ ଆମେ ରାଷ୍ଟ୍ରପତିଙ୍କୁ ଜଣାଇଛୁ। ଅନ୍ୟପକ୍ଷରେ ଚନ୍ଦ୍ରାବାବୁ କେନ୍ଦ୍ର ସରକାରଙ୍କ ଅବହେଳା ବିରୋଧରେ ଧାରଣାରେ ବସିଥିବାବେଳେ ତାଙ୍କ ସହ ବିରୋଧୀ ନେତାଙ୍କ ଗହଣରେ ଭାଜପାର ସହଯୋଗୀ ଶିବସେନା ନେତା ସଞ୍ଜୟ ରାଉତ୍‌ଙ୍କୁ ଦେଖିବାକୁ ମିଳିଥିଲା। ଶିବସେନା ଅଧ୍ୟକ୍ଷ ଉଦ୍ଧବ ଠାକ୍‌ରେଙ୍କ ସନ୍ଦେଶ ନେଇ ସେ ତାଙ୍କର ପ୍ରତିନିଧି ଭାବେ ଧରଣାରେ ଯୋଗଦେଇଥିବା ରାଉତ୍ କହିଛନ୍ତି।

## ବିକାନେର ଦୁର୍ନୀତି ମାମଲା
## ଇଡିରେ ପୁଣି ହାଜର ହେଲେ ରବର୍ଟ

**ଜୟପୁର,୧୨।୨:** ରାଜସ୍ଥାନର ବିକାନେର କୋଲାୟତ୍ ସବ୍‌ଡିଭିଜନ ଅନ୍ତର୍ଗତ ୨୭୫ ଏକର ଜମି ଦୁର୍ନୀତି ମାମଲାରେ ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଭିଣୋଇ ରବର୍ଟ ଭଦ୍ରା ଏବଂ ତାଙ୍କ ମା' ମରିନ୍ (୭୫) ମଙ୍ଗଳବାର ଜୟପୁର ଭବାନୀ ସିଂ ରୋଡସ୍ଥିତ ଇଡି କାର୍ଯ୍ୟାଳୟରେ ହାଜର ହୋଇଛନ୍ତି। ଇଡି ତଦନ୍ତରେ ସହଯୋଗ କରିବାକୁ କୋର୍ଟର ନୋଟିସ ପରେ ସୋମବାର ଭଦ୍ରା ମା' ମରିନ୍‌ଙ୍କ ସହ ଜୟପୁର ପହଞ୍ଚିଥିଲେ। ଏଆଇସିସି ମହାସଚିବ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଉଭୟଙ୍କ ସହ ଇଡି କାର୍ଯ୍ୟାଳୟକୁ ଯାଇଥିଲେ। ବିକାନେର ଜମି କ୍ରୟ ଦୁର୍ନୀତିରେ ଅନୈତିକ ଅର୍ଥ କାରବାର ହୋଇଥିବା ବେଳେ ସ୍କାଏଲାଇଟ୍ କମ୍ପାନୀର ସମ୍ପୃକ୍ତି ରହିଥିବା ଜଣାଯାଇଛି। ଏହି କମ୍ପାନୀର ଅନ୍ୟତମ ଅଂଶୀଦାର ଭାବେ ରବର୍ଟ ଭଦ୍ରା ଏବଂ ତାଙ୍କ ମା'ଙ୍କୁ ଇଡି ଜେରାର ସମ୍ମୁଖୀନ ହେବାକୁ ରାଜସ୍ଥାନ ହାଇକୋର୍ଟ ଜାନୁୟାରୀ ୨୧ ତାରିଖରେ ନିର୍ଦ୍ଦେଶ ଜାରି କରିଥିଲେ।

## ପଞ୍ଚମ ଦିନରେ ଗୁଜ୍ଜର ଆନ୍ଦୋଳନ

**ଜୟପୁର,୧୨।୨:** ସରକାରୀ ଚାକିରି ଓ ଶିକ୍ଷା କ୍ଷେତ୍ରରେ ୫ ପ୍ରତିଶତ ସଂରକ୍ଷଣ ଦାବିରେ ଗୁଜ୍ଜର ସମୁଦାୟଙ୍କ ରାସ୍ତାରୋକୋ ଆନ୍ଦୋଳନ ଜାରି ରହିଛି। ଆଜି ପଞ୍ଚମ ଦିନରେ ବିକ୍ଷୋଭକାରୀମାନେ ଆଗ୍ରା-ଜୟପୁର-ବିକାନେର ୧୧ ନମ୍ବର ଜାତୀୟ ରାଜପଥ, ବୁନ୍ଦି ଜିଲାର ନୈନୱା ରାଜ୍ୟ ରାଜପଥ, ସୱାଇ ମାଧୋପୁର ସମେତ ଜୟପୁର ସହରର ଚାକ୍‌ସୁ ସହରରେ ମୁଖ୍ୟ ରାସ୍ତାଗୁଡ଼ିକୁ ଅବରୋଧ କରିଥିଲେ। ଏଥିସହ ଗୁଜ୍ଜର ସମୁଦାୟର ନେତମାନେ ରେଳ ଧାରଣାରେ ବିକ୍ଷୋଭ କରିଥିଲେ। ଏଥିଯୋଗୁ ୩ଟି ଟ୍ରେନ ବାତିଲ୍ କରାଯାଇଥିବାବେଳେ ୨ଟି ଟ୍ରେନର ଗତିପଥ ବଦଳାଯାଇଥିବା ନର୍ଥ ୱେଷ୍ଟର୍ନ ରେଲୱେ ପକ୍ଷରୁ କୁହାଯାଇଛି।

## ଅଖିଳେଶଙ୍କୁ ବିମାନବନ୍ଦରରେ ଅଟକାଇଲେ

ନୂଆଦିଲ୍ଲୀ,୧୨।୨(ପି.ଟି.)



ସମାଜାବାଦୀ ପାର୍ଟି (ଏସ୍‌ପି) ଅଧ୍ୟକ୍ଷ ଅଖିଳେଶ ଯାଦବଙ୍କୁ ମଙ୍ଗଳବାର ଲକ୍ଷ୍ନୌ ବିମାନବନ୍ଦରରେ ଅଟକାଯାଇଛି। ଏକ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଅଖିଳେଶ ଆଲ୍ଲାହାବାଦ ଯାଉଥିବାବେଳେ ବିମାନବନ୍ଦର କର୍ତ୍ତୃପକ୍ଷ ତାଙ୍କୁ ଯିବାକୁ ଦେଇ ନ ଥିଲେ। ଏହାକୁ ନେଇ ବିବାଦ ସୃଷ୍ଟି ହୋଇଛି। ଉତ୍ତରପ୍ରଦେଶର ଯୋଗୀ ସରକାରଙ୍କ ନିର୍ଦ୍ଦେଶରେ ଏପରି କରାଯାଇଥିବା ଅଭିଯୋଗ ହୋଇଛି। ଉତ୍ତରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଖିଳେଶ ମଙ୍ଗଳବାର ଆଲ୍ଲାହାବାଦ ବିଶ୍ୱବିଦ୍ୟାଳୟ ଛାତ୍ର ସଂସଦର ଶପଥଗ୍ରହଣ ଉତ୍ସବରେ ଯୋଗଦେବା ପାଇଁ ଯାଉଥିଲେ। ସେ ରାଜଧାନୀ ଲକ୍ଷ୍ନୌସ୍ଥିତ ଚୌଧରୀ ଚରଣ ସିଂ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିଥିବାବେଳେ ତାଙ୍କୁ ଅଟକାଯାଇଥିଲା। ଅଖିଳେଶ କହିଛନ୍ତି, ଜଣେ ଛାତ୍ର ନେତାଙ୍କ ଶପଥଗ୍ରହଣ ଉତ୍ସବରେ ସେ ଯୋଗଦେବା ପାଇଁ ଯାଉଥିବାବେଳେ ସରକାର ଏଥିରେ ଭୟଭୀତ ହୋଇ ତାଙ୍କୁ ରୋକିଛନ୍ତି। ଏହି ଅବସରରେ ପୋଲିସ ସହ ତାଙ୍କର ଯୁକ୍ତିତର୍କ ହେବା ବେଳର ଫଟୋକୁ ଅଖିଳେଶ ଟୁଇଟ୍ କରିଛନ୍ତି। ଅନ୍ୟପକ୍ଷରେ ବିମାନବନ୍ଦର ନିର୍ଦ୍ଦେଶକ ଏ.କେ. ଶର୍ମା ଏହାକୁ ଖଣ୍ଡନ କରିଛନ୍ତି। ରାଜ୍ୟ ବିଧାନସଭା ଓ ପାର୍ଲାମେଣ୍ଟରେ ଏହି ପ୍ରସଙ୍ଗ ଉଠିଛି। ବର୍ତ୍ତମାନର ସରକାର ଗଣତନ୍ତ୍ରକୁ ହତ୍ୟା ଉଦ୍ୟମ କରୁଥିବା ଏସ୍‌ପି ନେତା ନରେନ୍ଦ୍ର ବର୍ମା ବିଧାନସଭାରେ ଅଭିଯୋଗ ଆଣିଛନ୍ତି। ଏସ୍‌ପି ଏବଂ ବିଏସ୍‌ପି ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଯାଇ ଯୋଗୀ ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇ ହୋହଲ୍ଲା କରିଛନ୍ତି। ଏସ୍‌ପି ବିଧାୟକମାନେ ଏହାକୁ ନେଇ ରାଜଭବନ ସାମ୍ନାରେ ଧାରଣାରେ ବସି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କହିଛନ୍ତି, ଅଖିଳେଶ ଆଲ୍ଲାହବାଦ ଗଲେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇ ହିଂସାକାଣ୍ଡ ଘଟିବା ଆଶଙ୍କା କରି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ତାଙ୍କୁ ରୋକିବାକୁ ଅନୁରୋଧ କରିଥିଲେ। ଏଥିଯୋଗୁ ଏଭଳି ପଦକ୍ଷେପ ନିଆଯାଇଛି। ବିଏସ୍‌ପି ସୁପ୍ରିମୋ ମାୟାବତୀ କହିଛନ୍ତି, ଦୁଇଦଳର ମେଣ୍ଟକୁ ନେଇ ଭାଜପା ଭୟଭୀତ ହୋଇଯାଇଛି। ତେଣୁ ଏଭଳି ଅଗଣତାନ୍ତ୍ରିକ ଉପାୟ ଆପଣାଉଛି। ଏହା ଭାଜପା ସରକାରର ସମ୍ପୂର୍ଣ୍ଣ ଏକଛତ୍ରବାଦ ଶାସନ ବୋଲି ମାୟାବତୀ ସମାଲୋଚନା କରିଛନ୍ତି।



## ଆତଙ୍କବାଦୀ ନିହତ, ଯବାନ ଶହୀଦ

ଶ୍ରୀନଗର,୧୨।୨

**ପୁଲଓ୍ୱାମା ଏନ୍‌କାଉଣ୍ଟର**

ଦକ୍ଷିଣ କଶ୍ମୀର ପୁଲଓ୍ୱାମା ରତନୀପୁରା ଅଞ୍ଚଳରେ ସୋମବାର ରାତିରେ ସୁରକ୍ଷା ବଳ ଓ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳିବିନିମୟ ହୋଇଛି। ଏଥିରେ ହିଜ୍‌ବୁଲ ମୁଜାହିଦ୍ଦିନ ଆତଙ୍କବାଦୀ ହିଲାଲ୍ ଅହମ୍ମଦ ରାଠର(୨୧) ପ୍ରାଣ ହରାଇଛନ୍ତି। ଯବାନ ବଲଜିତ୍ ସିଂ ଶହୀଦ ହୋଇଛନ୍ତି। ସର୍ଚ୍ଚ ଅପରେଶନ ବେଳେ ଏହି ଏନ୍‌କାଉଣ୍ଟର ହୋଇଥିଲା। ୨ ପୋଲିସ କର୍ମୀଙ୍କୁ ଗୁଳି କରି ହତ୍ୟା କରିବା ଘଟଣାରେ ଗିରଫ ଲଶ୍କର-ଇ-ତୋଇବା କମାଣ୍ଡର ନୱିଦ ଝଟ୍‌ଙ୍କୁ ୨୦୧୮ ଫେବୃୟାରୀ ୮ରେ ଶ୍ରୀନଗରର ଏକ ହସ୍ପିଟାଲରୁ ଫେରାର୍ କରାଇବାରେ ରାଠରଙ୍କ ପ୍ରମୁଖ ଭୂମିକା ରହିଥିଲା ବୋଲି କଶ୍ମୀର ରେଞ୍ଜ୍ ଇନ୍ସପେକ୍ଟର ଜେନେରାଲ୍ ଅଫ୍ ପୋଲିସ ସ୍ୱୟମ ପ୍ରକାଶ ପାଣି କହିଛନ୍ତି। ନଭେମ୍ବର ୨୮ରେ ରାଠରଙ୍କୁ ଏନ୍‌କାଉଣ୍ଟର କରାଯାଇଥିଲା।

## ବୈଜୟନ୍ତଙ୍କ ମନିଲଣ୍ଡରିଂ ପ୍ରସଙ୍ଗ ଉଠାଇଲେ ଭର୍ତ୍ତୃହରି



**ନୂଆଦିଲ୍ଲୀ,୧୨।୨(ପି.ଟି.):** କେନ୍ଦ୍ରାପଡ଼ାର ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡାଙ୍କ ମନିଲଣ୍ଡରିଂ ପ୍ରସଙ୍ଗ ମଙ୍ଗଳବାର ଲୋକ ସଭାରେ ଉଠିଛି। ବିଜେଡି ସଂସଦୀୟ ଦଳ ନେତା ଭର୍ତ୍ତୃହରି ମହତାବ ବୈଜୟନ୍ତଙ୍କ ବିଦେଶୀ ବିନିମୟ ପରିଚାଳନା ଆଇନ (ଏଫ୍‌ଇଏମ୍‌ଏ) ଉଲ୍ଲଂଘନ ଓ ମନିଲଣ୍ଡରିଂ ପ୍ରସଙ୍ଗ ଉଠାଇ ଏନେଇ କେନ୍ଦ୍ର ସରକାର କି ପଦକ୍ଷେପ ନେଉଛନ୍ତି ବୋଲି ନିମ୍ନ ସଦନରେ ପ୍ରଶ୍ନ କରିଥିଲେ। ଶୂନ୍ୟକାଳରେ ସେ କହିଥିଲେ, ବୈଜୟନ୍ତ ଜଣେ ଭାରତୀୟ ପାସ୍‌ପୋର୍ଟଧାରୀ। ସେ ତାଙ୍କ ସ୍ତ୍ରୀ ଜଗି ମଙ୍ଗତ୍ ପଣ୍ଡା ଓ ପାରିବାରିକ ସହଯୋଗୀ ଟିକସ ଠକେଇର ଭୂସ୍ୱର୍ଗ ବାହାମାରେ ଆକାଉଣ୍ଟ ଖୋଲିଥିଲେ। କେନ୍ଦ୍ର ସରକାର ଏନେଇ କି ପଦକ୍ଷେପ ନେଇଛନ୍ତି? ଏହା ଏବେ ବି ତଦନ୍ତ ସ୍ତରରେ ରହିଛି କି? ତଦନ୍ତ ସମ୍ପୂର୍ଣ୍ଣ ହେବା ପାଇଁ କେତେଦିନ ଲାଗିବ ବୋଲି କଟକ ଏମ୍‌ପି ଭର୍ତ୍ତୃହରି ଜାଣିବାକୁ ଚାହିଁଥିଲେ। ପ୍ରକାଶ ଯେ, ଗତବର୍ଷ ବିଜେଡିରୁ ନିଲମ୍ବିତ ହୋଇଥିବା ପୂର୍ବତନ ଏମ୍‌ପି ତଥା ଶିଳ୍ପପତି ବୈଜୟନ୍ତ ଏଫ୍‌ଇଏମ୍‌ଏ ଉଲ୍ଲଂଘନ ଏବଂ ମନିଲଣ୍ଡରିଂ କରିଥିବା ଅଭିଯୋଗ ଆୟକର (ଆଇଟି) ବିଭାଗରେ ହୋଇଥିବା ରିପୋର୍ଟ ନିକଟରେ ପ୍ରକାଶ ପାଇଥିଲା। ଅନ୍ୟପକ୍ଷରେ ବୈଜୟନ୍ତ ଏହାକୁ ଖଣ୍ଡନ କରିଥିଲେ। ବାହାମାରେ ତାଙ୍କର କିମ୍ବା ପରିବାରର କାହାର ଏଭଳି ଆକାଉଣ୍ଟ ନାହିଁ ବୋଲି ସେ ଏକ ବିବୃତିରେ କହିଥିଲେ।

## ମିଗ୍-୨୭ ଦୁର୍ଘଟଣାଗ୍ରସ୍ତ

ପୋଖରାନ/ରାଜସ୍ଥାନ,୧୨।୨



ରାଜସ୍ଥାନର ଜୟସଲମେରରୁ ଟ୍ରେନିଂ ମିଶନରେ ବାହାରିଥିବା ମିଗ୍-୨୭ ବିମାନ ପୋଖରାନ୍ ରେଞ୍ଜ୍‌ରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ପାଇଲଟ ଏଥିରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ପୋଖରାନ୍ ରେଞ୍ଜ୍‌ରେ ବାୟୁଶକ୍ତି ସାମରିକ ଅଭ୍ୟାସ ଅବ୍ୟବହିତ ହେବାର କେଇ ଘଣ୍ଟା ପୂର୍ବରୁ ଏହି ଦୁର୍ଘଟଣା ଘଟିଛି। ଫେବୃୟାରୀ ୧ରେ ବେଙ୍ଗାଲୁରୁ ହିନ୍ଦୁସ୍ଥାନ ଏରୋନଟିକ୍ସ ଲିମିଟେଡ୍ (ହାଲ୍) ବନ୍ଦରଠାରେ ଭାରତୀୟ ବାୟୁସେନାର ମିରେଜ୍-୨୦୦୦ ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

**ଫୁରସତ**

## ସବୁଜ ବିଶ୍ୱ: ନେତୃତ୍ୱ ନେଉଛନ୍ତି ଭାରତ,ଚାଇନା

**ୱାଶିଂଟନ୍:** ବିଶ୍ୱକୁ ସବୁଜିମା କରିବା ଉଦ୍ୟମରେ ଭାରତ ଓ ଚାଇନା ନେତୃତ୍ୱ ନେଉଛନ୍ତି ବୋଲି ନାସା ପକ୍ଷରୁ କରାଯାଇଥିବା ସର୍ବଶେଷ ଅଧ୍ୟୟନରୁ ସୂଚନା ମିଳିଛି। ଦୀର୍ଘ ୨୦ବର୍ଷ ତଳେ ବିଶ୍ୱ ଯେଭଳି ସବୁଜିମା ଦେଖାଯାଉଥିଲା ବର୍ତ୍ତମାନ ଅପେକ୍ଷାକୃତ ଅଧିକ ସବୁଜିମାମୟ ହୋଇଥିବା ଏଥିରେ କୁହାଯାଇଛି। ଆମେରିକୀୟ ମହାକାଶ ଗବେଷଣା କେନ୍ଦ୍ର 'ନାସା' ଦ୍ୱାରା ସଂଗ୍ରହ କରାଯାଇଥିବା ଉପଗ୍ରହ ତଥ୍ୟକୁ ବିଶ୍ଳେଷଣ କରି କୁହାଯାଇଛି, ପୃଥିବୀ ପୃଷ୍ଠକୁ ସବୁଜିମାମୟ କରିବାରେ ଭାରତ ଓ ଚାଇନାର ଅଧିକ ଅବଦାନ ରହିଛି। ଏହି ଦୁଇଦେଶର ଭୂଭାଗର ଏକତୃତୀୟାଂଶ ସବୁଜିମାମୟ ହୋଇଥିବା ବେଳେ



ଉଦ୍ଭିଦରାଜି ଅଞ୍ଚଳ ହେଉଛି ପୃଥିବୀର ମାତ୍ର ୯% ବୋଲି ବୋଷ୍ଟନ ୟୁନିଭର୍ସିଟିର ପ୍ରମୁଖ ଲେଖକ ଚାଇ ଚେନ୍ ପ୍ରକାଶ କରିଛନ୍ତି। ଜନବହୁଳ ରାଷ୍ଟ୍ରରେ ଚାଷଜମି ଉପରେ ଅଧିକ ନିର୍ଭରଶୀଳତା ଯୋଗୁ ଏହାର ଅବକ୍ଷୟ ହୁଏ ବୋଲି ସାଧାରଣରେ ଏକ ଧାରଣା ସୃଷ୍ଟି ହୋଇଥାଏ। କିନ୍ତୁ ଭାରତ ଓ ଚାଇନା ଭଳି ଜନବହୁଳ ରାଷ୍ଟ୍ରରେ ଏହାର ବିପରୀତ ଦେଖିବାକୁ ମିଳୁଛି ବୋଲି ସେ ପ୍ରକାଶ କରିଥିଲେ।



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ**–ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘମୁକ୍ତ ରହିବ। ବୁଧବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୧ ଡିଗ୍ରୀ ଏବଂ ସର୍ବନିମ୍ନ ୧୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ମଙ୍ଗଳବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୯.୫ | ୧୨.୫ |
| ଚାନ୍ଦବାଲି | ୨୭.୮ | ୧୪.୮ |
| କଟକ | ୩୦.୫ | ୧୩.୨ |
| ପାରାଦ୍ୱୀପ | ୨୭.୩ | ୧୫.୮ |
| ଭୁବନେଶ୍ୱର | ୩୧.୨ | ୧୩.୮ |
| ଗୋପାଳପୁର | ୨୯.୮ | ୧୭.୩ |
| ପୁରୀ | ୨୭.୮ | ୧୬.୬ |
| ଅନୁଗୋଳ | ୩୦.୭ | ୧୦.୦ |
| ବାରିପଦା | ୨୮.୮ | ୧୨.୦ |
| ଝାରସୁଗୁଡ଼ା | ୩୦.୩ | ୧୧.୨ |
| କେନ୍ଦୁଝର | ୨୭.୮ | ୧୧.୦ |
| ସମ୍ବଲପୁର | ୩୦.୬ | ୧୧.୬ |
| ସୁନ୍ଦରଗଡ଼ | ୨୯.୦ | ୧୧.୦ |
| ହୀରାକୁଦ | ୨୯.୬ | ୧୨.୬ |
| ତାଳଚେର | ୩୧.୧ | ୧୨.୫ |
| ଭବାନୀପାଟଣା | --- | ୧୨.୫ |
| ବଲାଙ୍ଗୀର | ୩୦.୮ | ୧୧.୫ |
| କୋରାପୁଟ | ୨୯.୬ | ୧୨.୦ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | --- | ୧୦.୫ |
| ମାଲକାନଗିରି | ୩୪.୮ | ୧୨.୨ |
| ସୋନପୁର | --- | ୧୧.୦ |
| ଦାରିଙ୍ଗିବାଡ଼ି | ୨୮.୦ | ୯.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

**ଇତିହାସର ଆଇନାରେ**

## ଫେବୃୟାରୀ ୧୩ର ପ୍ରମୁଖ ଘଟଣା

୨୦୧୨ ଫେବୃୟାରୀ ୧୩ରେ ୟୁରୋପୀୟ ସ୍ପେସ୍ ଏଜେନ୍ସି (ଇଏସ୍‌ଏ) ଫ୍ରେଞ୍ଚ୍‌ଗାଏନାସ୍ଥିତ କୋଉରୋଉ ସ୍ପେସ୍‌ପୋର୍ଟରୁ ୟୁରୋପୀୟ ଭେଗା ରକେଟ୍ ଲଞ୍ଚ୍ କରାଯାଇଥିଲା। ୟୁରୋପୀୟ ସ୍ପେସ୍ ଏଜେନ୍ସି ହେଉଛି ୨୨ଟି ସଦସ୍ୟ ରାଷ୍ଟ୍ରକୁ ନେଇ ଗଠିତ ଏକ ଆନ୍ତଃ ସରକାରୀ ସଂଗଠନ।

୧୯୮୩ ଫେବୃୟାରୀ ୧୩ରେ ଇଟାଲିର ଟ୍ୟୁରିନ୍‌ରେ ଏକ ସିନେମା ହଲ୍‌ରେ ଅଗ୍ନିକାଣ୍ଡ ଯୋଗୁ ୬୪ଜଣଙ୍କ ମୃତ୍ୟୁ ଘଟିଥିଲା। ଟ୍ୟୁରିନ୍ ହେଉଛି ଉତ୍ତର ଇଟାଲିର ଏକ ଗୁରୁତ୍ୱପୂର୍ଣ୍ଣ ବ୍ୟବସାୟିକ ଏବଂ ସାଂସ୍କୃତିକ କେନ୍ଦ୍ର।

## ସଂସଦରେ ବାଜପେୟୀଙ୍କ ତୈଳଚିତ୍ର

**ନୂଆଦିଲ୍ଲୀ:** ସଂସଦର ସେଣ୍ଟ୍ରାଲ ହଲ୍‌ରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ତୈଳଚିତ୍ରକୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ମଙ୍ଗଳବାର ଅନାବରଣ କରିଛନ୍ତି। ଏହି ଅବସରରେ ରାଷ୍ଟ୍ରପତି କହିଲେ, ବାଜପେୟୀ ତାଙ୍କର ନିର୍ଣ୍ଣାୟକ ନିଷ୍ପତ୍ତି ଲାଗି ସବୁଦିନ ମନେରହିବେ। ୧୯୯୮ରେ ଆଣବିକ ପରୀକ୍ଷା ଏବଂ କାର୍‌ଗିଲ ଯୁଦ୍ଧ ଭଳି ପରିସ୍ଥିତିରେ ସେ ନିର୍ଣ୍ଣାୟକ ନିଷ୍ପତ୍ତି ନେଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଭାରତକୁ ଏକ ଶାନ୍ତିପୂର୍ଣ୍ଣ ଅଥଚ ଦୃଢ଼ ଓ ଶକ୍ତିଶାଳୀ ରାଷ୍ଟ୍ର ଭାବେ ଗଢ଼ି ତୋଳିବାରେ ତାଙ୍କର ଅବଦାନ ଅତୁଳନୀୟ। ତାଙ୍କର ଛବି ଆମକୁ ସବୁଦିନ ପ୍ରେରଣା ଦେବା ସହିତ ଆଶୀର୍ବାଦ ପ୍ରଦାନ କରିବ। ବାଜପେୟୀଙ୍କ ବକ୍ତୃତା ଏବଂ ନୀରବତା ସମାନ ଭାବେ ଶକ୍ତିଶାଳୀ ଥିଲା ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରକାଶ କରିଥିଲେ। ୧୯୯୬ରୁ ୨୦୦୪ ମଧ୍ୟରେ ୩ଥର ପ୍ରଧାନମନ୍ତ୍ରୀ ହୋଇଥିବା ବାଜପେୟୀଙ୍କ ତୈଳଚିତ୍ର ନିର୍ମାଣ କରିଥିଲେ ଉତ୍ତରପ୍ରଦେଶର ବୃନ୍ଦାବନ ନିବାସୀ ତଥା ପ୍ରସିଦ୍ଧ ଚିତ୍ରକର କ୍ରିଷ୍ଣ କହ୍ନେୟା। ଏଭଳି ଏକ ଛବି ନିର୍ମାଣ ପାଇଁ ଡିସେମ୍ବର ୧୮ରେ ଲୋକ ସଭା ବାଚସ୍ପତି ସୁମିତ୍ରା ମହାଜନଙ୍କ ଅଧ୍ୟକ୍ଷତାରେ ବସିଥିବା ସଂସଦର ପୋର୍ଟ୍ରେଟ କମିଟି ବୈଠକରେ ସର୍ବସମ୍ମତ ନିଷ୍ପତ୍ତି ନିଆଯାଇଥିଲା। ଅନାବରଣ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଉପସ୍ଥିତ ଥିଲେ ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ, ଲୋକ ସଭା ବାଚସ୍ପତି ସୁମିତ୍ରା ମହାଜନ, ରାଜ୍ୟ ସଭାର ବିରୋଧୀ ଦଳ ନେତା ଗୁଲାମ ନବି ଆଜାଦ, ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ଓ ଏଚ୍.ଡି. ଦେବେଗୌଡା ଏବଂ ଭାଜପାର ବରିଷ୍ଠ ନେତା ଏଲ.କେ. ଆଡଭାନୀ।



ଧରିତ୍ରୀ
DHARITRI
ବ୍ରହ୍ମପୁର, ବୁଧବାର, ଫେବୃୟାରୀ ୧୩ /୨୦୧୯
Berhampur, Wednesday, February 13/ 2019



# ଧରିତ୍ରୀ
DHARITRI

ବ୍ରହ୍ମପୁର, ବୁଧବାର, ଫେବୃୟାରୀ ୧୩ /୨୦୧୯ Berhampur, Wednesday, February 13/ 2019



DSPL-404

ଓଡ଼ିଶା ସରକାର

## ନବୀନ ଓଡ଼ିଶା ପାଇଁ
## ବିକାଶର ନୂତନ କିରଣ

ସୁବର୍ଣ୍ଣରେଖାରୁ ଶୁଭାରମ୍ଭ ହେଉଛି
ବନ୍ଦର ଭିତ୍ତିଭୂମି ବିକାଶର ଆଉ ଏକ

**ସ୍ୱର୍ଣ୍ଣିମ ଅଧ୍ୟାୟ**

ଓଡ଼ିଶା ସରକାର ଓ ଟାଟା ଷ୍ଟିଲ୍‌ଙ୍କ ସହଭାଗିତାରେ
ସ୍ଥାପିତ ହେବାକୁ ଯାଉଛି

**ସୁବର୍ଣ୍ଣରେଖା ବନ୍ଦର**

ଚଉମୁଖ, ବାଲିଆପାଳ, ବାଲେଶ୍ୱର

**୫୦୦୦ କୋଟି ଟଙ୍କାର ବନ୍ଦର**

**୧୨ଟି ବର୍ଥ**

**୨୫ରୁ ୫୫ ମିଲିୟନ ମେଟ୍ରିକ୍ ଟନ୍**
**ବାର୍ଷିକ ପଣ୍ୟ କାରବାର କ୍ଷମତା**

**୧୨ ହଜାର ଯୁବକ ଯୁବତୀଙ୍କ ପାଇଁ ନିଯୁକ୍ତି ସୁଯୋଗ**

ଶିଳାନ୍ୟାସ କରୁଛନ୍ତି
ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ

## ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ



**୧୩ ଫେବୃଆରୀ ୨୦୧୯**
**ଅପରାହ୍ଣ ୩.୧୫ ମିନିଟ୍**



02006/13/0010/1819

ବନ୍ଦର ଓ ଅନ୍ତର୍ଦେଶୀୟ ଜଳପଥ ପରିବହନ ନିର୍ଦ୍ଦେଶାଳୟ
ବାଣିଜ୍ୟ ଓ ପରିବହନ (ବାଣିଜ୍ୟ) ବିଭାଗ, ଓଡ଼ିଶା ସରକାର

> ସଂସାରରେ କର୍ମର ଗତି ବଡ ଗହନ। ଅବତାର ଶ୍ରୀରାମ ଯେତେବେଳେ ବାଳୀକୁ ହତ୍ୟାକଲେ ଏବଂ ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ ଯେତେବେଳେ ତାଙ୍କ ଜାତିକୁ ମୁକ୍ତ କରିବା ଲାଗି ନିଜର ମାମୁଁ କଂସକୁ ବଧ କଲେ- କିଏ କହିବ- ସେମାନଙ୍କର ଏଇ କର୍ମ ପାପ ନା ପୁଣ୍ୟ ? କିନ୍ତୁ ତେବେ ବି, ଆମେ ଅନୁଭବ କରୁ ଯେ, ଭାଗବତ ଭାବରେ ଇ ଉଦ୍‌ବୁଦ୍ଧ ହୋଇ ସେମାନେ ଏ କାର୍ଯ୍ୟ କରିଥିଲେ। –ଶ୍ରୀଅରବିନ୍ଦ

# ସମ୍ପାଦକୀୟ

## ଆପୋସ ଆଲୋଚନା

‘ବାଡ଼ ଯେବେ ଫସଲ ଖାଏ’ ବୋଲି ଓଡ଼ିଆରେ ଏକ କଥା ଅଛି। ଏହାର ଅର୍ଥ ହେଲା ରକ୍ଷା କରୁଥିବା ବ୍ୟକ୍ତି ଯଦି ନିଜେ ଖାଇବସିବ ତେବେ ଫସଲକୁ କେହି ଜଗିପାରିବେ ନାହିଁ। ଆଜି ଓଡ଼ିଶା ପୋଲିସର ଅନେକ କର୍ମଚାରୀଙ୍କ ଚରିତ୍ର ଏହିଭଳି ହୋଇଯାଇଥିବାରୁ ସାମାଜିକ ବିଶୃଙ୍ଖଳା ସୃଷ୍ଟି ହେଉଛି। ନିକଟରେ ବରଗଡ଼ ଜିଲା ମେଲଛାମୁଣ୍ଡା ଥାନା ଅଞ୍ଚଳର ଜଣେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଅପହରଣ ଓ ବଳାତ୍କାର ଘଟଣାରେ ଅଭିଯୁକ୍ତ ସୋହେଲା ଥାନାର ଆସିଷ୍ଟାଣ୍ଟ ସବ୍‌ଇନ୍ସପେକ୍ଟର (ଏଏସ୍‌ଆଇ) ଓ ମେଲଛାମୁଣ୍ଡା ଗ୍ରାମର ଜଣେ ବ୍ୟକ୍ତିଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଟ୍ୟୁଶନକୁ ଯାଉଥିବା ବେଳେ ଜଣେ ୧୦ମ ଶ୍ରେଣୀ ଛାତ୍ରୀଙ୍କୁ ଅପହରଣ କରାଯିବା ଓ ଜଣେ ପୋଲିସ ଅଧିକାରୀ ବଳାତ୍କାରରେ ସମ୍ପୃକ୍ତ ଥିବା ନେଇ ଯେଉଁ ଅଭିଯୋଗ ଆସିଛି ତାହା ଅତ୍ୟନ୍ତ ନିନ୍ଦନୀୟ ପରିସ୍ଥିତି ସୃଷ୍ଟି କରିଛି। ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ବରଗଡ଼ ଏସ୍‌ପି ସମ୍ପୃକ୍ତ ଏଏସ୍‌ଆଇଙ୍କୁ ନିଲମ୍ବିତ କରିବା ସହ ବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏହା ଲେଖିଲା ବେଳକୁ ଆମେ ସଚେତନ ରହିଛୁ ଯେ, ପ୍ରତ୍ୟେକ ବ୍ୟକ୍ତିବିଶେଷଙ୍କ ଚରିତ୍ରକୁ କୌଣସି ଉଚ୍ଚପାହ୍ୟା ଅଫିସର ସାର୍ଟିଫିକେଟ ଦେଇପାରିବେ ନାହିଁ। ଏହା ମଧ୍ୟ କୁହାଯାଇପାରେ ଯେ ବିଭାଗୀୟ ତଦନ୍ତ ଯୋଗୁ ବିରାଦରି କରି ଖସିଯିବା ସହଜ ହୋଇଥାଏ। ଏହାର ଅସଂଖ୍ୟ ଦୃଷ୍ଟାନ୍ତ ଅତୀତରେ ଦେଖିବାକୁ ମିଳିଛି। ପୋଲିସ ହାତରେ କ୍ଷମତା ଥିବାରୁ ସେ ଚାହିଁଲେ କଳାକୁ ଧଳା କରିଦେବା ସହଜ। ନିକଟ ଅତୀତରେ ପିପିଲି ପୀଡ଼ିତା ଓ କୁନ୍ଦୁଲି ପୀଡ଼ିତାଙ୍କୁ କିଭଳି ନ୍ୟାୟ ମିଳିଲା ତାହା ସମସ୍ତଙ୍କୁ ଜଣା। ସେହି ଦୃଷ୍ଟିରୁ ଦେଖିଲେ ବଳାତ୍କାରର ଶିକାର ହୋଇଥିବା ମେଲଛାମୁଣ୍ଡା ଅଞ୍ଚଳର ନାବାଳିକାଙ୍କୁ କିଭଳି ନ୍ୟାୟ ମିଳିବ ତାହା ସନ୍ଦେହ ସୃଷ୍ଟି କରୁଛି।

ଅଭିଯୋଗ ହେଉଛି ଯେ, ଭାରତର ସବୁ ରାଜ୍ୟ ପୋଲିସର ଦୁରବସ୍ଥା ଓଡ଼ିଶା ଭଳି। ପୋଲିସ ଅଧିକାରୀମାନେ ନିଜ କାର୍ଯ୍ୟରେ ଆକ୍ରମଣାତ୍ମକ ହେଉ ନ ଥିବାରୁ ତଳ ସ୍ତରରେ ଥିବା ଅଧିକାରୀ ଓ କର୍ମଚାରୀ ପରିସ୍ଥିତିର ଫାଇଦା ନେଇ ଚାଲିଛନ୍ତି। ଏଠାରେ ଆକ୍ରମଣାତ୍ମକର ଅର୍ଥ ହେଉଛି କୌଣସି ଆଇନ ଶୃଙ୍ଖଳା ବଜାୟ ରଖିବା ଦିଗରେ ତୁରନ୍ତ ପଦକ୍ଷେପ ନେବା। ଦେଖାଯାଉଛି ସମାଜର ପ୍ରଭାବଶାଳୀ ଓ ଧନୀ ବ୍ୟକ୍ତିଙ୍କ ସୁରକ୍ଷା ଓ ସ୍ୱାର୍ଥ ରକ୍ଷାରେ ପୋଲିସର ଅଧିକ ସମୟ ଯାଉଛି। କିଛି ଦିନ ତଳେ ସୂଚନା ଅଧିକାର (ଆର୍‌ଟିଆଇ) ଆଇନ ବଳରେ ମିଳିଥିବା ତଥ୍ୟରୁ ଜଣାପଡ଼ିଥିଲା ଯେ, ଅଧିକାଂଶ ବାବୁ ରାଜଧାନୀ ଭୁବନେଶ୍ୱର ଛାଡ଼ି ଅନ୍ୟତ୍ର ଯାଉନାହାନ୍ତି। ଉପରିସ୍ଥ ଅଧିକାରୀ କିମ୍ବା ରାଜନେତାଙ୍କୁ ହାତକରି ସେମାନେ ବଦଳି ଆଦେଶ ବାତିଲ କରିଦେବାରେ ସକ୍ଷମ ହେଉଛନ୍ତି। ଏପରିକି ସେମାନଙ୍କ ମଧ୍ୟରୁ କେତେ ଜଣ ସବ୍ ଇନ୍ସପେକ୍ଟରରୁ ଏସିପି ପଦବୀକୁ ମଧ୍ୟ ପଦୋନ୍ନତି ପାଇପାରିଛନ୍ତି। ଏବେ ଆଉ ଏକ ଆର୍‌ଟିଆଇ ଆବେଦନରୁ ଜଣାପଡ଼ିଛି ଯେ, କମିଶନରେଟ୍ ପୋଲିସର ଭୁବନେଶ୍ୱରର ବିଭିନ୍ନ ଥାନାରେ ଗତ ୧୧ ବର୍ଷ ମଧ୍ୟରେ ମୋଟ ୧୧ ହଜାର ୬୧ ମାମଲାର ତଦନ୍ତ ସମ୍ପୂର୍ଣ୍ଣ ହୋଇପାରିନାହିଁ। ସେଥିମଧ୍ୟରୁ ୯୪ ହତ୍ୟା ଓ ୧୪୩ ବଳାତ୍କାର ଭଳି ସଙ୍ଗିନ ମାମଲା ରହିଛି। ଏଥିରୁ ବୁଝିବାକୁ ହେବ ଯେ, ପୋଲିସର କାର୍ଯ୍ୟଦକ୍ଷତା କମୁଥିବାରୁ ମାମଲା ସଂଖ୍ୟା ବଢ଼ିଚାଲିଛି। ଫଳରେ ଜନସାଧାରଣ ଠିକ୍ ସମୟରେ ନ୍ୟାୟ ପାଇପାରୁ ନାହାନ୍ତି। ଏଭଳି ପରିସ୍ଥିତି ସୃଷ୍ଟି ହେବା ପଛରେ ଅନେକ କାରଣ ରହିଛି। ପ୍ରଥମଟି ହେଉଛି ବିଶେଷଭାବେ କେତେକ ପୋଲିସ ଅଫିସର ଦୀର୍ଘକାଳ ପାଖାପାଖି ଅଞ୍ଚଳରେ ପୋଷ୍ଟିଂ ପାଇବାରେ ସକ୍ଷମ ହେଉଛନ୍ତି। ଦ୍ୱିତୀୟଟି ହେଉଛି ପୋଲିସ ବଳରେ ଯଥେଷ୍ଟ ସଂଖ୍ୟକ ପୋଲିସ ନାହାନ୍ତି। ତୃତୀୟଟି ହେଉଛି ଆଜି ଆମ ଦେଶର ଚରିତ୍ର ବିକୃତ ହୋଇଯାଇଥିବା ଫଳରେ ଆମେ ସମସ୍ତେ ଚେଙ୍ଗିଜ୍ ଖାଁ ପାଲଟିଯାଇଛୁ। ଏଠାକୁ ଆସିଛୁ କେବଳ ଲୁଟ୍, ବଳାତ୍କାର ଏବଂ ହତ୍ୟା କରିବାକୁ। ପରବର୍ତ୍ତୀ ସମୟରେ ଏଠାରୁ ପଳାଇଯିବାର ବାଟ ଖୋଜୁଛୁ। କିନ୍ତୁ ଯିବା କୁଆଡ଼େ ?

ଅନ୍ୟପକ୍ଷରେ ପୋଲିସ ଓ ଅପରାଧୀଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁ ସାଧାରଣ ଲୋକ ହଇରାଣ ହରକତ ହେଉଛନ୍ତି। ବିଶେଷକରି ସହରାଞ୍ଚଳର ବସ୍ତି ଅଞ୍ଚଳରେ ଆପରାଧିକ କାର୍ଯ୍ୟ ଚାଲୁଥିବାର ଅନେକ ଦୃଷ୍ଟାନ୍ତ ରହିଛି। ଫେବୃୟାରୀ ୧୧ରେ କମିଶନରେଟ୍ ପୋଲିସ ବସ୍ତି ଅଞ୍ଚଳରେ ‘ଆପୋସ’ ନାମରେ ଏକ ସେବା ଆରମ୍ଭ କରିଛି। ବସ୍ତି ଲୋକଙ୍କ ମଧ୍ୟରେ ସୁସମ୍ପର୍କ ରଖି ସେମାନଙ୍କୁ ସୁରକ୍ଷା ଦେବା ଲକ୍ଷ୍ୟରେ ଆରମ୍ଭ ହୋଇଥିବା ନୂଆ କାର୍ଯ୍ୟକ୍ରମ ସ୍ୱାଗତଯୋଗ୍ୟ। କିନ୍ତୁ ପୋଲିସ ଯଦି ଅପରାଧୀଙ୍କ ସହ ସମ୍ପର୍କ ରଖି ଫାଇଦା ନେବାକୁ ଚେଷ୍ଟା କରିବ, ତାହା ହେଲେ ଜନସାଧାରଣଙ୍କ ଭାଗ୍ୟ ‘ଯେଉଁ ତିମିରେକୁ ସେହି ତିମିରେ’ ରହିଯିବ।

ବାସ୍ତବରେ ଯଦି ପୋଲିସ ଲୋକଙ୍କୁ ସାହାଯ୍ୟ କରିବାକୁ ଚାହିଁବ, ତେବେ ପ୍ରତି କ୍ଷେତ୍ରରେ ତତ୍‌କ୍ଷଣାତ୍ ପଦକ୍ଷେପ ନେବା ଦରକାର। ସେଥିପାଇଁ ଉଚ୍ଚପଦସ୍ଥ ଅଫିସରମାନଙ୍କୁ ପ୍ରତ୍ୟେକ ଦିନ ସମୟ ବାହାର କରି ତଳିଆ କର୍ମଚାରୀଙ୍କ ସହିତ ଆପୋସ ଆଲୋଚନା କରିବା ଆବଶ୍ୟକ। ସେହିପରି କ୍ଷମତା ବଳରେ ବଳୀୟାନ ହେଉଥିବା ପୋଲିସ ଉପରେ ଉପର ସ୍ତରରୁ ଚାପ ରହିବା ଦରକାର। ଯେଉଁମାନେ ପଥହୁଡ଼ି ଅନୈତିକ କାର୍ଯ୍ୟରେ ଲିପ୍ତ ହେଉଛନ୍ତି ସେମାନଙ୍କ ପାଇଁ ପୋଲିସର ସର୍ବୋଚ୍ଚ ଅଧିକାରୀମାନେ ‘ନୈତିକ କର୍ମଶାଳା’ ଆୟୋଜନ କରି ଶିକ୍ଷା ଦେବା ଉଚିତ। ଏଥିରେ ରାଜ୍ୟ ଭିତରେ ଓ ବାହାରେ ଥିବା ଅଭିଜ୍ଞ ଅବସରପ୍ରାପ୍ତ ପୋଲିସ ଅଧିକାରୀ ଓ ବିଶେଷଜ୍ଞଙ୍କୁ ସାମିଲ କରାଯାଇ ସେମାନଙ୍କ ପରାମର୍ଶ ନିଆଗଲେ ହୁଏ ତ ପରିବର୍ତ୍ତନ ଆସିପାରିବ। ଖରାପ ଭାବମୂର୍ତ୍ତି ବହନ କରୁଥିବା ପୋଲିସ ନିଜେ ନ ଚାହିଁଲେ ତା’ ଚରିତ୍ରରେ ପରିବର୍ତ୍ତନ ଆସିପାରିବ ନାହିଁ।

## ଫଟା ‘ଡାଟା’



ତଥ୍ୟ ଓ ତର୍କ

ବିମଳ ପ୍ରସାଦ ପାଣ୍ଡିଆ

ଯଦି ଭାରତ ସରକାର କୌଣସି ଷ୍ଟକ୍ ଏକ୍ସଚେଞ୍ଜରେ ସୂଚିତ ହୋଇଥିବା ଏକ ଷ୍ଟକ୍ ହୋଇଥାନ୍ତା ତେବେ ଏହାର ଶେୟାରର ହାଲତ ଏତେବେଳକୁ ସତ୍ୟମ୍ କମ୍ପାନୀ ଭଳି ହୋଇସାରିଥାନ୍ତା। ସତ୍ୟମ୍ କମ୍ପାନୀ ତାହାର ଅଡିଟ ରିପୋର୍ଟରେ ତଥ୍ୟ ଲୁଚାଇଥିଲା ବା ମିଥ୍ୟା କହିଥିଲା। ସତ୍ୟ ଯେତେବେଳେ ପଦାକୁ ଆସିଲା କମ୍ପାନୀ ଧୂଳିସାତ୍ ହୋଇଗଲା। ଠିକ୍ ତଥ୍ୟ ହେଉଛି ବିଶ୍ୱାସ ଓ ପ୍ରଗତିର ନିଅଁ। ଜନସାଧାରଣଙ୍କ ଶେୟାର ଥିବା ଗୋଟେ ଛୋଟ କମ୍ପାନୀକୁ ମଧ୍ୟ ତାହାର ଶେୟାରଧାରକଙ୍କୁ ଠିକ୍ ତଥ୍ୟ ଠିକ୍ ସମୟରେ ଦେବାକୁ ପଡ଼ିଥାଏ। କିନ୍ତୁ ସରକାର ଏବେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଓ ସୂଚନା ସାଧାରଣ ଲୋକଙ୍କଠୁ ଦୂରରେ ରଖୁଛନ୍ତି ଏବଂ କିଛି କ୍ଷେତ୍ରରେ ତାହା ମିଛ ହିଁ କହିଛନ୍ତି। ଏମିତି କିଛି ସ୍ଥିତିର ଉଦାହରଣ ଦେଖିବା।

ରାଫାଲକୁ ନେଇ ଏବେ ରାଜନୈତିକ ଘମାଘୋଟ ଚାଲିଛି। ଏହା ଅବଶ୍ୟ ସ୍ୱୀକାର୍ଯ୍ୟ ଯେ ସାମରିକ ଗୋପନୀୟତାକୁ ଆଖିଆଗରେ ରଖି କିଛି ବୈଷୟିକ ତଥ୍ୟ ଗୋପନ ରଖିବା ନିହାତି ଦରକାର। ବିମାନର ଦାମ୍ ବା ତାହାର ବୈଷୟିକ ତଥ୍ୟ ସରକାର ନ ଜଣାନ୍ତୁ କିନ୍ତୁ କେମିତି ଓ କାହିଁକି ହିନ୍ଦୁସ୍ଥାନ ଏରୋନଟିକ୍ସକୁ ଶେଷ ମୁହୂର୍ତ୍ତରେ ବଦଳାଇ କୌଣସି ଭିତ୍ତି ନ ଥିବା ରିଲାଏନ୍ସର ଏକ କମ୍ପାନୀକୁ ଯୋଡ଼ାଗଲା, କେମିତି ଓ କାହିଁକି ୧୨୬ଟି ଯୁଦ୍ଧବିମାନ କିଣିବାର ନିଷ୍ପତ୍ତି ଶେଷ ମୁହୂର୍ତ୍ତରେ ୩୬କୁ ଖସିଆସିଲା ଏବଂ କେମିତି ଓ କାହିଁକି ବିମାନ ସମ୍ପର୍କିତ ବୈଷୟିକ ଜ୍ଞାନ ପାଇବାର ଅଧିକାରକୁ ଛାଡି ଦିଆଗଲା ସେହି ତଥ୍ୟ ଆଦୌ ଗୋପନୀୟ ହେବାକଥା ନୁହେଁ। ମାତ୍ର ସରକାର ତାହା ଜଣାଉନାହାନ୍ତି। ଏହିସବୁ ତଥ୍ୟ ଲୁଚାଯାଇଥିବା ବେଳେ ରାଫାଲ ମାମଲାରେ କେନ୍ଦ୍ର ସରକାର ସୁପ୍ରିମ୍‌କୋର୍ଟଙ୍କୁ ଭୁଲ ତଥ୍ୟ ଦେଇଛନ୍ତି, ଯାହା ଆଧାରରେ ସୁପ୍ରିମ୍‌କୋର୍ଟ ନିଜର ବିଚାର ମଧ୍ୟ ପ୍ରଦାନ କରିଛନ୍ତି। ସରକାର ସୁପ୍ରିମ୍‌କୋର୍ଟଙ୍କୁ ବନ୍ଦ ଲଫାପାରେ ପ୍ରଦାନ କରିଥିବା ଦସ୍ତାବିଜରେ କହିଥିଲେ ଯେ, ରାଫାଲ ସମ୍ବନ୍ଧିତ ସମସ୍ତ ତଥ୍ୟ ମହାଲେଖାଗାର ବା ସିଏଜିଙ୍କୁ ଦିଆଯାଇଛି ଏବଂ ସିଏଜି ପ୍ରଦାନ କରିଥିବା ରିପୋର୍ଟକୁ ପାର୍ଲାମେଣ୍ଟର ପବ୍ଲିକ ଆକାଉଣ୍ଟସ କମିଟି ଯାଞ୍ଚ କରିଛନ୍ତି। ସରକାର ସୁପ୍ରିମ୍‌କୋର୍ଟଙ୍କୁ ଆହୁରି କହିଥିଲେ ଯେ, ସିଏଜି ରାଫାଲ ସମ୍ପର୍କରେ ପ୍ରଦାନ କରିଥିବା ରିପୋର୍ଟର ଏକ ସଂକ୍ଷିପ୍ତ ଅଂଶ ପାର୍ଲାମେଣ୍ଟରେ ଉପସ୍ଥାପନ କରାଯାଇଛି। ବାସ୍ତବ କଥା ହେଲା ଯେ, ସିଏଜି କୌଣସି ରିପୋର୍ଟ ପ୍ରସ୍ତୁତ କରି ସରକାରଙ୍କୁ ଦେଇଛନ୍ତି କି ନାହିଁ ତାହା ଜଣାନାହିଁ କିନ୍ତୁ ସେପରି କୌଣସି ରିପୋର୍ଟ ନା ପାର୍ଲାମେଣ୍ଟରେ ଉପସ୍ଥାପିତ ହୋଇଛି ନା ସେମିତି ରିପୋର୍ଟ ପବ୍ଲିକ ଆକାଉଣ୍ଟସ କମିଟି ଦେଖିଛନ୍ତି।

ସେମିତି ଆଉ ଏକ ବିତର୍କ ଉଠିଛି ରୋଜଗାର ଓ ବେକାରି ସ୍ଥିତିକୁ ନେଇ। ଭାରତ ସରକାରଙ୍କ ପରିସଂଖ୍ୟାନ ବିଭାଗ ଅଧୀନରେ ଥିବା ଜାତୀୟ ନମୁନା ସର୍ବେକ୍ଷଣ କାର୍ଯ୍ୟାଳୟ ନିୟମିତ ଅନ୍ତରରେ ବେକାରି ସ୍ଥିତିର ସର୍ବେକ୍ଷଣ କରିଥାଏ। ଏହି ସଂସ୍ଥା ବେକାରି ସ୍ଥିତିର ସର୍ବେକ୍ଷଣ କରିସାରିଛି କିନ୍ତୁ ସରକାର ତହିଁରେ ତାଲା ପକାଇ ରଖିଛନ୍ତି। କାହିଁକି ତାଲା ପକାଇ ରଖିଛନ୍ତି ତାହା ସେତେବେଳେ ଜଣାପଡ଼ିଲା, ଯେତେବେଳେ କାର୍ଯ୍ୟାଳୟର ଦୁଇଜଣ ବରିଷ୍ଠ ଅଧିକାରୀ ରିପୋର୍ଟକୁ ଚାପିରଖିବା ବିରୋଧରେ ଇସ୍ତଫା ଦେଲେ ଏବଂ ଯେତେବେଳେ ସର୍ବେକ୍ଷଣରେ ଜଣାପଡ଼ିଥିବା ବିଷାଦର ଚିତ୍ର ବାହାରକୁ ‘ଲିକ୍’ ହେଲା। ସେହି ‘ଲିକ୍’ରୁ ଜଣାପଡ଼ିଲା ଯେ, ଭାରତରେ ବେକାରିର ବର୍ତ୍ତମାନ ସ୍ଥିତି ୪୫ ବର୍ଷ ମଧ୍ୟରେ ସବୁଠାରୁ ଖରାପ ରହିଛି। ସରକାର ବେକାରି ସମ୍ପର୍କିତ ଅଭିଯୋଗକୁ ଖଣ୍ଡନ କରୁଛନ୍ତି ସିନା ରିପୋର୍ଟକୁ ପ୍ରକାଶ କରୁନାହାନ୍ତି। ଏଥିରେ ତ କିଛି ସାମରିକ ଗୋପନୀୟତା ନାହିଁ, ପ୍ରକାଶ ହେଉନି କାହିଁକି? ଏବେ ପ୍ରଧାନମନ୍ତ୍ରୀ ମୋଦି କହୁଛନ୍ତି ଯେ, ରୋଜଗାର ଓ ବେକାରି ମାପିବା ପାଇଁ ଠିକ୍ ବ୍ୟବସ୍ଥା ନାହିଁ। ଯଦି ନାହିଁ ବୋଲି ସେ ଜାଣିଛନ୍ତି ତେବେ ତାଙ୍କ ସରକାର ତାହାକୁ ଠିକ୍ କଲାନାହିଁ କାହିଁକି? ଆମେରିକା ଓ ଉନ୍ନତ ୟୁରୋପୀୟ ରାଷ୍ଟ୍ରଗୁଡ଼ିକରେ ପ୍ରତି ମାସରେ ରୋଜଗାରର ସର୍ବେକ୍ଷଣ ସ୍ଥିତି ଜାରି ହୁଏ। କିନ୍ତୁ ଏଠାରେ ସରକାର ନିଜ ସଂସ୍ଥା ଦ୍ୱାରା କରାହୋଇଥିବା ବେକାରି ସର୍ବେକ୍ଷଣର ତଥ୍ୟକୁ ଚପେଇ ରଖିଛନ୍ତି। ୨୦୧୪ ମସିହା ପରଠାରୁ ସରକାର ଦେଶରେ ଦାରିଦ୍ର୍ୟର ସ୍ଥିତି କ’ଣ ରହିଛି ତାହା ମଧ୍ୟ ଜଣାଉନାହାନ୍ତି। ପାଞ୍ଚ ବର୍ଷ ତଳେ ନରେନ୍ଦ୍ର ମୋଦି ନିଜେ କୃଷକଙ୍କ ଆତ୍ମହତ୍ୟାର ବିଷମ ପରିସଂଖ୍ୟାନ ଦେଇ ତତ୍କାଳୀନ ସରକାରଙ୍କୁ ଧିକ୍କାର କରୁଥିଲେ। କିନ୍ତୁ ତାଙ୍କ ସରକାର କୃଷକଙ୍କ ଆତ୍ମହତ୍ୟାର ପରିସଂଖ୍ୟାନ ଦେବା ହିଁ ବନ୍ଦ କରିଦେଇଛି। ଗତ ଡିସେମ୍ବର ୨୦ତାରିଖରେ ପାର୍ଲାମେଣ୍ଟରେ କୃଷିମନ୍ତ୍ରୀ କହିଲେ ଯେ, ୨୦୧୬ ମସିହାରୁ କ୍ରାଇମ୍ ରେକର୍ଡ ବ୍ୟୁରୋ ଆଉ ଚାଷୀ ଆତ୍ମହତ୍ୟାର ତଥ୍ୟ ରଖୁନାହିଁ। ସରକାରଙ୍କୁ ଅଡୁଆ ହେଉଥିବାରୁ ତାହାକୁ ବନ୍ଦ କରିଦିଆଯାଇଛି ବୋଲି ବିରୋଧୀ ଓ ବିଶାରଦମାନେ ଅଭିଯୋଗ କରୁଛନ୍ତି।

ତଥ୍ୟ ଓ ସୂଚନା କଟୁ ହେଉ ବା ମିଠା ସେଥିରୁ ହିଁ ଯୋଜନାର ଆବଶ୍ୟକତା ଜଣାପଡ଼େ ଓ କୌଶଳ ସ୍ଥିର ହୁଏ। ସେହିଭଳି ଶାସନ ବ୍ୟବସ୍ଥାକୁ ଲୋକାଭିମୁଖୀ ଓ ସ୍ୱଚ୍ଛ କରିବାରେ ମଧ୍ୟ ତଥ୍ୟ ଓ ସୂଚନାର ଆବଶ୍ୟକତା ରହିଛି। ମୋଦିଙ୍କ ପୂର୍ବ ସରକାର ଅନେକ ପ୍ରମୁଖ ଯୋଜନା ସମ୍ବନ୍ଧରେ ବିଶଦ ଓ ତତ୍କାଳିକ ତଥ୍ୟ ୱେବ୍‌ସାଇଟରେ ପ୍ରଦାନ କରୁଥିଲେ। ଜଣେ ସାଧାରଣ ବ୍ୟକ୍ତି ୱେବ୍‌ସାଇଟରୁ ସ୍ଥିତି ଜାଣିପାରୁଥିଲା। ଏହି ସରକାର କିନ୍ତୁ ଅନେକ ତଥ୍ୟ ଆଉ ଲୋକଙ୍କୁ ପ୍ରଦାନ କରୁନାହିଁ। ସ୍ୱଚ୍ଛ ଭାରତ ମିଶନକୁ ଏକ ଉଦାହରଣ ଭାବରେ ନିଆଯାଇପାରେ। ମୋଦି ସରକାର ଆସିବା ପୂର୍ବରୁ ଜଣେ ସାଧାରଣ ଲୋକ ମଧ୍ୟ କାହାର ପାଇଖାନା ହୋଇସାରିଛି, କାହାର ହୋଇନାହିଁ, କେଉଁ ଗାଁରେ କେତୋଟି ପାଇଖାନା ହେଲାଣି ସେହିସବୁ ତଥ୍ୟ ପାଇପାରୁଥିଲା। ଏବେ କିନ୍ତୁ ଜଣେ ମୋଟରେ କେତେଟା ଗାଁ ବାହ୍ୟ ମଳମୁକ୍ତ ହେଲାଣି, ମୋଟରେ କେତେଟା ପାଇଖାନା ତିଆରି ହେଲାଣି ସେହିଭଳି ଉପରଠାଉରିଆ ତଥ୍ୟ ହିଁ ଜାଣିପାରିବ। ନିଜ ଗାଁ, ଘର ଓ ପଞ୍ଚାୟତ ଆଦିର ସ୍ଥିତି ବିଷୟରେ ଜଣେ ଜାଣିବାର ଅବକାଶ ଆଉ ନାହିଁ, କାରଣ ସେହି ତଥ୍ୟ ଆଉ ସର୍ବସାଧାରଣରେ ପ୍ରକାଶ କରାଯାଉନାହିଁ। ସେମିତି ମହାତ୍ମା ଗାନ୍ଧୀ ଜାତୀୟ କର୍ମନିଯୁକ୍ତି ଯୋଜନା ସମ୍ବନ୍ଧରେ ଜଣେ ଆଗରୁ ପ୍ରାୟ ସବୁ ତଥ୍ୟ ପାଇପାରୁଥିଲା। କିଏ କେବେ କେତେ ଦିନ କାମ କଲେ, ତାଙ୍କୁ ପଇସା କେବେ ମିଳିଲା ଇତ୍ୟାଦି ସବୁ ସୂଚନା ଜଣେ ୱେବ୍‌ସାଇଟରୁ ଜାଣିପାରୁଥିଲା। ଏବେ ଜଣେ ସାଧାରଣ ଲୋକ ସେହି ତଥ୍ୟ ପାଇପାରୁନାହିଁ। ଲୋକେ ତଥ୍ୟ ଜାଣିବା ଦ୍ୱାରା ତହିଁରେ ଅନେକ ଦୁର୍ନୀତି ଧରିପାରୁଥିଲେ। ଏବେ ତଥ୍ୟ ହିଁ ନାହିଁ, ଦୁର୍ନୀତି ଧରିବେ ବା କ’ଣ? ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା, ଆୟୁଷ୍ମାନ ଭାରତ ଯୋଜନା ଭଳି ଯୋଜନା ବ୍ୟକ୍ତି ଓ ପରିବାରକୁ ଲାଭ ପ୍ରଦାନ କରିଥାଏ। କିନ୍ତୁ ସରକାର ଏହି ଯୋଜନାରେ କେଉଁ ବ୍ୟକ୍ତି ଓ କେଉଁ ପରିବାର ଲାଭବାନ ହେଲେ ତାହାର ସୂଚନା ୱେବ୍‌ସାଇଟରେ ଦେଉନାହାନ୍ତି। କେବଳ ଏତେ ହିତାଧିକାରୀ ହୋଇଗଲେ ଓ ଏତେ ଲାଭ ପାଇଗଲେ ଏମିତି ମୋଟ ତଥ୍ୟ ହିଁ ଦେଇ ବହୁତ କରିଦେଇଥିବାର ଦାବି କରୁଛନ୍ତି। ଏହା ବ୍ୟବସ୍ଥାକୁ ସ୍ୱଚ୍ଛ ଓ ନିର୍ମଳ ହେବାରେ ସାହାଯ୍ୟ କରୁନାହିଁ।

କୁହାଯାଏ ଯେ ‘ଇନ୍‌ଫରମେଶନ ଇଜ୍ ପାୱାର’–ସୂଚନା ହିଁ ଶକ୍ତି। ସରକାର ସେହି ଶକ୍ତିକୁ ଅଧିକ ବଳବାନ୍ କରିବା ବଦଳରେ ତାହାକୁ ଆହୁରି ଦୁର୍ବଳ କରିବା ଏକ ଉନ୍ନତ ସରକାରୀ ତନ୍ତ୍ରର ଉଦାହରଣ ନୁହେଁ। ସରକାର ଷ୍ଟକ୍ ଏକ୍ସଚେଞ୍ଜରେ ପଞ୍ଜୀକୃତ କମ୍ପାନୀ ହୋଇଥିଲେ ଏମିତି ସ୍ଥିତିରେ ତାହାର ଷ୍ଟକ୍ ମୂଲ୍ୟ ଶୂନ ହୋଇସାରନ୍ତାଣି।

bimalpandia@gmail.com

## ମନୋରଞ୍ଜନ ଓ ଜ୍ଞାନବିଜ୍ଞାନର ମାଧ୍ୟମ



ବସନ୍ତ କୁମାର ଦାସ

ଏକ ଗଣତନ୍ତ୍ର ଦେଶରେ ଗଣମାଧ୍ୟମର ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ। ପୁସ୍ତକ, ରେଡ଼ିଓ, ଟେଲିଭିଜନ ମୋବାଇଲ ଓ ଖବରକାଗଜ ମାଧ୍ୟମରେ ଜନସାଧାରଣ ସମସ୍ତ ସୂଚନା ଜାଣନ୍ତି ଏବଂ ବୃଦ୍ଧି କରିଥାନ୍ତି ସେମାନଙ୍କ ଜ୍ଞାନର ପରିସର। ଏଥିସହ ଏଗୁଡ଼ିକ ମନୋରଞ୍ଜନର ଖୋରାକ ମଧ୍ୟ ଯୋଗାନ୍ତି। ତେବେ ରେଡ଼ିଓ ହେଉଛି ଗଣମନୋରଞ୍ଜନ ଓ ଜ୍ଞାନବିଜ୍ଞାନର ପ୍ରଥମ ମାଧ୍ୟମ। ରେଡ଼ିଓର ଜନକ ଆମ ଦେଶର ବୈଜ୍ଞାନିକ ଜଗଦୀଶ ଚନ୍ଦ୍ର ବୋଷ ବୋଲି କ୍ୱଚିତ୍ ଜାଣିଥିବେ। କିନ୍ତୁ ଇଟାଲୀୟ ବୈଜ୍ଞାନିକ ମାର୍କୋନୀଙ୍କୁ ଏହି ଶ୍ରେୟ ଦିଆଯାଇଛି। କାରଣ ୧୮୯୪ରେ ସେ ରେଡ଼ିଓ ଆବିଷ୍କାର କରି ଏହାକୁ ପେଟେଣ୍ଟ କରିଥିଲେ। କିନ୍ତୁ ଜଗଦୀଶ ଚନ୍ଦ୍ର ବୋଷ ପ୍ରଚାର ଓ ପ୍ରସାରର ତୀବ୍ର ବିରୋଧୀ ଥିବାରୁ ତାଙ୍କୁ ମାର୍କୋନୀଙ୍କ ପରି ସ୍ୱୀକୃତି ମିଳି ନ ଥିଲା। ସେ ବିଶ୍ୱାସ କରୁଥିଲେ ଜ୍ଞାନ, ବିଜ୍ଞାନ, ଆବିଷ୍କାର ବା ଉଦ୍ଭାବନ ସମଗ୍ର ବିଶ୍ୱବାସୀଙ୍କର ସମ୍ପତ୍ତି, ତେଣୁ ଏହା ବିଶ୍ୱବାସୀଙ୍କ କଲ୍ୟାଣରେ ଲାଗିବା ଉଚିତ।

ଆକାଶବାଣୀର ପ୍ରଥମ ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ହେଉଛି, ‘ବହୁଜନ ହିତାୟ, ବହୁଜନ ସୁଖାୟ’, ଯାହାକି ଭାରତୀୟ ସଂସ୍କୃତିର ମୂଳଲକ୍ଷ୍ୟ। ଦିନଥିଲା ଗାଁର ଧନୀ ଲୋକଙ୍କର ରେଡ଼ିଓ ପ୍ରଥମ ଓ ପ୍ରଧାନ ମାଧ୍ୟମ, ବାର୍ତ୍ତା, ମନୋରଞ୍ଜନ, ଖବର ଓ କୃଷି ବିଷୟ ପାଇଁ ଉଦ୍ଦିଷ୍ଟ ଥିଲା। ଆଜି କିନ୍ତୁ ନିଆରା ରୂପରେ ମୋବାଇଲ ଦ୍ୱାରା ସମସ୍ତେ ରେଡିଓ ଶୁଣିପାରୁଛନ୍ତି ଓ ଅନେକେ ମନୋରଞ୍ଜନ, ଜ୍ଞାନବିଜ୍ଞାନ ତଥା ସାହିତ୍ୟ ସଂସ୍କୃତି ପାଇଁ ରେଡ଼ିଓ ଉପରେ ନିର୍ଭର କରୁଛନ୍ତି। ଏଣୁ କୁହାଯାଉଛି ‘ଆକାଶବାଣୀ–ଜ୍ଞାନବିଜ୍ଞାନର ଅଟେ ସେ ଖଣି’।

ଆମ ଦେଶରେ ପ୍ରଥମେ ୧୯୪୭ ମସିହାରେ ୬ଟି ସହରରେ ଯଥା– ଦିଲ୍ଲୀ, ବମ୍ବେ, କଲିକତା, ମାଡ୍ରାସ, ଲକ୍ଷ୍ନୌ ଓ ତ୍ରିଚିନାପଲ୍ଲୀଠାରେ ରେଡ଼ିଓ ଷ୍ଟେଶନ ସ୍ଥାପନ କରାଯାଇଥିଲା। ତା’ ପୂର୍ବରୁ ନେତାଜୀ ସୁଭାଷ ବୋଷ ରେଡିଓ ଷ୍ଟେଶନ ପ୍ରତିଷ୍ଠା କରି ଆଜାଦ୍





ବିଶ୍ୱ ରେଡିଓ ଦିବସ ଉପଲକ୍ଷେ

ହିନ୍ଦ୍ ଫୌଜଙ୍କୁ ବିଭିନ୍ନ ବାର୍ତ୍ତା ପ୍ରେରଣ କରିବା ସଙ୍ଗେ ସଙ୍ଗେ ଶତ୍ରୁପକ୍ଷ ବିରୋଧରେ ରଣକୌଶଳର ନୂଆ ଦିଗ୍‌ଦର୍ଶନ ଦେଉଥିଲେ। ଏବେ ରେଡ଼ିଓର ସୀମା ସରହଦ ବଢ଼ିଛି। ଫୋନ୍–ଇନ୍ କାର୍ଯ୍ୟକ୍ରମ ମାଧ୍ୟମରେ ଦେଶର ନାନା ସମସ୍ୟା ଓ ଖବରକୁ ସିଧାସଳଖ ବିଶେଷଜ୍ଞମାନଙ୍କ ଦ୍ୱାରା ସମାଧାନ କରାଯାଇପାରୁଛି। ୧୯୨୦ ନଭେମ୍ବର ୨ ତାରିଖରେ ପ୍ରଥମେ ରେଡ଼ିଓ ଘୋଷକ ଲିଓ ରୋଜରବର୍ଗଙ୍କ ବାଣୀ ରେଡ଼ିଓରେ ବିଶ୍ୱବାସୀ ଶୁଣିବାକୁ ପାଇଥିଲେ। ଆମେରିକାର ୨୯ତମ ରାଷ୍ଟ୍ରପତି ୱାରେନ୍ ଜି. ହାର୍ଡିଙ୍ଗ୍ ପ୍ରଥମ ପକେଟ୍ ରେଡ଼ିଓ ବ୍ୟବହାର କରିଥିଲେ।

ପଞ୍ଚମ ବିଶ୍ୱ ରେଡ଼ିଓ ମେଳା ଆମ ରାଜ୍ୟରେ ଫେବୃୟାରୀ ୧୩ ଓ ୧୪ ଦୁଇଦିନ ଧରି ଭୁବନେଶ୍ୱର ଭଞ୍ଜ କଳାମଣ୍ଡପଠାରେ ପାଳିତ ହେଉଛି। ଏଥିରେ ପ୍ରାୟ ୩୦୦୦ ରେଡ଼ିଓ ପ୍ରଦର୍ଶିତ ହେବ। ଏହା ଆମ ଦେଶର ପ୍ରଥମ ରେଡ଼ିଓ ମେଳା, ଯାହାକି ବେସରକାରୀସ୍ତରରେ ଓଡ଼ିଶାର ରାଜଧାନୀରେ ପଞ୍ଚମଥର ପାଇଁ ପାଳିତ ହେଉଛି। ଏଥିରେ ବିଶିଷ୍ଟ ବେତାର ଶିଳ୍ପୀ, ଘୋଷକ, ଶ୍ରୋତା ଓ କଳାକାର ଅଂଶଗ୍ରହଣ କରିଆସୁଛନ୍ତି। ଏଥିରେ ଜାପାନ, ଆମେରିକା ଓ ବାଂଲାଦେଶ ରେଡିଓ ଷ୍ଟେଶନ, ହାମ୍, ଗ୍ରାମୋଫୋନ୍, ନୂଆ ଓ ପୁରୁଣା ରେଡ଼ିଓ ପ୍ରଦର୍ଶିତ ହେବ। ହାତ ତିଆରି ରେଡିଓ ମଧ୍ୟ ପ୍ରଦର୍ଶିତ ହେବ। ଆର. ରୌନକ୍ ଓ ଉପେନ୍ଦ୍ର କୁମାର ପାହାଡ଼ସିଂ ଏଥିରେ ଯୋଗଦେବେ। ଶ୍ରୋତା ସମ୍ମିଳନୀ, ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରଦର୍ଶନୀ, ଛାତ୍ରୀଛାତ୍ରଙ୍କ ପାଇଁ କାର୍ଯ୍ୟକ୍ରମ, ମାଗଣା ରେଡ଼ିଓ ମରାମତି ଓ ବିଭିନ୍ନ ପ୍ରକାର ରେଡ଼ିଓ ଉପରେ କାର୍ଯ୍ୟକ୍ରମ ବିଶ୍ୱ ରେଡ଼ିଓ ଦିବସ ଅବସରରେ ପାଳିତ ହେବ। ଆକାଶବାଣୀ କଟକ ଓ ଜୟପୁର ତରଫରୁ ରେଡ଼ିଓ ଜୟଯାତ୍ରା ଶୀର୍ଷକ ଫୋନ୍–ଇନ୍ ଓ ରୂପକ ପ୍ରସାରିତ ହେବାର ଅଛି।

ବାସ୍ତବିକ ଚା’ ଦୋକାନୀଠାରୁ ଚାଷୀଭାଇ, ଗାଈ ଚରାଳିଠାରୁ ଗାମୁଛା ବୁଣିବା ଲୋକ, ରିକ୍ସାବାଲାଠୁଁ ରିପବ୍ଲିକାନ୍ ଦଳ ପର୍ଯ୍ୟନ୍ତ ଓ ମୂଲିଆଠୁଁ ଆରମ୍ଭକରି ମନ୍ତ୍ରୀ ପର୍ଯ୍ୟନ୍ତ ସମସ୍ତଙ୍କଠାରେ ରେଡ଼ିଓ ଦିଗବାରେଣୀ ହୋଇ ରହିଛି ଓ ରହିବ।

ଦାମନଯୋଡ଼ି, କୋରାପୁଟ,
ମୋ–୯୪୩୭୯୧୧୫୮୫,
dasbasanta9@gmail.com

### ଏଇ ଭାରତରେ

ମାତାପିତାଙ୍କ ବିନା ଅନୁମତିରେ ଝିଅପୁଅ ପ୍ରେମ କରିପାରିବେ ନାହିଁ। ଏଥିପାଇଁ ଯୁବତୀଯୁବକ ଶପଥ ଗ୍ରହଣ କରିବେ। ଏପରି ଏକ ଅଭିନବ ବ୍ୟବସ୍ଥା ଆୟୋଜନ ହେବାକୁ ଯାଉଛି ଗୁଜରାଟରେ। ଭାଲେଣ୍ଟାଇନ୍ ସପ୍ତାହ ଅବସରରେ ଏକ ନିଆରା ଉତ୍ସବ ପାଳନ କରାଯିବ। ଫେବୃୟାରୀ ୧୪ରେ ହାସ୍ୟମେବ ଜୟତେ ସ୍ୱେଚ୍ଛାସେବୀ ସଂସ୍ଥା ପକ୍ଷରୁ ଯୁବତୀଯୁବକଙ୍କ ପାଇଁ ଆୟୋଜନ ହେବ ଏକ ଶପଥ ଗ୍ରହଣ ଉତ୍ସବ। ଏହି ଉତ୍ସବରେ ପାଖାପାଖି ୧୦ ହଜାର ଯୁବତୀଯୁବକ ଅଂଶଗ୍ରହଣ କରିବା ଆଶା କରାଯାଉଛି। ସେମାନେ ମାତାପିତାଙ୍କ ବିନା ଅନୁମତିରେ ଲଭ୍ ମ୍ୟାରେଜ କରିପାରିବେ ନାହିଁ ବୋଲି ଶପଥ ନେବେ। ଏଥିରେ ୧୨ଟି ସ୍କୁଲର ଛାତ୍ରୀଛାତ୍ରଙ୍କୁ ମଧ୍ୟ ସାମିଲ କରାଯିବ। ଏହି କାର୍ଯ୍ୟକ୍ରମ ବିଭିନ୍ନ ସ୍କୁଲ କଲେଜରେ ଅନୁଷ୍ଠିତ ହେବ ବୋଲି ସଂସ୍ଥାର ସଂସ୍ଥାପକ ଲାଫ୍ଟର ଥେରାପିଷ୍ଟ କମଲେଶ ସୂଚନା ଦେଇଛନ୍ତି। ଏଭଳି ଏକ ଅଭିନବ ବ୍ୟବସ୍ଥା କେତେଦୂର କାର୍ଯ୍ୟରେ ପରିଣତ ହେବ ତାହା ଭବିଷ୍ୟତ କହିବ।

### ଚିରନ୍ତନୀ

ଗ୍ରନ୍ଥ ପରେ ରଚିତ ହେଲା ଗ୍ରନ୍ଥ ଅଗଣନ
ମାନବ–ଆଶା ବେଦନାରାଶି ବହି
ବନ୍ଦୀ କରି ପତ୍ରେ ତାର ବିରାଟ କେତେ ମନ,
ଅତୀତ ଭାଷା ଯାଉଛି ଆଜି କହି! (ଅମର ଆଶା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

### ୨୫ ବର୍ଷ ତଳର ଧରିତ୍ରୀ

**୧୩ ଫେବୃୟାରୀ ୧୯୯୪**

- ଦକ୍ଷିଣ କୋରିଆରେ ନୂତନ ବର୍ଷ ପାଳନ ବେଳେ ବିଭିନ୍ନ ଘଟଣାରେ ୭୦ ଜଣ ମୃତ୍ୟୁବରଣ କରିଥିବା ନେଇ ସୂଚନା।
- ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ନେଇ ଜାପାନ ଓ ଆମେରିକା ମଧ୍ୟରେ ଅନୁଷ୍ଠିତ କଥାବାର୍ତ୍ତା ବିଫଳ ପରେ କଟକଣା ଜାରି ପାଇଁ ଆମେରିକାର ଧମକ।

### sudoku | ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | E | | | 2 | | 9 | | | | 3 | 8 | | |
| | | D | B | 9 | 4 | | | A | | | | | | 5 |
| | | 8 | | | | 3 | | | 1 | 5 | | | | |
| C | A | 9 | | | | 8 | | | | 6 | B | E | | |
| 1 | 5 | | | 6 | | | | D | | | | C | 4 | |
| 3 | E | | | A | | | 0 | | | | D | | 2 | |
| | | | 6 | | D | | | | | 9 | | | E | 1 |
| | | | | | | A | | 3 | 8 | | | 5 | | |
| 9 | | | | 1 | | E | | | | A | | 4 | | |
| 0 | | A | | E | | | 1 | | 5 | | | | 3 | |
| | | | D | | E | | 2 | | | | 8 | | | A |
| | | | | | 9 | 7 | C | | | D | | | | |
| | 0 | | | 2 | | 9 | | | | E | 7 | | 8 | |
| | C | | | | 5 | | | 8 | B | | 2 | | | 7 |
| | | | 8 | | | | 4 | | A | | | 3 | 5 | 0 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | 1 | 4 | 2 | E | A | D | 3 | 6 | B | 8 | 9 | 0 | 7 | C |
| E | 3 | 8 | 9 | 0 | 5 | 1 | B | 4 | A | 7 | C | 2 | D | 6 |
| 9 | C | 2 | 4 | B | 3 | E | 7 | A | 0 | 6 | D | 1 | 5 | 8 |
| 7 | A | B | 8 | 6 | D | C | 0 | 5 | E | 2 | 1 | 4 | 3 | 9 |
| 6 | D | 0 | 7 | C | 1 | 9 | 2 | 8 | 3 | 4 | 5 | A | B | E |
| 3 | 2 | 9 | 0 | 8 | B | 5 | A | C | D | E | 6 | 7 | 4 | 1 |
| D | 0 | 6 | 1 | 3 | 7 | 4 | 9 | 2 | C | B | A | 8 | E | 5 |
| A | B | 5 | 6 | D | 4 | 7 | 8 | E | 1 | 3 | 2 | 9 | C | 0 |
| C | 4 | 1 | E | A | 9 | B | D | 0 | 8 | 5 | 7 | 3 | 6 | 2 |
| 8 | 7 | E | C | 5 | 2 | 6 | 1 | 3 | 4 | 9 | 0 | D | A | B |
| B | 8 | 3 | D | 2 | C | 0 | 4 | 9 | 6 | A | E | 5 | 1 | 7 |
| 1 | 6 | A | 5 | 4 | 8 | 2 | C | B | 7 | 0 | 3 | E | 9 | D |
| 2 | 9 | C | 3 | 7 | 0 | A | E | 1 | 5 | D | B | 6 | 8 | 4 |
| 4 | E | 7 | B | 9 | 6 | 3 | 5 | D | 2 | 1 | 8 | C | 0 | A |
| 0 | 5 | D | A | 1 | E | 8 | 6 | 7 | 9 | C | 4 | B | 2 | 3 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଧରିତ୍ରୀ ନିର୍ଭୀକ ଓ ନିରପେକ୍ଷ

ମହାଶୟ,

‘ଧରିତ୍ରୀ’ ବହୁତ ନିର୍ଭୀକ, ନିରପେକ୍ଷ, ଅନୁସନ୍ଧାନମୂଳକ ଲେଖା ଓ ସମ୍ପାଦକୀୟ ପ୍ରକାଶ କରୁଥିବାରୁ ଏହା ଅଧିକାଂଶ ପାଠକଙ୍କ ପାଖରେ ଗ୍ରହଣୀୟ ହୋଇପାରିଛି। ଗୁରୁବାର ପ୍ରକାଶ ପାଉଥିବା ମାନେକା ଗାନ୍ଧୀଙ୍କ ପ୍ରବନ୍ଧ ମଧ୍ୟ ଅତ୍ୟନ୍ତ ଉପାଦେୟ ଓ ଶିକ୍ଷଣୀୟ। ଧରିତ୍ରୀର ସମ୍ପାଦକୀୟ ପୃଷ୍ଠା, ବିଜ୍‌ନେସ୍ ପୃଷ୍ଠା ଏବଂ ଜାତୀୟ–ଅନ୍ତର୍ଜାତୀୟ ପୃଷ୍ଠା ମଧ୍ୟ ଖୁବ୍ ଭଲ ହେଉଛି। ତେଣୁ ଦୀର୍ଘଦିନ ହେଲା ମୁଁ ଅନ୍ୟ ଖବରକାଗଜ କାଁଭାଁ ପଢ଼ିଲେ ପଢ଼ିଲେ ମଧ୍ୟ ଧରିତ୍ରୀ ନିୟମିତଭାବେ ପଢ଼ିଆସୁଛି।

ରାକେଶ ନାୟକ, ଭୁବନେଶ୍ୱର

### ପଲିଥିନ କଟକଣା ଧୂଆଁବାଣ

ରାଜ୍ୟ ସରକାର ୨୦୧୮ ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀଠାରୁ ପ୍ରଥମ ପର୍ଯ୍ୟାୟରେ ୫ଟି ମହାନଗର ନିଗମରେ ପଲିଥିନ ବ୍ୟବହାରକୁ ନିଷେଧ କରିଛନ୍ତି। କିନ୍ତୁ ବଡ଼ ଦୁଃଖର କଥା କିଛିଦିନ ଲୋକଦେଖାଣିଆ ଚଢ଼ାଉ ପରେ ମହାନଗର ନିଗମ କର୍ତ୍ତୃପକ୍ଷ ନିଘୋଡ ନିଦରେ ଶୋଇ ଯାଇଛନ୍ତି, ଯାହାଫଳରେ ପୁଣି ମହାନଗର ସାରା ପଲିଥିନମୟ ହୋଇଯାଇଛି। ପନିପରିବାଠାରୁ ଆରମ୍ଭକରି ତେଜରାତି ସଉଦା, ମାଛ, ମାଂସ ପଲିଥିନରେ ଭର୍ତ୍ତି ହୋଇ ବିକ୍ରୟ କରାଯାଉଛି। ଏହି ନିର୍ଦ୍ଦେଶନାମା ସହରାଞ୍ଚଳରେ କାର୍ଯ୍ୟକାରୀ ହୋଇପାରୁ ନ ଥିବା ବେଳେ ସାରା ରାଜ୍ୟରେ କିପରି କାର୍ଯ୍ୟକାରୀ ହେବ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ତେଣୁ ସରକାର ତାଙ୍କ ନିର୍ଦ୍ଦେଶନାମା ପାଳନ କରିବାକୁ କଡ଼ା ପଦକ୍ଷେପ ନିଅନ୍ତୁ ଓ ଜନସାଧାରଣ ଏଥିରେ ସରକାରଙ୍କୁ ସାହାଯ୍ୟ କରନ୍ତୁ।

ଭଗବାନ ଦାସ, ହରି ନିବାସ, ନାରାୟଣପୁର, କେନ୍ଦ୍ରାପଡ଼ା

### ଆଧାର କାର୍ଡରେ ତ୍ରୁଟି

ମିଳିଥିବା ଆଧାର କାର୍ଡରେ ଅନେର ତ୍ରୁଟି ରହିଛି। ଫଳରେ ଉକ୍ତ କାର୍ଡ କୌଣସି କାମରେ ଆସୁନାହିଁ। ତ୍ରୁଟି ସଂଶୋଧନ ପାଇଁ କୌଣସି ସହଜ ବ୍ୟବସ୍ଥା ନାହିଁ। ଏ ବିଷୟରେ ଅଭିଯୋଗ ଶୁଣିବା ପାଇଁ ମଧ୍ୟ କେହି ନାହାନ୍ତି। ଅନଲାଇନରେ ସଂଶୋଧନ ହେଉଥିଲେ ମଧ୍ୟ ଏହା ସମସ୍ତଙ୍କ ପାଇଁ ସମ୍ଭବ ହେଉନାହିଁ। ଆଗକୁ ନିର୍ବାଚନ, ତେଣୁ ଏହାର ଶୀଘ୍ର ସମାଧାନ କରିବାକୁ ଅନୁରୋଧ।

ଦେବତିକ୍ତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

### ଗ୍ରାହକଙ୍କ ଏଟିଏମ୍‌ରୁ ଟଙ୍କା ଲୁଟ୍

ନିଜ ଧନସମ୍ପତ୍ତିକୁ ସୁରକ୍ଷାରେ ରଖିବା ପାଇଁ ଲୋକେ ବ୍ୟାଙ୍କ, ଏଟିଏମ୍ ବ୍ୟବହାର କରିଥାଆନ୍ତି। ଏଥିପାଇଁ ବ୍ୟବହାରକାରୀ ବ୍ୟାଙ୍କର ବାର୍ଷିକ ଫି ମଧ୍ୟ ଦେଇଥାଆନ୍ତି। ଗ୍ରାହକମାନେ ପିନ୍, ଓଟିପି, ପାସ୍‌ୱାର୍ଡ ଇତ୍ୟାଦି ଅନ୍ୟମାନଙ୍କୁ ନ ଜଣାଇବା ପାଇଁ ବ୍ୟାଙ୍କ ତରଫରୁ ସଚେତନ ମଧ୍ୟ କରାଯାଇଥାଏ। ପୂର୍ବରୁ ଅପରାଧୀମାନେ କଳେବଳେକୌଶଳେ ଏଟିଏମ୍ ଏବଂ ଆକାଉଣ୍ଟ ତଥ୍ୟ ହାସଲ କରି ଲୁଟ୍ କରୁଥିଲେ। ଏବେ କିନ୍ତୁ ନୂତନ ପଦ୍ଧତିରେ ବିନା ଏଟିଏମ୍ କାର୍ଡ, ପିନ୍ ନମ୍ବର, ପାସ୍‌ୱାର୍ଡରେ ଜଟଣୀର ଗୋବିନ୍ଦ ଚନ୍ଦ୍ର ସାହୁ ଓ ଦାଶରଥି ସାହୁଙ୍କ ଆକାଉଣ୍ଟରୁ ପ୍ରାୟ ୩/୪ ଲକ୍ଷ ଟଙ୍କା ଅପରାଧୀମାନେ ଉଠାଇ ନେଇଛନ୍ତି (ଧରିତ୍ରୀ ୧୯।୧)। ଏପରି ହେଲେ ଗ୍ରାହକମାନେ କଷ୍ଟାର୍ଜିତ ଧନ ହରାଇବା ସଙ୍ଗେ ସଙ୍ଗେ ବ୍ୟାଙ୍କ ଉପରୁ ସେମାନଙ୍କ ଭରସା ତୁଟିଯିବ।

କାହ୍ନୁ ଚରଣ ସାହୁ, ବରିଷ୍ଠ ନାଗରିକ, ରାମଚନ୍ଦ୍ରପୁର, ଜଟଣୀ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଧରିତ୍ରୀ
DHARITRI

ବ୍ରହ୍ମପୁର, ବୁଧବାର, ଫେବୃୟାରୀ ୧୩ /୨୦୧୯ | Berhampur, Wednesday, February 13/ 2019 | ପୃଷ୍ଠା-୧




**ଭାରତର ଉନ୍ନତ ପ୍ରଦର୍ଶନ ଆଶାରେ ମେମୋଲ**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଗୋଲ୍ଡ କପ୍ ମହିଳା ଫୁଟବଲ ଟୁର୍ନାମେଣ୍ଟରେ ବୁଧବାର ମ୍ୟାନମାର ବିପକ୍ଷରେ ଭାରତର ଭଲ ପ୍ରଦର୍ଶନ ନେଇ କୋଚ୍ ମେମୋଲ ରକି ଆଶାବାଦୀ ।

**୧୩ ୦୨**

**ମାତୃତ୍ୱ ଲାଭକଲେ ମହିଳାଙ୍କ ଜୀବନ ବଦଳିଯାଏ**

ମାତୃତ୍ୱ ଲାଭ କରିବା ପରେ ମହିଳାଙ୍କ ଜୀବନ ବଦଳିଯାଏ ବୋଲି ନୃତ୍ୟ ନିର୍ଦ୍ଦେଶିକା ତଥା ଫିଲ୍ମ ନିର୍ମାତା ଫାରା ଖାନ୍ ପ୍ରକାଶ କରିଛନ୍ତି।



# ଦିଲ୍ଲୀ ହୋଟେଲରେ ନିଆଁ: ୧୭ ଦଗ୍ଧ



ନୂଆଦିଲ୍ଲୀ,୧୨।୨(ପି.ଟି.)

ଦିଲ୍ଲୀର ଏକ ବହୁତଳ ବିଶିଷ୍ଟ ହୋଟେଲରେ ମଙ୍ଗଳବାର ଭୟାବହ ଅଗ୍ନିକାଣ୍ଡ ଘଟିଛି। ନିଆଁରେ ୧୭ ଜଣ ଜୀବନ୍ତ ଦଗ୍ଧ ହୋଇଛନ୍ତି। ଜଣେ ଶିଶୁ ଓ ମହିଳାଙ୍କ ସମେତ ୩ ଜଣ ଜୀବନ ବଞ୍ଚାଇବାକୁ ଯାଇ ହୋଟେଲ କୋଠା ଉପରୁ ତଳକୁ ଡେଇଁପଡ଼ିଛନ୍ତି। ସେମାନଙ୍କ ସହ ୩୫ ଜଣ ଆହତ ହୋଇଛନ୍ତି। ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ଦେବାକୁ ଦିଲ୍ଲୀ ସରକାର ଘୋଷଣା କରିଛନ୍ତି। ଅଗ୍ନିକାଣ୍ଡର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି।

କେନ୍ଦ୍ରୀୟ ଦିଲ୍ଲୀର କରୋଲ ବାଗ୍‌ରେ ୫ ମହଲା ବିଶିଷ୍ଟ ହୋଟେଲ ଅର୍ପିତ ପ୍ୟାଲେସ୍ ଅବସ୍ଥିତ। ଉକ୍ତ ହୋଟେଲରେ ୪୫ଟି ରୁମ୍ ରହିଛି। ସେଗୁଡ଼ିକରେ ସୋମବାର ରାତିରେ ୫୩ ଜଣ ରହିଥିଲେ। ସମସ୍ତେ ଶୋଇଥିବାବେଳେ ଭୋର ସମୟ ୩ଟା ୩୦ରେ ହୋଟେଲର ଦ୍ୱିତୀୟ ମହଲାରେ ହଠାତ୍ ନିଆଁ ଲାଗିଯାଇଥିଲା। ନିଆଁ ଚାରିଆଡେ ବ୍ୟାପିବା ପରେ

**୩୫ ଆହତ**

- **ଜୀବନ ବଞ୍ଚାଇବା ପାଇଁ ତଳକୁ ଡେଇଁଲେ ୩ ଜଣ**

ଭୟ ଓ ଆତଙ୍କର ବାତାବରଣ ସୃଷ୍ଟି ହୋଇଥିଲା। ୪ଟା ୩୫ରେ ଅଗ୍ନିଶମ ବାହିନୀର ୨୪ କର୍ମଚାରୀ ଖବର ପାଇ ନିଆଁ ଲିଭାଇବା ପାଇଁ ହୋଟେଲକୁ ଆସିଥିଲେ। ସେମାନେ ବହୁ ଉଦ୍ୟମ ପରେ ନିଆଁକୁ ଆୟତ୍ତ କରିଥିଲେ। ହେଲେ ସେତେବେଳକୁ ୧୭ ଜଣ ଦଗ୍ଧ ହୋଇସାରିଥିଲେ। ରାମ ମନୋହର ଲୋହିଆ ହସ୍ପିଟାଲକୁ ୧୩, ଲେଡି ହାର୍ଡିଂଜେ ହସ୍ପିଟାଲକୁ ୨ ଓ ବିଏଲ୍‌କେ ହସ୍ପିଟାଲକୁ ଜଣଙ୍କ ମୃତଦେହ ନିଆଯାଇଛି। ଅନ୍ୟ ଜଣେ ନିଖୋଜ ଥିବା ଡେପୁଟି ପୋଲିସ କମିଶନର ମଧୁର ବର୍ମା ସୂଚନା ଦେଇଛନ୍ତି। ☞ପୃଷ୍ଠା–୨

## ଲୋକାୟୁକ୍ତ ଅଧ୍ୟକ୍ଷ ନିଯୁକ୍ତି ଚୂଡ଼ାନ୍ତ

- **ରାଜ୍ୟପାଳଙ୍କ ଅନୁମୋଦନ ପରେ ନାମ ଘୋଷଣା**

ଭୁବନେଶ୍ୱର,୧୨।୨(ବ୍ୟୁରୋ): ଲୋକାୟୁକ୍ତ ଗଠନ ନେଇ ରାଜ୍ୟ ସରକାର ସୁପ୍ରିମକୋର୍ଟରେ ସତ୍ୟପାଠ ଦାଖଲ କରିବା ପରେ ଏକ୍ଷେତ୍ରରେ ଆଉପାଦେ ଆଗକୁ ଯାଇଛନ୍ତି। ମଙ୍ଗଳବାର ସଚିବାଳୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବସିଥିବା ଚୟନ କମିଟି ବୈଠକରେ ଲୋକାୟୁକ୍ତ ଅଧ୍ୟକ୍ଷଙ୍କ ନାମ ଚୂଡ଼ାନ୍ତ କରାଯାଇଛି। ଏହାକୁ ଅନୁମୋଦନ କରିବା ପାଇଁ ରାଜ୍ୟପାଳଙ୍କ ନିକଟକୁ ପଠାଯାଇଛି । ଅଧ୍ୟକ୍ଷଙ୍କ ନାମକୁ ଗୋପନ ରଖାଯାଇଛି। ଅନୁମୋଦନ ପରେ ଏ ନେଇ ସରକାରଙ୍କ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ କରାଯିବ। ଅନ୍ୟପକ୍ଷରେ ଲୋକାୟୁକ୍ତର ୫ ଜଣ ☞ପୃଷ୍ଠା–୨

## ୧୫ରୁ ଦ୍ୱିତୀୟ ପର୍ଯ୍ୟାୟ କାଳିଆ ସହାୟତା

- **୧୪ ଲକ୍ଷ କ୍ଷୁଦ୍ର, ନାମମାତ୍ର ଚାଷୀ ପାଇବେ**

ଭୁବନେଶ୍ୱର,୧୨।୨(ବ୍ୟୁରୋ): କାଳିଆ(କୃଷକ ଆସିଷ୍ଟାନ୍ସ ଫର ଲାଇଭଲିହୁଡ୍ ଆଣ୍ଡ ଇନ୍‌କମ ଅଗମେଣ୍ଟେଶନ) ଯୋଜନାରେ ଚାଷୀମାନଙ୍କୁ ଦ୍ୱିତୀୟ ପର୍ଯ୍ୟାୟ ଆର୍ଥିକ ସହାୟତା ଫେବୃୟାରୀ ୧୫ରୁ ପ୍ରଦାନ କରାଯିବ। ମଙ୍ଗଳବାର ସଚିବାଳୟଠାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକ ପରେ କୃଷି ସଚିବ ସୌରଭ ଗର୍ଗ ଏ ନେଇ ସୂଚନା ଦେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ୧୨.୪୫ ଲକ୍ଷ କ୍ଷୁଦ୍ର, ନାମମାତ୍ର ଚାଷୀଙ୍କୁ ଜାନୁୟାରୀ ୨୫ରେ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଗଣମାଧ୍ୟମକୁ ସୂଚନା ଦେଇ ଗର୍ଗ କହିଛନ୍ତି ଯେ ବୈଠକରେ ରାଜ୍ୟରେ ଭୂମିହୀନ କୃଷି ଶ୍ରମିକମାନଙ୍କର ସ୍ଥିତି ସମ୍ପର୍କରେ ଆଲୋଚନା ହୋଇଛି। ପ୍ରଥମ ପର୍ଯ୍ୟାୟର ପ୍ରାୟ ୪ରୁ ୫ ଲକ୍ଷ ଭୂମିହୀନ କୃଷି ଶ୍ରମିକମାନଙ୍କୁ ୫ ହଜାର ଟଙ୍କା ସହାୟତା ଫେବୃୟାରୀ ୧୫ ସୁଦ୍ଧା ପ୍ରଦାନ କରାଯିବ। ଜୀବିକାର୍ଜନ ପାଇଁ ପ୍ରତ୍ୟେକଙ୍କୁ ୧୨,୫୦୦ ଟଙ୍କାର ସହାୟତା ଯୋଗାଇ ଦିଆଯିବ। ତେବେ ଦ୍ୱିତୀୟ ପର୍ଯ୍ୟାୟରେ କେବଳ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ସହାୟତା ରାଶି ଯୋଗାଇ ଦିଆଯିବ। ସେମାନଙ୍କର ସଂଖ୍ୟା ୧୪ ଲକ୍ଷ ହେବ ବୋଲି ସଚିବ ସୂଚନା ଦେଇଛନ୍ତି। ଫେବୃୟାରୀ ୨୨ ସୁଦ୍ଧା ହିତାଧିକାରୀମାନେ ସହାୟତା ରାଶି ପାଇ ପାରିବେ।

- ରାଜ୍ୟ ପୋଲିସରେ ବଡ଼ଧରଣର ଅଦଳବଦଳ

## ୨୧ ଆଇପିଏସ୍, ୮ ଓପିଏସ୍ ଅଧିକାରୀଙ୍କୁ ନୂଆ ଦାୟିତ୍ୱ

ଭୁବନେଶ୍ୱର,୧୨।୨ (ବ୍ୟୁରୋ)

ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ରାଜ୍ୟ ଗୃହ ବିଭାଗ ପକ୍ଷରୁ ମଙ୍ଗଳବାର ଆଇପିଏସ୍ ଅଧିକାରୀ ସ୍ତରରେ ଏକ ବଡ଼ ଧରଣର ଅଦଳବଦଳ କରାଯାଇଛି। ୨୧ ଜଣ ଆଇପିଏସ୍ ଓ ୮ ଓପିଏସ୍ ଅଧିକାରୀଙ୍କୁ ନୂଆ ଦାୟିତ୍ୱ ମିଳିଛି। ଗୋଇନ୍ଦା ବିଭାଗ ନିର୍ଦ୍ଦେଶକ ସୁନିଲ ରାୟଙ୍କୁ ଉକ୍ତ ବିଭାଗର ସ୍ୱତନ୍ତ୍ର ଡିଜିପି ଭାବେ ଅବସ୍ଥାପିତ କରାଯାଇଥିବାବେଳେ ଗୃହ ବିଭାଗରେ ଥିବା ଆଇପିଏସ୍ ବିନୟାନନ୍ଦ ଝାଙ୍କୁ ଓଏଚ୍‌ଆର୍‌ସି ତଦନ୍ତ ନିର୍ଦ୍ଦେଶକ ଦାୟିତ୍ୱ ଦିଆଯାଇଛି। ସେହିଭଳି ଓଏଚ୍‌ଆର୍‌ସି ତଦନ୍ତ ନିର୍ଦ୍ଦେଶକ ସିଦ୍ଧାର୍ଥ ନରୱାନେଙ୍କୁ ଏଚ୍‌ଆର୍‌ପିସିର ଅତିରିକ୍ତ ମହାନିର୍ଦ୍ଦେଶକ, ଏଚ୍‌ଆରପିସିରେ ଥିବା ମହେନ୍ଦ୍ର ପ୍ରତାପଙ୍କୁ ଜେଲ ବିଭାଗ ଆଇଜିଭାବେ ବଦଳି କରାଯାଇଛି। ପରିବହନ କମିଶନର ସଞ୍ଜୀବ ପଣ୍ଡାଙ୍କୁ ଆଇନ ଶୃଙ୍ଖଳା ଏଡିଜି, ଆଇନଶୃଙ୍ଖଳା ଆଇଜି ଅମିତାଭ ଠାକୁରଙ୍କୁ ରାଜ୍ୟ ସଶସ୍ତ୍ର ପୋଲିସ ଆଇଜି, ସିଆଇଡି ଡିଆଇଜି ଏସ୍.ସାଇନିଙ୍କୁ ବିଜୁ ପଟ୍ଟନାୟକ ପୋଲିସ ଏକାଡେମୀ (ବିପିଏସ୍‌ପିଏ)ଆଇଜି, ରାଜ୍ୟ ସଶସ୍ତ୍ର ପୋଲିସ ଡିଆଇଜି ହିମାଂଶୁ ଲାଲଙ୍କୁ ଦକ୍ଷିଣ–ପଶ୍ଚିମାଞ୍ଚଳ ଡିଆଇଜି, ଏସ୍‌ଟିଏଫ୍ ଆଇଜି ଯତୀନ୍ଦ୍ର

- **ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ଦାୟିତ୍ୱରେ ଆଶିଷ ସିଂ**
- **ବଦଳିଲେ ୯ ଜିଲାର ଏସ୍‌ପି**

କୋୟଲଙ୍କୁ ଦକ୍ଷିଣାଞ୍ଚଳ ଆଇଜିଭାବେ ଅବସ୍ଥାପିତ କରାଯାଇଛି। ଡିଆଇଜି ଏସ୍‌ଆର୍ ବ୍ରହ୍ମପୁରର ଆଶିଷ କୁମାର ସିଂଙ୍କୁ ଗୋଇନ୍ଦା ବିଭାଗ ଡିଆଇଜି ସହ ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ଦାୟିତ୍ୱ ମିଳିଥିବାବେଳେ ପୁରୀ ଏସ୍‌ପି ସାର୍ଥକ ଷଡଙ୍ଗୀଙ୍କୁ ରାଉରକେଲା ଏସ୍‌ପି, ରାଉରକେଲା ଏସ୍‌ପି ଉମାଶଙ୍କର ଦାଶଙ୍କୁ ପୁରୀ ଏସ୍‌ପି, ବିପିଏସ୍‌ପିଏର ଏସ୍‌ପି ଥିବା ସରହ ଶର୍ମାଙ୍କୁ ଗଜପତି ଏସ୍‌ପି, ଦେବଗଡ଼ ଏସ୍‌ପି ଅନୁପମା ଜେମ୍‌ସଙ୍କୁ ଢେଙ୍କାନାଳ ଏସ୍‌ପିଭାବେ ବଦଳି କରାଯାଇଛି। ସେହିଭଳି ରାୟଗଡା ଏସ୍‌ପି ପି.ଆର୍. ରାହୁଲଙ୍କୁ କ୍ରାଇମବ୍ରାଞ୍ଚ ଏସ୍‌ପି, କଟକର ଭାରପ୍ରାପ୍ତ ଏସ୍‌ପି ବିବେକାନନ୍ଦ ଶର୍ମାଙ୍କୁ ଏଆଇଜିଭାବେ ପୋଲିସ ମୁଖ୍ୟାଳୟକୁ ବଦଳି କରାଯାଇଛି। ପାନପୋଷର ଏସ୍‌ଡିପିଓ ପଦ୍ମିନୀ ସାହୁଙ୍କୁ ଡିସିପି ମୁଖ୍ୟାଳୟକୁ ବଦଳି କରାଯାଇଥିବାବେଳେ ବଡ଼ବିଲ ଏସ୍‌ଡିପିଓ ରାହୁଲ ଜୈନଙ୍କୁ ଦେବଗଡ ଏସ୍‌ପି, ☞ପୃଷ୍ଠା–୨

# ବାଲେଶ୍ୱରରେ ଡବଲ ମର୍ଡର

ବାଲେଶ୍ୱର ଅଫିସ, ୧୨।୨

ମଙ୍ଗଳବାର ବାଲେଶ୍ୱରରେ ଡବଲ ମର୍ଡର ଘଟଣା ଘଟିଛି । ସହଦେବଖୁଣ୍ଟା ମଡେଲ ଥାନା ଅଧୀନ ରାଣୀପାଟଣା ବ୍ୟାଙ୍କ କଲୋନୀର ଜଣେ ଯୁବକ ସ୍ତ୍ରୀ ଓ ତାଙ୍କ ପ୍ରେମିକଙ୍କୁ ଶାବଳରେ ପିଟି ହତ୍ୟା କରିଛନ୍ତି । ସ୍ତ୍ରୀ ପରକୀୟା ସମ୍ପର୍କରୁ ବିରତ ନ ହେବାରୁ ସ୍ୱାମୀ ଏଭଳି ହତ୍ୟାକାଣ୍ଡ ଘଟାଇଥିବା ଜଣାପଡିଛି । ପୋଲିସ ହତ୍ୟାକାରୀ ସ୍ୱାମୀଙ୍କୁ ଗିରଫ କରିଛି । ସେ ବ୍ୟବହୃତ କରିଥିବା ମାରଣାସ୍ତ୍ରକୁ ଜବତ କରାଯାଇଛି। ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରିବା ପରେ ୨ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଛି। ଏନେଇ ଏକ ମାମଲା (ନଂ. ୩୯/୧୯) ରୁଜୁ ହୋଇଛି। ଅନ୍ୟପକ୍ଷେ ମା'କୁ ହତ୍ୟା ଓ ବାପା ଜେଲ୍ ଯିବା ପରେ ଏହି ଦମ୍ପତିଙ୍କ ୧୨ବର୍ଷର ପୁଅ ଏକୁଟିଆ ହୋଇଯାଇଛନ୍ତି।

ପୋଲିସର ସୂଚନା ଅନୁଯାୟୀ, ବ୍ୟାଙ୍କ କଲୋନୀରେ ରୁହନ୍ତି କୈଳାସ ଚନ୍ଦ୍ର ସାହୁ (୪୨)। ସେ ଜଣେ ମାନସିକ ରୋଗୀ ଭାବେ ଦୀର୍ଘଦିନ ହେଲା ଚିକିତ୍ସାଧୀନ ଅଛନ୍ତି। ତାଙ୍କ ସ୍ତ୍ରୀ ଲକ୍ଷ୍ମୀପ୍ରିୟା ସ୍ୱାମୀଙ୍କ ଏପରି ଅବସ୍ଥାରେ ବିଭିନ୍ନ ଘରୋଇ ଅନୁଷ୍ଠାନରେ କାମ କରି ପରିବାର ଭରଣପୋଷଣ କରୁଥିଲେ । ତାଙ୍କ ୧୨ ବର୍ଷର ପୁଅ ଏବେ ୬ଷ୍ଠ ଶ୍ରେଣୀର ଛାତ୍ର। ଲକ୍ଷ୍ମୀପ୍ରିୟା ସ୍ୱାମୀଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା କରିବା ବେଳେ ମୟୂରଭଞ୍ଜ



ଅଭିଯୁକ୍ତ କୈଳାସ ଚନ୍ଦ୍ର ସାହୁ ଓ ତାଙ୍କ ଘର ସମ୍ମୁଖରେ ଲୋକାରଣ୍ୟ ।

**ପରକୀୟା ପ୍ରୀତିର କରୁଣ ପରିଣତି**

- **ରଡରେ ପିଟି ସ୍ତ୍ରୀ ସମେତ ୨ଜଣଙ୍କୁ ହତ୍ୟା**

ଜିଲା ବୈଶିଙ୍ଗା ଥାନା ନୁଣ୍ଡୁକୁଆ ଗ୍ରାମର ପ୍ରଦୀପ ଦେ (୩୪)ଙ୍କ ସହ ତାଙ୍କର ପରିଚୟ ହୋଇଥିଲା। ପ୍ରଦୀପ ଜଣେ ସହଠିକାଦାର ଭାବେ କାମ କରୁଥିଲେ। ଲକ୍ଷ୍ମୀପ୍ରିୟାଙ୍କ ଆର୍ଥିକ ଅବସ୍ଥା ଏବଂ ପରିସ୍ଥିତି ସମ୍ପର୍କରେ ପ୍ରଦୀପ ଅବଗତ ହେବା ପରେ ସହାୟତାର ହାତ ବଢାଇଥିଲେ। ଏପରି କି ସେ ତାଙ୍କ ସ୍ୱାମୀଙ୍କ ଔଷଧ, ପୁଅର ପାଠପଢ଼ା ଖର୍ଚ୍ଚ ଓ ପରିବାର ଭରଣପୋଷଣ ପାଇଁ ଆର୍ଥିକ ସାହାଯ୍ୟ କରିଆସୁଥିଲେ। ପ୍ରଦୀପଙ୍କ ଏପରି ସହଯୋଗ ଯୋଗୁ ତାଙ୍କ ପ୍ରତି ଲକ୍ଷ୍ମୀପ୍ରିୟାଙ୍କ ଦୁର୍ବଳତା ବଢ଼ିଥିଲା। ଦୁହିଁଙ୍କ ମଧ୍ୟରେ ଅନୈତିକ ସମ୍ପର୍କ ଗଢ଼ି ଉଠିଥିଲା। ପ୍ରଦୀପ ଅଧିକାଂଶ ସମୟରେ ଲକ୍ଷ୍ମୀପ୍ରିୟାଙ୍କ ଘରେ ରାତ୍ରିଯାପନ କରିଆସୁଥିଲେ। ଏହାକୁ ଦେଖି କୈଳାସଙ୍କ ପରିବାର ଲୋକେ ବିରକ୍ତ ହେଉଥିଲେ। କୈଳାସ ନିଜ ପରିବାରର ଭରଣପୋଷଣ ଏବଂ ଅସୁସ୍ଥତା ପାଇଁ ଲକ୍ଷ୍ମୀପ୍ରିୟାଙ୍କୁ ଅନ୍ୟତ୍ର ବିବାହ କରିବାକୁ ପ୍ରସ୍ତାବ ଦେଇଥିଲେ। ☞ପୃଷ୍ଠା–୨

**ଆଜିର ସମ୍ପାଦକୀୟ**

ଆପୋସ ଆଲୋଚନା

**ଆଜିର ମନ୍ତବ୍ୟ**

"ରବର୍ଟ ଭଦ୍ରାଙ୍କୁ ଇଡି ଜେରା ମୋଦି ସରକାରଙ୍କ ରାଜନୈତିକ ପ୍ରତିଶୋଧ।

–ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ

**କିଛି ତଥ୍ୟ**

୨୦୧୮ର ଏପ୍ରିଲ–ସେପ୍ଟେମ୍ବରରେ ଦେଶର ମୋଟ ଏଫଡ଼ିଆଇ ୧୧% ହ୍ରାସ ଘଟି ୨୨.୬୬ ବିଲିୟନ ଡଲାର ରହିଛି। **–ବାଣିଜ୍ୟ ମନ୍ତ୍ରଣାଳୟ**


SUDHAKAR
PIPES AND FITTINGS
PIONEER IN PIPING SOLUTIONS
WANTED DEALERS
CONTACT US
94370 38192
94370 17191
sales@sudhakarpipes.com



NECC NATIONAL EGG CO-ORDINATION COMMITTEE 12.02.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 73 | 123 | 133 |
| CTC | 74 | 124 | 134 |
| DKL | 74 | 124 | 134 |
| BDK | 75 | 126 | 136 |
| BLS | 77 | 128 | 138 |
| ANG | 75 | 126 | 136 |

*Conditions Apply

Eggs Retail Price- 52/-Dozen
Issued in the Interest of Consumers


- ଅଦାଳତ ଅବମାନନା ମାମଲା

## କୋର୍ଟରୁମ୍ କୋଣରେ ବସିଲେ ନାଗେଶ୍ୱର

**ସିବିଆଇ ଆଇନ ଉପଦେଷ୍ଟା ବି ଦୋଷୀ**



ଏମ୍. ନାଗେଶ୍ୱର ରାଓ

ନୂଆଦିଲ୍ଲୀ,୧୨।୨(ପି.ଟି.)

ଅଦାଲତ ଅବମାନନା ମାମଲାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)ର ପୂର୍ବତନ ଅନ୍ତରୀଣ ନିର୍ଦ୍ଦେଶକ ଏମ୍. ନାଗେଶ୍ୱର ରାଓ ଏବଂ ଆଇନ ଉପଦେଷ୍ଟା ଏସ୍.ଭାସୁରାମଙ୍କୁ ମଙ୍ଗଳବାର ସୁପ୍ରିମକୋର୍ଟ ଦୋଷୀ ସାବ୍ୟସ୍ତ କରିଛନ୍ତି। ଅଦାଲତ ଦଣ୍ଡ ସ୍ୱରୂପ ଉଭୟଙ୍କୁ ଦିନକ ପାଇଁ କୋର୍ଟରୁମର ଏକ କୋଣରେ ବସିବାକୁ ନିର୍ଦ୍ଦେଶ ଦେବା ସହ ୧ ଲକ୍ଷ ଟଙ୍କା ଲେଖାଏ ଜରିମାନା ଆଦେଶ ଦେଇଛନ୍ତି।

ବିହାର ଆଶ୍ରୟ ଗୃହ ଯୌନ ନିର୍ଯାତନା ମାମଲାର ତଦନ୍ତ କରୁଥିବା ସିବିଆଇ ଯୁଗ୍ମ ନିର୍ଦ୍ଦେଶକ ଏ.କେ. ଶର୍ମାଙ୍କୁ ଜାନୁୟାରୀ ୧୭ରେ ସିଆର୍‌ପିଏଫ୍ ଅତିରିକ୍ତ ମହାନିର୍ଦ୍ଦେଶକ ଭାବେ ବଦଳି କରାଯାଇଥିଲା। ଉଭୟ ନାଗେଶ୍ୱର ଓ ଭାସୁରାମ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଜାଣିଶୁଣି ଅବମାନନା କରିଥିବା ଅଭିଯୋଗରେ ପ୍ରଧାନବିଚାରପତି ଜଷ୍ଟିସ୍ ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଦୋଷୀ ସାବ୍ୟସ୍ତ କରିଛନ୍ତି। କୋର୍ଟ କାର୍ଯ୍ୟ ଶେଷ ହେବା ଯାଏ କୋର୍ଟରୁମର ଏକ କୋଣରେ ବସିରହିବା ପାଇଁ ସିଜେଆଇ ଗୋଗେଇ ନିର୍ଦ୍ଦେଶ ଦେଇଥିଲେ। ଏହା ପୂର୍ବରୁ ଉଭୟେ କୋର୍ଟଙ୍କୁ ନିଃସର୍ତ୍ତ କ୍ଷମାପ୍ରାର୍ଥନା କରିଥିଲେ ହେଁ ଖଣ୍ଡପୀଠ ତାକୁ ଗ୍ରହଣ କରି ନ ଥିଲେ। ସିବିଆଇ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଟର୍ନି ଜେନେରାଲ କେ.କେ. ବେଣୁଗୋପାଳ ଅନ୍ୟ ବିକଳ୍ପ ଓ କୋହଳ ମନୋଭାବ ପାଇଁ ଅଦାଲତଙ୍କୁ ଅନୁରୋଧ କରିଥିଲେ, ଯାହାକୁ ଖଣ୍ଡପୀଠ ଅଗ୍ରାହ୍ୟ କରିଦେଇଥିଲେ। ଶେଷରେ ନାଗେଶ୍ୱର ଓ ଭାସୁରାମ କୋର୍ଟରୁମ୍ କୋଣରେ ଦିନକ ପାଇଁ ବସିରହିଥିଲେ।




# ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କଲେ କୋରାପୁଟବାସୀ



ଭୁବନେଶ୍ୱର, ୧୨।୨(ବ୍ୟୁରୋ)

କୋରାପୁଟ ଜିଲା ଗସ୍ତ ସମୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବହୁ ବିକାଶମୂଳକ ଯୋଜନା ଓ ପ୍ରକଳ୍ପର ଉଦ୍‌ଘାଟନ କରିଥିଲେ। ଏଥିରେ ସନ୍ତୋଷ ପ୍ରକାଶ କରି ଜିଲାର ପ୍ରାୟ ୩ଶହରୁ ଊର୍ଦ୍ଧ୍ୱ ସାଧାରଣ ନାଗରିକ ଓ କୃଷକ ମଙ୍ଗଳବାର ନବୀନ ନିବାସ ଆସି ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏଥିପାଇଁ ସେମାନେ ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ଜଣାଇବା ସହ ରାଜ୍ୟକୁ ଆଗାମୀ ଦିନରେ ସେ ନେତୃତ୍ୱ ଦିଅନ୍ତୁ ବୋଲି କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଆମ ସରକାର ସର୍ବଦା ବିକାଶମୂଳକ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ବିଜୁବାବୁ କହୁଥିଲେ, କାହାର ଦୟାର ପାତ୍ର ହୁଅନାହିଁ, ସ୍ୱାବଲମ୍ବୀ ହୁଅ। ଏହାକୁ ବାସ୍ତବ ରୂପ ଦେବାକୁ ଆମ ସରକାର କାର୍ଯ୍ୟ କରୁଛି। ଭେଟିବାକୁ ଆସିଥିବା ପ୍ରତିନିଧିମାନେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ମୁରାନ୍ ନଦୀ ଉପରେ, କୋଲାବ ଜଳଭଣ୍ଡାର ନିକଟ ନନ୍ଦପୁର-ଲମତାପୁଟ-ବନମାଳୀପୁର ରାସ୍ତାର ସିନ୍ଧିପୁଟ ଘାଟ ନିକଟରେ ଏବଂ କୋଲାବ ଜଳଭଣ୍ଡାରରେ କୋରାପୁଟ-ସୁକୁ ରାସ୍ତା ଉପରେ ତିନୋଟି ହାଇଲେଭଲ ବ୍ରିଜ୍ ପାଇଁ ସ୍ଥାନୀୟ ଅଞ୍ଚଳବାସୀଙ୍କ ଦୀର୍ଘଦିନରୁ ଦାବି ଥିଲା। ଏହି ତିନୋଟି ବୃହତ୍ ସେତୁ ମୁଖ୍ୟମନ୍ତ୍ରୀ ମଞ୍ଜୁର କରି ଏକ ଐତିହାସିକ ପଦକ୍ଷେପ ଗ୍ରହଣ କରିଛନ୍ତି। ଫଳରେ ଆଗାମୀ ଦିନରେ କୋରାପୁଟ ଜିଲାରେ ବିକାଶ ତ୍ୱରାନ୍ୱିତ ହୋଇପାରିବ।

# ସବୁ ବିଶ୍ୱବିଦ୍ୟାଳୟକୁ ଖର୍ଚ୍ଚର ହିସାବ ମାଗିଲେ ସରକାର

## ୭ ଦିନ ମଧ୍ୟରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୧୨।୨(ବ୍ୟୁରୋ)

୨୦୧୮-୧୯ ଆର୍ଥିକ ବର୍ଷରେ ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟକୁ ଯୋଗାଇ ଦିଆଯାଇଥିବା ଆର୍ଥିକ ଅନୁଦାନର ବିନିଯୋଗ କିଭଳି ହୋଇଛି, ବଳକା ଅର୍ଥ ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା କିଭଳି ଖର୍ଚ୍ଚ ହେବ, ସେ ସବୁର ହିସାବ ଆସନ୍ତା ୭ ଦିନ ମଧ୍ୟରେ ରିପୋର୍ଟ ଦେବାକୁ ବିଶ୍ୱବିଦ୍ୟାଳୟଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ମଙ୍ଗଳବାର ସଚିବାଳୟଠାରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅନନ୍ତ ଦାସ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ, ୨୦୧୯ ଜାନୁୟାରୀ ୩୧ ପର୍ଯ୍ୟନ୍ତ କେତେ ପରିମାଣ ଅର୍ଥ ଖର୍ଚ୍ଚ କରାଯାଇଛି ଏବଂ ଅବଶିଷ୍ଟ ଅର୍ଥ ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା କିପରି ଖର୍ଚ୍ଚ କରାଯିବ ସେ ନେଇ ପୂର୍ଣ୍ଣାଙ୍ଗ ରିପୋର୍ଟ ଦେବାକୁ କୁହାଯାଇଛି। ରାଜ୍ୟରେ ଥିବା ସରକାରୀ ଓ ବେସରକାରୀ ଅନୁଦାନପ୍ରାପ୍ତ କଲେଜଗୁଡ଼ିକରେ ଅଧ୍ୟାପକ ଅଧ୍ୟାପିକା ଅଭାବ ସମ୍ପର୍କରେ ମନ୍ତ୍ରୀ କହିଛନ୍ତି, ସରକାରୀ କଲେଜଗୁଡ଼ିକରେ ୧୦୩୩ ଅଧ୍ୟାପକ ପଦବୀ ଖାଲି ରହିଛି। ସେଥିରୁ ଜୁନିୟର କଲେଜଗୁଡ଼ିକରେ ନିଯୁକ୍ତି ପାଇଥିବା ୭୭୭ ଜଣ ଅଧ୍ୟାପିକା ଅଧ୍ୟାପକ ଉଚ୍ଚ ଶିକ୍ଷା ବିଭାଗକୁ ଫେରି ଆସିବା ପରେ ଅବଶିଷ୍ଟ ୨୫୬ ପଦବୀ ଖାଲି ରହିଛି। ଚଳିତ ବର୍ଷ ୬୪ ଜଣ ଅଧ୍ୟକ୍ଷ ଅବସର ଗ୍ରହଣ କରିବେ। ମୋଟ ଖାଲି ଥିବା ୩୨୦ଟି ଅଧ୍ୟାପକ ପଦବୀ ପୂରଣ ନିମନ୍ତେ ଅର୍ଥ ବିଭାଗର ଅନୁମୋଦନ ପରେ ଓଡ଼ିଶା ଲୋକସେବା ଆୟୋଗଙ୍କୁ ଅନୁରୋଧ କରାଯାଇଛି। ଗତ ଦୁଇ ବର୍ଷ ମଧ୍ୟରେ ସରକାରୀ ମହାବିଦ୍ୟାଳୟରେ ୪୦୭ ଅଧ୍ୟାପକଙ୍କୁ ନିଯୁକ୍ତି ଦିଆଯାଇଛି। ଏହାଛଡ଼ା ଖାଲି ପଡ଼ିଥିବା ଏବଂ ନୂତନ ଭାବେ ସୃଷ୍ଟି ହୋଇଥିବା ଅଧ୍ୟାପକ ସ୍ଥାନରେ ୧୨୩ ଜଣ ଆଡ୍‌ହକ ଅଧ୍ୟାପକ ଏବଂ ୧୨୨୮ ଜଣ ଅତିଥି ଅଧ୍ୟାପକଙ୍କୁ ନିଯୁକ୍ତି ଦିଆଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

# 'ଖଣି ଦୁର୍ନୀତି: କଂଗ୍ରେସ ଇଙ୍ଗିତରେ ଜରିମାନା ଆଦାୟ କରୁନି ବିଜେଡି ସରକାର'

ଭୁବନେଶ୍ୱର, ୧୨।୨(ବ୍ୟୁରୋ)

ରାଜ୍ୟରେ ବିରୋଧୀ ଦଳ ବୋଲି ଦାବି କରୁଥିବା କଂଗ୍ରେସର ଇଙ୍ଗିତରେ ଶାସକ ବିଜେଡି ଖଣି ଜରିମାନା ଆଦାୟ କରୁନାହିଁ। କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ସମ୍ପର୍କୀୟ ଏବେ ବିଜେଡିରେ ଅଛନ୍ତି। ତେଣୁ ଜଣେ ଖଣି ମାଲିକଙ୍କଠାରୁ ଜରିମାନା ଆଦାୟ ନ କରି ରାଜ୍ୟ ସରକାର ତାରିଖ ଗଡ଼ାଇ ଚାଲିଛନ୍ତି ବୋଲି ଭାଜପା ଉପସଭାପତି ସମୀର ମହାନ୍ତି ଅଭିଯୋଗ କରିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସମୀର କହିଛନ୍ତି ଯେ, ଓଡ଼ିଶାରେ ଖଣି ଦୁର୍ନୀତି ହୋଇଥିଲା। ଏହି ଦୁର୍ନୀତି ରାଜ୍ୟ ସରକାରଙ୍କ ପ୍ରୋତ୍ସାହନରେ ହୋଇଥିବା ପ୍ରମାଣ ମିଳିଛି। ଶାହା କମିଶନ ଏଥିପାଇଁ ବସିଥିଲା। ୨୦୦୯ରେ ଏକ ଭିଜିଲାନ୍ସ ମାମଲା ହୋଇଥଲା। କେନ୍ଦୁଝର ଜିଲାର ଯୋଡ଼ା ଖଣି ମଣ୍ଡଳରେ ଥିବା ଲିଜ୍‌ଧାରୀ ବି.ଡି.ପଟ୍ଟନାୟକଙ୍କ କଳାପାହାଡ଼ ମାଇନ୍ସ ବିରୋଧରେ ଚାର୍ଜଶିଟ୍ କରାଯାଇଥିଲା। ବାଲେଶ୍ୱର ସର୍କଲ ଅଧୀନରେ ଏହି କେସ୍‌ଟି ରୁଜୁ ହୋଇଥିଲା। ଭିଜିଲାନ୍ସ ଏହି କେସ୍‌ରେ ଦେଇଥବା ଦସ୍ତାବିଜ ଅନୁସାରେ ରାଜସ୍ୱ କ୍ଷତି ୧୩୦ କୋଟି ୪୯ ଲକ୍ଷ ୧୩ହଜାର ୩୯୭ ଟଙ୍କା ହୋଇଥଲା। ଏହି ତଥ୍ୟକୁ ସମ୍ପୂର୍ଣ୍ଣ ପର୍ଯ୍ୟାଲୋଚନା କରି ବିଚାରପତି ୧୩୦କୋଟିର ଜରିମାନା ଆଦାୟ ପାଇଁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ବର୍ତ୍ତମାନ ସୁଦ୍ଧା ରାଜ୍ୟ ସରକାର ଏହା ଆଦାୟ କରିବାର ବ୍ୟବସ୍ଥା କରିନାହାନ୍ତି। ବାରମ୍ବାର ଭାଜପା ଏଥିରେ ରାଜନୈତିକ ସମ୍ପୃକ୍ତି ଥିବା ଅଭିଯୋଗ କରିଆସୁଛି। ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ବଦଳରେ ସେମାନଙ୍କୁ ଗଳାବାଟ ଦେଇ ଖସାଇ ଦିଆଯାଉଛି ବୋଲି ସମୀର ଅଭିଯୋଗ କରିଛନ୍ତି। ଅନ୍ୟପଟେ ରାଜ୍ୟ ସରକାର ହକି ଆୟୋଜନ ନାଁରେ ୫୦କୋଟି ଟଙ୍କାର ଦୁର୍ନୀତି କରିଛନ୍ତି ବୋଲି ସମୀର ଅଭିଯୋଗକରି କହିଛନ୍ତି, ମୁଖ୍ୟମନ୍ତ୍ରୀ ଥ୍ରୀ-ଟିର କଥା କହୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କର ଅସଲ ଉଦ୍ଦେଶ୍ୟ ଓଡ଼ିଶାରେ ହକିର ପ୍ରଚାର ପ୍ରସାର କରିବା ନୁହେଁ ବରଂ ହକିକୁ ଆଳକରି ସରକାରୀ ଅର୍ଥକୁ ଲୁଟିବା ବୋଲି ସମୀର କହିଛନ୍ତି।

# ୧୫ ରାତିରୁ ବର୍ଷା

ଭୁବନେଶ୍ୱର,୧୨।୨(ବ୍ୟୁରୋ)

ଆସନ୍ତା ୧୫ ତାରିଖ ମଧ୍ୟରାତ୍ରରୁ ଆଭ୍ୟନ୍ତରୀଣ ଓଡ଼ିଶାର କେତେକ ଜିଲାରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବା ସମ୍ଭାବନା ରହିଛି। ୧୬ ତାରିଖରେ ସୁନ୍ଦରଗଡ, ଝାରସୁଗୁଡା, ସମ୍ବଲପୁର, ଦେବଗଡ, ବରଗଡ, ସୋନପୁର, ବଲାଙ୍ଗୀର ଆଦି ଜିଲାର କେତେକ ସ୍ଥାନରେ ଘଡଘଡି ସହ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। କେତେକ ସ୍ଥାନରେ କୁଆପଥର ବୃଷ୍ଟି ହେବ। ୧୭ ଓ ୧୮ରେ କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡା, ଖୋର୍ଦ୍ଧା, ନୟାଗଡ ଓ ପୁରୀ ଜିଲାରେ ଘଡଘଡି ସହ ବର୍ଷା ହେବ। ଆକାଶ ମେଘାଚ୍ଛନ୍ନ ରହିବା ସହ କୋହଲା ପବନ ବହିବ। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉପକୂଳବର୍ତ୍ତୀ ଜିଲା କଟକ, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଜଗତସିଂହପୁର ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘନ କୁହୁଡି ହେବ ବୋଲି ପୂର୍ବାନୁମାନ କରାଯାଇଛି। ୨୦୦ ମିଟର ପର୍ଯ୍ୟନ୍ତ ଦେଖିବା ସମ୍ଭବ ହେବ ନାହିଁ। ଏହି ସମୟରେ ସତର୍କ ରହିବାକୁ ପାଣିପାଗ ବିଭାଗ ସତର୍କ ସୂଚନା ଜାରି କରିଛି। ପଶ୍ଚିମା ବାୟୁ ପ୍ରଭାବ ଯୋଗୁ ପାଗରେ ଏଭଳି ପରିବର୍ତ୍ତନ ହେବ। ରାଜ୍ୟରେ ସର୍ବୋଚ୍ଚ ତାପମାତ୍ରା ମାଲକାନଗିରିରେ ୩୪.୮ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଦାରିଙ୍ଗବାଡିରେ ସର୍ବନିମ୍ନ ୯ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

# ବସ୍ ଓଲଟି ୨୦ରୁ ଊର୍ଦ୍ଧ୍ୱ ଆହତ

ବଡ଼ବିଲ/ଯୋଡ଼ା, ୧୨।୨(ସ୍ୱ.ପ୍ର./ଡି.ଏନ.ଏ.)

କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ ଖଣ୍ଡବନ୍ଧ-ଯୋଡା ଖଣି ରାସ୍ତାରେ ଟାଟା କମ୍ପାନୀର ଠିକା ସଂସ୍ଥା ଟାଟା ପ୍ରୋଜେକ୍ଟ ଲିମିଟେଡ(ଟିପିଏଲ)ର ଶ୍ରମିକ ନେଇ ଯାଉଥିବା ବସ୍ ମଙ୍ଗଳବାର ରାତିରେ ଓଲଟି ପଡିବାରୁ ୨୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ସମସ୍ତଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଟାଟାଷ୍ଟିଲ ହସପିଟାଲର ଆଇସିୟୁରେ ଭର୍ତ୍ତି ହୋଇଛନ୍ତି। ମିଳିଥିବା ସୂଚନାନୁଯାୟୀ, ରାତି ପ୍ରାୟ ସାଢେ ଆଠଟା ସମୟରେ ୫୦ରୁ ଊର୍ଦ୍ଧ୍ୱ ଶ୍ରମିକଙ୍କୁ ନେଇ ଠିକା ସଂସ୍ଥାର ଘରୋଇ ବସ୍ ଖଣ୍ଡବନ୍ଧ ଖଣିରୁ ଯୋଡା ଅଭିମୁଖେ ଆସୁଥିଲା। କୌଣସି କାରଣରୁ ବସ୍‌ଟି ରାସ୍ତାରେ ଓଲଟି ପଡ଼ିଥିଲା। ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ୧୪ରେ ଓଡ଼ିଶା ଆସୁଛନ୍ତି ମୁଖ୍ୟ ନିର୍ବାଚନ କମିଶନର

ଭୁବନେଶ୍ୱର,୧୨।୨(ବ୍ୟୁରୋ)-ଭାରତର ମୁଖ୍ୟ ନିର୍ବାଚନ କମିଶନର (ସିଇସି) ସୁନୀଲ ଆରୋରା ଆସନ୍ତା ୧୪ ତାରିଖରେ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିବେ। ଆସନ୍ତା ସାଧାରଣ ନିର୍ବାଚନ ପାଇଁ ରାଜ୍ୟରେ କିପରି ପ୍ରସ୍ତୁତି ଚାଲିଛି ସେ ନେଇ ସମୀକ୍ଷା କରିବେ। ଆସନ୍ତା ଏପ୍ରିଲରୁ ମେ ମଧ୍ୟରେ ଓଡ଼ିଶାରେ ଉଭୟ ବିଧାନସଭା ଓ ଲୋକ ସଭା ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ଉକ୍ତ ନିର୍ବାଚନ ଲାଗି କିପରି ପ୍ରସ୍ତୁତି ଚାଲିଛି ସେସବୁର ସିଇସି ତଦାରଖ କରିବେ। ଏଥିସହିତ ନିର୍ବାଚନ ସହ ଜଡ଼ିତ ବିଭିନ୍ନ ସଂଗଠନ ସହ ଅଲୋଚନା କରିବେ ଏବଂ ସେମାନଙ୍କଠାରୁ କିଛି ତଥ୍ୟ ସଂଗ୍ରହ କରିବେ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁରେନ୍ଦ୍ର କୁମାର କହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ଦିଲ୍ଲୀ ହୋଟେଲରେ ...

ହୋଟେଲର ବାଲକୋନିରେ ଏକ ରେଷ୍ଟୁରାଣ୍ଟ ଚାଲିଥିଲା। ସେଠାରେ କାଠର ଅନେକ ଚୌକି ଟେବୁଲ ଥିବାରୁ ନିଆଁ ଚାରିଆଡେ ବ୍ୟାପିଥିବା କୁହାଯାଉଛି। ଅଗ୍ନିକାଣ୍ଡର ପ୍ରକୃତ କାରଣ ସ୍ପଷ୍ଟ ହୋଇ ନ ଥିଲେ ହେଁ ଶର୍ଟ୍‌ସର୍କିଟ ଯୋଗୁ ନିଆଁ ଲାଗିଥିବା ସନ୍ଦେହ କରାଯାଉଛି। ଦିଲ୍ଲୀ ସରକାର ଏହାର ମାଜିଷ୍ଟ୍ରେଟ୍ ସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ହୋଟେଲ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ଏପରି ଘଟିଥିବା କୁହାଯାଉଛି। ହୋଟେଲର ଅଗ୍ନି ନିରାପତ୍ତା ନେଇ ସପ୍ତାହେ ମଧ୍ୟରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିବା ଗୃହମନ୍ତ୍ରୀ ସତ୍ୟେନ୍ଦ୍ର ଜୈନ କହିଛନ୍ତି। ଅଗ୍ନିକାଣ୍ଡ ପରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ସେଠାକୁ ଯାଇ ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଲେଖାଏ ସହାୟତା ରାଶି ଦେବାକୁ ଘୋଷଣା କରିଛନ୍ତି। ଏହି ଦୁଃଖଦ ଘଟଣା ଯୋଗୁ ଦିଲ୍ଲୀ ସରକାରଙ୍କ ୪ର୍ଥ ବାର୍ଷିକୋତ୍ସବ ପାଳନକୁ ବାତିଲ କରିଦିଆଯାଇଛି। ଅର୍ପିତ ପ୍ୟାଲେସ୍ ହୋଟେଲର ଜରୁରିକାଳୀନ ପ୍ରସ୍ଥାନ ଦ୍ୱାର ଅତ୍ୟନ୍ତ ସଂକୀର୍ଣ୍ଣ ଥିଲା। ଏହା ବନ୍ଦ ପଡ଼ିଥିବାରୁ ନିଆ ଲାଗିବା ପରେ ଲୋକେ ସୁରକ୍ଷିତ ଭାବେ ବାହାରି ପାରି ନ ଥିଲେ ବୋଲି କେନ୍ଦ୍ରମନ୍ତ୍ରୀ ଜେ.କେ. ଆଲଫୋନ୍ସ ଘଟଣାସ୍ଥଳ ପରିଦର୍ଶନ ପରେ ସୂଚନା ଦେଇଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଥିରେ ଶୋକବ୍ୟକ୍ତ କରିବା ସହ ମୃତକଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି।

### ବାଲେଶ୍ୱରରେ ଡବଲ...

ଏପରି କି ତାଙ୍କ ବାପଘରକୁ ମଧ୍ୟ ସେ ଅବଗତ କରାଇଥିଲେ। ଏଥିରେ ଲକ୍ଷ୍ମୀପ୍ରିୟା ରାଜି ନ ହୋଇ ପ୍ରଦୀପ ସହ ଅନୈତିକ ସମ୍ପର୍କ ରଖିଆସୁଥିଲେ। ସୋମବାର ରାତି ପ୍ରାୟ ୧ଟା ବେଳେ ପ୍ରଦୀପ ଏବଂ ଲକ୍ଷ୍ମୀପ୍ରିୟା ଗୋଟିଏ ଘରେ ଶୋଇଥିଲେ। ଏହା ଦେଖି କୈଳାସ ନିଜର ମାନସିକ ଭାରସାମ୍ୟ ହରାଇ ଏକ ଲୁହା ଶାବଳରେ ଉଭୟଙ୍କ ମୁଣ୍ଡକୁ ବାରମ୍ବାର ପିଟି ହତ୍ୟା କରିଥିଲେ। ମଙ୍ଗଳବାର ପୂର୍ବାହ୍ନ ପର୍ଯ୍ୟନ୍ତ ସେ ଏ କଥା କାହାକୁ କିଛି କହି ନ ଥିଲେ। ପ୍ରଥମେ ସେ ତାଙ୍କ ଶ୍ୱଶୁର ଘରକୁ ଫୋନ୍ କରି ଲକ୍ଷ୍ମୀପ୍ରିୟାଙ୍କୁ ହତ୍ୟା କରିଥିବା କଥା କହିବା ସହ ପୋଲିସକୁ ମଧ୍ୟ ଜଣାଇଥିଲେ। ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା।

ଅଭିଯୁକ୍ତ କୈଳାସ କୁହନ୍ତି, ମୋର ଶାରୀରିକ ଅସୁସ୍ଥତାର ସୁଯୋଗ ନେଇ ଲକ୍ଷ୍ମୀପ୍ରିୟା ଅନ୍ୟ ପୁରୁଷଙ୍କ ସହ ଅନୈତିକ ସମ୍ପର୍କ ରଖିଆସୁଥିଲେ। ବାରମ୍ବାର ବାରଣ ସତ୍ତ୍ୱେ ସେ ମାନୁ ନ ଥିଲେ। ଏପରି କି ଅନ୍ୟତ୍ର ବିବାହ କରି ପଳାଇବା ପାଇଁ ବାରମ୍ବାର ବୁଝାଇଥିଲି ବି ସେ ମାନି ନ ଥିଲେ। ଲକ୍ଷ୍ମୀପ୍ରିୟାଙ୍କ ଏଭଳି କାର୍ଯ୍ୟ ପାଇଁ ଆମ ପରିବାରର ସମ୍ମାନ ହାନି ହେବା ସହ ସର୍ବତ୍ର ଅପମାନିତ ହେବାକୁ ପଡୁଥିଲା। ଶେଷରେ କୌଣସି ଉପାୟ ନ ପାଇ ଉଭୟଙ୍କୁ ହତ୍ୟା କରିଛି।

ସହଦେବଖୁଣ୍ଟା ମଡେଲ ଥାନାଧିକାରୀ ଶୁଭ୍ରାଂଶୁ ନାୟକ କହିଛନ୍ତି, ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଘଟଣାଟି ଅନୈତିକ ସମ୍ପର୍କରୁ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

### ୨୧ ଆଇପିଏସ୍, ୮ ଓପିଏସ୍ ...

ମାଲକାନାଗିରି ଏସ୍‌ଡିପିଓ ସର୍ବଣା ବିବେକଙ୍କୁ ରାୟଗଡା ଏସ୍‌ପି, ବାଲିଗୁଡା ଏସ୍‌ଡିପିଓ କୁଲସ୍କର ନୀତିନଙ୍କୁ ନବରଙ୍ଗପୁର ଏସ୍‌ପି, ଏଏସ୍‌ପି କମ୍ ଏଡିସି ଟୁ ଗଭର୍ନର ଥିବା ପ୍ରତ୍ୟୁଷ ଦିବାକରଙ୍କୁ ଏସ୍‌ପି କମ୍ ଏଡିସି ଟୁ ଗଭର୍ନର ଭାବେ ଅବସ୍ଥାପିତ କରାଯାଇଛି। କଟକ ଏସ୍‌ପି (ଇନ୍‌ଚାର୍ଜ) ତଥା ଓପିଏସ୍ ଅଧିକାରୀ ମାଧବ ଚରଣ ସାହୁଙ୍କୁ ଏଆଇଜି (ପର୍ସନାଲ), ଏଆଇଜି (ପର୍ସନାଲ) କେ.କେ. ଡୋଙ୍ଗାୟତଙ୍କୁ କଟକ ଏସ୍‌ଆର୍‌ପି (ଇନ୍‌ଚାର୍ଜ), ଗଜପତି ଏସ୍‌ପି(ଇନ୍‌ଚାର୍ଜ) ଅମୂଲ୍ୟ କୁମାର ଦାଶଙ୍କୁ ଖୋର୍ଦ୍ଧା ଏସ୍‌ପି (ଇନ୍‌ଚାର୍ଜ), ଖୋର୍ଦ୍ଧା ଏସ୍‌ପି (ଇନ୍‌ଚାର୍ଜ) ଦୀପ୍ତିରଞ୍ଜନ ରାୟଙ୍କୁ ଏସ୍‌ପି (ଇନ୍‌ଚାର୍ଜ) ସିଆଇଡି, ଢେଙ୍କାନାଳ ଏସ୍‌ପି ସନ୍ତୋଷ କୁମାର ନାୟକଙ୍କୁ ଏସ୍‌ଆଇଡବ୍ଲ୍ୟୁ ଏସ୍‌ପି(ଇନ୍‌ଚାର୍ଜ) ଭାବେ ବଦଳି କରାଯାଇଛି। ଅନ୍ୟପକ୍ଷରେ ଡିସିପି ମୁଖ୍ୟାଳୟରେ ଅବସ୍ଥାପିତ ଥିବା ପ୍ରାଣଧନ ମହାପାତ୍ରଙ୍କୁ ଡିଜିପି(ଟି) ଅଫିସ, ସିଆଇଡି ସିବି(ଇନ୍‌ଚାର୍ଜ) ରାଧାବିନୋଦ ପାଣିଗ୍ରାହୀଙ୍କୁ କଟକ ଏସ୍‌ପି (ଇନ୍‌ଚାର୍ଜ) ଓ ଏଆଇଜି ମୁଖ୍ୟାଳୟରେ ଅବସ୍ଥାପିତ ଥିବା ରବିନାରାୟଣ ବେହେରାଙ୍କୁ ଡିଜିପି(ଟି) ମୁଖ୍ୟାଳୟକୁ ବଦଳି କରାଯାଇଛି।

### ଲୋକାୟୁକ୍ତ ଅଧ୍ୟକ୍ଷ ...

ସଦସ୍ୟଙ୍କ ନାମ ବୈଠକରେ ଚୂଡାନ୍ତ ହୋଇପାରି ନାହିଁ। ଆସନ୍ତା ମାର୍ଚ୍ଚ ୧୯ରେ ଅନୁଷ୍ଠିତ ହେବାକୁ ଥିବା ପରବର୍ତ୍ତୀ ବୈଠକରେ ଏ ନେଇ ନିଷ୍ପତ୍ତି ନିଆଯିବ ବୋଲି ବିରୋଧୀ ଦଳ ନେତା ନରସିଂହ ମିଶ୍ର କହିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ ଲୋକାୟୁକ୍ତ ଗଠନ ନେଇ ରାଜ୍ୟ ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ସୁପ୍ରିମକୋର୍ଟ କଡା ତାଗିଦ୍ କରିଥିଲେ। ଏ ନେଇ ସତ୍ୟପାଠ ଦାଖଲ କରିବାକୁ ୨୦୧୮ ଜୁଲାଇ ୧୦ରେ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ସୋମବାର ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀ ସୁପ୍ରିମକୋର୍ଟରେ ସତ୍ୟପାଠ ଦାଖଲ କରିଥିଲେ। ମାର୍ଚ୍ଚ ୩୧ ସୁଦ୍ଧା ଅଧ୍ୟକ୍ଷ ନିଯୁକ୍ତି କରିବା ସହ ଏପ୍ରିଲ ୮ରୁ ଲୋକାୟୁକ୍ତ କାର୍ଯ୍ୟକାରୀ କରିବା ପାଇଁ ସତ୍ୟପାଠରେ ଉଲ୍ଲେଖ କରାଯାଇଥିଲା। କେନ୍ଦ୍ରରେ ଲୋକପାଳ ବିଲ୍ ଆଇନରେ ପରିଣତ ହେବା ପରେ ଓଡିଶା ପ୍ରଥମ ରାଜ୍ୟ ଭାବେ ୨୦୧୪ ଫେବୃୟାରୀ ୧୪ରେ ଏହି ବିଲ୍‌କୁ ବିଧାନସଭାରେ ପାରିତ କରିଥିଲା। କିନ୍ତୁ ଏହି ବିଲ୍ ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇବା ପରେ ରାଜ୍ୟ ସରକାର ଏ ନେଇ ବିଜ୍ଞପ୍ତି ପ୍ରକାଶ କରି ନ ଥିଲେ। ସେବେଠାରୁ ରାଜ୍ୟରେ ଲୋକାୟୁକ୍ତ ନିଯୁକ୍ତି ହୋଇ ନ ଥିଲେ। ବିରୋଧୀ କଂଗ୍ରେସ ଓ ଭାଜପା ରାଜ୍ୟରେ ଲୋକପାଳ କିମ୍ବା ଲୋକାୟୁକ୍ତ ନିଯୁକ୍ତି ନେଇ ସରକାର ସ୍ପଷ୍ଟ କରନ୍ତୁ ବୋଲି ଦାବି କରିଥିଲେ। ଏହାକୁ ନେଇ ବିଧାନସଭା ମଧ୍ୟ ଅଚଳ ହୋଇଥିଲା।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

# ମାତୃତ୍ୱ ଲାଭକଲେ ମହିଳାଙ୍କ ଜୀବନ ବଦଳିଯାଏ: ଫାରା

ମୁମ୍ବାଇ

ବଲିଉଡ୍ ଅଭିନେତ୍ରୀ ଏକ୍‌ତା କପୁର ଏକ ପୁତ୍ର ସନ୍ତାନର ମାଆ ହେବା ପରେ ନୃତ୍ୟ ନିର୍ଦ୍ଦେଶିକା ତଥା ଫିଲ୍ମ ନିର୍ମାତା ଫାରା ଖାନ୍ ଖୁବ୍ ଖୁସି ପ୍ରକାଶ କରିଛନ୍ତି। ମାତୃତ୍ୱ ଲାଭ କରିବା ପରେ ମହିଳାଙ୍କ ଜୀବନ ବଦଳିଯାଏ ବୋଲି ସେ କହିଛନ୍ତି। ଏକ୍‌ତାଙ୍କର 'ଶିଶୁ ନାମକରଣ' ଉତ୍ସବରେ ଯୋଗଦେଇ ଫାରା ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଲେ, ତୁଷାର ଏବଂ ଏକ୍‌ତାଙ୍କ ପାଇଁ ସେ ଖୁବ୍ ଖୁସି ଅନୁଭବ କରୁଛନ୍ତି। ୫୪ବର୍ଷ ବୟସ୍କ ବଲିଉଡ୍ ବ୍ୟକ୍ତିତ୍ୱ ଫାରା ଶିରିଷ କୁନ୍ଦରଙ୍କୁ ବିବାହ କରିଛନ୍ତି ଏବଂ ତାଙ୍କର ଜାର, ଦିବା ଏବଂ ଆନ୍ୟା ନାମରେ ୩ ସନ୍ତାନ ଅଛନ୍ତି।



ପ୍ରଯୋଜିକା ଏକ୍‌ତା କପୁର କିଛିଦିନ ତଳେ ସରୋଗେସି ସହାୟତାରେ ଏକ ସନ୍ତାନର ମା' ହୋଇଛନ୍ତି। ସେ ପୁତ୍ରର ନାମ ତାଙ୍କ ପିତା ଜିତେନ୍ଦ୍ରଙ୍କ ମୂଳନାମ 'ରବି କପୁର'ଙ୍କ ନାମାନୁସାରେ ଦେବା ସହିତ ଏଥିରେ ଏକ ଅତିରିକ୍ତ ଇଂଲିଶ ଅକ୍ଷର 'ଇ' ଯୋଡିଛନ୍ତି। ଏହି ନାମ ଦେଇ ସେ ଖୁବ୍ ଖୁସି ଅନୁଭବ କରୁଥିବା କହିଛନ୍ତି। ଉକ୍ତ ଉତ୍ସବରେ ଉପସ୍ଥିତ ଥିଲେ ଜିତେନ୍ଦ୍ର, ତାଙ୍କ ପତ୍ନୀ ଶୋଭା କପୁର, ପୁତ୍ର ଲକ୍ଷ୍ୟ ଏବଂ କ୍ୱାଇଁ ତୁଷାର। ଏତଦ୍ ଭିନ୍ନ ଘନିଷ୍ଠ ବନ୍ଧୁ କରନ୍ ଜୋହର, ତାଙ୍କ ମା' ହିରୁ ଜୋହର, ଅଭିନେତା ଅଭିଷେକ ବଚ୍ଚନ ଏବଂ ଶ୍ୱେତା ବଚ୍ଚନ ଉପସ୍ଥିତ ରହି ଏକ୍‌ତାଙ୍କ ପୁତ୍ରକୁ ଆଶୀର୍ବଚନ ପ୍ରଦାନ କରିଥିଲେ।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167, 9973805993

CO-OPERATIVE INADIA
Co-Operative India ଦ୍ୱାରା P.M.J.S.Y. ର ଲାଭ ଆଧାର କାର୍ଡଧାରୀ ମାନଙ୍କୁ ଦିଆଯାଉଛି। ଏହି ଯୋଜନା ଦ୍ୱାରା ବର୍ଷକୁ 2% ସୁଧ ଏବଂ ସହଜ ମାସିକ କିସ୍ତି ସହ ସମସ୍ତ ପ୍ରକାର ଲୋନ ନେଇ ଆପଣଙ୍କ ଆବଶ୍ୟକତାକୁ ପୂରଣ କରନ୍ତୁ। ବି.ଦ୍ର.- ପୁରୁଷ ମାନଙ୍କୁ 20% ଏବଂ ମହିଳା ମାନଙ୍କୁ 30% ସବସିଡି ମିଳିବ।
Address: Ameerpt, Hyderabad, Pin- 5000106 (Telangana)
7787907927
7787922501
9319932148
Email id- pmjansamridhi@gmail.com

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ, ୭ ଘଣ୍ଟାରେ ଘରେବସି ଗ୍ୟାରେଣ୍ଟେଡ ସମାଧାନ
ଆମ ଇଲମ କିମ୍ବା ଆମଠୁ ଆଗରୁ କାମ କରିଲା ବାଲାକୁ ମନ ଚାହିଁଥିବା ପୁରସ୍କାର
ମହାଗୁରୁ ବଙ୍ଗାଳୀ
ଯଦି କାହା ପତି, ପ୍ରେମୀ କିମ୍ବା ପୁତ୍ର କିମ୍ବା ପ୍ରେମିକା ଆଉ କାହା ବଶରେ ଅଛନ୍ତି ତାହେଲେ ତୁରନ୍ତ ଫୋନ କାରନ୍ତୁ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ସଉତୁଣୀ ଶତ୍ରୁ ମୁକ୍ତି
ଚାକିରୀ, ବ୍ୟବସାୟ, ଅଡଚନ୍, ଗୃହକ୍ଲେଶ, ପତି-ପତ୍ନୀ ଅନବନ, ଶାଶୁ ବୋହୂଙ୍କ ଅନବନ ନିରାଶ ମା, ଭାଇ, ଭଉଣୀ ସମ୍ପର୍କ କରନ୍ତୁ
9997928820

LOAN
ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଫାଇନାନ୍ସ ଧମାକା ୪% ସୁଧରେ ସବୁପ୍ରକାର ବ୍ୟକ୍ତି, ସଂସ୍ଥା କିମ୍ବା ଅନୁଷ୍ଠାନମାନଙ୍କୁ ୬୦ ଲକ୍ଷ ପର୍ଯ୍ୟନ୍ତ ବିନା ଗ୍ୟାରେଣ୍ଟରରେ ୨୦ ବର୍ଷ ପାଇଁ ଋଣ ଯୋଗାଇ ଦିଆଯାଉଛି। ମହିଳା ମାନଙ୍କ ପାଇଁ ୩% ସୁଧା
Email- sixdocuments@gmail.com
B-19, Moti Bagh, New Delhi
7064382081
8658167603

LOAN
ଓଡ଼ିଶାରେ ପ୍ରଥମ ଥର ପାଇଁ ଫାଇନାନ୍ସ ଧମାକା। ବାର୍ଷିକ ୬% ସୁଧରେ ଯେ କୌଣସି ବ୍ୟକ୍ତି, ଅନୁଷ୍ଠାନ ୫୦ ଲକ୍ଷ ପର୍ଯ୍ୟନ୍ତ ସର୍ବାଧିକ ୨୦ ବର୍ଷ ପାଇଁ ଋଣ ନେଇ ପାରିବେ। ମହିଳାମାନଙ୍କ ପାଇଁ ୪% ସୁଧା ଡକ୍ୟୁମେଣ୍ଟ
fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Janata Finance
(Govt. Regd.) (Regd. No.- U6519TN19846)
କମ୍ପାନୀ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ମହିଳା ଗ୍ରୁପ୍ ଋଣ ପାଆନ୍ତୁ କମ୍ ସୁଧରେ। ଆପଣଙ୍କ ପାଇଁ ଆଣିଛୁ ସୁବର୍ଣ୍ଣ ସୁଯୋଗ 2% ସୁଧ, 45% ସରକାରୀ ସବ୍‌ସିଡି।
7497095128
7508116267
T-51, Gali No.8, Gautampuri, Delhi-110053

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ। ଘରେ ବସି ପାଆନ୍ତୁ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

ଲୋନ୍ LOAN
ପର୍ସନାଲ ଲୋନ୍, ହୋମ ଲୋନ୍, ବ୍ୟବସାୟିକ, ପ୍ରୋଜେକ୍ଟ, ମଡ୍‌ଗେଜ, କୃଷି, ସ୍ୱରୋଜଗାର ଲୋନ୍। ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No.15 HB Colony, Lewis Road Bhubaneswar-751002
8987997062

ମୁଦ୍ରିକା ଫାଇନାନ୍ସ ଲୋନ
ପ୍ରତିନିଧି ଓ ଡିଲରଶିପ୍ ସୁଧ 2% ଛାଡ଼ 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7088008550
7618439473
ବାଲେଶ୍ୱର - 7055500110
- 7351444489
କଟକ - 7618439473
ଯାଜପୁର - 7088008550
- 8447055760
ସୁନ୍ଦରଗଡ଼ - 7351004140
- 7055111132
3rd Floor, D.N. Enclave, Meerut, U.P.

LOAN
ଟଙ୍କା ନେଉନ୍ତୁ - ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ୍
ମୁଦ୍ରା ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ବ୍ୟବସାୟ, ରାଶନକାର୍ଡ ପର୍ସନାଲ,ଆଧାର କାର୍ଡ
ସବୁ ପ୍ରକାର ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% - ସୁଧ 40% ରିହାତି
ଠକମାନଙ୍କ ପ୍ରତି ସାବଧାନ - ଯୋଗାଯୋଗ କରନ୍ତୁ -
7310612716, 7310616567
SCO- 106, Second Floor, Vishal Tower, Cannaught Place, Delhi.

S.R. Network
କମ୍ପାନୀ ଦ୍ୱାରା ଜମି, ଛାତ, ଚାଷଜମି, ପ୍ଲଟ୍ ଉପରେ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। ଅଗ୍ରିମ 65 ଲକ୍ଷ, ଭଡ଼ା 42,000/-, ବାଇକ୍ ମାଗଣା। ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ।
ମୋବାଇଲ ନଂ.:
9179208056
8750476936
HNO.31, BLOCK NO.2, VILL. BHUNA, TEHSIL/DISTT.-FATEHABAD

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଙ୍ଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ। ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
9996602452

!! ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର !!
ଭାରତର ପ୍ରସିଦ୍ଧ ଫାଇନାନ୍ସ କମ୍ପାନୀ
ଘରେ ବସି ଋଣ ପାଆନ୍ତୁ 3 ଘଣ୍ଟାରେ ମାର୍କଶିଟ୍, ପର୍ସନାଲ, ଆଧାରକାର୍ଡ ଋଣ 3 ଘଣ୍ଟାରେ ପାଆନ୍ତୁ
2% ସୁଧ 50% ରିହାତି + ସବ୍‌ସିଡି
ଆଧାରକାର୍ଡ ଉପରେ ଋଣ ପାଆନ୍ତୁ
ମା/ଭଉଣୀ/ବେରୋଜଗାର ଭାଇମାନଙ୍କ ପାଇଁ ବିଶେଷ ଅଫର୍
7827094474
7827246964
Add : - 41/14, Sec-1 Pushp Vihar, Delhi


**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

* GST 5% Extra

## ସଂକ୍ଷେପରେ

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ

### ଜୋନାଲ ମ୍ୟାନେଜରଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

**ଭଦ୍ରକ ଅଫିସ, ୧୨।୨:** ଭଦ୍ରକ-ବାଲେଶ୍ୱର କେନ୍ଦ୍ର ସମବାୟ ବ୍ୟାଙ୍କର ଜୋନାଲ ମ୍ୟାନେଜର ଅଜିତ କୁମାର ହୋତାଙ୍କ ଘରେ ମଙ୍ଗଳବାର ପୂର୍ବାହ୍ନରେ ଭିଜିଲାନ୍ସ ଚଢ଼ାଉ ହୋଇଛି। ଏହି ଚଢ଼ାଉ ସନ୍ଧ୍ୟା ପର୍ଯ୍ୟନ୍ତ ଚାଲିଥିଲା। ଭଦ୍ରକ ସହର ମଠସାହି, ସହରର ଉପକଣ୍ଠ ନଳାଙ୍ଗ, ଧୁଷୁରୀ ସ୍ଥିତ ନିଜ ଘର ଓ ଭଦ୍ରକ-ବାଲେଶ୍ୱର କେନ୍ଦ୍ର ସମବାୟ ବ୍ୟାଙ୍କ ସମେତ ଏକକାଳୀନ ୪ଟି ସ୍ଥାନରେ ଭିଜିଲାନ୍ସ ଟିମ୍ ଚଢ଼ାଉ କରିଥିଲା। ବାଲେଶ୍ୱର ଭିଜିଲାନ୍ସ ନିକଟରେ ହୋତାଙ୍କ ବିରୋଧରେ ଅଭିଯୋଗ ହୋଇଥିଲା। ଭିଜିଲାନ୍ସ ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ଭଦ୍ରକ ଭିଜିଲାନ୍ସ ଡିଏସ୍‌ପି ଶରତ କୁମାର ଦାସ ମହାପାତ୍ର ଓ ଇନ୍ସପେକ୍ଟର ସୁଲୋଚନା ନାୟକଙ୍କ ନେତୃତ୍ୱରେ ଏହି ୪ଟି ସ୍ଥାନରେ ଚଢ଼ାଉ ହୋଇଥିଲା। ସୂଚନାଯୋଗ୍ୟ, ହୋତା ଚାକିରିରୁ ଚଳିତ ମାସ ୨୮ ତାରିଖରେ ଅବସର ନେବେ। ରିପୋର୍ଟ ପ୍ରସ୍ତୁତି ସୁଦ୍ଧା ହୋତାଙ୍କର ଗୋଟିଏ ଜେସିବି, ୫ ବାଇକ୍, ୨୭ ଆକାଉଣ୍ଟ, ୨୯ ଲକ୍ଷ ଟଙ୍କା ବ୍ୟାଙ୍କ ବୀମା ସହ ୧୧ଟି ପ୍ଲଟ ଓ ନଗଦ ୨ଲକ୍ଷ ୮୯ ହଜାର ଟଙ୍କା ଠାବ କରାଯାଇଥିବା ଜଣାପଡ଼ିଛି।

### ଢେଙ୍କାନାଳ ୧୨ ଘଣ୍ଟା ବନ୍ଦ

**ଢେଙ୍କାନାଳ ଅଫିସ, ୧୨।୨:** ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ପ୍ରତିବାଦରେ ଭାଜପା ପକ୍ଷରୁ ମଙ୍ଗଳବାର ୧୨ ଘଣ୍ଟିଆ ଢେଙ୍କାନାଳ ବନ୍ଦ ପାଳିତ ହୋଇଛି। ସକାଳ ୬ଟାରୁ ସନ୍ଧ୍ୟା ୬ଟା ଯାଏ ବନ୍ଦ ପ୍ରଭାବ ଅନୁଭୂତ ହୋଇଥିବାବେଳେ ସହରରେ ପ୍ରଭାବିତ ହୋଇଥିଲା ଜୀବନଯାତ୍ରା। ଭାଜପା ନେତା ଏବଂ କର୍ମୀମାନେ କୋରିଆଁ ବାଇପାସ୍ ଛକ, ବାଜିଚୌକ, କଲେଜ ବାଇପାସ ଛକରେ ଜାତୀୟ ରାଜପଥ ଅବରୋଧ କରିଥିଲେ। ପୂର୍ବାହ୍ନରେ ପିକେଟିଂ କରି ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ, ଔଷଧ ଦୋକାନ, ବ୍ୟାଙ୍କ, ସରକାରୀ, ବେସରକାରୀ କାର୍ଯ୍ୟାଳୟ, କୋର୍ଟ, ଯାନବାହନ ବନ୍ଦ କରିଥିଲେ। ଜିଲା କାର୍ଯ୍ୟାଳୟର ଉଭୟ ଫାଟକ ବାହାରୁ ତାଲା ପକାଇ ଦେଇଥିଲେ। ସିଭିଲ କୋର୍ଟକୁ ଆସୁଥିବା ବିଚାରପତିଙ୍କୁ ପ୍ରବେଶ କରିବାକୁ ଦେଇ ନ ଥିଲେ। ବନ୍ଦ ଯୋଗୁ ସହର ଉପକଣ୍ଠ ଜାତୀୟ ରାଜପଥରେ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଭାଜପାର ବରିଷ୍ଠ ନେତାମାନେ ବଜାର ରାସ୍ତା ଉପରେ କ୍ରିକେଟ ଖେଳୁଥିବା ଦେଖିବାକୁ ମିଳିଥିଲା। ପୂର୍ବତନ ରାଜ୍ୟ ସଭା ସଦସ୍ୟ ରୁଦ୍ର ନାରାୟଣ ପାଣି, ପୂର୍ବତନ ବିଧାୟକ ତଥା ରାଜ୍ୟ ଓବିସି ମୋର୍ଚ୍ଚା ସଭାପତି କୃଷ୍ଣଚନ୍ଦ୍ର ପାତ୍ର, କୃଷକ ମୋର୍ଚ୍ଚା ଉପସଭାପତି ରାମଚନ୍ଦ୍ର ପାତ୍ର, ସୁନୀଲ ଶର୍ମା, ନବକିଶୋର ଗୁରୁ, ଜିଲା ଯୁବମୋର୍ଚ୍ଚା ସଭାପତି ପଦ୍ମଚରଣ ସାହୁ ପ୍ରମୁଖ ଶୋଭାଯାତ୍ରାରେ ସହର ପରିକ୍ରମା କରି ଜିଲା କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ପ୍ରତିବାଦ କରିଥିଲେ।




### ଯାତ୍ରୀଙ୍କ ସୁବିଧା ବ୍ୟବସ୍ଥା ଯାଞ୍ଚ କଲା ପିଏସି

**କଟକ ଅଫିସ୍, ୧୨।୨:** କଟକ ରେଳ ଷ୍ଟେଶନ, ଭୁବନେଶ୍ୱର ନ୍ୟୁ ଏବଂ ନରାଜ ପିଏଚ୍‌ରେ ଯାତ୍ରୀଙ୍କ ସୁବିଧା ପାଇଁ ଥିବା ସମସ୍ତ ବ୍ୟବସ୍ଥାକୁ ଯାଞ୍ଚ କରିଛି ରେଲୱେ ବୋର୍ଡ ପାସେଞ୍ଜର ଏମିନିଟି କମିଟି(ପିଏସି)। ପିଏସି ସଦସ୍ୟ ହିମାଦ୍ରୀ ବଳଙ୍କ ନେତୃତ୍ୱରେ ଏକ ଟିମ୍ ମଙ୍ଗଳବାର ସକାଳେ ଭୁବନେଶ୍ୱର ନ୍ୟୁ ଏବଂ ନରାଜ ପିଏଚ୍ ଯାଞ୍ଚ କରିବା ପରେ ମଧ୍ୟାହ୍ନରେ କଟକ ପହଞ୍ଚିଥିଲେ। ସେମାନେ ରେଳ ଷ୍ଟେଶନ, ପ୍ରବେଶ ପଥ, ଟିକେଟ୍ କାଉଣ୍ଟର, ଯାତ୍ରୀ ପ୍ରତୀକ୍ଷାଳୟ, ଶୌଚାଳୟ, ଡର୍ମିଟୋରୀ, ପାନୀୟ ଜଳ ବ୍ୟବସ୍ଥା ଆଦି ବୁଲି ଦେଖିଥିଲେ।




# ଶ୍ରୀମନ୍ଦିର ଭାବମୂର୍ତ୍ତି କ୍ଷୁଣ୍ଣ କରିଛି ବିଶୃଙ୍ଖଳା

## ସୁଧାରିବାକୁ ଶଙ୍କରାଚାର୍ଯ୍ୟଙ୍କ ଉଦ୍ୟମ

**ପୁରୀ ଅଫିସ,୧୨।୨**

ଶ୍ରୀମନ୍ଦିର ପରିଚାଳନା ଏବେ ଦିଶାହୀନ ହୋଇପଡିଛି। ବିଭ୍ରାଟ, ବିଶୃଙ୍ଖଳା ବଢି ଚାଲିଛି। ଆଗକୁ ଯଦି ଏପରି ଧାରା ଜାରି ରହେ ତେବେ ଏହି ମହାନ୍ ଆଧ୍ୟାତ୍ମିକସ୍ଥଳ ପ୍ରତି ଆସ୍ଥା ଓ ବିଶ୍ୱାସ ତୁଟିଯିବ। ତେଣୁ ତୁରନ୍ତ ଶ୍ରୀମନ୍ଦିରର ଶୋଧନ ଆବଶ୍ୟକ। ଏହାକୁ ଗୁରୁତର ସହ ଉପଲବ୍ଧି କରି ଶ୍ରୀମନ୍ଦିରରେ ସୁଧାର ଆଣିବାକୁ ଉଦ୍ୟମ କରିଛନ୍ତି ଗୋବର୍ଦ୍ଧନ ପୀଠର ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ। ବର୍ତ୍ତମାନ କୁମ୍ଭମେଳାରେ ଥିବା ଶଙ୍କରାଚାର୍ଯ୍ୟ ଶ୍ରୀମନ୍ଦିରରେ ସୁଧାର ଆଣିବା ଲାଗି ଏକ ଭିଡିଓ ବାର୍ତ୍ତା ପଠାଇଛନ୍ତି। ଏ ନେଇ ମଙ୍ଗଳବାର ଗୋବର୍ଦ୍ଧନ ପୀଠରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମଠ ମୁଖପାତ୍ର ମନୋଜ ରଥ ଶଙ୍କରାଚାର୍ଯ୍ୟଙ୍କ ଏହି ବାର୍ତ୍ତା ସମ୍ପର୍କରେ ସୂଚନା ଦେଇଥିଲେ।

ରଥ କହିଥିଲେ, ଶିକ୍ଷା, ରକ୍ଷା, ସଂସ୍କୃତି, ସେବା, ଧର୍ମ ଏବଂ ମୋକ୍ଷର କେନ୍ଦ୍ର ହେଉଛି ଶ୍ରୀମନ୍ଦିର। ହେଲେ ଦୀର୍ଘ ସମୟ ଧରି ଏଠାରେ ଚାଲିଥିବା ଅବ୍ୟବସ୍ଥା, ବିଶୃଙ୍ଖଳା ସମୟେ ସମୟେ ଭକ୍ତଙ୍କ ମନରେ ଆଘାତ ପହଞ୍ଚାଇଛି। ବିଶ୍ୱସ୍ତରୀୟ ଏହି ଆଧ୍ୟାତ୍ମିକ କେନ୍ଦ୍ରର ଭାବମୂର୍ତ୍ତିକୁ ମଧ୍ୟ କ୍ଷୁଣ୍ଣ କରିଛି। ତେଣୁ ଶ୍ରୀମନ୍ଦିରରେ ସୁଧାର ଆଣିବା ଲାଗି ଗୋବର୍ଦ୍ଧନ ପୀଠର ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ଏକ ପଦକ୍ଷେପ ନେଇଛନ୍ତି। ଓଡ଼ିଶା ତଥା ଓଡ଼ିଶା ବାହାରୁ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷଙ୍କୁ ଡାକି ସଦ୍‌ଭାବପୂର୍ଣ୍ଣ ଆଲୋଚନା କରିବାକୁ ନିଷ୍ପତ୍ତି ନେଇଛନ୍ତି। ଶଙ୍କରାଚାର୍ଯ୍ୟଙ୍କ ଭାବନା ଅନୁଯାୟୀ ଶ୍ରୀମନ୍ଦିରକୁ ସୁଧାରିବାରେ ୩ଟି ତନ୍ତ୍ର ପ୍ରମୁଖ ଅଟନ୍ତି। ସେମାନେ ହେଲେ ଓଡ଼ିଶା ସରକାର, ଶ୍ରୀମନ୍ଦିର ପରିଚାଳନା କମିଟି ଏବଂ ସେବାୟତ। ଏହି ୩ ତନ୍ତ୍ର ମଧ୍ୟରେ ଯଦି ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ଏବଂ ଉତ୍ତମ ସମନ୍ୱୟ ରୁହେ ତେବେ ଶ୍ରୀମନ୍ଦିର ନିଶ୍ଚିତ ବିଶ୍ୱର ଏକ ପ୍ରମୁଖ ଆଧ୍ୟାତ୍ମିକ କେନ୍ଦ୍ର ଭାବେ ଉଦ୍‌ଭାସିତ ହୋଇପାରିବ। କିନ୍ତୁ ଶ୍ରୀମନ୍ଦିର ବ୍ୟବସ୍ଥାରେ ଯେଉଁ ଦ୍ରୁତ ଅବକ୍ଷୟ ଘଟୁଛି ତାହାର ପରିସମାପ୍ତି ଲାଗି ଶଙ୍କରାଚାର୍ଯ୍ୟ ଆସନ୍ତା ୧୭ ତାରିଖରେ ଗୋବର୍ଦ୍ଧନ ମଠରେ ଏକ ଉଚ୍ଚସ୍ତରୀୟ ବୈଠକ ଡାକିଛନ୍ତି। ଏଥିରେ ଗଜପତି ମହାରାଜା, ଓଡ଼ିଶାର ମୁଖ୍ୟମନ୍ତ୍ରୀ, ହାଇକୋର୍ଟ ମୁଖ୍ୟ ବିଚାରପତି, ଦେବୋତ୍ତର କମିଶନର, ଆଇନମନ୍ତ୍ରୀ, ଆଇନ ବିଭାଗ ସଚିବ, ଓଡ଼ିଶା ହାଇକୋର୍ଟ ଓକିଲ ସଂଘ ସଭାପତି ଓ ସମ୍ପାଦକ, ପୁରୀ ଓକିଲ ସଂଘ ସଭାପତି ଓ ସମ୍ପାଦକ, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ, ମୁଖ୍ୟ ପ୍ରଶାସକ ପ୍ରମୁଖଙ୍କୁ ନିମନ୍ତ୍ରଣ କରାଯାଇଛି। ଏହାବ୍ୟତୀତ ଶ୍ରୀମନ୍ଦିର ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ଯେଉଁ ବୁଦ୍ଧିଜୀବୀମାନେ ଅଗ୍ରଣୀ ରହି ଆସିଛନ୍ତି ସେମାନଙ୍କୁ ମଧ ଏହି ବୈଠକରେ ଯୋଗଦେବାକୁ ନିମନ୍ତ୍ରଣ କରାଯାଇଛି। ଶ୍ରୀମନ୍ଦିର ସଂସ୍କାର ମାମଲାରେ ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ନୂତନ ଆମିକସ୍ କ୍ୟୁରିଙ୍କୁ ମଧ ଏ ନେଇ ସୂଚନା ଦିଆଯାଇଛି। ଶ୍ରୀମନ୍ଦିର ପୁନର୍ବାର ଏକ ବିଶ୍ୱସ୍ତରୀୟ ଆଧ୍ୟାତ୍ମିକ କେନ୍ଦ୍ର ଭାବେ ଉଦ୍‌ଭାସିତ ହେଉ ଏହା ହିଁ ଏହି ବୈଠକର ମୁଖ୍ୟ ଲକ୍ଷ୍ୟ।


ମଠ ମୁଖପାତ୍ର ମନୋଜ ରଥ।

ଗତ ୭୦ ବର୍ଷରେ ବିଭିନ୍ନ ସରକାର ଆସିଛନ୍ତି ଯାଇଛନ୍ତି। ଶ୍ରୀମନ୍ଦିରର ବିଭିନ୍ନ ସମସ୍ୟା ନେଇ ଏକାଧିକ ତଦନ୍ତ କମିଶନ ବସିଛି। ହାଇକୋର୍ଟ ଏବଂ ସୁପ୍ରିମ୍‌କୋର୍ଟ ପର୍ଯ୍ୟନ୍ତ କଥା ଯାଇଛି। ହେଲେ ଫଳାଫଳ ଶୂନ ବୋଲି ଅନୁଭବ ହେଉଛି। ତେଣୁ ଶଙ୍କରାଚାର୍ଯ୍ୟ ଏଭଳି ଏକ ପ୍ରୟାସ ଆରମ୍ଭ କରିବାକୁ ଯାଉଛନ୍ତି। ଯଦି ମୁଖ୍ୟମନ୍ତ୍ରୀ କିମ୍ବା ହାଇକୋର୍ଟର ମୁଖ୍ୟ ବିଚାରପତି ଆସି ନ ପାରନ୍ତି ସେମାନେ ତାଙ୍କର ପ୍ରତିନିଧି ପଠାଇବାକୁ ପତ୍ରରେ ଉଲ୍ଲେଖ କରାଯାଇଛି ବୋଲି ମଠର ମୁଖପାତ୍ର ରଥ କହିଥିଲେ।

■ ଚିଟ୍‌ଫଣ୍ଡ କମିଶନଙ୍କ ଷଷ୍ଠ ଅନ୍ତରୀଣ ରିପୋର୍ଟ

# ପ୍ରକ୍ରିୟା ଶେଷ ହେବାକୁ ୨ ବର୍ଷରୁ ଅଧିକ ସମୟ ଲାଗିବ

**କଟକ ଅଫିସ,୧୨।୨**

ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତମାନଙ୍କୁ ଟଙ୍କା ଫେରସ୍ତ ପାଇଁ ସମୟ ଲାଗିବ। ଫେରସ୍ତ ପ୍ରକ୍ରିୟା ଶେଷ ହେବାକୁ ଅତିକମ୍‌ରେ ଆଉ ୨ରୁ ୩ ବର୍ଷ ଲାଗିପାରେ ବୋଲି କହିଛନ୍ତି ନ୍ୟାୟିକ ତଦନ୍ତ କରୁଥିବା ଜଷ୍ଟିସ ମଦନ ମୋହନ ଦାସ। ଆହୁରି ପ୍ରାୟ ଅଢେଇ ଲକ୍ଷ ସତ୍ୟପାଠ ଅନୁଧ୍ୟାନ କରିବାକୁ ରହିଛି। ମଙ୍ଗଳବାର କମିଶନଙ୍କ ପକ୍ଷରୁ ଷଷ୍ଠ ଅନ୍ତରୀଣ ରିପୋର୍ଟ ସରକାରଙ୍କ ଗୃହ ବିଭାଗ ନିକଟରେ ଦାଖଲ ହୋଇଛି। ୧୬ ହଜାର ପୃଷ୍ଠା ସମ୍ବଳିତ ଏହି ଅନ୍ତରୀଣ ରିପୋର୍ଟରେ ୧ ଲକ୍ଷ ୪୩ ହଜାର ୪୬୩ କ୍ଷୁଦ୍ର ଜମାକାରୀଙ୍କୁ ଚିହ୍ନଟ କରାଯାଇଛି। ଗତବର୍ଷ ଜୁନରୁ ଡିସେମ୍ବର ଶେଷ ସୁଦ୍ଧା ହୋଇଥିବା ତଦନ୍ତ ଆଧାରରେ ଏହି ରିପୋର୍ଟ ପ୍ରସ୍ତୁତ ହୋଇଛି। ତେବେ ଷଷ୍ଠ ପର୍ଯ୍ୟାୟରେ କମିଶନଙ୍କ କାର୍ଯ୍ୟାଳୟ ପକ୍ଷରୁ ଅର୍ଥ ଫେରସ୍ତ କରାଯାଇଛି। ମୋଟ ଉପରେ ୬ଟି ପର୍ଯ୍ୟାୟରେ ୩ ଲକ୍ଷ ୬୧ ହଜାର ୮୧୭ ଜଣ କ୍ଷୁଦ୍ର ଜମାକାରୀ ଚିହ୍ନଟ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଅଦ୍ୟାବଧି ୧୭୧୪ ଜଣଙ୍କୁ ଟଙ୍କା ଫେରସ୍ତ ଦିଆଯାଇଛି। ଏହାବାଦ ଯେଉଁସବୁ ଚିଟ୍‌ଫଣ୍ଡ ସଂସ୍ଥାର ସମ୍ପତ୍ତି ଜବତ ହୋଇଛି, ତାହାକୁ ନିଲାମ କରାଯାଇ ଲବ୍ଧ ଅର୍ଥକୁ ଜମାକାରୀଙ୍କ ମଧ୍ୟରେ ବଣ୍ଟନ କରିବା ନିମନ୍ତେ କ'ଣ ସବୁ ପଦକ୍ଷେପ ଆବଶ୍ୟକ ସେ ସମ୍ପର୍କରେ ମଧ ସରକାରଙ୍କୁ କମିଶନଙ୍କ ପକ୍ଷରୁ ଅବଗତ କରାଯାଇଛି। କମିଶନଙ୍କ ପକ୍ଷରୁ କ୍ଷୁଦ୍ର (୧୦ ହଜାର ଟଙ୍କାରୁ କମ୍) ହରାଇଥିବା ଜମାକାରୀଙ୍କୁ ଚିହ୍ନଟ ଚାଲିଛି। ଏହା ପରେ ବୃହତ୍ ଜମାକାରୀ ଅର୍ଥାତ୍ ୧୦ ହଜାର ଟଙ୍କାରୁ ଅଧିକ ଅର୍ଥ ଜମା କରିଥିବା କ୍ଷତିଗ୍ରସ୍ତଙ୍କୁ ଚିହ୍ନଟ କରାଯିବ। ସୂଚନାଯୋଗ୍ୟ ରାଜ୍ୟର ବହୁ ଚର୍ଚ୍ଚିତ ଚିଟ୍‌ଫଣ୍ଡ ଦୁର୍ନୀତିର ତଦନ୍ତ ପାଇଁ ସରକାର ୨୦୧୩ ଜୁଲାଇରେ ଏହାର ନ୍ୟାୟିକ ତଦନ୍ତ ଆଦେଶ ଦେଇଥିଲେ। ଚିଟ୍‌ଫଣ୍ଡ କମିଶନଙ୍କ ଅବଧି ଫେବୃୟାରୀ ୪ ରେ ଶେଷ ହୋଇଥିବାବେଳେ ସରକାର ଏହି ଅବଧିକୁ ଆଉ ୬ ମାସ ପାଇଁ ବୃଦ୍ଧି କରିଛନ୍ତି।

# ସେବାଶ୍ରମ ଛାତ୍ରୀଙ୍କୁ ବଳାତ୍କାର

**ବାରିପଦା ଅଫିସ,୧୨।୨**

ମୟୂରଭଞ୍ଜରେ ପୁଣି ଲଜ୍ଜା। ଗତ ୮ ଦିନ ମଧ୍ୟରେ ଜଣେ ସେବାଶ୍ରମ ଛାତ୍ରୀ ଗର୍ଭବତୀ ହେବା ଓ ଆଉ ୨ ଛାତ୍ରୀ ବଳାତ୍କାର ଶିକାର ହୋଇଥିବା ଘଟଣା ସାଧାରଣରେ ଆଲୋଡ଼ନ ସୃଷ୍ଟି କରିଥିଲା। ଏସବୁ ଘଟଣା ମନରୁ ନ ଲିଭୁଣୁ ପୁଣି ଜଣେ ଛାତ୍ରୀ ବଳାତ୍କାରର ଶିକାର ହେବା ଘଟଣା ସାମ୍ନାକୁ ଆସିଛି। ସେବାଶ୍ରମରେ ରହି ପାଠପଢୁଥିବା ସମ୍ପୃକ୍ତ ଛାତ୍ରୀଙ୍କୁ ଜଣେ ଦଶମ ଶ୍ରେଣୀ ଛାତ୍ର ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଏହି ଘଟଣା ପରେ ସେବାଶ୍ରମ କେତେ ସୁରକ୍ଷିତ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟିକରିଛି।

ଅଭିଯୋଗ ଅନୁଯାୟୀ ବାରିପଦା ସଦର ଥାନା ଅଧୀନ ପାଇକବସା ଅଞ୍ଚଳର ଏକ ଆଶ୍ରମ ସ୍କୁଲରେ ରହି ଜଣେ ଛାତ୍ରୀ ଅଷ୍ଟମ ଶ୍ରେଣୀରେ ପଢୁଥିଲେ। ଗତ ସରସ୍ୱତୀ ପୂଜା ଦିନ ଅନ୍ୟ ସ୍କୁଲର ଜଣେ ଦଶମ ଶ୍ରେଣୀର ଛାତ୍ର ତାଙ୍କୁ କୌଶଳକ୍ରମେ ବଳାତ୍କାର କରିଥିବା ମଙ୍ଗଳବାର ବାରିପଦା ସଦର ଥାନାରେ ଅଭିଯୋଗ ହୋଇଛି। ଏନେଇ ବାରିପଦା ସଦର ପୋଲିସ ଏକ ମାମଲା(ନଂ.୧୦/୧୯) ରୁଜୁ କରି ତଦନ୍ତ କରୁଥିବା ଥାନା ଅଧିକାରୀ ସ୍ୱର୍ଣ୍ଣଲତା ମିଞ୍ଜ କହିଛନ୍ତି।




# ରାଜ୍ୟରେ ପ୍ରତିଷ୍ଠା ହେବ ୨୦୦ ଅଣ୍ଡାଦିଆ କୁକୁଡ଼ା ଫାର୍ମ



ଅଣ୍ଡାଦିଆ କୁକୁଡ଼ା ପାଳନ ସମ୍ପର୍କିତ ରାଜ୍ୟସ୍ତରୀୟ କର୍ମଶାଳାରେ ମଞ୍ଚାସୀନ ଅତିଥି।

**ଭୁବନେଶ୍ୱର,୧୨।୨(ବ୍ୟୁରୋ)**

- ■ ୯୦ ହଜାର ଟଙ୍କାର ବ୍ୟୟ ଅଟକଳ
- ■ ଓଡ଼ିଶାରେ ଦୈନିକ ଆବଶ୍ୟକ ୮୦ ଲକ୍ଷ ଅଣ୍ଡା
- ■ ଉତ୍ପାଦିତ ହେଉଛି ୬୪ ଲକ୍ଷ

ଭାରତରେ ବାର୍ଷିକ ମୁଣ୍ଡପିଛା ୬୯ଟି ଅଣ୍ଡା ଉପଲବ୍ଧ ହେଉଥିବା ବେଳେ ଓଡ଼ିଶାରେ ମୁଣ୍ଡପିଛା ୪୬ଟି ଅଣ୍ଡା ଉପଲବ୍ଧ ହେଉଛି। ବର୍ଦ୍ଧିତ ଜନସଂଖ୍ୟା ଏବଂ ବିଦ୍ୟାଳୟ ମଧ୍ୟାହ୍ନଭୋଜନରେ ଅଣ୍ଡା ଦିଆଯାଉଥିବା ହେତୁ ରାଜ୍ୟରେ ଦିନକୁ ୮୦ଲକ୍ଷ ଅଣ୍ଡାର ଆବଶ୍ୟକତା ରହିଛି। କିନ୍ତୁ ଏବେ ୬୪ଲକ୍ଷ ଅଣ୍ଡା ଉତ୍ପାଦିତ ହେଉଥିବା ପ୍ରାଣୀ ସମ୍ପଦ ଓ ପ୍ରାଣୀ ପାଳନ ନିର୍ଦ୍ଦେଶକ ରତ୍ନାକର ରାଉତ କହିଛନ୍ତି। ମଙ୍ଗଳବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଅଣ୍ଡାଦିଆ କୁକୁଡ଼ା ପାଳନ ସମ୍ପର୍କିତ ରାଜ୍ୟସ୍ତରୀୟ କର୍ମଶାଳାରେ ଯୋଗଦେଇ ସେ ଏହା କହିଛନ୍ତି।

ରାଜ୍ୟରେ ଆବଶ୍ୟକ ଅଣ୍ଡା ଉତ୍ପାଦନ ନିମନ୍ତେ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି। ଏହି ପରିପ୍ରେକ୍ଷୀରେ ଗ୍ରାମୀଣ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ଛୋଟ ଛୋଟ ୨୦୦ଟି ଅଣ୍ଡାଦିଆ କୁକୁଡ଼ା ଫାର୍ମ ପ୍ରତିଷ୍ଠା କରାଯିବ। ଏଥିପାଇଁ ୯୦ହଜାର ଟଙ୍କାର ବ୍ୟୟ ଅଟକଳ କରାଯାଇଛି, ଯାହାମଧ୍ୟରୁ ସରକାର ପ୍ରତ୍ୟେକ ଫାର୍ମ ପିଛା ୫୪ହଜାର ଟଙ୍କାର ରିହାତି ବ୍ୟବସ୍ଥା କରିଛନ୍ତି। ଅବଶିଷ୍ଟ ୪୦ଭାଗ ଅର୍ଥାତ୍ ୩୬ହଜାର ଟଙ୍କା ଗୋଷ୍ଠୀ ନିଜସ୍ୱ ପାଣ୍ଠି କିମ୍ବା ବ୍ୟାଙ୍କଋଣ ମାଧ୍ୟମରେ ଫାର୍ମ ପ୍ରତିଷ୍ଠା କରିପାରିବେ। ଏହାଦ୍ୱାରା ପ୍ରତିଦିନ ପ୍ରାୟ ୨ଲକ୍ଷ ଅଣ୍ଡା ଉତ୍ପାଦନ ହୋଇପାରିବ। ୨୦୨୧-୨୨ ଆର୍ଥିକ ବର୍ଷ ସୁଦ୍ଧା ଦୈନିକ ପାଖାପାଖି ୯୦ଲକ୍ଷ ଅଧିକ ଅଣ୍ଡା ଉତ୍ପାଦନ ହୋଇପାରିବ। ଏଥିନିମନ୍ତେ ପ୍ରତି ମହିଳା ଗୋଷ୍ଠୀଙ୍କୁ କୁକୁଡ଼ା ପାଳନ ନିମନ୍ତେ ତାଲିମ ପ୍ରଦାନର ବ୍ୟବସ୍ଥା କରାଯାଇଛି ବୋଲି ରତ୍ନାକର ରାଉତ ସୂଚନା ଦେଇଛନ୍ତି। କର୍ମଶାଳାରେ ମିଶନ ଶକ୍ତି କମିଶନର ତଥା ନିର୍ଦ୍ଦେଶକ ସୁଜାତା ଆର୍. କାର୍ତ୍ତିକେୟନ୍ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସେ କହିଥିଲେ, କୃଷକମାନଙ୍କ ଆୟକୁ ବହୁଗୁଣିତ କରିବା ଦିଗରେ ଗୋପାଳନ, କୁକୁଡ଼ା ପାଳନ, ମତ୍ସ୍ୟଚାଷ ଆଦି ଆନୁଷଙ୍ଗିକ କୃଷିର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି। ଅଣ୍ଡାଦିଆ କୁକୁଡ଼ା ପାଳନ ଦ୍ୱାରା ଗ୍ରାମାଞ୍ଚଳ ଲୋକଙ୍କର ପୁଷ୍ଟିସାର ଆବଶ୍ୟକତା ପୂରଣ ହେବା ସାଙ୍ଗକୁ କ୍ଷୁଦ୍ର ଓ ଅତି କ୍ଷୁଦ୍ର ଚାଷୀ ଏବଂ ମହିଳା ଚାଷୀମାନଙ୍କର ଆର୍ଥିକ ମାନଦଣ୍ଡ ବୃଦ୍ଧି ପାଇବ। ଛାତ୍ରୀଛାତ୍ରଙ୍କ ଶାରୀରିକ ଓ ମାନସିକ ବିକାଶ ପାଇଁ ଅଣ୍ଡାଜାତୀୟ ପୁଷ୍ଟିସାର ଖାଦ୍ୟର ଆବଶ୍ୟକତା ଥିବାବେଳେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଥିବା କୁକୁଡ଼ା ଫାର୍ମର ଉତ୍ପାଦିତ ଅଣ୍ଡାକୁ ବିଦ୍ୟାଳୟ ମଧ୍ୟାହ୍ନଭୋଜନରେ ଦିଆଯାଇପାରିବ। ସେହିଭଳି ଏହି ପ୍ରକଳ୍ପ ମାଧ୍ୟମରେ ୨୦୧୮-୧୯ ବର୍ଷରେ ରାଜ୍ୟରେ ୧୬୦୦ ଗ୍ରାମୀଣ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଚୟନ କରାଯାଇ ଅଣ୍ଡାଦିଆ କୁକୁଡ଼ା ଫାର୍ମ ପ୍ରତିଷ୍ଠା ନିମନ୍ତେ ଆର୍ଥିକ ସହାୟତା ଯୋଗାଇ ଦିଆଯିବ। ୪ ବର୍ଷ ମଧ୍ୟରେ ୭୦୦୦ ଗୋଷ୍ଠୀଙ୍କୁ ଏହି ଯୋଜନାରେ ସାମିଲ କରାଯିବ। ଏହାଦ୍ୱାରା ମହିଳାମାନେ ଘରେ ରହି କାମ କରିବାର ସୁବିଧା ପାଇପାରିବେ ବୋଲି କାର୍ତ୍ତିକେୟନ୍ କହିଥିଲେ।

କର୍ମଶାଳାରେ ଆପିକଲର ପରିଚାଳନା ନିର୍ଦ୍ଦେଶକ ଡ. ଶୁଭ୍ରେନ୍ଦୁ ଶେଖର ଦେ, ମିଶନ ଶକ୍ତି ଯୁଗ୍ମ ସଚିବ ସୁଧାଂଶୁ ଶେଖର ନାୟକ ପ୍ରମୁଖ ଉଦ୍‌ବୋଧନ ଦେଇ ରାଜ୍ୟରେ ଅଣ୍ଡାର ଚାହିଦା ସବୁବେଳେ ରହିଛି ଓ ପ୍ରତିଦିନ ଏହା ବୃଦ୍ଧି ପାଉଛି ବୋଲି କହିଥିଲେ। ପ୍ରାଣୀସମ୍ପଦ ବିକାଶ ବିଭାଗ ଏବଂ ମିଶନ ଶକ୍ତି ବିଭାଗର ବହୁ ବରିଷ୍ଠ ଅଧିକାରୀଙ୍କ ସହ ଜିଲାସ୍ତରୀୟ ଓ କ୍ଷେତ୍ରସ୍ତରୀୟ ଅଧିକାରୀମାନେ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

## ସଂକ୍ଷେପରେ

### ଶିକ୍ଷୟିତ୍ରୀଙ୍କ ଠାରୁ ଲୁଟ୍, ଜେଲ ଗଲେ ଯୁବକ

**ଗୋପାଳପୁର,୧୨।୨:** ଜଣେ ଶିକ୍ଷୟିତ୍ରୀଙ୍କୁ ରାସ୍ତାରେ ଅଟକାଇ ମୋବାଇଲ ଓ ହ୍ୟାଣ୍ଡବ୍ୟାଗ ଛଡ଼ାଇ ନେବା ଅଭିଯୋଗରେ ଗୋପାଳପୁର ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ମଙ୍ଗଳବାର ଅପରାହ୍ନରେ କୋର୍ଟଚାଲାଣ କରିଛନ୍ତି। ଯୁବକ ଜଣକ ହେଲେ କାକଟପୁରର ଅମିତ ପାତ୍ର। ବିଶ୍ୱବିଦ୍ୟାଳୟ ପରିସରସ୍ଥ ହାଇସ୍କୁଲରେ କାକଟପୁର ଅଞ୍ଚଳର ମଧୁସ୍ମିତା ରାୟ ଶିକ୍ଷୟିତ୍ରୀ ଅଛନ୍ତି। ଚଳିତ ମାସ ୮ ତାରିଖରେ ମଧୁସ୍ମିତା ସ୍କୁଲରୁ ଘରକୁ ଫେରୁଥିବାବେଳେ ଡିଅର ପାର୍କ ନିକଟରେ ଅମିତ ତାଙ୍କୁ ଅଟକାଇ ଧମକ ଚମକ ଦେବାସହ ମୋବାଇଲ ଫୋନ ଓ ହ୍ୟାଣ୍ଡବ୍ୟାଗ ଛଡ଼ାଇ ନେଇ ଚମ୍ପଟ ମାରିଥିଲେ। ଏନେଇ ମଧୁସ୍ମିତା ବିଶ୍ୱବିଦ୍ୟାଳୟ ଫାଣ୍ଡିରେ ଅଭିଯୋଗ କରିଥିଲେ। ନଂ.୧୬/୧୯ରେ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଚଳାଇଥିଲା। ସୋମବାର ଅପରାହ୍ନରେ କାକଟପୁରରେ ଅମିତ ରହୁଥିବା ଖବର ପାଇ ସେଠାରେ ପୋଲିସ ଚଢ଼ାଉ କରି ଅମିତଙ୍କୁ କାବୁ କରିବା ସହ ତାଙ୍କଠାରୁ ଚୋରି ଯାଇଥିବା ମୋବାଇଲ ଓ ହ୍ୟାଣ୍ଡବ୍ୟାଗ ଜବତ କରି କୋର୍ଟ ଚାଲାଣ କରିଛି।

### ଗୋପାଳପୁର କଂଗ୍ରେସ କର୍ମୀ ସମ୍ମିଳନୀ

**ବ୍ରହ୍ମପୁର ଅଫିସ,୧୨।୨:** ଗୋପାଳପୁର ନିର୍ବାଚନ ମଣ୍ଡଳୀର କଂଗ୍ରେସ କର୍ମୀ ସମ୍ମିଳନୀ ମଙ୍ଗଳବାର ରଙ୍ଗେଇଲୁଣ୍ଡା ବ୍ଲକ ଗାରମାପେଟାରେ ଅନୁଷ୍ଠିତ ହୋଇଯାଇଛି। ୧୯ ବର୍ଷର ବିଜେଡି ସରକାର ଶାସନରେ ଉପକୂଳର ମତ୍ସ୍ୟ, କିଆଫୁଲ ଚାଷୀ ବ୍ୟାପକ କ୍ଷତିଗ୍ରସ୍ତ ହୋଇଥିବା କଂଗ୍ରେସ ପକ୍ଷରୁ କଟାକ୍ଷ କରାଯାଇଥିଲା। ସାଧାରଣ ନିର୍ବାଚନ ପାଖେଇ ଆସୁଥିବାରୁ ଦଳର କର୍ମୀମାନେ ସଂଗଠିତ ହୋଇ କାର୍ଯ୍ୟ କରିବା ଏବଂ କେନ୍ଦ୍ରର ସାମ୍ପ୍ରଦାୟିକ ଓ ରାଜ୍ୟର ଦୁର୍ନୀତିଗ୍ରସ୍ତ ସରକାରକୁ କ୍ଷମତାଚ୍ୟୁତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ସମ୍ମିଳନୀରେ ଜିଲା କଂଗ୍ରେସ ସଭାପତି ଡ଼ା. ତ୍ରିନାଥ ବେହେରା ଓ କାର୍ଯ୍ୟକାରୀ ସଭାପତି ପୀତବାସ ପଣ୍ଡା ଯୋଗ ଦେଇଥିଲେ। ରଙ୍ଗେଇଲୁଣ୍ଡା ବ୍ଲକର କିଆଫୁଲ ଚାଷକୁ ବ୍ୟାପକ କରିବା ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ଯୋଜନା କରିବାକୁ ସଭାପତି ଓ କାର୍ଯ୍ୟକାରୀ ସଭାପତି ଦାବି କରିଥିଲେ। ଏଥିପ୍ରତି ତ୍ୱରିତ ପଦକ୍ଷେପ ନିଆନଗଲେ କିଆଚାଷୀଙ୍କୁ ମେଳି କରି ଜୋରଦାର ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ରମାକାନ୍ତ ସାସମଲ ଅଧକ୍ଷତା କରିଥିବା ବେଳେ ଏସ. ଧର୍ମାରାଜୁ ରେଡ୍ଡୀ, ପିସିସି କାର୍ଯ୍ୟକର୍ତ୍ତା ଭୋକାଲି ସେଠୀ, ସୁନୀଲ ସାହୁ, ମୋହନ ରେଡ୍ଡୀ, ଏମ. ମଧୁ, ପର୍ଶୁରାମ ରେଡ୍ଡୀ, ଡ଼ମ୍ବୁରୁ ରଣା, ସୁଧାକର ନାୟକ, ପ୍ରଶାନ୍ତ ରାଓ ପ୍ରମୁଖ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଗରିବ ମାରଣ ନୀତି ବିରୋଧରେ ବର୍ଷିଥିଲେ। ଭାଗିରଥୀ ପାଣିଗ୍ରାହୀ, ଆଦିତ୍ୟ ଦଳାଇ, ପ୍ରବୀର ସାବତଙ୍କ ସମେତ ମାର୍କଣ୍ଡି ପଞ୍ଚାୟତ ଇଲାକାର ବହୁ ସଂଖ୍ୟକ କର୍ମୀ ଉପସ୍ଥିତ ଥିଲେ।

■ ବିଡିଏର ଗୁରୁତ୍ୱପୂର୍ଣ୍ଣ ବୈଠକରେ ନିଷ୍ପତ୍ତି

# ଖାଲି ସ୍ଥାନରେ ହେବ ଜିମ୍, ପାର୍କ

ବ୍ରହ୍ମପୁର ଅଫିସ୍,୧୨।୨


ବୈଠକରେ ଆଲୋଚନା ଚାଲିଛି।

ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ(ବିଡ଼ିଏ)ର ଗୁରୁତ୍ୱପୂର୍ଣ୍ଣ ବୈଠକ ମଙ୍ଗଳବାର କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସାଧାରଣ ନିର୍ବାଚନ ପୂର୍ବରୁ ବସିଥିବା ଏହି ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥିଲା। ବିଶେଷକରି ସହରରେ ଥିବା ଖାଲି ସ୍ଥାନଗୁଡ଼ିକରେ ଖୋଲା ଜିମ୍ ଏବଂ ଶିଶୁ ଉଦ୍ୟାନ ନିର୍ମାଣ ପାଇଁ ପ୍ରସ୍ତାବ ଗୃହୀତ ହୋଇଛି । ସେହିପରି ଅନ୍ୟାନ୍ୟ ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ବ୍ୟୟଅଟକଳକୁ ମଧ୍ୟ ଗୃହୀତ କରାଯାଇଛି ।

ବିଡ଼ିଏ ଅଧକ୍ଷ ସୁବାସ ମହାରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବ୍ରହ୍ମପୁର ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ଗୋପାଳପୁର ବିଧାୟକ ପ୍ରଦୀପ କୁମାର ପାଣିଗ୍ରାହୀ, ଜିଲାପାଳ ତଥା ବିଡ଼ିଏ ଉପାଧ୍ୟକ୍ଷ ବିଜୟ ଅମୃତା କୁଲାଙ୍ଗେ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଇଂ. ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ବ୍ରହ୍ମପୁର ମହାନଗର ନିଗମର କମିଶନର୍ ଚକ୍ରବର୍ତ୍ତୀ ସିଂ ରାଠୋର, ବ୍ରହ୍ମପୁର ଉପଜିଲାପାଳ ଦିଗନ୍ତ ରାଉତରାୟ ଏବଂ ବିଡ଼ିଏ ସଚିବ ସସ୍ମିତ ରାଉତଙ୍କ ସମେତ ବିଡ଼ିଏ ଯନ୍ତ୍ରୀମାନେ ଯୋଗଦେଇଥିଲେ। ସହରର ଖାଲି ଜାଗାଗୁଡ଼ିକ, ଯେଉଁଗୁଡ଼ିକ କୌଣସି ବ୍ୟବହାରରେ ଆସୁନି କିମ୍ବା ଜବରଦଖଲରେ ରହିଛି, ସେଠାରେ ଛୋଟ ଛୋଟ ପାର୍କ ଏବଂ ଖୋଲା ଜିମ୍ ନିର୍ମାଣ କରାଯିବ । ଏଥିପାଇଁ ପ୍ରାୟ ୨କୋଟି ଟଙ୍କାର ବ୍ୟୟଅଟକଳ ପ୍ରସ୍ତୁତ କରାଯାଇଛି । ନୂଆ ବସ୍‌ଷ୍ଟାଣ୍ଡ(ସିଟି ବସ୍‌ଷ୍ଟାଣ୍ଡ)ର ଉନ୍ନତୀକରଣ ପାଇଁ ୫୦ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ । ସିଟି ହାଇସ୍କୁଲ ପଡ଼ିଆ ଏବଂ କେ.ସି ହାଇସ୍କୁଲ ପଡ଼ିଆରେ ୮୦ଲକ୍ଷ ଟଙ୍କାରେ ୱାକିଂ ଟ୍ରାକ୍ ନିର୍ମାଣ କରାଯିବ। ଗୋପାଳପୁର ଏବଂ ତାମ୍ପରାରେ ପର୍ଯ୍ୟଟକଙ୍କ ଆଗମନକୁ ବଢ଼ାଇବା ପାଇଁ ବୈଠକରେ ଆଲୋଚନା କରାଯାଇଥିଲା । ପ୍ରାୟ ୪କୋଟି ୨୦ଲକ୍ଷ ଟଙ୍କାରେ ଜାତୀୟ ରାଜପଥରୁ ତାମ୍ପରାକୁ ରାସ୍ତା, ସେଠାରେ ଯାନ ବାହାନ ପାର୍କିଂ କରିବା ପାଇଁ ସ୍ଥାନ, ବଗିଚା ସହ ଅନ୍ୟାନ୍ୟ ନିର୍ମାଣ କାର୍ଯ୍ୟ ହେବ । ସେହିଭଳି ଗୋପାଳପୁରରେ ବେଳାଭୂମି ରାସ୍ତାର ଉନ୍ନତୀକରଣ, ଟଏଲେଟ୍ କମ୍ପ୍ଲେକ୍ସ ଆଦି ନିର୍ମାଣ କରାଯିବ । ଅନ୍ୟପକ୍ଷରେ ନୀଳକଣ୍ଠନଗର ବା ହାଉସିଂବୋର୍ଡ଼ ଛକ ପାଖରେ ଏକ କୋଟି ୯ଲକ୍ଷ ଟଙ୍କାରେ ମାର୍କେଟ୍ କମ୍ପ୍ଲେକ୍ସ ନିର୍ମାଣ କରିବାକୁ ନିଷ୍ପତ୍ତି ନିଆଯାଇଛି । ସେହିପରି ବିଡ଼ିଏର ନୂତନ କାର୍ଯ୍ୟାଳୟ କୋଠା ଏବଂ ପୁରୁଣା କାର୍ଯ୍ୟାଳୟ କୋଠାର ବିଭିନ୍ନ ମରାମତି ଏବଂ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ପାଖାପାଖି ୨୦ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ । ବିଜୁ ପଟ୍ଟନାୟକ ପାର୍କର ଉନ୍ନତିକରଣ, ଜିମ୍ ଏବଂ ଅନ୍ୟାନ୍ୟ ସୁବିଧା ଉପଲବ୍ଧ କରିବା ପାଇଁ ଆଲୋଚନା ହୋଇଛି । ତେବେ ବ୍ୟୟ ଅଟକଳ ପ୍ରସ୍ତୁତ କରାଯାଇ ନାହିଁ । ଶୀତଳାପଲ୍ଲୀକୁ ରାସ୍ତା ନିର୍ମାଣ ପାଇଁ ମଧ୍ୟ ନିଷ୍ପତ୍ତି ନିଆଯାଇଛି । ଅପରପକ୍ଷେ ବିଡ଼ିଏ ଅଧିକାରୀ ଏବଂ କର୍ମଚାରୀଙ୍କ ପାଇଁ ଏହି ବୈଠକରେ ଏକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରାଯାଇଛି । ସପ୍ତମ ବେତନ କମିଶନଙ୍କ ସୁପାରିସ ଲାଗୁ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି । ବହୁ ଦିନ ହେଲା କର୍ମଚାରୀମାନେ ଦାବି କରୁଥିବା ବେଳେ ମଙ୍ଗଳବାର ଘୋଷଣା କରାଯାଇଛି ।

ଜିଲାପାଳ ତଥା ଉପାଧ୍ୟକ୍ଷ କୁଲାଙ୍ଗେ କହିଛନ୍ତି ଯେ, ମୋଟ ୨୦ଟି ପ୍ରକଳ୍ପ ସଂପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ବିଡ଼ିଏ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କ ପାଇଁ ଆନୁଷଙ୍ଗିକ ସୁବିଧା ଯୋଗାଇବା ଉପରେ ଗୁରୁତ୍ୱ ଦିଆଯାଇଛି ବୋଲି ସେ କହିଛନ୍ତି।

■ ଦୁଇଟି ବିଦ୍ୟାଳୟ ପଡ଼ିଆରେ ୱାକିଂ ଟ୍ରାକ୍

■ ଲାଗୁ ହେଲା ସପ୍ତମ ବେତନ କମିଶନ

■ ଗୋପାଳପୁର, ତାମ୍ପରାର ଉନ୍ନତୀକରଣକୁ ଗୁରୁତ୍ୱ

## ଟ୍ରେନ୍‌ରେ ବାଂଲାଦେଶୀ ଯାତ୍ରୀଙ୍କ ମୃତ୍ୟୁ

ବ୍ରହ୍ମପୁର ଅଫିସ୍,୧୨।୨

ହାଓଡା-ୟଶୱନ୍ତପୁର ସୁପରଫାଷ୍ଟ ଏକ୍ସପ୍ରେସ୍‌ରେ ପରିବାର ଲୋକଙ୍କ ସହ ଚିକିତ୍ସା ପାଇଁ ବାଙ୍ଗାଲୋର ଅଭିମୁଖେ ଯାତ୍ରା କରୁଥିବା ଜଣେ ବିଦେଶିନୀଙ୍କ ବ୍ରହ୍ମପୁର ରେଲୱେ ଷ୍ଟେଶନ୍‌ରେ ମୃତ୍ୟୁ ଘଟିଛି । ସେ ହେଲେ ସୁପର୍ଣ୍ଣା ବିଶ୍ୱାସ। ମଙ୍ଗଳବାର ମୃତଦେହ ପଞ୍ଚନାମା କରାଯାଇ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ବୈଦ୍ୟନାଥପୁର ଥାନାରେ ନଂ.୭୧/୧୯ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି । କର୍କଟ ରୋଗୀ ସୁପର୍ଣ୍ଣା ବାଙ୍ଗାଲୋରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହୋଇ ଫେରିଥିଲେ। ଡାକ୍ତରଙ୍କ ପରାମର୍ଶକ୍ରମେ ପୁଣି ଥରେ ସେ ବାଂଲାଦେଶରୁ ଫ୍ଲାଇଟରେ ଆସିବା ପରେ ବାଙ୍ଗାଲୋର ଯିବାପାଇଁ ହାଓଡା-ୟଶୱନ୍ତପୁର ଏକ୍ସପ୍ରେସ ଟ୍ରେନରେ ବସିଥିଲେ। ସୋମବାର ରାତିରେ ବ୍ରହ୍ମପୁର ଷ୍ଟେଶନ୍ ନିକଟରେ ଟ୍ରେନରେ ସୁପର୍ଣ୍ଣା ଗୁରୁତର ଅସୁସ୍ଥ ହୋଇଥିଲେ । ଷ୍ଟେଶନ୍ ମ୍ୟାନେଜର୍ ମନୋଜ କୁମାର ଲାକ୍ରାଙ୍କ ସହାୟତାରେ ତାଙ୍କୁ ବ୍ରହ୍ମପୁର ବଡମେଡିକାଲ୍ ଆଶୁ ଚିକିତ୍ସା ବିଭାଗରେ ଭର୍ତ୍ତିକରାଯାଇଥିଲା। ସେଠାରେ ସୁପର୍ଣ୍ଣାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ସୁପର୍ଣ୍ଣା ବିଦେଶିନୀ ହେତୁ ସରକାରୀ ନିୟମାନୁସାରେ ମଙ୍ଗଳବାର ସହକାରୀ ଜିଲାପାଳ ବିନୋଦ ବେହେରାଙ୍କ ଉପସ୍ଥିତିରେ ଭିଡିଓଗ୍ରାଫି ମାଧ୍ୟମରେ ପଞ୍ଚନାମା କରାଯାଇ ମୃତଦେହ ବ୍ୟବଚ୍ଛେଦ ହୋଇଥିବା ମେଡିକାଲ ଫାଣ୍ଡି ଅଧିକାରୀ ଜନ୍ମେଞ୍ଜୟ ମଲ୍ଲିକ କହିଛନ୍ତି ।

## ବାଲିପଡ଼ାରୁ ବ୍ରହ୍ମପୁର କୃଷକଙ୍କ ପଦଯାତ୍ରା



ଗଞ୍ଜାମ ଜିଲା କୃଷକ ସଂଘର୍ଷ ସମିତି ପକ୍ଷରୁ ବିଶାଳ ପଦଯାତ୍ରା ।

ବ୍ରହ୍ମପୁର ଅଫିସ,୧୨।୨

ସିପିଏମ ସମର୍ଥିତ ଗଞ୍ଜାମ ଜିଲା କୃଷକ ସଂଘର୍ଷ ସମିତି ପକ୍ଷରୁ ମଙ୍ଗଳବାର କୁକୁଡ଼ାଖଣ୍ଡି ବ୍ଲକର ବାଲିପଡ଼ା ଠାରୁ ବ୍ରହ୍ମପୁର ପର୍ଯ୍ୟନ୍ତ ବିଶାଳ କୃଷକ ପଦଯାତ୍ରା ହୋଇଯାଇଛି । ସ୍ୱାମୀନାଥନ କମିଶନଙ୍କ ସୁପାରିଶ ପ୍ରକାରେ ଚାଷୀଙ୍କ ଉତ୍ପାଦିତ ଧାନର କୁଇଣ୍ଟାଲ ପିଛା ସରକାର ୩ ହଜାର ଟଙ୍କା ଧାର୍ଯ୍ୟ ସମେତ ୮ ଦଫା ଦାବି ପୂରଣ ନେଇ ଏହି ପଦଯାତ୍ରା କରାଯାଇଥିଲା । ହଜାର ହଜାର ଚାଷୀ ଏଥିରେ ସାମିଲ ହୋଇ ରାଲିରେ ଆସି ଦକ୍ଷିଣାଞ୍ଚଳ ଆରଡିସିଙ୍କ ଅଫିସ ଆଗରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବି ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା । ଚାଷୀଙ୍କୁ ଧାନ କୁଇଣ୍ଟାଲ ପିଛା ସରକାର ୭୫୦ ଟଙ୍କା ବୋନସ ଦେବା, ଏଫଏକ୍ୟୁ ନାମରେ ଚାଲିଥିବା ଶୋଷଣ ବନ୍ଦ କରିବା, ଗତବର୍ଷର ସମସ୍ତ କୃଷିଋଣ ସମ୍ପୂର୍ଣ୍ଣ ଛାଡ଼, ୬୦ ବର୍ଷ ବୟସରୁ ଊର୍ଦ୍ଧ୍ୱ ଚାଷୀଙ୍କୁ ମାସିକ ୫ ହଜାର ଟଙ୍କା ପେନସନ ପ୍ରଦାନ, ପୁରୁଷାନୁକ୍ରମେ ଦଖଲରେ ଥିବା ଜଙ୍ଗଲ ଜମି, ଚାଷଜମି ଓ ବାସଗୃହର ପଟ୍ଟା ଶୀଘ୍ର ପ୍ରଦାନ ଏବଂ ଦିଗପହଣ୍ଡି ବ୍ଲକର ବେଲଘାଇ ସମେତ ବିଭିନ୍ନ ସେଚ ପ୍ରକଳ୍ପ ନିର୍ମାଣ ଲାଗି ଜମି ହରାଇଥିବା ଲୋକଙ୍କୁ ଅବିଳମ୍ବେ କ୍ଷତିପୂରଣ ଦିଆଯିବାକୁ ଦାବିପତ୍ରରେ ଦର୍ଶାଯାଇଛି । ପଦଯାତ୍ରାର ନେତୃତ୍ୱ କୃଷକ ସଂଘର୍ଷ ସମିତି ନେତା ପି. ହରିକୃଷ୍ଣ ରେଡ଼ି, ଗୋପାଳ ପାଣିଗ୍ରାହୀ, ପ୍ରଫୁଲ୍ଲ ପଣ୍ଡା, ଯୁଧିଷ୍ଠିର ବେହେରା, ବସନ୍ତ ନନ୍ଦ, ବାବୁଲା ନାୟକ ପ୍ରମୁଖ ନେଇଥିଲେ । ଦାବି ସମୂହ ପୂରଣ ପାଇଁ ତ୍ୱରିତ ପଦକ୍ଷେପ ନିଆନଗଲେ ପୁଣି ଆନ୍ଦୋଳନ ସୂତ୍ରପାତ କରାଯିବାର ବିକ୍ଷୋଭସ୍ଥଳରେ ହୋଇଥିବା ସମାବେଶରେ ଚେତାବନୀ ଦିଆଯାଇଥିଲା ।

## ରସାୟନ ବିଭାଗ ଅନୁସନ୍ଧାନ ପଦ୍ଧତି କର୍ମଶାଳା



କର୍ମଶାଳାର ପୁସ୍ତିକା ଉନ୍ମୋଚନ କରାଯାଉଛି।

ବ୍ରହ୍ମପୁର ଅଫିସ,୧୨।୨

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ରସାୟନ ବିଭାଗ ଓ ହାୟରଏଜୁକେଶନପ୍ରୋଗ୍ରାମଫରଏକ୍ସିଲେନ୍ସ ଆଣ୍ଡ ଇକ୍ୱାଲିଟି(ଓଏଚଇପିଇଇ)ର ମିଳିତ ସହଯୋଗରେ ପର୍ଯ୍ୟାୟ ସାରଣୀର ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଏକ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଏହି ଅବସରରେ ରାଜ୍ୟ ଉଚ୍ଚଶିକ୍ଷା ପରିଷଦର ଉପାଧ୍ୟକ୍ଷ ଅଶୋକ କୁମାର ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଶ୍ୱବିଦ୍ୟାଳୟ ରସାୟନ ବିଭାଗରେ ସ୍ଥାପନ ହୋଇଥିବା ଏକ ବୃହତ୍ତ ପର୍ଯ୍ୟାୟ ସାରଣୀକୁ ଉଦଘାଟନ କରିଥିଲେ। ପରେ ବିଭାଗ ପକ୍ଷରୁ ଆୟୋଜିତ ୫ ଦିନିଆ ଅନୁସନ୍ଧାନ ପଦ୍ଧତି କର୍ମଶାଳାକୁ ମୁଖ୍ୟଅତିଥି ଶୁଭାରମ୍ଭ କରିଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ରାଜେନ୍ଦ୍ର ପ୍ରସାଦ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ରହ୍ମପୁର ଆଇଜରର ନିର୍ଦ୍ଦେଶକ ପ୍ରଫେସର କେ.ଭି.ଆର. ଚାରୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଉତ୍କଳ ବିଶ୍ୱବିଦ୍ୟାଳୟର ନୃତତ୍ତ୍ୱ ବିଭାଗର ଅବସରପ୍ରାପ୍ତ ପ୍ରଫେସର କେ.କେ ବାସା ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । କୁଳସଚିବ ରଞ୍ଜନ କୁମାର ବିଶ୍ୱାଳ, ସିଡିସି ଚେୟାରମ୍ୟାନ ପ୍ରଫେସର ଅରୁନ୍ଧତୀ ରଥ ମଞ୍ଚସୀନ ଥିଲେ । କର୍ମଶାଳାର ଅଭିମୁଖ୍ୟ ଉପରେ ସିଡିସି ଚେୟାରମ୍ୟାନ ଆଲୋକପାତ କରିଥିଲେ । ମୁଖ୍ୟବକ୍ତା ପ୍ରଫେସର ଆର. ଚେରୀ ଗବେଷଣାର ଗୁରୁତ୍ୱ ଉପରେ ବୁଝାଇଥିଲେ। ଗବେଷଣା ବ୍ୟବସ୍ଥା ଶାସ୍ତ୍ରର ସଂଯୋଜକ ଡ. ଲକ୍ଷ୍ମୀଧର ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବିଭାଗୀୟ ମୁଖ୍ୟ ବାମାକାନ୍ତ ଗଡନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଧ୍ୟାପକ ଡ. ସତ୍ୟନାରାୟଣ ସାହୁ, ଡ. ରବି ନାରାୟଣ ସାହୁ ତଥା ଗବେଷିକା ଗବେଷକ ଛାତ୍ରୀଛାତ୍ର କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ମୃତ୍ୟୁଞ୍ଜୟ ଜେନା ଧନ୍ୟବାଦ ଦେଇଥିଲେ । କର୍ମଶାଳାରେ ୧୨୦ ଗବେଷିକା ଗବେଷକ ସାମିଲ ହୋଇଛନ୍ତି।

### ଘରଭଙ୍ଗା ତଦନ୍ତରେ ପାତରଅନ୍ତର ଅଭିଯୋଗ

ପାତ୍ରପୁର,୧୨।୨(ଡି.ଏନ୍.ଏ.)

ପାତ୍ରପୁର ତହସିଲ ଆଙ୍କୁଲି ପଞ୍ଚାୟତ କିଛି ଗ୍ରାମରେ ଘରଭଙ୍ଗା ତଦନ୍ତରେ ପାତରଅନ୍ତର ନେଇ ସମ୍ପୃକ୍ତ ଗ୍ରାମବାସୀ ମଙ୍ଗଳବାର ତହସିଲ କାର୍ଯ୍ୟାଳୟରେ ପହଞ୍ଚି ଜିଲାପାଳଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ତିତ୍‌ଲି ବାତ୍ୟାପରେ ଆଙ୍କୁଲି ପଞ୍ଚାୟତର ଏଲଗଲ, ଶିଶିଗଣ୍ଡ ଗ୍ରାମରେ ଦ୍ୱିତୀୟଥର ତଦନ୍ତ ପାଇଁ ରାଜସ୍ୱ ବିଭାଗ କର୍ମଚାରୀମାନେ ପହଞ୍ଚିଥିଲେ। ଏହାକୁ ସମ୍ପୃକ୍ତ ଗ୍ରାମର ଆଦିବାସୀମାନେ ବିରୋଧ କରିଥିଲେ। ସମ୍ପୃକ୍ତ ଆର୍‌ଆଇଙ୍କ ଦ୍ୱାରା ହେଉଥିବା ତଦନ୍ତକୁ ବାତିଲ କରି ସ୍ୱଚ୍ଛ କର୍ମଚାରୀଙ୍କ ଦ୍ୱାରା ତଦନ୍ତ କରିବାସହ ମାଡୁଆଗୁମ୍ପା, ବେହେରାପୁଟୁ, ଏଲଗଲ, ଶିଶିରିଗଣ୍ଡ ଗ୍ରାମରେ ପୁନଃ ତଦନ୍ତ କରି ନ୍ୟାୟ ପ୍ରଦାନ କରିବା ପାଇଁ ଦାବି କରିଛନ୍ତି। ଏନେଇ ଏକ ଦାବିପତ୍ର ଆଙ୍କୁଲି ପଞ୍ଚାୟତ ସରପଞ୍ଚ ବାସନ୍ତୀ ପ୍ରଧାନ, ଗଞ୍ଜାମ ଜିଲା ଆଦିବାସୀ ଜନ କଲ୍ୟାଣ ବିକାଶ ମଞ୍ଚର ସଭାପତି ଲକ୍ଷ୍ମୀକାନ୍ତ ବିଷୋୟୀଙ୍କ ସହ ଶତାଧିକ ଆଦିବାସୀ ତହସିଲଦାରଙ୍କ ଜରିଆରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

### ଶିକ୍ଷଣ ଦକ୍ଷତା ଅଭିବୃଦ୍ଧି କର୍ମଶାଳା

ବେଗୁନିଆପଡା,୧୨।୨(ଡି.ଏନ୍.ଏ.)

ଶିକ୍ଷାଅଧିକାର ଆଇନ ଓ ସର୍ବଶିକ୍ଷା ଅଭିଯାନ ପକ୍ଷରୁ ଖଲ୍ଲିକୋଟ ବ୍ଲକ ଗୋଷ୍ଠୀ ଶିକ୍ଷା ବିଭାଗ ଆନୁକୂଲ୍ୟରେ କଞ୍ଚଣା ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ପ୍ରାଥମିକ ଶିକ୍ଷକଙ୍କ ନିମନ୍ତେ ଶିକ୍ଷଣ ଦକ୍ଷତା ଅଭିବୃଦ୍ଧି କର୍ମଶାଳା ଆରମ୍ଭ ହୋଇଛି। ସାଧନ କେନ୍ଦ୍ର ସଂଯୋଜକ ଦେବେନ୍ଦ୍ର କୁମାର ମହାରଣାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାଧନ କର୍ମୀ ଭାବେ ଆର. ଯଧୀଷ୍ଠିର ଦୋରା, ସନାତନ ମହାଲ୍ଲୁଡ, ଚନ୍ଦନ କୁମାର ଦାଶ, ନାରାୟଣ ବେହେରା ପ୍ରମୁଖ ତାଲିମ ପ୍ରଦାନ କରୁଛନ୍ତି। ପ୍ରାଥମିକ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ଓଡ଼ିଆ, ଗଣିତ, ଇଂଲିଶ ବିଷୟରେ ସର୍ବନିମ୍ନ ଦକ୍ଷତା ହାସଲ କରାଇବା ଉଦ୍ଦେଶ୍ୟରେ ଏହି ତାଲିମ ପ୍ରଦାନ କରାଯାଇଛି। ନ୍ୟୁନସ୍ତରରେ ଥିବା ପିଲାମାନଙ୍କୁ ଶିକ୍ଷା କ୍ଷେତ୍ରରେ ବଳିଷ୍ଠ କରାଇବା ପାଇଁ ଏହି କାର୍ଯ୍ୟକ୍ରମ ଏପ୍ରିଲ ପହିଲାରୁ ଆରମ୍ଭ ହୋଇ ୪୦ ଦିନ ଧରି ପିଲାଙ୍କୁ ପଢାଯିବ। ପରେ ପ୍ରତ୍ୟେକ ଦିନ ଗୋଟିଏ ଲେଖାଏ ପିରିୟଡ ପିଲାଙ୍କୁ ପଢ଼ାଯିବା ପାଇଁ ବ୍ୟବସ୍ଥା କରାଯାଇଛି।

■ ଦୃଷ୍ଟିହୀନଙ୍କୁ ସାହାଯ୍ୟ ଭିଡିଓ ଭାଇରାଲ

# ସମ୍ବର୍ଦ୍ଧିତ ହେଲେ କନଷ୍ଟେବଲ, ହୋମ୍‌ଗାର୍ଡ

ବ୍ରହ୍ମପୁର ଅଫିସ,୧୨।୨

ଜଣେ ଦୃଷ୍ଟିହୀନ ବ୍ୟକ୍ତିଙ୍କୁ ସାହାଯ୍ୟ କରି ମଙ୍ଗଳବାର ଜଣେ କନଷ୍ଟେବଲ ଓ ଜଣେ ହୋମ୍‌ଗାର୍ଡ ସମ୍ବର୍ଦ୍ଧିତ ହୋଇଛନ୍ତି। ବ୍ରହ୍ମପୁର ଏସ୍‌ପିଙ୍କ କାର୍ଯ୍ୟାଳୟରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଟ୍ରାଫିକ୍ କନଷ୍ଟେବଲ କେ. ଶ୍ରୀନିବାସ ପାତ୍ର ଓ ହୋମ୍‌ଗାର୍ଡ କେ.ଏସ୍.ବେହେରାଙ୍କୁ ଏସ୍‌ପି ପିନାକ ମିଶ୍ର ଫୁଲତୋଡା ଦେଇ ସମ୍ବର୍ଦ୍ଧିତ କରିଛନ୍ତି ।

ସୋମବାର ଜନଗହଳିପୂର୍ଣ୍ଣ ବ୍ରହ୍ମପୁରସ୍ଥିତ ଖଲ୍ଲିକୋଟ କଲେଜ ସମ୍ମୁଖ ରାସ୍ତା ପାର୍ଶ୍ୱରେ ଜଣେ ଦୃଷ୍ଟିହୀନ ବ୍ୟକ୍ତି ଦୀର୍ଘ ସମୟ ଧରି ଠିଆ ହୋଇ ରହିଥିଲେ। ଅହରହ ଗାଡ଼ି ଚଳାଚଳ କରୁଥିବାରୁ ସେ ରାସ୍ତା ପାର ହୋଇପାରୁ ନ ଥିଲେ । ଏହି ସମୟରେ ସେଠାରେ କାର୍ଯ୍ୟରତ ଟ୍ରାଫିକ୍ କନଷ୍ଟେବଲ ଶ୍ରୀନିବାସ ଓ ହୋମ୍‌ଗାର୍ଡ ବେହେରା ତାଙ୍କ ନିକଟକୁ ଯାଇ ସମସ୍ୟା ବୁଝିଥିଲେ। ପରେ ଉଭୟେ ତାଙ୍କ ହାତ ଧରି ରାସ୍ତା ପାର କରାଇଥିଲେ । ପରେ ସେ ଯିବାକୁ ଚାହୁଁଥିବା ସ୍ଥାନକୁ ଏକ ପାସେଞ୍ଜର ଅଟୋ ଯୋଗେ ଉଭୟେ ନିଜ ହାତରୁ ଭଡା ଦେଇ ପଠାଇଥିଲେ । କୌଣସି ଅସୁବିଧା ହେଲେ ତୁରନ୍ତ ପୋଲିସ କିମ୍ବା ଆମ ପୋଲିସ ସମିତିକୁ ଖବର ଦେଲେ ତୁରନ୍ତ ସେବା ମିଳିବ ବୋଲି ଦୃଷ୍ଟିହୀନ ବ୍ୟକ୍ତି ଜଣଙ୍କୁ କନଷ୍ଟେବଲ ଓ ହୋମଗାର୍ଡ ବୁଝାଇଥିଲେ। ଜନଗହଳି ପୂର୍ଣ୍ଣ ରାସ୍ତାରେ ଏ ସବୁ ଦୃଶ୍ୟକୁ କେତେଜଣ କଲେଜ ଛାତ୍ରୀଛାତ୍ର ନିଜ ମୋବାଇଲରେ କଏଦ କରି ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ । ଏହି ଘଟଣା ସୋମବାର ସହର ସାରା ଚର୍ଚ୍ଚାର ବିଷୟ ପାଲଟିଥିଲା। କାର୍ଯ୍ୟ ସମୟରେ ମାନବିକତା ଦେଖାଇଥିବା ହେତୁ ପ୍ରଶଂସାର ପାତ୍ର ପାଲଟିଥିବା ୨ କର୍ମଚାରୀଙ୍କୁ ଏସ୍‌ପି ସ୍ୱତନ୍ତ୍ର ଭାବେ ସମ୍ମାନିତ କରିଛନ୍ତି।


ହୋମ୍‌ଗାର୍ଡ କେ.ଏସ୍.ବେହେରା, ଟ୍ରାଫିକ୍ କନଷ୍ଟେବଲ୍ କେ.ଶ୍ରୀନିବାସ ପାତ୍ରଙ୍କୁ ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର ଫୁଲତୋଡା ଦେଉଛନ୍ତି ।

■ ମାଟ୍ରିକ୍ ପରୀକ୍ଷା ପ୍ରସ୍ତୁତି

# ୮ ଜିଲାର ତାଲିମଦାତାଙ୍କୁ ତାଲିମ

ବ୍ରହ୍ମପୁର ଅଫିସ୍,୧୨।୨

ମାଧ୍ୟମିକ ଶିକ୍ଷା ପରିଷଦ ଗତ କିଛିବର୍ଷ ମାଟ୍ରିକ ପରୀକ୍ଷା ପରିଚାଳନାରେ ତ୍ରୁଟି ଯୋଗୁ ସମାଲୋଚନାର ଶିକାର ହୋଇଛି। ଚଳିତବର୍ଷ ତ୍ରୁଟିଶୂନ୍ୟ ଓ ସୁରୁଖୁରରେ ପରୀକ୍ଷା ପରିଚାଳନା ଉପରେ ଗୁରୁତ୍ୱ ଦିଆଯାଇଛି। ପରୀକ୍ଷା ଠାରୁ ଉତ୍ତର ଖାତା ମୂଲ୍ୟାୟନ ପର୍ଯ୍ୟନ୍ତ ନିୟୋଜିତ ଅଧିକାରୀମାନଙ୍କୁ ନିୟମିତ ତାଲିମ୍ ଦିଆଯାଉଛି। ମଙ୍ଗଳବାର ବ୍ରହ୍ମପୁରସ୍ଥିତ ଭି.ଭି.ଗିରି ବାଳିକା ହାଇସ୍କୁଲରେ ଏକ ଗୁରୁତ୍ୱପୂର୍ଣ୍ଣ ତାଲିମ୍ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଦକ୍ଷିଣ ଓଡ଼ିଶାର ୮ ଜିଲା ଯଥା ଗଞ୍ଜାମ, ଗଜପତି, କନ୍ଧମାଳ, ବୌଦ୍ଧ, ରାୟଗଡ଼ା, କୋରାପୁଟ, ମାଲକାନଗିରି ଏବଂ ନବରଙ୍ଗପୁରର ଜିଲା ଶିକ୍ଷା ଅଧିକାରୀ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ, ମୂଲ୍ୟାୟାନ କେନ୍ଦ୍ର ସୁପରଭାଇଜର୍, ନୋଡାଲ୍ ସେଣ୍ଟର ଅଧିକାରୀ ଏବଂ ଚେକର୍ ଓ ମେକର୍‌ମାନେ ଭାଗନେଇଥିଲେ ।

ତାଲିମଦାତା ଭାବେ ପରୀକ୍ଷା ନିୟନ୍ତ୍ରକ ନିହାର ରଞ୍ଜନ ମହାନ୍ତି ଏବଂ ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗର ଡେପୁଟି ସେକ୍ରେଟାରି ସୁବାସ ଚନ୍ଦ୍ର ବେହେରା ଯୋଗଦେଇଥିଲେ। ତାଲିମ ଶିବିରରେ ମୁଖ୍ୟତଃ ତୃଟିଶୂନ୍ୟ ଏବଂ କପିମୁକ୍ତ ପରୀକ୍ଷା ପରିଚାଳନା ଉପରେ ଗୁରୁତ୍ୱ ଦିଆଯାଇଥିଲା । ମୁଖ୍ୟ ପରୀକ୍ଷା ନିୟନ୍ତ୍ରକ ମହାନ୍ତି କହିଛନ୍ତି ଯେ, ମାଷ୍ଟର ତାଲିମଦାତାଙ୍କୁ ଏଠାରେ ତାଲିମ୍ ଦିଆଯାଉଛି। ଚଳିତ ବର୍ଷ ପରୀକ୍ଷା ଆୟୋଜନରେ ବହୁତ ପରିବର୍ତ୍ତନ ହୋଇଛି। ଉକ୍ତ ପରିବର୍ତ୍ତନ ସମ୍ପର୍କରେ ତାଲିମ୍ ଦିଆଯାଇଛି। ସେଥିରେ ୪ଟି ସମାନ୍ତରଳ ପ୍ରଶ୍ନପତ୍ର, ପରୀକ୍ଷା ସମୟ, ପ୍ରଶ୍ନପତ୍ର ଏବଂ ଉତ୍ତର ଖାତା ଗ୍ରହଣ, ମୂଲ୍ୟାୟାନ କେନ୍ଦ୍ରରେ କ'ଣ ବ୍ୟବସ୍ଥା ରହିବ ଆଦି ଆଲୋଚନା ହୋଇଛି। ରାଜ୍ୟବ୍ୟାପୀ ଏଭଳି ତାଲିମ୍ ଶିବିର ହେଉଛି । ୫ରେ ସମ୍ବଲପୁର ଠାରେ ପଶ୍ଚିମାଞ୍ଚଳ ଜୋନ୍‌କୁ ନେଇ ତାଲିମ୍ ଆରମ୍ଭ ହୋଇଥିଲା। ସେହିପରି ଅନ୍ୟାନ୍ୟ ଜୋନ୍‌ଗୁଡ଼ିକରେ ମଧ କାର୍ଯ୍ୟକ୍ରମ ସରିଛି। ବ୍ରହ୍ମପୁରରେ ଦକ୍ଷିଣ ଓଡ଼ିଶାର ୮ଟି ଜିଲାରୁ ତାଲିମ ନେଇଥିବା ମାଷ୍ଟର୍ ତାଲିମଦାତାମାନେ ନିଜ ନିଜ ଜିଲାରେ ତାଲିମ୍ କାର୍ଯ୍ୟକ୍ରମ ଆୟୋଜନ କରିବେ ବୋଲି ପରୀକ୍ଷା ନିୟନ୍ତ୍ରକ ମହାନ୍ତି ପ୍ରକାଶ କରିଛନ୍ତି । ଗଞ୍ଜାମ ଜିଲା ଶିକ୍ଷା ଅଧିକାରୀ ସନାତନ ପଣ୍ଡା ପରିଚାଳନା କରିଥିବା ବେଳେ ଗଜପତି ଜିଲା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗ୍, ମାଲକାନଗିରିର ରମେଶ ଚନ୍ଦ୍ର ସେଠୀ, ବୌଦ୍ଧର କରୁଣାକର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରାୟ ୮୦ ମାଷ୍ଟର୍ ତାଲିମଦାତା ଏହି ତାଲିମ ନେଇଥିଲେ ।


ମାଷ୍ଟର୍ ତାଲମଦାତାଙ୍କୁ ତାଲିମ୍ ପ୍ରଦାନ କରାଯାଉଛି ।

# ରାସ୍ତା ସମ୍ପ୍ରସାରଣରେ ବିଳମ୍ବରୁ ଅସନ୍ତୋଷ

**ଦାରିଙ୍ଗବାଡ଼ି,୧୨।୨(ଡି.ଏନ.ଏ.)**



ପେଟ୍ରୋଲ ଟାଙ୍କିଠାରୁ ପରପଙ୍କା ରାସ୍ତା ଅବସ୍ଥା ଶୋଚନୀୟ।

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ପଞ୍ଚାୟତର ପେଟ୍ରୋଲ ଟାଙ୍କି ନିକଟରୁ ପରପଙ୍କା ରାସ୍ତା ଦୀର୍ଘଦିନ ଧରି ଶୋଚନୀୟ ହୋଇପଡ଼ିଛି। ଏହାର ସମ୍ପ୍ରସାରଣ ପାଇଁ ବିଧାୟକ ଯାକବ ପ୍ରଧାନ ତାଙ୍କ ପାଣ୍ଠିରୁ ୫ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରିଛନ୍ତି। ରାସ୍ତା କାମ ଦେବାକୁ ଜଣଙ୍କ ନାମ ଲେଖି ସେ ବାଲିଗୁଡ଼ା ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ରାଜେନ୍ଦ୍ର ରଣଜିତଙ୍କୁ ଚିଠି ଲେଖିଥିଲେ। ମାତ୍ର ଉକ୍ତ ଠିକାଦାର କାମ ଆରମ୍ଭ କରିବାରେ ବିଳମ୍ବ ଯୋଗୁ ଅନ୍ୟଜଣଙ୍କୁ କାମ ଦେବାକୁ ବିଧାୟକ ପୁଣି ଏକ ଚିଠି ପ୍ରକଳ୍ପ ପ୍ରଶାସକଙ୍କ ନିକଟକୁ ଲେଖିଥିଲେ। ସମ୍ପୃକ୍ତ ଠିକାଦାର କଂକ୍ରିଟ, ମେଟାଲ, ବାଲି ଆଦି ଆଣି ପକାଇଥିଲେ ମଧ୍ୟ କାମ ଆରମ୍ଭ ହେଉନାହିଁ। ଏନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଗ୍ରାମବାସୀଙ୍କ ଅସୁବିଧାକୁ ଦେଖି ସେ ରାସ୍ତା ପାଇଁ ଟଙ୍କା ଦେଇଥିଲେ ମଧ୍ୟ ଅଦ୍ୟାବଧି ଏଷ୍ଟିମେଟ କରାଯାଉନଥିବା ବିଧାୟକ ପ୍ରଧାନ ଅଭିଯୋଗ କରିଛନ୍ତି। ମୁଁ ବିରୋଧି ଦଳର ବିଧାୟକ ହୋଇଥିବାରୁ ଏଭଳି ଅବହେଳା କରାଯାଉଛି, ମାତ୍ର ଲୋକେ ହଇରାଣ ହେଉଛନ୍ତି। ମଙ୍ଗଳବାର ମଧ୍ୟ ବାଲିଗୁଡ଼ା ଆଇଟିଡିଏ କାର୍ଯ୍ୟାଳୟକୁ ଯାଇଥିଲି, ମାତ୍ର ପ୍ରକଳ୍ପ ପ୍ରଶାସକଙ୍କ ସହ ଦେଖା ହୋଇପାରିନଥିବା ସେ କହିଛନ୍ତି।

ଏନେଇ ପ୍ରକଳ୍ପ ପ୍ରଶାସକ ରାଜେନ୍ଦ୍ର ରଣଜିତଙ୍କ ସହ ଫୋନ ଯୋଗେ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଯେ ବିଧାୟକ ଏକାଧିକ ଲୋକଙ୍କୁ ଏହି କାର୍ଯ୍ୟକରିବାକୁ ତାଙ୍କ ନିକଟକୁ ଚିଠି ଦେଇଛନ୍ତି। କାହାକୁ କାମ ଦେବେ ସ୍ପଷ୍ଟ କଲେ କାମ ଆରମ୍ଭ ହେବ। ଏଭଳି ପ୍ରତିକ୍ରିୟା ସମ୍ପର୍କରେ ବିଧାୟକ ପ୍ରଧାନ କହିଛନ୍ତି, ପ୍ରକଳ୍ପ ପ୍ରଶାସକ ବିଧାୟକଙ୍କୁ କହିପାରିବେନି ଯେ ଉକ୍ତ କାର୍ଯ୍ୟ ସେ କାହାକୁ ଦେବେ, ପ୍ରଥମେ କାର୍ଯ୍ୟାଦେଶ ଦେଇଥିବା ବ୍ୟକ୍ତି ବିଳମ୍ବ କରିବାରୁ ସେ ଅଜିତ ସାହୁଙ୍କୁ ଉକ୍ତ କାର୍ଯ୍ୟାଦେଶ ପ୍ରଦାନ ପାଇଁ ଚିଠି କରିଥିଲେ।

ସୂଚନାଯୋଗ୍ୟ, ପରପଙ୍କା ଗ୍ରାମରେ ପ୍ରାୟ ୨୫୦ ପରିବାର ବସବାସ କରୁଥିବା ବେଳେ ୯୦ ପ୍ରତିଶତ ଜନଜାତି ଲୋକ ରହିଛନ୍ତି। ତାଙ୍କର ଦୈନିକ ଦାରିଙ୍ଗବାଡ଼ିକୁ ଯାତାୟତ ସମସ୍ୟା ହେଉଥିବା ଗ୍ରାମର ସୁଲଚନା ପ୍ରଧାନ, ପ୍ରତାଞ୍ଜିନି ପ୍ରଧାନ, ଗୌରୀ ପ୍ରଧାନ, ସାମୁଏଲ ପ୍ରଧାନ, ତ୍ରିଲୋଚନ ପ୍ରଧାନ ପ୍ରମୁଖ କହିଛନ୍ତି। ସେହିପରି ଦାରିଙ୍ଗବାଡ଼ିରେ ପାଠ ପଢୁଥିବା ଛାତ୍ରୀଛାତ୍ରମାନେ ମଧ୍ୟ ଅସୁବିଧା ଭୋଗୁଛନ୍ତି।

# ଅପରାଧ ସଚେତନତା ସଭା

**ଦିଗପହଣ୍ଡି/ପାଟପୁର,୧୨।୨(ଡି.ଏନ.ଏ.)**

ପାଟପୁର ପୋଲିସ ପକ୍ଷରୁ ମଙ୍ଗଳବାର କଙ୍କୋରଡ଼ା ଗ୍ରାମ କଲେଜରେ ଅପରାଧ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଆରକ୍ଷୀ ଅଧୀକ୍ଷକ କାର୍ଯ୍ୟାଳୟ ସୌଜନ୍ୟରେ ଆୟୋଜିତ ସଭାରେ କଲେଜ ଅଧ୍ୟକ୍ଷ ଡ଼. ପ୍ରଫୁଲ୍ଲ କୁମାର ରାଉତ ଅଧ୍ୟକ୍ଷତା କରିଥିଲେ। ସଭାରେ ପାଟପୁର ଥାନା ଆଇଆଇସି ରମେଶ କୁମାର ପ୍ରଧାନ ଉପସ୍ଥିତ ଥିଲେ । ବ୍ୟାଙ୍କ ଜମାଖାତା ସମ୍ବନ୍ଧିତ କୌଣସି ତଥ୍ୟ ଫୋନ ଜରିଆରେ ପ୍ରଦାନ ନ କରିବା, ଏଟିଏମରୁ ଟଙ୍କା ଉଠାଣରେ ଅଚିହ୍ନା ବ୍ୟକ୍ତିଙ୍କ ସହାୟତା ନ ନେବା, ଫୋନରେ ମହିଳାଙ୍କୁ ଅଶ୍ଳୀଳ ଛବି ପ୍ରେରଣ କରିବା ସମ୍ପର୍କରେ ସୂଚନା ମିଳିଲେ ପୋଲିସକୁ ଜଣାଇବା ସମେତ ଦୁର୍ଘଟଣାଗ୍ରସ୍ତଙ୍କୁ ସହାୟତା କରିଥିବା ବ୍ୟକ୍ତିଙ୍କୁ ପୋଲିସ ପକ୍ଷରୁ ପୁରସ୍କୃତ କରାଯିବା ବ୍ୟବସ୍ଥା ଥିବା ନେଇ ପ୍ରାମାଣିକ ଚଳଚ୍ଚିତ୍ର ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ସଚେତନ କରାଯାଇଥିଲା। ପଛୁଆବର୍ଗ, ଅନୁସୂଚିତ ଜାତି, ଜନଜାତି ବର୍ଗଙ୍କୁ ନିର୍ଯାତନା ଦଣ୍ଡନୀୟ ଅପରାଧ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ସଭାରେ ଗଞ୍ଜାମ ପୋଲିସର ସାଇବର ସେଲ ନୋଡାଲ ଅଧିକାରୀ ବିଦ୍ୟାଧର ସାହୁ, ଅଧ୍ୟାପକ ଡ. କୈଳାସ ଚନ୍ଦ୍ର ସ୍ୱାଇଁ, ଡ. ପ୍ରକାଶ ଚନ୍ଦ୍ର ଜେନା ପ୍ରମୁଖ ମଞ୍ଚାସୀନ ଥିଲେ ।


**ICICI Bank**

**ICICI Bank Limited**
**Registered Office:** ICICI Bank Tower, Near Chakli Circle, Old Padra Road, Vadodara 390007
**Corporate Office:** ICICI Bank Tower, Bandra Kurla Complex, Mumbai - 400051

Dear Customer,
We are pleased to inform you that we are relocating to a new location mentioned below.

**Old Address: ICICI Bank Limited**
Flat No. 208/479, Ground Floor, Satyanarayana Complex
Binoba Marg, Laxmi Bazaar, Asika, Ganjam 761110, Odisha

**New Address: ICICI Bank Limited**
Mahapatra Complex, Kalinga Road, Near Biju Pattanaik Square
Asika, Ganjam 761110, Odisha

The said premises will be operational, effective from Mar 01, 2019

Sincerely,
**Branch Manager**



**ADMISSION NOTICE**

**DIPLOMA IN TOOL & DIE MAKING
AND
DIPLOMA IN MECHATRONICS**

Applications are invited in the prescribed form from intending candidates for admission to **four years Diploma in Tool & Die Making** and three years **Diploma in Mechatronics** course for the Session **2019-2020.**

**Eligibility :** Matriculation or equivalent examinations from a recognised Board with Mathematics & Science (Physics or Chemistry or both) with minimum 50% marks (40% in case of candidate belonging to SC/ST) in aggregate.

**Age :** Between 15 to 18 years for General candidates **(born in between 02.07.2001 to 01.07.2004)** and Relaxable to 21 years for SC/ST candidates **(born in between 02.07.1998 to 01.07.2004)** as on **01.07.2019.**

**Selection :** Selection will be made through written test at Bhubaneswar. The written test which comprises of objective & subjective type questions will be held on **28.04.2019 (Sunday) at 09.00 a.m.** Candidates awaiting result of 10th can also appear for written test. However the result should be available at the time of admission.

**How to apply :** Application form along with prospectus can be obtained in person from the administrative office by paying **Rs.500/- (Rs.200/-** in case of SC/ST candidates) in cash or by sending demand draft of **Rs.550/- (Rs.250/-** for SC/ST candidates) in favour of **"Central Tool Room & Training Centre", payable at Bhubaneswar** to get the prospectus by Speed Post/Courier. DD should accompany self addressed envelop of size 20cm x 25cm. SC/ST candidates should send proof of caste.

The application form along with the prospectus is also available on our website **www.cttc.gov.in.** The application form can be down loaded from the website and filled in application form along with demand draft by paying **Rs.500/- (Rs.200/-** in case of SC/ST candidates) can be sent by post.

**For offline Application :** The application in the proforma prescribed should be filled in by the candidate's own handwriting and addressed to the Managing Director, Central Tool Room & Training Centre, Plot No.: B-36, Chandaka Industrial Area, Bhubaneswar - 751024. Application form should have the superscription on the top of the envelop as "Application for Diploma in Tool & Die Making / Mechatronics".

**For online Application :** The application in the proforma prescribed should be filled online. After filling up the mandatory details & uploading their photo in the application form, candidates are required to make the payment online, sign the declaration at the end and upload an image file of their left hand thumb impression. Based on completeness of the application and payment, candidates will be called for Written test to be held at Bhubaneswar. The admit card for applying the written test can be downloaded from CTTC website **www.cttc.gov.in**

Reservations as per Govt. of India rules. 22.5% seats are reserved for SC/ST candidates for whom no fee will be charged subject to production of two photo copies of self attested Caste Certificate & Aadhaar Card. However, caution deposit is to be paid in case of admission which will be refunded after successful completion of Training with minimum 85% attendance. Caste Certificate & Aadhaar Card in original from competent authority is to be produced for verification at the time of admission which may be re-verified from the Issuing Authority.

***Last date of Issue & Receipt of application is dt.20.04.2019***
***For details contact : Sr. Manager (Training)***

सत्यमेव जयते
Ministry of MSME
Govt. of India

**CENTRAL TOOL ROOM & TRAINING CENTRE**
**(Ministry of Micro, Small & Medium Enterprises , Govt. of India)**
**B-36, Chandaka Industrial Area, Bhubaneswar - 751024,**
**Ph. No.- (0674) 3011733, 3011734, 3011755, Fax: (0674) 3011750**
**E-mail : cttc@cttc.gov.in, Website : www.cttc.gov.in**

ISO-9001, ISO-14001
OHSAS 18001


# ଓକିଲ ସଂଘର ଧାରଣା

**ହିଞ୍ଜିଳିକାଟୁ,୧୨।୨(ଡି.ଏନ୍.ଏ.)**

ଭାରତୀୟ ଆଇନଜୀବୀ ପରିଷଦ ନିଷ୍ପତ୍ତି ପ୍ରକାରେ ବିଭିନ୍ନ ଦାବି ନେଇ ସୋମବାର ଓ ମଙ୍ଗଳବାର କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଇଥିଲା। ମଙ୍ଗଳବାର ହିଞ୍ଜିଳିକାଟୁ ଓକିଲ ସଂଘ କାର୍ଯ୍ୟକର୍ତ୍ତାଙ୍କ ସହ ବହୁ ଓକିଲ ଜେଏମଏଫସି କୋର୍ଟ ଆଗରେ ଧାରଣା ଦେଇଥିଲେ। ପୂର୍ବାହ୍ନରେ ବିଚାରପତିଙ୍କ ବାଟ ଓଗାଳିଥିଲେ। ଓକିଲଙ୍କ ଧାରଣା ଯୋଗୁ ୨ଦିନ ଧରି କୋର୍ଟ କାର୍ଯ୍ୟ ଓ ଅନ୍ୟାନ୍ୟ ନ୍ୟାୟିକ ସେବା ବନ୍ଦ ରହିଛି। ଓକିଲ ସଂଘ ପକ୍ଷରୁ ଏକ ସ୍ମାରକପତ୍ର ହିଞ୍ଜିଳିକାଟୁ ବିଡ଼ିଓ ପ୍ରସନ୍ନ କୁମାର ପାତ୍ରଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରାଯାଇଛି। ନୂତନ ଆଇନଜୀବୀଙ୍କୁ ଷ୍ଟାଇପେଣ୍ଡ, ଅବସରକାଳୀନ ପେନସନ, ସ୍ୱାସ୍ଥ୍ୟ ଓ ଦୁର୍ଘଟଣାଜନିତ ବୀମା ଆଦି ବିଭିନ୍ନ ଦାବି ରହିଛି। ଧାରଣାରେ ସଂଘ ସମ୍ପାଦକ ରଞ୍ଜିତ କୁମାର ପାଢ଼ୀ, ଉପସଭାପତି ଜଗତ ମୋହନ ସାହୁ, ପୂର୍ବତନ ସଭାପତି ରାମଚନ୍ଦ୍ର ମହାପାତ୍ର, ଦ୍ୱିତୀକୃଷ୍ଣ ସାବତ, ନିରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



# ସର୍ବଶିକ୍ଷା ଅଭିଯାନ କାର୍ଯ୍ୟାଳୟରେ ତାଲା



ଆନ୍ଦୋଳନରେ ସାମିଲ ହୋଇଥିବା ଗଞ୍ଜାମ ଜିଲା ସର୍ବଶିକ୍ଷା ଅଭିଯାନ କର୍ମଚାରୀ ।

**ଛତ୍ରପୁର,୧୨।୨(ଡି.ଏନ.ଏ)**

ଓଡିଶା ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ କର୍ତ୍ତୃପକ୍ଷ କର୍ମଚାରୀ ସେବା ଆସୋସିଏଶନ ଡାକରାରେ ଓପେପା କାର୍ଯ୍ୟାଳୟ ଆଗରେ ଆନ୍ଦୋଳନ ଚାଲିଛି। ଏଥିରେ ଗଞ୍ଜାମ ଜିଲା ଛତ୍ରପୁରସ୍ଥିତ ସର୍ବଶିକ୍ଷା ଅଭିଯାନ କାର୍ଯ୍ୟାଳୟର କର୍ମଚାରୀ ମଧ୍ୟ ସାମିଲ ହୋଇଛନ୍ତି। ଆନ୍ଦୋଳନ ଯୋଗୁ ୪ ତାରିଖରୁ ଛତ୍ରପୁରସ୍ଥିତ ସର୍ବଶିକ୍ଷା ଅଭିଯାନ କାର୍ଯ୍ୟାଳୟ ଫାଟକରେ ତାଲା ଝୁଲୁଛି । ୭ମ ବେତନ ଲାଗୁ କରିବା ଓ ଚାକିରି ନିୟମିତ କରିବା ଦାବିରେ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଆନ୍ଦୋଳନ ଚଳାଇଛନ୍ତି। ଏ ନେଇ ଶିକ୍ଷା ବିଭାଗରେ ଏକ ପ୍ରକାର ଅଚଳାବସ୍ଥା ସୃଷ୍ଟି ହୋଇଛି। ଗତ ୧ ଓ ୨ ତାରିଖରେ ଛତ୍ରପୁରସ୍ଥିତ ସର୍ବଶିକ୍ଷା ଅଭିଯାନ କାର୍ଯ୍ୟାଳୟର କର୍ମଚାରୀ କଳାବ୍ୟାଜ୍ ପରିଧାନ କରିଥିଲେ। ୪ ରୁ ଏମାନେ ସମୂହ ଛୁଟି ନେଇ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଚଳାଇଛନ୍ତି। ସୂଚନାଯୋଗ୍ୟ, ସର୍ବଶିକ୍ଷା ଅଭିଯାନ ପକ୍ଷରୁ ସ୍କୁଲଗୁଡିକରେ ବିଭିନ୍ନ ଯୋଜନା ଏବଂ ପାଇଖାନା ନିର୍ମାଣ ଠାରୁ ଆରମ୍ଭ କରି ଶ୍ରେଣୀଗୃହ ନିର୍ମାଣ ଆଦି କରାଯାଇଥାଏ । ବର୍ତ୍ତମାନ ଏସବୁ କାର୍ଯ୍ୟ ଠପ୍ ହୋଇଯାଇଛି।

# ଜାତୀୟ ସ୍ୱାସ୍ଥ୍ୟ ମିଶନ କର୍ମଚାରୀଙ୍କ ଆନ୍ଦୋଳନ

**ଛତ୍ରପୁର,୧୨।୨(ଡି.ଏନ.ଏ):** ଜାତୀୟ ସ୍ୱାସ୍ଥ୍ୟ ମିଶନରେ କାର୍ଯ୍ୟରତ କର୍ମଚାରୀମାନେ ୬ ଦଫା ଦାବିନେଇ ଭୁବନେଶ୍ୱରରେ ଆନ୍ଦୋଳନ ଚଳାଇଛନ୍ତି। ଏହିଆନ୍ଦୋଳନ ମଙ୍ଗଳବାର ୭ମ ଦିନରେ ପହଞ୍ଚିଛି। ଛତ୍ରପୁର ହସ୍ପିଟାଲ ସମେତ ଗଞ୍ଜାମ ଜିଲାର ୧୩୦ରୁ ଊର୍ଦ୍ଧ୍ୱ କର୍ମଚାରୀ ଆନ୍ଦୋଳନରେ ସାମିଲ ଥିବାରୁ ସ୍ୱାସ୍ଥ୍ୟ ସେବା ଅଧିକ ପ୍ରଭାବିତ ହୋଇଛି। ଦୀର୍ଘ ୧୨ ବର୍ଷରୁ ଊର୍ଦ୍ଧ୍ୱ ହେବ ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ ବ୍ଲକ ଓ ଜିଲାସ୍ତରରେ କର୍ମଚାରୀ କାର୍ଯ୍ୟ କରୁଛନ୍ତି। ସୁରକ୍ଷିତ ମାତୃତ୍ୱଠାରୁ ଆରମ୍ଭ କରି ଶିଶୁ ସ୍ୱାସ୍ଥ୍ୟ, ଜନନୀ ସୁରକ୍ଷା ଯୋଜନା ଆଦି ୫୪ଟି ଯୋଜନାକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବାକୁ ଏମାନେ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି। ହସ୍ପିଟାଲ ସୁରକ୍ଷା, ସଫେଇ ଆଦି ପରିଚାଳନା ଏମାନଙ୍କ ଉପରେ ନ୍ୟସ୍ତ ଥିବାରୁ ସେବା ବିଶେଷ ଭାବେ ପ୍ରଭାବିତ ହୋଇଛି।



ଆନ୍ଦୋଳନରେ ସାମିଲ ହୋଇଥିବା ଛତ୍ରପୁର ହସ୍ପିଟାଲ କର୍ମଚାରୀ।

## ମଦ ବନ୍ଦ ଦାବି: ଅନଶନ ୫ମ ଦିନରେ

ଛତ୍ରପୁର,୧୨।୨(ଡି.ଏନ.ଏ.): କରପଡା ଓ କୁକୁଡାଖଣ୍ଡି ବ୍ଲକ ଲାଠି ଗାଁରେ ମଦ ବନ୍ଦ ଦାବିରେ ଗଞ୍ଜାମ ଜିଲା ଶିବସେନା ପକ୍ଷରୁ ଆମରଣ ଅନଶନ ଚାଲିଛି। ଛତ୍ରପୁରସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଚାଲିଥିବା ଅନଶନ ମଙ୍ଗଳବାର ୫ମ ଦିନରେ ପହଞ୍ଚିଛି। କିନ୍ତୁ ଏ ପର୍ଯ୍ୟନ୍ତ ଅନଶନକାରୀଙ୍କ ସହ ଆଲୋଚନା କରିବାକୁ କୌଣସି ଅଧିକାରୀ ଆସି ନାହାନ୍ତି।






# ୧୪ରେ ଆସିବେ ଯୋଗାଣ ନିଗମ ଜିଏମ୍

**ଛତ୍ରପୁର,୧୨।୨(ଡି.ଏନ.ଏ.):** ରାଜ୍ୟ ଯୋଗାଣ ନିଗମର ଜେନେରାଲ ମ୍ୟାନେଜର (ପିଡିଏସ୍) ସନ୍ତୋଷ କୁମାର ଦାଶ ଆସନ୍ତା ୧୪ ତାରିଖରେ ଗଞ୍ଜାମ ଜିଲାକୁ ଦୁଇଦିନିଆ ଗସ୍ତରେ ଆସିବେ । ସୋମବାର ଗଞ୍ଜାମ ଜିଲା ଯୋଗାଣ ଅଧିକାରୀଙ୍କ ନିକଟକୁ ଏ ସମ୍ପର୍କିତ ଚିଠି ଆସିଛି । ଜେନେରାଲ ମ୍ୟାନେଜରଙ୍କ ନେତୃତ୍ୱରେ ଏକ ଟିମ୍ ଆସି ଜିଲାରେ ନିର୍ମାଣ ହେବାକୁ ଥିବା ଗୋଦାମର ସାଇଟ୍ ପରିଦର୍ଶନ କରିବେ। ଭାରତ ସରକାରଙ୍କ ଖାଦ୍ୟ ଯୋଗାଣ ମନ୍ତ୍ରଣାଳୟ ପକ୍ଷରୁ ପିପିପି ମୋଡ୍‌ରେ ଗୋଦାମ ନିର୍ମାଣ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ପରିପ୍ରେକ୍ଷୀରେ ଉକ୍ତ ପାଇଲଟ୍ ପ୍ରକଳ୍ପ ଗଞ୍ଜାମ, ଭଦ୍ରକ ଓ ବାଲେଶ୍ୱର ଜିଲାରେ କାର୍ଯ୍ୟକାରୀ ହେବ। ୧୪ ତାରିଖରେ ପ୍ରସ୍ତାବିତ ଗୋଦାମ ନିର୍ମାଣ ପାଇଁ ଗଞ୍ଜାମ ଜିଲାର ପୁରୁଷୋତ୍ତମପୁର ବ୍ଲକର ୪ଟି ଓ ସାନଖେମୁଣ୍ଡି ବ୍ଲକର ଗୋଟିଏ ଏବଂ ୧୫ ତାରିଖରେ ଭଞ୍ଜନଗର ବ୍ଲକର ୩ ଓ ଶେରଗଡ ବ୍ଲକର ୨ଟି ସାଇଟ୍‌କୁ ଉକ୍ତ ଟିମ ଯାଇ ତଥ୍ୟ ସଂଗ୍ରହ କରିବେ ବୋଲି ସୂଚନା ମିଳିଛି। ଏଥିପାଇଁ ଜିଲା ଯୋଗାଣ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି।

# ଦୁଇ ଦିନ ବାଲିଗୁଡ଼ା କୋର୍ଟ ବନ୍ଦ

**ବାଲିଗୁଡ଼ା,୧୨।୨(ଡି.ଏନ୍.ଏ.):** ଭାରତୀୟ ଆଇନ୍‌ଜୀବୀ ପରିଷଦ, ନୂଆଦିଲ୍ଲୀ, ରାଜ୍ୟ ଆଇନଜୀବୀ ପରିଷଦ କଟକ ଓ ରାଜ୍ୟର ସମସ୍ତ ବାର ଆସୋସିଏଶନ୍‌ର ମିଳିତ ଡାକରାରେ ବାଲିଗୁଡ଼ାର ସମସ୍ତ କୋର୍ଟକୁ ୧୧ ଓ ୧୨ ତାରିଖ ବନ୍ଦ କରାଯାଇଛି। ଫଳରେ ଜନସାଧାରଣ, ମହକିଲମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାର ଆସୋସିଏଶନ୍ ପାଇଁ ଅତ୍ୟାବଶ୍ୟକ ଗୃହ, ସରାମ, ଲାଇବ୍ରେରୀ, ଇଣ୍ଟରନେଟ୍, ଶୌଚାଳୟ ବିଶେଷ କରି ମହିଳା ଓକିଲ ମାନଙ୍କ ପାଇଁ ଶୌଚାଳୟ ଦାବି ରହିଛି। ସେହିପରି ଓକିଲମାନଙ୍କ କଲ୍ୟାଣ ପାଇଁ କେନ୍ଦ୍ର ସରକାର ବାର୍ଷିକ ବଜେଟ୍‌ରେ ୫ହଜାର କୋଟି ଟଙ୍କା ବ୍ୟୟ ବରାଦ କରିବା ପାଇଁ ଓକିଲ୍‌ମାନେ ଦାବି କରିଛନ୍ତି। ଏହି ୫ହଜାର କୋଟି ଟଙ୍କାରେ ଓକିଲ ତଥା ତାଙ୍କ ପରିବାର ଲୋକଙ୍କ ପାଇଁ ବୀମା ବ୍ୟବସ୍ଥା, ନୂତନ ଭାବେ ଓକିଲାତି ଆରମ୍ଭ କରିଥିବା ଆଇନଜୀବୀଙ୍କ ପାଇଁ ସର୍ବନିମ୍ନ ୫ବର୍ଷ ପାଇଁ ମାସିକ ୧୦ ହଜାର ଟଙ୍କା ଓ କୌଣସି ଓକିଲଙ୍କ ଅକାଳ ମୃତ୍ୟୁ କିମ୍ବା ଅକର୍ମଣ୍ୟ ହେଲେ ତାଙ୍କ ଉପରେ ନିର୍ଭର କରୁଥିବା ପରିବାର ଲୋକଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେବା ଆଦି ଦାବିନେଇ ସ୍ଥାନୀୟ ବାର୍ ଆସୋସିଏସନ୍‌ର ସଭାପତି କୌଶିକ ସାହୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ସ୍ଥାନୀୟ ସହକାରୀ ଉପଜିଲାପାଳ ହରିଶ୍ଚନ୍ଦ୍ର ପ୍ରଧାନଙ୍କ ଜରିଆରେ ପ୍ରେରଣ କରିଥିଲେ। ଏଥିରେ ସ୍ଥାନୀୟ ବାର୍ ଆସୋସିଏଶନ୍‌ର ପଦ୍ମଚରଣ ପଟ୍ଟନାୟକ, ପଦ୍ମଚରଣ ପଣ୍ଡା, ସେଖ୍ ସାଦ୍ଦିକ, ଜ୍ୟୋତି ରଜ ଦାସ, ଟି. ହରିଶ୍ଚନ୍ଦ୍ର ରାଓ, ଅନୀଲ କୁମାର ଲେଙ୍କା, ଅନୀଲ କୁମାର ଦାସ, ଶିରିଶ ପ୍ରଧାନ, ସୁଧାଂଶୁ ମୋହନ ପତି ପ୍ରମୁଖ ଉପସ୍ଥିତ ଥିଲେ।


**ୟୁକୋ ବ୍ୟାଙ୍କ**

ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଙ୍ଗ, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯, ଫୋନ୍: ୦୬୭୪-୨୫୩୧୬୮୭

**ଦଖଲ ନୋଟିସ୍**
ସ୍ଥାବର ସମ୍ପତ୍ତି ନିମନ୍ତେ

**(ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ, ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)**

ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କ** ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୮ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଚୁକ୍ତି ହାରରେ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ ଓ ଆଇନଗତ ଖର୍ଚ୍ଚ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତାମାନେ ସେମାନଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର ବର୍ଣ୍ଣିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିଗୁଡ଼ିକୁ **ଦଖଲକୁ** ନେଇଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏତଦ୍ ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଅନ୍ୟଥା ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର ପାଇଁ **ୟୁକୋ ବ୍ୟାଙ୍କ** ନିକଟରେ ସମସ୍ତ ଦେୟ ସହିତ ସେବାବଦ ସୁଧ ଓ ଖର୍ଚ୍ଚ ନିମନ୍ତେ ଉତ୍ତରଦାୟୀ ରହିବେ।

| ଶାଖା / ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶି ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିଗୁଡିକର ସମ୍ପୂର୍ଣ୍ଣ ବିବରଣୀ |
|---|---|---|---|
| ବନମାଳିପୁର ଶାଖା / **ଋଣଗ୍ରହୀତା: ଶ୍ରୀ ହୃଦୟ ରଞ୍ଜନ ମହାପାତ୍ର,** ପିତା: ଶ୍ରୀ ନେତ୍ରାନନ୍ଦ ପାତ୍ର, ସା/ପୋ.: ବନମାଳିପୁର, ଜିଲ୍ଲା: ଖୋର୍ଦ୍ଧା / **ଗ୍ୟାରେଣ୍ଟିଦାତା: ଶ୍ରୀ ଜୀବନ ରଞ୍ଜନ ମହାପାତ୍ର,** ପ୍ଲଟ୍ ନଂ.: ବି/୪୮, ବି.ଡି.ଏ. ଡୁପ୍ଲେକ୍ସ, ବରମୁଣ୍ଡା, ଭୁବନେଶ୍ୱର | ୩୧.୦୧.୨୦୧୯ ସୁଦ୍ଧା ଟ.୧,୨୪,୩୬୮.୨୫ + ସେବାବଦ ସୁଧ, ଖର୍ଚ୍ଚ ଏବଂ ଆନୁସଙ୍ଗିକ ଦେୟ | ୩୧.୦୮.୨୦୧୫ / ୦୭.୦୨.୨୦୧୯ | **ଶ୍ରୀ ହୃଦୟ ରଞ୍ଜନ ମହାପାତ୍ରଙ୍କ** ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଭାପୁର, ଏସ୍‌ଆରଓ: ବାଲିପାଟଣା, ଜିଲ୍ଲା: ଖୋର୍ଦ୍ଧା, ଖାତା ନଂ.: ୭୭୫/୧୨୭, ପ୍ଲଟ୍ ନଂ.: ୧୩୧୪/୨୪୯୦ ଏବଂ ୧୨୯୫/୨୪୯୧, କ୍ଷେତ୍ର: ଏକର୦.୦୪ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ଉର୍ମିଳାରାଣୀ ପାତ୍ର, ପଶ୍ଚିମ: ପିତାମ୍ବର ପାତ୍ର, ଉତ୍ତର: ପ୍ଲଟ୍ ନଂ.: ୧୩୧୩, ଦକ୍ଷିଣ: ସର୍ବସାଧାରଣ ରାସ୍ତା |
| ବନମାଳିପୁର ଶାଖା / **ଋଣଗ୍ରହୀତା: ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ଜେନା,** ପିତା: କେଳୁ ଚରଣ ଜେନା, ସା.: ସରିପୁର, ପୋ.: ବାଲିପାଟଣା, ଜିଲ୍ଲା: ଖୋର୍ଦ୍ଧା / **ଗ୍ୟାରେଣ୍ଟିଦାତା: ଶ୍ରୀ କୈଳାସ ଚନ୍ଦ୍ର ସାହୁ,** ପିତା: ବଂଶୀଧର ସାହୁ, ସା.: ଶେଖ ପାଟଣା, ପୋ.: ମଝିହରା, ଜିଲ୍ଲା: ଖୋର୍ଦ୍ଧା | ୩୧.୦୧.୨୦୧୯ ସୁଦ୍ଧା ଟ.୨,୨୯,୬୨୮.୫୦ + ସେବାବଦ ସୁଧ, ଖର୍ଚ୍ଚ ଏବଂ ଆନୁସଙ୍ଗିକ ଦେୟ | ୧୯.୦୭.୨୦୧୭ / ୦୭.୦୨.୨୦୧୯ | **ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ଜେନା,** ପିତା: କେଳୁ ଚରଣ ଜେନାଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ସରିପୁର, ଏସ୍‌ଆରଓ: ବାଲିପାଟଣା, ଜିଲ୍ଲା: ଖୋର୍ଦ୍ଧା, ଖାତା ନଂ.: ୬୫, ପ୍ଲଟ୍ ନଂ.: ୯୧୮, କ୍ଷେତ୍ର: ଏକର୦.୦୧ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ଆଖଣ୍ଡଳମଣୀ ଜୀଉ, ପଶ୍ଚିମ: ଗୋବିନ୍ଦ ସାହୁ, ଉତ୍ତର: ପ୍ଲଟ୍ ନଂ.: ୯୧୩, ଦକ୍ଷିଣ: ରାସ୍ତା |
| ବନମାଳିପୁର ଶାଖା / **ଋଣଗ୍ରହୀତା: ଅବଦୁଲ୍ ଅବୁତାଲିବ ଖାଁ,** ପିତା: ଅବଦୁଲ୍ ମଜିଦ ଖାଁ, **ଠିକଣା-୧:** ସା.: ଧାନହରା, ପୋ.: ମଝିହରା, ଥାନା: ବାଲିପାଟଣା, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୨୧୦୩, **ଠିକଣା-୨:** ସା.: ଅଠାନ୍ତର ଛକ, ପୋ.: ଅଠାନ୍ତର, ଜିଲ୍ଲା: ଖୋର୍ଦ୍ଧା / **ଗ୍ୟାରେଣ୍ଟିଦାତା: ଅବଦୁଲ୍ ଗାଲିବ ଖାଁ,** ପିତା: ଅବଦୁଲ୍ ଅବୁତାଲିବ ଖାଁ, ସା.: ଧାନହରା, ପୋ.: ମଝିହରା, ଥାନା: ବାଲିପାଟଣା, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୨୧୦୩ | ୩୧.୦୧.୨୦୧୯ ସୁଦ୍ଧା ଟ.୧,୨୨,୩୯୯/- + ସେବାବଦ ସୁଧ, ଖର୍ଚ୍ଚ ଏବଂ ଆନୁସଙ୍ଗିକ ଦେୟ | ୧୧.୦୭.୨୦୧୭ / ୦୭.୦୨.୨୦୧୯ | **ଅବଦୁଲ୍ ଅବୁତାଲିବ ଖାଁ,** ପିତା: ଅବଦୁଲ୍ ମଜିଦ ଖାଁଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଧାନହରା, ଏସ୍‌ଆରଓ: ବାଲିପାଟଣା, ଜିଲ୍ଲା: ଖୋର୍ଦ୍ଧା, ଖାତା ନଂ.: ୫୮/୫, ପ୍ଲଟ୍ ନଂ.: ୨୪୪, କ୍ଷେତ୍ର: ଏକର୦.୦୯ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: କେନାଲ, ପଶ୍ଚିମ: ଅବଶିଷ୍ଟ ପ୍ଲଟ୍, ଉତ୍ତର: ନୟନକୋରି ରୋଡ୍, ଦକ୍ଷିଣ: ମଧୁସୂଦନ ତ୍ରିପାଠୀ |
| ବନମାଳିପୁର ଶାଖା / **ଋଣଗ୍ରହୀତା: ଶ୍ରୀ ବିଜୟ ମାଣିକ,** ପିତା: ଶ୍ରୀ କ୍ଷେତ୍ରବାସୀ ମାଣିକ, ସା.: ଲକ୍ଷ୍ମୀଜନାର୍ଦ୍ଦନ ପାଟଣା, ପୋ.: ବନମାଳିପୁର, ଜିଲ୍ଲା: ଖୋର୍ଦ୍ଧା | ୩୧.୦୧.୨୦୧୯ ସୁଦ୍ଧା ଟ.୧୦,୦୦,୩୩୬/- + ସେବାବଦ ସୁଧ, ଖର୍ଚ୍ଚ ଏବଂ ଆନୁସଙ୍ଗିକ ଦେୟ | ୦୧.୧୨.୨୦୧୮ / ୦୭.୦୨.୨୦୧୯ | **ଶ୍ରୀ କ୍ଷେତ୍ରବାସୀ ମାଣିକଙ୍କ** ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଭାପୁର, ଖାତା ନଂ.: ୧୭୪, ପ୍ଲଟ୍ ନଂ.: ୧୨୧୭/୨୩୮୯, କ୍ଷେତ୍ର: ଏକର୦.୦୪ଡିସିମିଲି, ଖାତା ନଂ.: ୭୧୮, ପ୍ଲଟ୍ ନଂ.: ୧୨୧୭, କ୍ଷେତ୍ର: ଏକର୦.୦୪ଡିସିମିଲି |
| ବନମାଳିପୁର ଶାଖା / **ଋଣଗ୍ରହୀତାମାନେ: ୧) ଶ୍ରୀ ସୁଦର୍ଶନ ଦାଶ,** ପିତା: ଶ୍ରୀ ସୁରେନ୍ଦ୍ର ଦାଶ, **୨) ଶ୍ରୀମତୀ ବୀଣାପାଣି ମହାପାତ୍ର,** ସ୍ୱାମୀ: ଶ୍ରୀ ସୁଦର୍ଶନ ଦାଶ, ଉଭୟଙ୍କ ଠିକଣା- ସା.: ବଳଭଦ୍ରପୁର, ପୋ.: ନୂଆପଡା, ବାଲିପାଟଣା, ଜିଲ୍ଲା: ଖୋର୍ଦ୍ଧା | ୩୧.୦୧.୨୦୧୯ ସୁଦ୍ଧା ଟ.୧,୯୪,୬୫୯/- + ସେବାବଦ ସୁଧ, ଖର୍ଚ୍ଚ ଏବଂ ଆନୁସଙ୍ଗିକ ଦେୟ | ୦୧.୦୬.୨୦୧୫ / ୦୭.୦୨.୨୦୧୯ | **ଶ୍ରୀ ସୁଦର୍ଶନ ଦାଶଙ୍କ** ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ପମ୍ପାଲୋ, ଏସ୍‌ଆରଓ: ବାଲିପାଟଣା, ଜିଲ୍ଲା: ଖୋର୍ଦ୍ଧା, ଖାତା ନଂ.: ୬୨୦, ପ୍ଲଟ୍ ନଂ.: ୭୭୯, କ୍ଷେତ୍ର: ଏକର୦.୦୮ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ଶ୍ୟାମ ସୁନ୍ଦର ଦାଶ, ପଶ୍ଚିମ: କେନାଲ, ଉତ୍ତର: କ୍ରେତା, ଦକ୍ଷିଣ: ରାସ୍ତା |
| ବନମାଳିପୁର ଶାଖା / **ଋଣଗ୍ରହୀତା: ଶ୍ରୀ କାହ୍ନୁ ଚରଣ ଗିରି,** ପିତା: ଶ୍ରୀ ଆନନ୍ଦ ଗିରି, ସା/ପୋ.: ବନମାଳିପୁର, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୨୧୦୩/**ଗ୍ୟାରେଣ୍ଟିଦାତା: ଶ୍ରୀ ଦ୍ୱିଜବର ବେହେରା,** ପିତା: ଶ୍ରୀ ପଞ୍ଚୁ ବେହେରା, ସା.: ଖଇରପୁର, ପୋ.: ବନମାଳିପୁର, ଜିଲ୍ଲା: ଖୋର୍ଦ୍ଧା | ୩୧.୦୧.୨୦୧୯ ସୁଦ୍ଧା ଟ.୧,୮୦,୨୦୬.୦୫ + ସେବାବଦ ସୁଧ, ଖର୍ଚ୍ଚ ଏବଂ ଆନୁସଙ୍ଗିକ ଦେୟ | ୧୯.୦୭.୨୦୧୭ / ୦୭.୦୨.୨୦୧୯ | **ଶ୍ରୀ କାହ୍ନୁ ଚରଣ ଗିରି,** ପିତା: ଆନନ୍ଦ ଗିରିଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଭାକରସାହି, ଏସ୍‌ଆରଓ: ବାଲିପାଟଣା, ଜିଲ୍ଲା: ଖୋର୍ଦ୍ଧା, ଖାତା ନଂ.: ୧୨୮୫/୧୨୮, ପ୍ଲଟ୍ ନଂ.: ୧୪୨୦, କ୍ଷେତ୍ର: ଏକର୦.୦୧ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: କୈଳାସ ପାତ୍ର, ପଶ୍ଚିମ: ପ୍ରେମାନନ୍ଦ ପାତ୍ର, ଉତ୍ତର: ରାସ୍ତା, ଦକ୍ଷିଣ: ହାଟପଡା ରାସ୍ତା |
| ବୀରପ୍ରତାପପୁର ଶାଖା / **ଋଣଗ୍ରହୀତା: ଶ୍ରୀ ବିଜୟ କୁମାର ପ୍ରଧାନ,** ପିତା: ଶ୍ରୀ ଦାଶରଥି ପ୍ରଧାନ / **ଗ୍ୟାରେଣ୍ଟିଦାତା: ଶ୍ରୀମତୀ ସୋନାଲି ପ୍ରଧାନ,** ସ୍ୱାମୀ: ଶ୍ରୀ ବିଜୟ କୁମାର ପ୍ରଧାନ, ଉଭୟଙ୍କ ଠିକଣା- ସା: ସର୍ବୋଦୟ ନଗର, ଗୁଣ୍ଡିଚା ବିହାର, ପୁରୀ-୭୫୨୦୦୨ | ୧୩.୧୧.୨୦୧୮ ସୁଦ୍ଧା ଟ.୮,୭୧,୬୭୩/- + ସେବାବଦ ସୁଧ, ଖର୍ଚ୍ଚ ଏବଂ ଆନୁସଙ୍ଗିକ ଦେୟ | ୧୩.୧୧.୨୦୧୮ / ୦୫.୦୨.୨୦୧୯ | **ଶ୍ରୀ ବିଜୟ କୁମାର ପ୍ରଧାନଙ୍କ** ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପଞ୍ଜିକୃତ ବିକ୍ରୟ ଦଲିଲ୍ ନଂ.: ୭୮୯, ତାରିଖ: ୧୯.୦୨.୨୦୦୮, ଖାତା ନଂ.: ୪୦୬/୫, ପ୍ଲଟ୍ ନଂ.; ୫୧୨, କ୍ଷେତ୍ର: ଏକର୦.୦୧୫ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାସ୍ତା, ପଶ୍ଚିମ: ମାଗୁଣି ଜେନା, ଉତ୍ତର: ଭୁବନାନନ୍ଦ ତ୍ରିପାଠୀ, ଦକ୍ଷିଣ: ରାସ୍ତା |

ସ୍ଥାନ : ଭୁବନେଶ୍ୱର, ତାରିଖ : ୧୨.୦୨.୨୦୧୯ — କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ

## ସଂକ୍ଷେପରେ

### ଆନ୍ତଃଜୋନ୍ ବକ୍ସିଂ ଚାମ୍ପିୟନଶିପ: ପୂର୍ବାଞ୍ଚଳ ଦଳରେ ଓଡ଼ିଶାର ୩ ବକ୍ସର



ବ୍ରହ୍ମପୁର ଅଫିସ୍,୧୨।୨: ପଶ୍ଚିମବଙ୍ଗର ଦୁର୍ଗାପୁର ଠାରେ ୧୪ରୁ ୧୭ତାରିଖ ପର୍ଯ୍ୟନ୍ତ ପ୍ରଥମ ଆନ୍ତଃଜୋନ୍ ୟୁଥ୍ ପୁରୁଷ ଜାତୀୟ ବକ୍ସିଂ ଚାମ୍ପିୟନଶିପ ଅନୁଷ୍ଠିତ ହେବ । ଏହି ପ୍ରତିଯୋଗିତାରେ ଭାଗ ନେବା ପାଇଁ ପୂର୍ବାଞ୍ଚଳ ଜୋନ୍ ଦଳ ଘୋଷଣା ହୋଇଛି। ଦଳରେ ଓଡ଼ିଶାର ୩ ବକ୍ସର ରହିଛନ୍ତି । ସେମାନେ ହେଲେ ଅନୁରୂପ ମହାରଣା, ଦିନବନ୍ଧୁ ଶତପଥୀ ଏବଂ ମୋହନ ବେହେରା। ଅନୁରୂପ ୫୬ କିଲୋ ଓଜନ ବର୍ଗରେ ଖେଳିବାକୁ ଥିବା ବେଳେ ଦୀନବନ୍ଧୁ ୫୨କିଲୋ ଏବଂ ମୋହନ ୬୦କିଲୋ ଓଜନ ବର୍ଗରେ ଖେଳିବେ। କୋଚ୍ ଭାବେ ମନୋରମା ମହାରଣା ଏବଂ ମ୍ୟାନେଜର୍ ଭାବେ ଗଣେଶ କୁମାର ଗୌଡ଼ ଦାୟିତ୍ୱ ତୁଲାଇବେ। ମଙ୍ଗଳବାର ଖେଳାଳିମାନେ ପ୍ରଶାନ୍ତି ଏକ୍ସପ୍ରେସ୍‌ରେ ବ୍ରହ୍ମପୁର ଠାରୁ ଯାତ୍ରା କରିଛନ୍ତି। ତାଙ୍କୁ ବିଭିନ୍ନ ସଂଗଠନ ପକ୍ଷରୁ ଶୁଭେଚ୍ଛା ଜଣାଯାଇଛି ।

### ମୋ ପରିବାର ଭାଜପା ପରିବାର କାର୍ଯ୍ୟକ୍ରମ



ବ୍ରହ୍ମପୁର ଅଫିସ,୧୨।୨-ଗଞ୍ଜାମ ଜିଲା ଭାଜପା ପକ୍ଷରୁ ମୋ ପରିବାର ଭାଜପା ପରିବାର କାର୍ଯ୍ୟକ୍ରମ ମଙ୍ଗଳବାର ଆରମ୍ଭ ହୋଇଛି । ଜିଲା ସଭାପତି କାହ୍ନୁ ଚରଣ ପତିଙ୍କ ବ୍ରହ୍ମପୁର ବାସଭବନରେ ଦଳୀୟ ପତାକା ଓ ପଦ୍ମ ଫୁଲ ଷ୍ଟିକର ଲଗାଯାଇ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ବହୁ ସଂଖ୍ୟକ କର୍ମୀ ଓ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ଏପରି ଚାଲିବ ଏବଂ ଜିଲାର ସମସ୍ତ କର୍ମୀ ଓ କାର୍ଯ୍ୟକର୍ତ୍ତାଙ୍କ ବାସଭବନରେ ପତାକା ଓ ଷ୍ଟିକର ଲଗାଯିବ ବୋଲି ପତି ସୂଚନା ଦେଇଚନ୍ତି । ଅନୁମତି ନେଇ ଅନ୍ୟ ଲୋକଙ୍କ ଘରେ ଏଭଳି କରାଯିବ ବୋଲି ସେ ପ୍ରକାଶ କରିଥିଲେ ।

### ଅଷ୍ଟପ୍ରହର ନାମଯଜ୍ଞ

ଆସିକା,୧୨।୨(ଡି.ଏନ୍.ଏ.): ଆସିକା ଏନ୍‌ଏସିର ଲାଲାଗୋର୍ଜିଛକରେ ସହରର ସର୍ବପୁରାତନ ନାମ ସଂର୍କୀନ ମଣ୍ଡଳୀ ପକ୍ଷରୁ ମଙ୍ଗଳବାର ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ସିଦ୍ଧନୟୀ, ବାଦଗଡ, ଖପରାଗଣ୍ଡା ଓ ଗୁଡିପଲ୍ଲୀ ନାମସଂର୍କୀନ ମଣ୍ଡଳୀର ଶ୍ରଦ୍ଧାଳୁମାନେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ନାମମାଷ୍ଟ୍ର ରବୀନ୍ଦ୍ର କୁମାର ସାହୁଙ୍କ ତତ୍ୱାବଧାନରେ ନାମଯଜ୍ଞ ଉତ୍ସବ ପରିଚାଳିତ ହୋଇଥିଲା। ଚାନ୍ଦୁଲି ମଠ ମହନ୍ତ ସନାତନ ଦାସ ଓ ପ୍ରଫୁଲ୍ଲ ପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ନାମସଂର୍କୀନ ମଣ୍ଡଳୀ ପକ୍ଷରୁ ଦେବରାଜ ପାତ୍ର, ଉପେନ୍ଦ୍ର ମହାନ୍ତି, ସୀମାଞ୍ଚଳ ସାହୁ, ବାଳକୃଷ୍ଣ ରାଓ, ପ୍ରଦୀପ ପାତ୍ର, ଲକ୍ଷ୍ମୀ ବିଷୋୟୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

■ ରାସ୍ତା, ଡ୍ରେନ୍ ନିର୍ମାଣ ପାଇଁ ଗଛ କଟାଯିବା ଘଟଣା

# ଠିକା ସଂସ୍ଥାକୁ ବିଏମ୍‌ସିର ନୋଟିସ, ଗଛ ପୁନଃରୋପଣ ନିର୍ଦ୍ଦେଶ

ବ୍ରହ୍ମପୁର ଅଫିସ୍,୧୨।୨

ବ୍ରହ୍ମପୁର ସହରର ରାମଲିଙ୍ଗମ ପୋଖରୀ ଠାରୁ ଆମ୍ବ ବଜାର ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତୀକରଣ ଏବଂ ଡ୍ରେନ୍ ନିର୍ମାଣ ପାଇଁ ବହୁ ସଂଖ୍ୟାରେ ଗଛ କଟାଯାଉଛି। ପ୍ରାୟ ୧୦ଟି ଗଛ କାଟି ସାରିଲାଣି । ଏ ନେଇ 'ଠିକାଦାରଙ୍କୁ ପୋଷିବାକୁ କଟାଯାଉଛି ଗଛ' ଶୀର୍ଷକ ଏକ ଖବର ଧରିତ୍ରୀରେ ସୋମବାର ପ୍ରକାଶ ପାଇଥିଲା । ଏହି ଖବର ପ୍ରକାଶ ପାଇବା ପରେ ସାମାଜିକ ସଂଗଠନ 'ବ୍ରହ୍ମପୁର ସବୁଜ ବାହିନୀ'ର କର୍ମକର୍ତ୍ତାମାନେ କେତେକ କଟାଯାଇଥିବା ଏବଂ ଉପାଡ଼ି ଦିଆଯାଇଥିବା ଗଛକୁ ସିଟି ହାଇସ୍କୁଲ ଖେଳ ପଡ଼ିଆ ଏବଂ ନୀଳକଣ୍ଠେଶ୍ୱର ଶ୍ମଶାନରେ ପୁନଃରୋପଣ କରିଥିଲେ । ଅନ୍ୟପଟେ ବିଏମ୍‌ସିର ଏପରି କାର୍ଯ୍ୟକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ଦେଖାଦେଇଥିଲା। ବିଏମ୍‌ସିକୁ ତୀବ୍ର ସମାଲୋଚନାର ଶିକାର ହେବାକୁ ପଡ଼ିଥିଲା । ଅସନ୍ତୋଷ ବ୍ୟାପୁଥିବା ଦେଖି ସତର୍କ ହୋଇଛି ବିଏମ୍‌ସି । ମଙ୍ଗଳବାର ବିଏମ୍‌ସି ପକ୍ଷରୁ ସଂପୃକ୍ତ ଠିକା ସଂସ୍ଥାକୁ ନୋଟିସ୍ ଜାରି କରାଯାଇଛି।

ବିଏମ୍‌ସି କମିଶନର୍ ଚକ୍ରବର୍ତ୍ତୀ ସିଂ ରାଠୋର୍ କହିବାନୁଯାୟୀ, ରାସ୍ତା ଓ ଡ୍ରେନ୍ ନିର୍ମାଣ ପାଇଁ ସଂପୃକ୍ତ ଠିକା ସଂସ୍ଥା ଗଛ କାଟିଥିବା ନଜରକୁ ଆସିଥିଲା । ସହରରେ ସବୁଜିମାକୁ ବଜାୟ ରଖିବା ଏବଂ ସବୁଜିମା ସୃଷ୍ଟି କରିବାକୁ ବିଏମ୍‌ସି ସର୍ବଦା ଗୁରୁତ୍ୱ ଦେଇଥାଏ। ଏଣୁ ନିର୍ମାଣ କାର୍ଯ୍ୟ ବେଳେ ଗଛ ନ କାଟିବାକୁ ଠିକା ସଂସ୍ଥାକୁ ମଙ୍ଗଳବାର ନୋଟିସ୍ ଜାରି କରାଯାଇଛି। ଯଦି ଅତ୍ୟାବଶ୍ୟକ ପଡ଼ିଲା, ଗଛ କାଟିବା ନିହାତି ଜରୁରି, ତେବେ ଗଛକୁ ମୂଳରୁ ନ କାଟି, ଚେର ସହ କାଢ଼ି ଅନ୍ୟତ୍ର ରୋପଣ କରିବାକୁ କୁହାଯାଇଛି । ଠିକା ସଂସ୍ଥା ପାଖରେ ଆବଶ୍ୟକ ଯନ୍ତ୍ରପତି ରହିଥିବା ଯୋଗୁ ସେ ସହଜରେ ଏହି କାର୍ଯ୍ୟ କରିପାରିବେ । ତେବେ ଯଦି ଠିକା ସଂସ୍ଥା ଏହି ନିର୍ଦ୍ଦେଶକୁ ଅବମାନନା କରେ, ତେବେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି । ଅନ୍ୟପଟେ 'ବ୍ରହ୍ମପୁର ସବୁଜ ବାହିନୀ' ସଂଗଠନର କର୍ମକର୍ତ୍ତାମାନେ ପୂର୍ବରୁ କେତେକ ଗଛକୁ ଅନ୍ୟତ୍ର ରୋପଣ କରିଛନ୍ତି । ସେମାନଙ୍କ କାର୍ଯ୍ୟ ପ୍ରଶଂସନୀୟ ବୋଲି କମିଶନର୍ ରାଠୋର୍ ପ୍ରକାଶ କରିଛନ୍ତି ।

ସୂଚନାଯୋଗ୍ୟ ଯେ, ରାମଲିଙ୍ଗମ୍ ପୋଖରୀ ଠାରୁ ଆମ୍ବ ବଜାର ପର୍ଯ୍ୟନ୍ତ ଓଡ଼ିଆର୍‌ପି ଯୋଜନାରେ ରାସ୍ତା ଓ ଡ୍ରେନ୍ ନିର୍ମାଣ କାର୍ଯ୍ୟ ଚାଲିଛି । ଏହି ରାସ୍ତା କଡ଼ରେ ୭୦ରୁ ଅଧିକ ଗଛ ରହିଛି । ନିର୍ମାଣ କାର୍ଯ୍ୟ ବେଳେ ଠିକା ସଂସ୍ଥା ଗଛଗୁଡ଼ିକୁ କାଟୁଥିବା ଦେଖିବାକୁ ମିଳିଥିଲା । ଏହାକୁ ସ୍ଥାନୀୟ ଅଞ୍ଚଳବାସୀ ବିରୋଧ କରିଥିଲେ ମଧ୍ୟ ଠିକା ସଂସ୍ଥା ମନଇଚ୍ଛା ଗଛ କାଟି ଚାଲିଥିଲା। ସେହିଭଳି ବିଏମ୍‌ସି କର୍ତ୍ତୃପକ୍ଷଙ୍କୁ ମଧ୍ୟ ଏହି ଘଟଣାରେ ସମାଲୋଚନା କରାଯାଇଥିଲା। କାରଣ ବିଏମ୍‌ସିର ଯନ୍ତ୍ରୀଙ୍କ ସମ୍ମୁଖରେ ଗଛ କଟାଯାଉଥିଲେ ମଧ୍ୟ ସେମାନେ ଏହାକୁ ପ୍ରତିବାଦ କରି ନ ଥିଲେ । ଲୋକଙ୍କ ବିରୋଧକୁ ଡରି ବିଳମ୍ବିତ ରାତିରେ ଗଛ କଟାଯାଉଥିଲା ।



ଆମ୍ବ ବଜାର ରାସ୍ତା କଡ଼ରେ ଥିବା ଗଛ ।

'ଧରିତ୍ରୀ' ପ୍ରଭାବ

■ ଭାଲେଣ୍ଟାଇନ ଡେ' ପାଇଁ ରତିକାନ୍ତଙ୍କ ନିଆରା ଚିନ୍ତାଧାରା

# ଅନାଥ ଶିଶୁଙ୍କୁ ଦେବେ ପ୍ଲାଷ୍ଟିକ ଫୁଲ ବିକ୍ରି ଟଙ୍କା

ବ୍ରହ୍ମପୁର ଅଫିସ,୧୨।୨

ଦିନକ ପରେ ଭାଲେଣ୍ଟାଇନ ଡେ' ଅର୍ଥାତ ପ୍ରେମ ଦିବସ। ଫେବୃୟାରୀ ୭ ରୁ ୧୪ ତାରିଖ ପର୍ଯ୍ୟନ୍ତ ଯୁବପିଢ଼ୀ ତଥା ପ୍ରେମୀ ଯୁଗଳ ପରସ୍ପରକୁ ଦାମୀ ଉପହାର ପ୍ରଦାନ କରିବାକୁ ଚିନ୍ତା କରିଥାନ୍ତି । କିନ୍ତୁ ଏହି ସପ୍ତାହକୁ ନିଆରା ଭାବେ ପାଳିବା, ବିଶେଷ କରି ଭାଲେଣ୍ଟାଇନ ଡେ'ର ପ୍ରକୃତ ଉଦ୍ଦେଶ୍ୟ ସମ୍ପର୍କରେ ସଚେତନ କରାଇବାକୁ ଏକ ଭିନ୍ନ ପନ୍ଥା ଗ୍ରହଣ କରିଛନ୍ତି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଲାଇବ୍ରେରୀ ସାଇନ୍ସର ପ୍ରଥମ ବର୍ଷର ଛାତ୍ର ରତିକାନ୍ତ ବେହେରା । ପାଠପଢ଼ା ସମୟରୁ ଗରିବ ତଥା ଅନାଥ ଶିଶୁଙ୍କୁ ସହାୟତା କରିବା ପାଇଁ ଆରମ୍ଭ କରିଛନ୍ତି ପ୍ରୟାସ । ଅବସର ସମୟରେ ଗୋପାଳପୁର ବେଳାଭୂମିରେ ପ୍ଲାଷ୍ଟିକ ଫୁଲ ତୋଡା ବିକ୍ରି କରି ଗରିବ ତଥା ଅନାଥ ଶିଶୁଙ୍କ ପାଇଁ ଟଙ୍କା ସଂଗ୍ରହ କରିବାରେ ଲାଗି ପଡିଛନ୍ତି ରତିକାନ୍ତ। ଫୁଲତୋଡା ବିକ୍ରିରୁ ମିଳୁଥିବା ଟଙ୍କାକୁ ସେ ଗୁରୁବାର ଭେଲେଣ୍ଟାଇନ ଡେ'ରେ ବ୍ରହ୍ମପୁରରେ ଥିବା ଉତ୍କଳ ବାଳାଶ୍ରମର ଅନାଥ ଶିଶୁଙ୍କୁ ଦାନ କରିବେ ବୋଲି ସ୍ଥିର କରିଥିବା କହିଛନ୍ତି ।

ଲାଇବ୍ରେରୀ ସାଇନ୍ସ ବିଭାଗର ପ୍ରଥମ ବର୍ଷ ଛାତ୍ର ରତିକାନ୍ତ ଗତ ୬ ତାରିଖରୁ ଅପରାହ୍ନ ୪ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଗୋପାଳପୁର ବେଳାଭୂମିରେ ବିତାଇଥାନ୍ତି। ଏହି ସମୟରେ ସେ ବଜାରରୁ କିଣି ନେଇଥିବା ପ୍ଲାଷ୍ଟିକ ଫୁଲତୋଡାକୁ ବିକ୍ରି କରିଥାନ୍ତି । ପ୍ରତ୍ୟେକ ଯୁବପିଢ଼ୀ ତଥା ସେଠାରେ ବୁଲିବାକୁ ଆସିଥିବା ପର୍ଯ୍ୟଟକଙ୍କ ନିକଟକୁ ଯାଇ ଅନାଥ ଶିଶୁଙ୍କ ଭବିଷ୍ୟତ ପାଇଁ ଫୁଲତୋଡା କିଣିବାକୁ ଅନୁରୋଧ କରନ୍ତି । ଏଭଳି ନିଜ ଚିନ୍ତାଧାରା ସମ୍ପର୍କରେ ରତିକାନ୍ତ କହିଛନ୍ତି, ସମାଜରେ ଅସହାୟ ତଥା ଭିକ୍ଷାବୃତ୍ତି କରି ଅନେକ ଶିଶୁ ପ୍ରତ୍ୟେକ ଦିନ ବଞ୍ଚୁଛନ୍ତି । ବ୍ରହ୍ମପୁରରେ ବଜାରରେ ବୁଲୁଥିବା ବେଳେ ବିଭିନ୍ନ ସ୍ଥାନରେ ଛୋଟ ଶିଶୁଙ୍କୁ ଭିକ୍ଷାବୃତ୍ତି କରୁଥିବା ଦେଖ ସେମାନଙ୍କ ପାଇଁ କିଛି କରିବାକୁ ଚିନ୍ତା କଲି । ଏଥିପାଇଁ କାହାରି ଆଗରେ ହାତ ନ ପତାଇ ଫୁଲ ବିକ୍ରି କରି ଲାଭ ଟଙ୍କାକୁ ଅନାଥ ତଥା ଗରିବ ଶିଶୁଙ୍କୁ ଦେବାକୁ ସ୍ଥିର କଲି । ଗତ ୬ ଦିନରେ ୭୦ ରୁ ଊର୍ଦ୍ଧ୍ୱ ଫୁଲ ବିକ୍ରି କରିସାରିଛି । ଗୁରୁବାର ଭେଲେଣ୍ଟାଇନ ଡେ'ରେ ଉତ୍କଳ ବାଳାଶ୍ରମ ଯାଇ ଫୁଲ ବିକ୍ରି ଟଙ୍କାକୁ ଗରିବ ଅନାଥ ଶିଶୁଙ୍କୁ ଦାନ କରିବେ ବୋଲି ରତିକାନ୍ତ କହିଛନ୍ତି ।



ଗୋପାଳପୁର ବେଳାଭୂମିରେ ରତିକାନ୍ତ ଫୁଲ ବିକ୍ରି କରୁଛନ୍ତି ।

### ରାମଗଡ଼ ପଞ୍ଚାୟତ ୱାର୍ଡସ୍ତରୀୟ କର୍ମଶାଳା



ଗଞ୍ଜାମ,୧୨।୨(ଡି.ଏନ.ଏ.)

ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ବିଧାୟକ ଡ. ପ୍ରିୟାଂଶୁ ପ୍ରଧାନ ଏବଂ ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ରାମଚନ୍ଦ୍ର ପଣ୍ଡା ଦଳୀୟ ସ୍ଥିତି ସୁଦୃଢ଼ କରିବା ପାଇଁ ବିଭିନ୍ନ ପଞ୍ଚାୟତ ଗସ୍ତ କରି କର୍ମୀଙ୍କୁ ଏକ ହେବା ପାଇଁ ପରାମର୍ଶ ଦେଉଛନ୍ତି। ସୋମବାର ରାମଗଡ଼ ପଞ୍ଚାୟତ ପ୍ରୋୟାଗୀ ବାତ୍ୟା ଆଶ୍ରୟସ୍ଥଳୀରେ ଏକ କର୍ମଶାଳା ଆୟୋଜନ କରାଯାଇଥିଲା । ଏଥିରେ ବିଧାୟକ ପ୍ରଧାନ କେନ୍ଦ୍ର ସରକାର ଉପରେ ବର୍ଷିଥିଲେ। କର୍ମଶାଳାରେ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଆର. ଭାଗ୍ୟ ରେଡ୍ଡୀ, ଜିଲା ଯୁବ ଛାତ୍ର ଉପସଭାପତି ଲିଙ୍ଗରାଜ ମହାପାତ୍ର, ପର୍ଯ୍ୟବେକ୍ଷକ ରବି ପଣ୍ଡା, ବ୍ଲକ ଉପାଧ୍ୟକ୍ଷା ପ୍ରତିନିଧି ରଙ୍କ ପ୍ରଧାନ, ସରପଞ୍ଚ ବନିତା ଦଳାଇ, ଶୁବଳୟା ସମିତିସଭ୍ୟ ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁରଥ ପାହାନ, ଯୁବନେତା କୃଷ୍ଣ ପ୍ରଧାନ, ଅମୂଲ୍ୟ ଦଳାଇ, ବ୍ଲକ ସାଧାରଣ ସମ୍ପାଦକ ଉମା ଚରଣ ଜେନା, କୃଷ୍ଣ ପଲାଇଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ ।

## ସେଲ୍ଫି କର୍ଣ୍ଣର



ଭାସ୍କର



ତ୍ରିପତି

ସେଲ୍ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | bmpselfie@gmail.com (ନିର୍ବାଚିତ ସେଲ୍ଫି ପ୍ରକାଶ ପାଇବ)

ଯୁବାକପ-୨୦୧୯ ଉଦ୍‌ଯାପିତ

### ଗୋପାଳପୁର, ସିଟି କଲେଜ ବିଜେତା

ବ୍ରହ୍ମପୁର ଅଫିସ,୧୨।୨

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ବ୍ରହ୍ମପୁର ଶାଖା ପକ୍ଷରୁ ବ୍ରହ୍ମପୁର ଷ୍ଟାଡିୟମରେ ଚାଲିଥିବା 'ଯୁବାକପ-୨୦୧୯' ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ୫ ଦିନ ଧରି ହୋଇଥିବା ବାସ୍କେଟବଲ ଓ କ୍ରିକେଟ ଟୁର୍ନାମେଣ୍ଟର ଉଦଯାପନୀ ଦିବସ ମ୍ୟାଚକୁ ଏବିଭିପିର ବ୍ରହ୍ମପୁର ମହାନଗର ଉପସଭାପତି ଅଧ୍ୟାପକ ଶିବାନନ୍ଦ ପତି ଶୁଭାରମ୍ଭ କରିଥିଲେ । କ୍ରିକେଟ ଫାଇନାଲ ମ୍ୟାଚରେ ଗୋପାଳପୁର କଲେଜ ରୋଲାଣ୍ଡ ଫାର୍ମାସୀକୁ ୬୪ ରନରେ ପରାସ୍ତ କରି ବିଜୟୀ ହୋଇଥିଲା । ସେହିପରି ବାସ୍କେଟବଲରେ ସିଟି କଲେଜ ସିଟି କଲେଜ ଟିମ ପାରଳାମହାରାଜା ଇଞ୍ଜିନିୟରିଂ କଲେଜକୁ ୧୫ ପଏଣ୍ଟରେ ପରାସ୍ତ କରି ବିଜୟୀ ହୋଇଛି। ସନ୍ଧ୍ୟାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଏବିଭିପିର ରାଜ୍ୟ ଉପସଭାପତି ଅଧ୍ୟାପକ ଶିବ ପ୍ରସାଦ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ଓଡିଶା କ୍ରିକେଟ ଆସୋସିଏଶନର ଚୟନ କମିଟିର ସଦସ୍ୟ ସଦାନ୍ତ ଗଙ୍ଗଦେବ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । ଏବିଭିପିର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ ।



କ୍ରିକେଟ ଓ ବାସ୍କେଟବଲ ଟୁର୍ନାମେଣ୍ଟର ବିଜେତା ଦଳ ସହ ଅତିଥି ବୃନ୍ଦ।

■ ୧୫ ଦିନରେ ଗୋଲ୍‌ଡେନ ଲ୍ୟାଣ୍ଡ୍ ଜମାକାରୀ ମିଳିତ ମଞ୍ଚର ଧାରଣା

# ସାମିଲ ହେଲେ ଦୃଷ୍ଟିବାଧିତ ଜମାକାରୀ

ବ୍ରହ୍ମପୁର ଅଫିସ୍,୧୨।୨

ବ୍ରହ୍ମପୁର ରେଡ୍ଡୀ ଗ୍ୟାରେଜ୍ ନିକଟ ଗୋଲ୍ଡେନ ଲ୍ୟାଣ୍ଡ ଚିଟଫଣ୍ଡ୍ ସଂସ୍ଥାର ମୁଖ୍ୟ କାର୍ଯ୍ୟାଳୟଠାରେ ଗତ ୩୦ ତାରିଖରୁ ଚାଲିଥିବା କ୍ଷତିଗ୍ରସ୍ତ ଜମାକାରୀ ମିଳିତ ମଞ୍ଚର ଗଣଧାରଣା ମଙ୍ଗଳବାର ୧୫ ଦିନରେ ପହଞ୍ଚିଛି । ଶାନ୍ତିପୂର୍ଣ୍ଣ ଭାବେ ଜମାକାରୀମାନେ ଗଣଧାରଣା ଦେଇଛନ୍ତି। ହାଇକୋର୍ଟ ନିର୍ଦ୍ଦେଶ ପ୍ରକାରେ କମ୍ପାନୀ ଟଙ୍କା ଫେରସ୍ତ କରୁ ନଚେତ କମ୍ପାନୀ ସର୍ତ୍ତ ଅନୁଯାୟୀ ଟଙ୍କା ବଦଳରେ ଜମି ଫେରସ୍ତ ପ୍ରକ୍ରିୟା ଆରମ୍ଭ ନ କରିବା ଯାଏ ଆନ୍ଦୋଳନ ଅବ୍ୟାହତ ରହିବ ବୋଲି ଆନ୍ଦୋଳନକାରୀ ଚେତାବନୀ ଦେଇଛନ୍ତି । ଧାରଣା ସ୍ଥଳକୁ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ପହଞ୍ଚି ଖୁବ୍ ଶୀଘ୍ର ଟଙ୍କା ଫେରସ୍ତ ପ୍ରକ୍ରିୟା ଆରମ୍ଭ କରାଯାଉ ବୋଲି ଦାବି ଜଣାଇଛନ୍ତି। ମଙ୍ଗଳବାର ଗଣଧାରଣାରେ ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ସିଦ୍ଧେଶ୍ୱର ଗ୍ରାମର ଦୃଷ୍ଟବାଧିତ ଯୁବକ ଗୌରାଙ୍ଗ ବିଷୋୟୀ ଧାରଣାରେ ସାମିଲ ହୋଇଥିଲେ । ଜନ୍ମରୁ ଦୃଷ୍ଟିବାଧିତ ହୋଇଥିବାରୁ ସରକାରୀ ସୁବିଧା ସୁଯୋଗରେ ସାମର୍ଥ୍ୟ ମୁତାବକ ଶିକ୍ଷା ଗ୍ରହଣ କରି ଆସିଥିଲେ । ପରବର୍ତ୍ତୀ ସମୟରେ ସରକାରଙ୍କ ପକ୍ଷରୁ ଭତ୍ତା ସହ ଅନ୍ୟାନ୍ୟ ସୁବିଧା ସୁଯୋଗ ପାଇଥିଲେ । ବାପା ହୃଷୀକେଶ ଜଣେ କ୍ଷୁଦ୍ର ଚାଷୀ। ଗୌରାଙ୍ଗଙ୍କ ଆଉ ଜଣେ ଭାଇ ବାହାର ରାଜ୍ୟରେ ଦାଦନ ଖଟୁଛନ୍ତି । ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବା ହେତୁ ସାନ ଭଉଣୀର ବିବାହ ଏବଂ ଉଚ୍ଚ ଶିକ୍ଷା ପାଇଁ ଗୌରାଙ୍ଗ ନିଜ ଦୃଷ୍ଟିହୀନ ଭତ୍ତାକୁ ଗୋଲଡେନ୍ ଲ୍ୟାଣ୍ଡ୍ ଚିଟ୍‌ଫଣ୍ଡ୍‌ରେ ଜମା କରିଆସୁଥିଲେ। ତେବେ କମ୍ପାନୀ ବନ୍ଦ ହୋଇଯିବା ପରେ ସେ ନିଜ ଜମା ଟଙ୍କା ଫେରିପାଇପାରୁନାହାନ୍ତି ବୋଲି ଅଭିଯୋଗ କରିଛନ୍ତି । ୨୦୧୩ରେ ମ୍ୟାଚୁରିଟି ଅର୍ଥ ମିଳିବାର ଥିଲା । ହେଲେ କମ୍ପାନୀ ବନ୍ଦ ହୋଇଯିବାରୁ ତାହା ଆଉ ମିଳିନି। ବର୍ତ୍ତମାନ ବୃଦ୍ଧ ମା' ବାପା ରୋଗାକ୍ରାନ୍ତ ହୋଇଥିବା ବେଳେ ପରିବାର ଗୁଜରାଣ ମେଣ୍ଟାଇବାରେ ସମସ୍ୟା ହେଉଥିବା ଗୌରାଙ୍ଗ କହିଛନ୍ତି ।



ଧାରଣାରେ ସାମିଲ ହୋଇଥିବା ଦୃଷ୍ଟିବାଧିତ ଗୌରାଙ୍ଗ ଓ ଅନ୍ୟମାନେ।

■ ଗଞ୍ଜାମ ଜିଲା ଯୁବ ବିଜେଡି ସାଙ୍ଗଠନିକ ବୈଠକ

# ବିରୋଧୀଙ୍କ ଅପପ୍ରଚାର ପ୍ରତିହତ କରିବାକୁ ନିଷ୍ପତ୍ତି

ବ୍ରହ୍ମପୁର ଅଫିସ,୧୨।୨

ଗଞ୍ଜାମ ଜିଲା ଯୁବ ବିଜେଡିର ସାଙ୍ଗଠନିକ ବୈଠକ ମଙ୍ଗଳବାର ବ୍ରହ୍ମପୁରରେ ଅନୁଷ୍ଠିତ ହୋଇଯାଇଛି । ଜିଲା ସଭାପତି ଏନ. ଧନଞ୍ଜୟ ରାଓଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକର୍ତ୍ତାମାନଙ୍କ ଏହି ସମାବେଶରେ ଓଡ଼ିଶା ପ୍ରତି ଭାଜପା ନେତୃତ୍ୱାଧିନ କେନ୍ଦ୍ର ନରେନ୍ଦ୍ର ମୋଦି ସରକାର ବିରୋଧରେ ରଣହୁଙ୍କାର କରାଯାଇଛି । ଲଗାତର ଅନ୍ୟାୟକୁ ଏଣିକି ବରଦାସ୍ତ ନ କରିବାର ଚେତାବନୀ ଦିଆଯାଇଛି । ୨୦୧୯ ସାଧାରଣ ନିର୍ବାଚନରେ ଏନଡିଏ ସରକାରକୁ କ୍ଷମତାଚ୍ୟୁତ କରିବା ପାଇଁ ବିଜେଡିର ଯୁବ ସଂଗଠନ ସଂକଳ୍ପବଦ୍ଧ ହୋଇଥିବା ବୈଠକ ଶେଷରେ ସଭାପତି ସୂଚନା ଦେଇଛନ୍ତି। ଧର୍ମ ନିରପେକ୍ଷରେ ବିଶ୍ୱାସ କରୁଥିବା ସବୁ ଶ୍ରେଣୀର ଯୁବକମାନେ ମୋଦି ହଟାଅ ଓ ଦେଶ ବଞ୍ଚାଅ ସଂଗ୍ରାମରେ ସାମିଲ ହେବାକୁ ଆହ୍ୱାନ ଦିଆଯାଇଛି ।

ଜିଲା ବିଜେଡି କାର୍ଯ୍ୟାଳୟରେ ଆୟୋଜିତ ଏହି ବୈଠକରେ ସମସ୍ତ ବ୍ଲକ ସଭାପତି, ଏନଏସି ସଭାପତି ଓ ଜିଲା ସଂଗଠନର କର୍ମକର୍ତ୍ତା ଯୋଗ ଦେଇଥିଲେ। ଲୋକସଭା ଓ ବିଧାନସଭା ନିର୍ବାଚନ ନିକଟତର ହୋଇଥିବାରୁ ଯୁବ ବିଜେଡି କର୍ମୀମାନେ ଐକ୍ୟବଦ୍ଧ ହୋଇ ଗତ ନିର୍ବାଚନ ଭଳି ନିଷ୍ଠାର ସହିତ କାମ କରିବାକୁ ଗୁରୁତ୍ୱାରୋପ କରାଯାଇଥିଲା। ନବୀନ ସରକାରଙ୍କ ବହୁମୁଖୀ ଜନକଲ୍ୟାଣ ଯୋଜନା ଗୁଡ଼ିକ ପ୍ରତି ଗାଁ ଗଣ୍ଡା ଏବଂ ଘରେ ଘରେ ପହଞ୍ଚାଇବାକୁ ସମବେତ କର୍ମୀ ଓ କର୍ମକର୍ତ୍ତାଙ୍କୁ ସଭାପତି ପରାମର୍ଶ ଦେଇଥିଲେ ।

ବିରୋଧୀ ଭାଜପା ଓ କଂଗ୍ରେସର ଅପପ୍ରଚାରକୁ ପ୍ରତିହତ କରିବା ପାଇଁ ବୈଠକରେ ସଂକଳ୍ପ ପ୍ରସ୍ତାବ ଗୃହୀତ କରାଯାଇଛି । ଯୁବ ବିଜେଡି ନେତା ଓ କର୍ମୀ ସୋସିଆଲ ମିଡିଆରେ ସକ୍ରିୟ ରହିବାକୁ ପରାମର୍ଶ ଦିଆଯାଇଥିଲା । ପ୍ରାରମ୍ଭରେ ଆସିକା ଏମପି ଲଡ୍ଡୁ କିଶୋର ସ୍ୱାଇଁଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରାଯିବା ସହ ତାଙ୍କ ଅମର ଆତ୍ମାର ସଦଗତି କାମନା କରି ସମୂହ ପ୍ରାର୍ଥନା କରାଯାଇଥିଲା । ସାଧାରଣ ସମ୍ପାଦକ ଜଗଦୀଶ ସାବତ ପ୍ରାରମ୍ଭିକ ଭାଷଣ ଓ ଚିଠାପ୍ରସ୍ତାବ ଆଗତ କରିଥିଲେ। ଉପଦେଷ୍ଟା ନିର୍ମଳ ସାହୁଙ୍କ ସମେତ ଉପସଭାପତି ଅକ୍ଷୟ କୁମାର ପାଢ଼ୀ, ଶ୍ରୀକାନ୍ତ ସାବତ, ରାମନାଥ ପାତ୍ର, ଭବାନୀ ଶଙ୍କର ଦଳାଇ, ଏସ. ଶ୍ରୀନୁ ରେଡ଼ି, ତେଜେଶ୍ୱର ସ୍ୱାମୀ, ସୁଧାକର ସ୍ୱାମୀ, ବରୁଣ ପଲେଇ, ଅସିତ ସାବତ, ଲକ୍ଷ୍ମୀ ନାରାୟଣ ମହାପାତ୍ର, ମନ୍ମଥ ପାଣିଗ୍ରାହି, ସୁବ୍ରତ ପ୍ରଧାନ ଓ ସଚ୍ଚିନ ପାତ୍ର ଏବଂ ଆଇଟି ସେଲର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।



ଯୁବ ବିଜେଡିର ସାଙ୍ଗଠନିକ ବୈଠକରେ ସଭାପତି ଓ ଅନ୍ୟମାନେ।

■ ଛତ୍ରପୁରରେ ଜାତୀୟ ନୃତ୍ୟ, ସଙ୍ଗୀତ ମହୋତ୍ସବ

# ଗଞ୍ଜାମର ୧୬ ଲୋକକଳା ଗୁରୁ ସମ୍ମାନିତ



ସମ୍ମାନିତ ହୋଇଥିବା ଲୋକକଳା ଗୁରୁ।

**ଛତ୍ରପୁର,୧୨।୨(ଡି.ଏନ.ଏ.)**

ଭାରତ ସରକାରଙ୍କ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ଦ୍ୱାରା ପ୍ରାୟୋଜିତ ତଥା ଛତ୍ରପୁର କଳା ବିକାଶ କେନ୍ଦ୍ର ସହଯୋଗରେ ଭୁବନେଶ୍ୱରର ତ୍ରିଧାରା ପକ୍ଷରୁ ସ୍ଥାନୀୟ ସଂସ୍କୃତି ଭବନରେ ମଙ୍ଗଳବାର ଜାତୀୟ ନୃତ୍ୟ ଓ ସଙ୍ଗୀତ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂକୀର୍ତ୍ତନ, ଭାରତ ଲୀଳା, ପ୍ରହ୍ଲାଦ ନାଟକ, ହିନ୍ଦୁସ୍ଥାନୀ, ଓଡିଶୀ ମର୍ଦ୍ଦଳ, ତବଲା ବାଦନ, ଦଳଗତ ଓ ଦ୍ୱୈତ ଓଡିଶୀ ନୃତ୍ୟ, ପଶ୍ଚିମବଙ୍ଗ ଓ କର୍ନାଟକ ସମେତ ମାଲେସିଆ ଓ ଜାପାନର କଳାକାରମାନେ ନିଜ କଳା ପ୍ରଦର୍ଶନ କରିଥିଲେ। ଅପରପକ୍ଷରେ ଜାପାନ୍‌ର ଚିସାତୋ ମିଉରା ଓ ରିଏ କୁମାକୁରାଙ୍କ ପକ୍ଷରୁ ପରିବେଷିତ ଦ୍ୱୈତ ଓଡିଶୀ ନୃତ୍ୟ ବେଶ୍ ମନଛୁଆଁ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ତ୍ରିଧାରାର ନିର୍ଦ୍ଦେଶକ ଗଜେନ୍ଦ୍ର ପଣ୍ଡା, ଉତ୍କଳ ସଙ୍ଗୀତ ନାଟକ ଏକାଡେମୀର ପୂର୍ବତନ ଅଧ୍ୟକ୍ଷ ତଥା ବିଶିଷ୍ଟ ନାଟ୍ୟକାର ମନ୍ମଥ କୁମାର ଶତପଥୀ, ଜାପାନର ବିଶିଷ୍ଟ ଚିତ୍ରଶିଳ୍ପୀ କୁମା ବେ, ଜିଲା ସଂସ୍କୃତି ଅଧିକାରୀ ଶୁକ୍ରୁ ସ୍ୱାଇଁ, ଛତ୍ରପୁର କଳାବିକାଶ କେନ୍ଦ୍ରର ସଭାପତି ରାମଚନ୍ଦ୍ର ପଟ୍ଟନାୟକ, ମୁଖ୍ୟ ଉପଦେଷ୍ଟା ତଥା ପୂର୍ବତନ ବିଧାୟକ ଅଶୋକ ଚୌଧୁରୀ, ସଙ୍ଗୀତଜ୍ଞ ବଟକୃଷ୍ଣ ତ୍ରିପାଠୀ, ଶିକ୍ଷାବିତ୍ ଶ୍ରୀକାନ୍ତ ମହାନ୍ତି ଯୋଗଦେଇଥିଲେ। ସାମାଜିକକର୍ମୀ ଅରୁଣ ଶତପଥୀ ସଂଯୋଜନା କରିଥିଲେ। ଏହି ଅବସରରେ ଗଞ୍ଜାମ ଜିଲାର ବିଭିନ୍ନ ଲୋକ କଳାର ୧୬ ଜଣ ଗୁରୁଙ୍କୁ ସମ୍ମାନିତ କରାଯାଇଥିଲା। ସେଥିମଧ୍ୟରେ ଭଞ୍ଜନଗର ବ୍ଲକ କୁଶପଲ୍ଲୀର କାଳୁ ଚରଣ ସାହୁ (ସଖୀ ନାଚ), ପାତ୍ରପୁର ବ୍ଲକ ଖରଣିପଡାର ଖଲି ବେହେରା (ପ୍ରହ୍ଲାଦ ନାଟକ), ହିଞ୍ଜିଳିକାଟୁ ବ୍ଲକ ମାରୁଡିଶାସନର ନରସିଂହ ମିଶ୍ର (ଦାସକାଠିଆ), ସାନଖେମୁଣ୍ଡି ବ୍ଲକ ପ୍ରତାପଗିରିର ଶ୍ୟାମ ସୁନ୍ଦର ପାଣିଗ୍ରାହୀ (ଭାରତଲୀଳା), କୁକୁଡାଖଣ୍ଡି ବ୍ଲକ ଚୈତନପଡାର ଜି. ହରିବନ୍ଧୁ (କୃଷ୍ଣଲୀଳା), ସାନଖେମୁଣ୍ଡିର ସନ୍ତୋଷ କୁମାର ପାଢୀ (ଭାରତଲୀଳା), ବେଗୁନିଆପଡା ବ୍ଲକ ଛଟିନାର ଗଦାଧର କହଁର (ରାଧା ପ୍ରେମଲୀଳା),

## ଜାପାନ, ମାଲେସିଆ କଳାକାରଙ୍କ କଳା ପ୍ରଦର୍ଶନ

ସାନଖେମୁଣ୍ଡି ବ୍ଲକ ପଳାଶପୁରର ଗନ୍ତାୟତ ବେହେରା (ଘୁଡୁକି), ଗଞ୍ଜାମ ବ୍ଲକ ଖଟୁଆକୁଦାର ରମେଶ ଚନ୍ଦ୍ର ପ୍ରଧାନ (ଘଣ୍ଟ ମୃଦଙ୍ଗ), ହିଞ୍ଜିଳିକାଟୁ ବ୍ଲକ ରାଳବର ବାଉରିବନ୍ଧୁ ଦଳେଇ (ଗାହାଣ), ଛତ୍ରପୁର ବ୍ଲକ ବଳରାମପୁରର ତ୍ରିନାଥ ପ୍ରଧାନ (ଲକ୍ଷ୍ମୀପୁରାଣ), ଚିକିଟି ବ୍ଲକ ଆମୁଣ୍ଡିର କୃତିବାସ ପଣ୍ଡା (ସଂକୀର୍ତ୍ତନ), ବୁଗୁଡା ବ୍ଲକ ଭାମଶିଆଳିର ପୁରୁଷୋତ୍ତମ ମୁନି (ଯୋଡିଶଙ୍ଖ), ପୁରୁଷୋତ୍ତମପୁର ବ୍ଲକ ତାରାତାରିଣୀ ଛକର ପ୍ରେମଲତା ସାମନ୍ତରାୟ (ପାଲା), ସାନଖେମୁଣ୍ଡି ବ୍ଲକ କଉଡିଆ ଗାଁର ଅଙ୍ଗଦ ପ୍ରଧାନ (ଦଣ୍ଡନୃତ୍ୟ ବୀଣାକାର) ଓ ନରେନ୍ଦ୍ରପୁରର ଭଗବାନ ପାତ୍ର (ବାଘନାଚ, ଦଣ୍ଡନାଚ, ରଣପା ଓ ଚଢେଇନାଚ) ରହିଛନ୍ତି। ଉଦଯାପନୀ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ବିଜୟ ଦାଶ ଓ ଅତିରିକ୍ତ ଏସ୍‌ପି ଅମରେଶ ପଣ୍ଡା ଅତିଥି ଭାବେ ଯୋଗଦେଇଥିଲେ।


## SHORT TENDER NOTICE
### DIRECTORATE OF MINES BHUBANESWAR, ODISHA

Tender No. 1131 Dated : 11.02.2019

No. 19-G: Sealed tenders are invited from established and accredited original Equipment Manufacturer (OEM) / authorised dealers for supply, installation and commissioning of RDBMS Software- MS-SQL Server 2017, Enterprise edition with 16nos. dual core licenses to The Directorate of Mines, Bhubaneswar.
For details of tender schedule, eligibility criteria, scope of work, terms & conditions, cost of tender document, EMD & Payment details etc. Please visit our websites http://www.odisha.gov.in and https//www.orissaminerals.gov.in.
There will be no manual sale of tender document. Interested bidders are requested to download the tender document from the website. The last date for receipt of the bid is 01.03.2019 upto 12.30 P.M. which shall be opened on 01.03.2019 at 04.00 P.M.
Director of Mines, Odisha reserves the right to accept / reject all or a part of the tenders without assigning any reason thereof.

30004/11/0008/1819 **Sd./- Director of Mines, Odisha**

## ପଞ୍ଚାୟତ ସମିତି କାର୍ଯ୍ୟାଳୟ, ରିଆମାଳ, ଦେବଗଡ଼
### ଗ୍ରାମୀଣ ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ମହାତ୍ମା ଗାନ୍ଧୀ ନରେଗା ଯୋଜନାର ଭୂମିକା

- ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଅନ୍ୟୂନ ୬୦% କାର୍ଯ୍ୟ ଜମି, ବୃକ୍ଷ ଆଦିର ଉନ୍ନତି କରି କୃଷି ଓ କୃଷିଭିତ୍ତିକ କାର୍ଯ୍ୟରେ ଉତ୍ପାଦନକ୍ଷମ ସମ୍ପତ୍ତି ଗୁରୁତ୍ୱ ଦିଆଯାଇଛି।
- ଏହି ଯୋଜନାରେ ଜବ୍ କାର୍ଡ ଥିବା ପ୍ରତ୍ୟେକ ପରିବାରକୁ ଗୋଟିଏ ଆର୍ଥିକ ବର୍ଷରେ ଅତିକମରେ ୧୦୦ ଦିନର ଅଣକୁଶଳୀ କାମ ଯୋଗାଇଦେବା ପାଇଁ ନିର୍ଦ୍ଧାରିତ କରାଯାଇଅଛି।
- ଏହି ଯୋଜନାରେ ଗ୍ରାମାଞ୍ଚଳ ଜୀବିକାକୁ ସୁରକ୍ଷିତ କରିବା ନିମନ୍ତେ ପଦକ୍ଷେପ ନିଆଯାଇଅଛି।
- ଏହି ଯୋଜନାରେ ଦୀର୍ଘସ୍ଥାୟୀ ଓ ଉତ୍ପାଦନକ୍ଷମ ସମ୍ପତ୍ତି ସୃଷ୍ଟି କରିବା ବ୍ୟବସ୍ଥା କରାଯାଇଛି।
- ଏହି ଯୋଜନାରେ ପଞ୍ଚାୟତିରାଜ ଅନୁଷ୍ଠାନମାନଙ୍କୁ ଶକ୍ତିଶାଳୀ କରିବା ପାଇଁ ପଦକ୍ଷେପ ନିଆଯାଇଅଛି।
- ଏହି ଯୋଜନାରେ ରାସ୍ତା ସଂଯୋଗୀକରଣ, ପରିମଳ, ଖେଳପଡ଼ିଆ, ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ସମ୍ବନ୍ଧୀୟ କାର୍ଯ୍ୟ, ପଞ୍ଚାୟତ ଗୃହ, ଅଙ୍ଗନୱାଡି , ଗାଁ ହାଟ, ଶ୍ମଶାନ, ବାତ୍ୟାଆଶ୍ରୟସ୍ଥଳ, ବନ୍ୟାଜଳ ନିଷ୍କାସନ ଇତ୍ୟାଦି ନିମନ୍ତେ ପଦକ୍ଷେପ ନିଆଯାଇଅଛି।
- ଏହି ଯୋଜନାରେ ସ୍ୱୟଂସହାୟକ ଗୋଷ୍ଠିମାନଙ୍କ ଭିତ୍ତିଭୂମି ନିମନ୍ତେ ଜୈବିକ ଖତ, ଗୋଦାମ ଘର, ୱାର୍କ ସେଡ୍ ଭଳି ଭିତ୍ତିଭୂମିର ବିକାଶ ନିମନ୍ତେ ପଦକ୍ଷେପ ନିଆଯାଇଅଛି।
- ଏତତ୍‌ବ୍ୟତୀତ ଗୋଷ୍ଠୀ ସମ୍ପତ୍ତି ସୃଷ୍ଟି ସହିତ ସମାଜର ଦୁର୍ବଳ ତଥା ଅବହେଳିତ ପରିବାର ବ୍ୟକ୍ତିଗତ ପ୍ରକଳ୍ପର ଉନ୍ନତି ନିମନ୍ତେ ବିଭିନ୍ନ ଯୋଜନାର ଉନ୍ନତିକରଣ ପଦକ୍ଷେପ ନିଆଯାଇଅଛି।

**ସ୍ୱା./- ଗୋଷ୍ଠୀ ଉନ୍ନୟନ ଅଧିକାରୀ, ରିଆମାଳ**

## OFFICE OF THE DISTRICT MAGISTRATE AND COLLECTOR, BARGARH
**(ST & SC Development Section)**

Ph. No.-06646-230956 email : dwobargarh@gmail.com

No. 346/ SSD Dated : 11.02.2019

## NOTIFICATION

No. 97-V: In pursuance of this office Advertisement No. 1991/SSD Dated 14.08.2018 and Notification No. 188/SSD Dated 31.01.2019 the Draft merit list (150%) of candidates for the post of Sikshya Sahayak is hereby published in the website www.bargarh.nic.in. The same is also available in the notice board of District Welfare Office, Bargarh. The candidates of Draft merit list (150%) are hereby informed to attend this office in person on 18.02.2019 at 11.00 A.M. to 5.00 P.M. for verification of their original Certificates/ Mark sheets along with all other relevant certificates produced in the application. The candidates are also instructed to submit one set of self-attested copies of all certificates, mark sheets and two passport size photograph at the time of verification. The authority reserves the right to reject the candidatures of the candidates, if found absent on the date of certificate verification.

24042/11/0010/1819 **Sd./- Collector, Bargarh**

## ODISHA BRIDGE & CONSTRUCTION CORPORATION LTD.

**(A Government of Odisha Undertaking)**
**SETU BHAVAN, NAYAPALLI, BHUBANESWAR-12**
**PH.NO. 0674 -2390043, FAX NO. 0674-2396326, E Mail: mdobcc@gmail.com**

**No.CAD-1406:** **BID INVITATION NOTICE**
**BID IDENTIFICATION NO.GM/O.B.&C.C.LTD/3 &4 /(Category-1 & 2)/2019-20**

1. General Manager(Civil), Odisha Bridge & Construction Corporation on behalf of the Governor of Odisha, invites 'online' tender in double cover system for the toll gate under the Category-1 & in single cover system for the toll gates under Category-2 and bid will be received in sealed tender box for the toll gates under category-3, as detailed in the table below from the intending bidders for collection of toll for a period of one year.

| Sl. No. | Name of the (R&B) toll gate. | Upset Price (In Rs.) | E.M.D. (In Rs.) (online submission) | Cost of Bid document (In Rs.) (online submission) | Operation Period. |
|---|---|---|---|---|---|
| 1 | 2 | 3 | 4 | 5 | 6 |
| | **CATEGORY-1 (Double Cover System)** | | | | |
| 1. | Mohanadi Bridge toll gate near Sonepur on Sambalpur-Sonepur road. | 2,29,52,224/- | 22,95,222/- | 10,000/- | 01.05.19 to 30.04.20 |
| | **CATEGORY-2 (Single Cover System)** | | | | |
| 2. | Toll gate on Bridge over river Bansadhara on Gunupur-Bisamkatak road. | 38,00,000/- | 3,80,000/- | 6,000/- | 01.04.19 to 31.03.20 |
| 3. | Badagenguti Bridge toll gate on Baruan-Balichandrapur road. | 14,24,786/- | 1,42,480/- | 6,000/- | 06.04.19 to 05.04.20 |
| 4. | Veden Bridge toll gate on Saida-Kalpada road. **(R.D. Dept. toll gate)** | 5,83,583/- | 58,358/- | 4,000/- | 15.04.19 to 14.04.20 |
| 5. | Toll gate on H.L.Bridge over river Pithaguda on Similiguda-Handiput road. | 19,92,244/- | 1,99,224/- | 6,000/- | 01.05.19 to 30.04.20 |
| 6. | Balasore- Mitrapur- Baincha road toll gate, Balasore | 44,75,237/- | 4,47,524/- | 6,000/- | One year from the effective date of Agmt. |
| | **CATEGORY- 3** | | | | |
| | **R.D. Deptt. Toll gate** | | | | |
| 7. | Toll gate on Bridge over Sono on Udala-Dihirakul Road. | 3,41,500/- | 34,150/- | 2,000/- | 07.05.19 to 06.05.20 |
| 8. | Toll gate over river Budhabalanga Bridge on Bangiriposi-Shyamsundarpur Road, Mayurbhanj | 3,08,500/- | 30,850/- | 2,000/- | 10.05.19 to 09.05.20 |

2. Date and time for online bidding for toll gates under Category-1 & 2 (Sl. 1 to 6) starts From 2.00 P.M. of dt. 18.02.2019 to 5.00 P.M. of dtd. 01.03.2019.
3. EMD and Cost of bid document as specified against each toll gate in the above table Column-4 & 5 under category-1&2 (Sl. 1 to 6) will be transferred through online only as per the procedure mentioned in the DTCN.
Further details can be seen from the website **https://tendersodisha.gov.in .**
4. The sale of bid document for toll gates under Category-3(Sl. from 7 to 8) starts from dt. 18.02.2019 to dt. 28.02.2019 up to 2.00 P.M. and dropping of the bid document, in the sealed tender box from dt.18.02.2019 to dt.28.02.2019 up to 4.00 P.M. during working days within office hours at Head Office and Sr.Project Manager's offices and will be opened on dt. 01.03.2019 at 12.00 Noon at Head Office. The details can be seen from the bid documents. The bid documents can also be downloaded from Odisha Govt. Web site **www.odisha.gov.in.**
5. Any changes/corrigendum will be displayed in the website only.
6 Officer-in-charge of Tender:-General Manager(Civil), O.B. & C.C. Ltd., Bhubaneswar.

**34106/11/0023/1819** **Sd./- GENERAL MANAGER (CIVIL)**

## OFFICE OF THE DIVISIONAL FOREST OFFICER BARIPADA FOREST DIVISION BARIPADA, DIST:- MAYURBHANJ

**Tel-06792-252613/252622, FAX-06792-255770, E-mail- dfobaripada.od@gmail.com**

**No.27** **Date.05.02.2019**

## NOTICE INVITING TENDER

Sealed tenders are hereby invited from Registered Firms / Authorized dealers / DGS & D Rate contract holders having required statutory clearance for supply and installation of Furniture. The sealed offers are to be submitted on or before **20.02.2019 by 5 PM. by Speed Post** only. The details regarding tender documents, specifications and terms and conditions can be Downloaded from the standardised web portal of MAYURBHANJ District i.e. **www.mayurbhanj.nic.in.**

***Sd./-***
***DIVISIONAL FOREST OFFICER***
***BARIPADA FOREST DIVISION***

## CORRIGENDUM

The bids identification No. Jaipatna Block KID 02 / 2018 -19 for the work "Completion of Bridge at Sastuguda G.P Dhansuli" amounting of Rs. 49,83,669.00 is reschedule to be opened on dated 19.02.2019 instead of on Dated.16.02.2019 due to unavoidable circumstances.

***Sd./- Block Development Officer, Jaipatna***

## IISER भारतीय विज्ञान शिक्षा एवं अनुसंधान संस्थान बरहमपुर
**Indian Institute of Science Education and Research Berhampur**
**Established by the Ministry of HRD, Govt. of India | Transit Campus: Govt. ITI Berhampur-760010**

No.IISERBpr/S&P/EoI/2018-19/05 February 12, 2019

**Expression of Interest**

IISER Berhampur is inviting Expression of Interest from individuals / firms / companies for hiring of buildings / towers for student hostels on lease/rent basis. The last date for submission of EoI, complete in all respect and confirming entirely to the specifications along with all necessary documents through offline mode is, on or before 1600 hrs of February 26, 2019. Complete detail and the tender document is available on Institute website i.e. http://www.iiserbpr.ac.in and https://eprocure.gov.in. Any corrigendum etc will be notified on the above websites only. क्रय एवं भण्डार अधिकारी

## INTEGRATED TRIBAL DEVELOPMENT AGENCY : BARIPADA

(Ph. & Fax No. (06792) 260250, Email : itdabaripada@rediffmail.com

## QUOTATION CALL NOTICE
**No. 671/ Dt. 11.02.2019**

No. CAD-1405 : Sealed quotations in plain paper / letter pad are invited from the intending registered authorized dealers / distributors / firms for supply of following amenities like Inverter, Bed Ply for iron cots, Dust Bin, LED TV (reputed brand like Sony/ Panasonic / LG etc.) with D2H, shoe stand etc. to SSD Intuitions under ITDA Baripada. The bidder has to submit their bid documents in two separated sealed covers i.e. Technical Bid and Financial Bid Prominently superscribed on the cover. The bids will be received by the undersigned up to 5.00 P.M. of 25.02.2019 during office hours by Speed post/ registered Post / courier services / by hand only. The documents shall be deposited in the tender box kept in the ITDA. The bids so received will be opened at 11.00 AM of 26.02.19 in the office chamber of P.A., ITDA, Baripada in presence of the available bidders or their authorized representatives with sample.
(The details can be had from the office of the Project Administrator, ITDA, Baripada in person / District website www.mayurbhanj.nic.in

**Sd./- Project Administrator, ITDA, Baripada**

19010/11/0004/1819

## BERHAMPUR MUNICIPAL CORPORATION, GANJAM

**INVITATIONS FOR BIDS (IFB)**

**No. 1574/ XVIII.E6.12/18** **Date: 04.02.19**

**No.476-C:-** **Invitation for Bids**

**Bid Identification No BMC (BAM)- 194/ 2018-19**

| | | |
|---|---|---|
| 1 | The Municipal Commissioner, Berhampur invites percentage rate bids in ONLINE MODE only, as per annexure "A". | |
| 2 | Nature of work | Electrical Works |
| 3 | No. of work | 19 Nos. |
| 4 | Bid Cost | The bidders shall remit online the cost of bid document for amount through the process as mentioned in the DTCN as per Annexure "A". |
| 5 | E.M.D | The bidder shall remit online the Earnest Money Deposit/ bid Security at the rate of 1% of the estimated cost put to tender as mentioned under DTCN. Bidders desirous to hire machineries or equipments from outside the State or owned but deployed outside the State are required to remit online 2% of the amount put to tender as Bid Security. Exemption from EMD is permissible as per codal provisions of Govt. of Odisha as per Annexure "A". |
| 6 | Class of Contractor | As per the Annexure "A". |
| 7 | Availability of Bid Documents in the website | From 15.00 hrs. of Dt. 08.02.19 to 17.00 hrs. of 18.02.19. |
| 8 | Date of opening of Bid | 11.30 hrs. onwards on Dt. 19.02.19. |
| 9 | Mode of submission of tender | Tender should be submitted Online in www.tendersorissa.gov.in. |
| | The bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum/ corrigendum/ cancellation of tender can also be seen in the said website only. | |

**Sd./- Commissioner,**
**Berhampur Municipal Corporation**
**Berhampur, Odisha**

**13035/11/0218/1819**

## OFFICE OF THE MUNICIPAL COUNCIL, SONEPUR
## "e" Procurement Notice
**Bid Identification No. SNP-MUN-08/2018-19**
**Tender Call Notice No. 294/ Date : 12.02.2019**

Bid Documents consisting of Work, Estimated Cost, Cost of Tender Paper, EMD, Time of Completion, Class of contractors and the set of terms and conditions of contract & other necessary documents can be seen in Govt. website i.e. www.tendersodisha.gov.in

| | | | |
|---|---|---|---|
| 1 | Name of the Work | : | As per DTCN |
| 2 | No. of Works | : | 24 Nos |
| 3 | Amount put to Tender | : | As per DTCN |
| 4 | Period of Completion | : | As per DTCN |
| 5 | Starting Date & Time of Bidding | : | From Dt. 15.02.2019 from 11.00 A.M. |
| 6 | Last Date & Time for receipt of tenders through online | : | Upto Dt. 25.02.2019 up to 05.00 PM |
| 7 | Submission of Original Document | : | On or Before Dt. 26.02.2019 within 05.00 PM |
| 8 | Bids received online shall be opened on | : | On Dt. 27.02.2019 at 11.00 AM |
| 9 | Name and address of the Officer inviting Bid | : | Executive Officer, Sonepur Municipality |

Further details can be seen from the procurement portal i.e. www.tendersodisha.gov.in

**Sd./- Executive Officer**
**Sonepur Municipality**

See Career Appointment on every **Wednesday & Saturday**

## DIRECTORATE GENERAL
## FIRE SERVICES, HOME GUARDS & CIVIL DEFENCE, ODISHA

**SHORT TENDER CALL NOTICE**
**No.377-D:-** **NO.-11/2018-19.**

1. Sealed tenders are invited from the fabricators having own fabrication unit for fabrication of Water Tanker (15,000 Ltrs Capacity) and Mini Motor Fire Engine for Fire Service Organization during the year 2018-19.

| Sl No. | Name of the item | Approximate Quantity |
|---|---|---|
| 1 | Fabrication of Water Tanker (15,000 Ltrs Capacity) on chassis model: - Tata LPT 2518/48 Tilt Sleeper Cab Chassis 6×2 BSIV | 01 No. |
| 2 | Fabrication of Mini Motor Fire Engine on chassis model: - Ashok Leyland LCV Truck Partner 6 Tyre 3955 mm Wheel Base Cabin Chassis-17 feet. | 22 Nos |

2. Sale of tender document w. e. f. dt. 13-02-2019.
3. Last date for sale of tender document dt. 26-02-2019, 5.00 P.M.
4. Last date for receipt of tender document dt. 26-02-2019, 5.00 P.M.
5. Date for opening of tenders/Technical Bids dt. 27-02-2019, 11.30 AM. onward.
6. The tender document with detail technical specification, condition may be seen from the state website **www.odisha.gov.in** and Odisha Fire Service website **www.odishafshgscd.gov.in.** The tender document may be obtained by depositing Rs. 500/- (Rupees five hundred) only between 11.00 A.M to 5.00 P.M each working days.
7. Address.
Directorate General of F.S, H.Gs & C.D, at-3rd Floor of Vigilance Directorate, Nuapatna, Cuttack, Pin-753001, FAX-0671-2300201/ 2303387.

**Sd./- I.G of Police, Fire Service,**
**Home Guards & Civil Defence,**
**Odisha, Cuttack**

**12013/11/0022/1819**

## ଜିଲ୍ଲା ଖଣିଜ ପଦାର୍ଥ ପ୍ରତିଷ୍ଠାନ, ସୁନ୍ଦରଗଡ
## DISTRICT MINERAL FOUNDATION, SUNDARGARH

(1st floor, DMF Office), District Rural Development Agency, Sundargarh – 770001
Tel / Fax No. 06622-273846, E-mail – dmfsundergarh@gmail.com

Letter No. 167 /(DMF) Dated the 12 / 02 / 2019

**RFP NO: -DMF/SNG/16-2018-19**

| | | | |
|---|---|---|---|
| 1. | The Collector-cum-Chairperson, District Mineral Foundation (DMF) Sundargarh, Government of Odisha invites technical and financial proposals in duplicate from reputed implementing Agency/ Firms of National and International repute for **"Design and Development for beautification of Parijaat Kanan park including landscaping, fountain, path way Statue, illumination, Gazebo etc. in Sundargarh town on EPC Mode Basis with 3 years Operation and Maintenance under DMF Funding"** as detailed in the Scope of Work in this DTCN. The interested and eligible Firms with valid Registration Certificate as a Company, as detailed in DTCN, may apply for the same in OFF-LINE mode. (For details visit www.sundergarh.nic.in). | | |
| 2. | Nature of Works | :- | **Design and Development for beautification of Parijaat Kanan park including landscaping, fountain, path way Statue, illumination, Gazebo etc. in Sundargarh town on EPC Mode Basis with 3 years Operation and Maintenance under DMF Funding** |
| 3. | RFP(Bid) Cost | :- | Rs.10,000/- |
| 4. | Places where works will be executed | :- | Sundargarh Town |
| 5. | Availability of bid document in the website | :- | **From 11.00 A.M. of 13.02.2019 to 27.02.2019 up to 5:00 P.M.** |
| 6. | Last date of receipt of Bid | :- | 27.02.2019 up to 5:00 P.M. |
| 7. | Mode of Receipt of Bids | :- | Through Speed Post/ Registered Post (India Post) and by no other means. |
| 8. | Date of opening of Technical Bid and Commercial Bid | :- | Date: 28.02.2019 at 11:00 A.M. |
| 9 | Address for Business query and correspondence | :- | Chief Executive Officer, District Mineral Foundation, Sundargarh Sundargarh -770001 ,Tel- 06622-273846 **Website-www.sundergarh.nic.in** **E-mail** Id-dmfsundergarh@gmail.com |
| 10 | The bidders have to participate in OFF-LINE bidding only. Further details can be seen from the Sundargarh District website (**www.sundergarh.nic.in**). Any addendum /corrigendum / cancellation of RFP can also be seen in the said websites. If any query then contact E-mail ID - dmfsundergarh@gmail.com. | | |

**Sd./- Collector-cum- Chairperson**
**DMF, Sundargarh**

## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, BHADRAK

**Ph. No.: 06784-251866, 219033, Fax: 06784-251855**
**E-mail: cdmobdk@rediffmail.com, dpmubha@ori.nic.in**
**Notice No.: 1442/Bhadrak Dated: 12.02.2019**

## EXPRESSION OF INTEREST FOR SUPPLY OF DIET TO DIST. H.Q. HOSPITAL, BHADRAK
## SHORT TENDER CALL NOTICE

No.: 877-E: Expression of interest is invited from interested individual Supplier/Organization/ Agencies having relevant experience in the related field for supply of Diet to DHH, Bhadrak. The Parties/Organization/Agency should have a local office/counter in the same Head Quarter area for day to day co-ordination. Details regarding the term & condition, format for submission of tender may be downloaded from the dist website **www.bhadrak.nic.in**. The tender document should reach to the office of undersigned latest by 25.02.2019 at 5 P.M. through Speed Post/Registered Post only. The tender will be opened on 26.02.2019. The undersigned reserves the right to accept or reject any/all without assigning any reason thereof. The undersigned will not be held responsible for any postal delay.

**Sd./- Chief District Medical &**
**10123/11/0022/1819 Public Health Officer, Bhadrak**

# ଚନ୍ଦ୍ରଭାଗାରେ ବୁଡ଼ ପକାଇଲେ ୩ଲକ୍ଷ ଶ୍ରଦ୍ଧାଳୁ

- କୁହୁଡ଼ି ଯୋଗୁ ବିଳମ୍ବରେ ଦର୍ଶନ ଦେଲେ ସୂର୍ଯ୍ୟନାରାୟଣ
- ସୂର୍ଯ୍ୟ ମନ୍ଦିର, ନବଗ୍ରହ ପୀଠରେ ପ୍ରବଳ ଭିଡ଼
- ସରିଲା ଦୁଇଦିନିଆ ମାଘ ସପ୍ତମୀ ମେଳା

କୋଣାର୍କ ୧୨।୨(ଡି.ଏନ.ଏ.)

ମାଘ ଶୁକ୍ଳ ସପ୍ତମୀ ତିଥି ମଙ୍ଗଳବାର ପବିତ୍ର ଚନ୍ଦ୍ରଭାଗାର ତୀର୍ଥ ପୁଷ୍କରିଣୀ ଓ ମହୋଦଧିରେ ୩ଲକ୍ଷରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ବୁଡ଼ ପକାଇଛନ୍ତି। ତେବେ କୁହୁଡ଼ି ଯୋଗୁ ଶ୍ରଦ୍ଧାଳୁମାନେ ବିଳମ୍ବରେ ସୂର୍ଯ୍ୟଦେବଙ୍କ ଦର୍ଶନ ସହ ପୂଜାର୍ଚ୍ଚନା କରିଛନ୍ତି। ପରେ ଶ୍ରଦ୍ଧାଳୁମାନେ ସୂର୍ଯ୍ୟ ମନ୍ଦିର, ନବଗ୍ରହ ମନ୍ଦିର ଓ ଶ୍ରୀମନ୍ଦିରକୁ ଯାଇ ଠାକୁରଙ୍କୁ ଦର୍ଶନ କରି ପୁଣ୍ୟ ଅର୍ଜନ କରିଛନ୍ତି। ଏଥିସହ ଷଷ୍ଠୀଠାରୁ ଆରମ୍ଭ ହୋଇଥିବା ମାଘ ମେଳା ଶେଷ ହୋଇଛି। ଏଥିପାଇଁ ଦୁଇଦିନ ହେବ ଚନ୍ଦ୍ରଭାଗା ବେଳାଭୂମି ଉତ୍ସବମୁଖର ହୋଇଉଠିଥିଲା।

ମାଘ ସପ୍ତମୀ ବୁଡ଼ ପାଇଁ ଦୂରଦୂରାନ୍ତରୁ ଶ୍ରଦ୍ଧାଳୁମାନେ ଆସି ଷଷ୍ଠୀଠାରୁ ଚନ୍ଦ୍ରଭାଗାରେ ପହଞ୍ଚି ଯାଇଥିଲେ। ସେମାନେ ମେଳା ପଡ଼ିଆ ସମେତ ସମୁଦ୍ର କୂଳ, ଛୋଟାରାମ ବାବା ମଠ, ରଘୁବାବା ମଠ, ଦରିଆ ମହାବୀର ମନ୍ଦିର, ଅବଧୂତ ମଠ, ନବଗ୍ରହ ମନ୍ଦିର ଓ କୋଣାର୍କ ବଜାରର ବିଭିନ୍ନ ସ୍ଥାନରେ ଏକତ୍ରିତ ହୋଇ ରହିଥିଲେ।



ଶ୍ରଦ୍ଧାଳୁମାନେ ସୂର୍ଯ୍ୟନାରାୟଣଙ୍କ ଦର୍ଶନ କରୁଛନ୍ତି।

ମାଟିହାଣ୍ଡିରେ ଭାତ ଡ଼ାଲମା ପ୍ରସ୍ତୁତ କରି ଖାଇବା ପରେ ହାଣ୍ଡିଭଙ୍ଗା ପୁଷ୍କରିଣୀରେ ରନ୍ଧାହାଣ୍ଡିକୁ ବିସର୍ଜନ କରିଥିଲେ। ରାତି ୧୨ଟାରେ ତ୍ରିଶମ୍ଭୁ ମାଧିପୁରର ଶ୍ରୀଶ୍ରୀ ତ୍ରିବେଣୀଶ୍ୱର, କୁରୁଜଙ୍ଗର ଦକ୍ଷିଣେଶ୍ୱର ଓ ସନ୍ଥପୁରର ଈଶାଣେଶ୍ୱର ଦେବଙ୍କ ଚଳନ୍ତି ପ୍ରତିମା ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ଆସି କୋଣାର୍କ ଏନ୍‌ଏସି ପୂଜାମଣ୍ଡପଠାରେ ଉପବିଷ୍ଟ ହେବା ପରେ ସ୍ୱତନ୍ତ୍ର ପୂଜା ହୋମ ଓ ଭୋଗ ଲାଗି ସମ୍ପନ୍ନ ହୋଇଥିଲା। ପରେ ତିନିଠାକୁର ମିଳିତ ଶୋଭାଯାତ୍ରାରେ ଯାଇ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଓ ପୂର୍ତ୍ତବିଭାଗ ଡାକବଙ୍ଗଳାଠାରେ ଚାଟେରି ଭୋଗ ଖାଇ ରାତି ୨ଟା ୩୦ରେ ତୀର୍ଥ ପୁଷ୍କରିଣୀସ୍ଥିତ ପୂଜା ମଣ୍ଡପରେ ପହଞ୍ଚିଥିଲେ। ପାରମ୍ପରିକ ରୀତିନୀତିରେ ଠାକୁରମାନଙ୍କ ପୂଜା ହୋମ ସରିବା ପରେ ସପ୍ତମୀ ତିଥିର ମାହେନ୍ଦ୍ରବେଳା ପ୍ରତ୍ୟୁଷ ୩ଟା ୫୦ରେ ତୀର୍ଥ ପୁଷ୍କରିଣୀ ଜଳରେ ମହାସ୍ନାନ କରାଯାଇଥିଲା। ଭୋର ୪ଟାରେ ସାଧୁସନ୍ଥ ଓ ଶ୍ରଦ୍ଧାଳୁ ବୁଡ ପକାଇଥିଲେ। ଏହି ଅବସରରେ ଚନ୍ଦ୍ରଭାଗା ତୀର୍ଥସ୍ଥାନ ସନ୍ଥ ସମିତି ପକ୍ଷରୁ ଚନ୍ଦ୍ରଭାଗା ଆଳତି କରାଯାଇଥିଲା। ସେହିଭଳି ଶାମ୍ବ ଦଶମୀରେ ଅବଧୂତ ମଠ ପରିସରରୁ ଚନ୍ଦ୍ରଭାଗା ତୀର୍ଥକୁ ଯାଇଥିବା ସୂର୍ଯ୍ୟରଥ ମାଘ ଶୁକ୍ଳ ସପ୍ତମୀରେ କୋଣାର୍କକୁ ବାହୁଡ଼ିଛି। ମାଘମେଳା ପାଇଁ ସୂର୍ଯ୍ୟମନ୍ଦିରରେ ପ୍ରବଳ ଭିଡ଼ ହୋଇଥିବାବେଳେ ସୋମବାର ଓ ମଙ୍ଗଳବାର ପ୍ରବେଶ ଶୁଳ୍କକୁ ଛାଡ଼ କରାଯାଇଥିଲା।

## ସଂକ୍ଷେପରେ

### ବରଗଡ଼ ଆସିବେ ରାହୁଲ

ବରଗଡ଼ ଅଫିସ୍,୧୨।୨: ଏଆଇସିସି (ଅଲ୍ ଇଣ୍ଡିଆ କଂଗ୍ରେସ କମିଟି) ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଚଳିତମାସ ଶେଷ ସପ୍ତାହରେ ବରଗଡ଼ ଆସିବେ । ସେ ଆସିବାର ନିର୍ଦ୍ଦିଷ୍ଟ ତାରିଖ ଘୋଷଣା ହୋଇ ନ ଥିଲେ ହେଁ ଆସନ୍ତା ୨୬ରୁ ୨୮ ତାରିଖ ମଧ୍ୟରେ ତାଙ୍କ ବରଗଡ଼ ଗସ୍ତ କାର୍ଯ୍ୟକ୍ରମ ନିର୍ଦ୍ଧାରଣ କରାଯାଇଛି । ରାହୁଲଙ୍କ ଗସ୍ତ ନେଇ ସ୍ଥାନୀୟ କଂଗ୍ରେସ କର୍ମୀଙ୍କ ମହଲରେ ଉତ୍ସାହ ଦେଖାଯାଇଛି । ଏପରିକି ଏହି ଗସ୍ତକୁ ନେଇ ଦଳୀୟ ପ୍ରସ୍ତୁତି ମଧ୍ୟ ଆରମ୍ଭ ହୋଇଯାଇଛି । ମଙ୍ଗଳବାର ଦଳୀୟ ନେତା, କର୍ମୀଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ମଙ୍ଗଳବାର ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ ବରଗଡ଼ ଆସି ରାହୁଲଙ୍କ ସଭା ପାଇଁ ଦଳୀୟ ନେତା, କର୍ମୀଙ୍କ ଗହଣରେ ସରସରା, ଜମୁର୍ଡ଼ି ଆଦି ପଡ଼ିଆ ବୁଲି ଦେଖିଥିଲେ । ପରେ ଏକ ଖବରଦାତା ସମ୍ମିଳନୀରେ ସେ ରାହୁଲଙ୍କ ଗସ୍ତ ତଥା ଆସନ୍ତା ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଦଳର ଇସ୍ତାହାର ପ୍ରସ୍ତୁତି ଉପରେ ସୂଚନା ଦେଇଥିଲେ । ଗାଁ ଗାଁ ବୁଲି ଲୋକଙ୍କ ମତ ନେଇ ଦଳୀୟ ଇସ୍ତାହାର ତଥା ଜନାଦେଶ ପ୍ରସ୍ତୁତ କରାଯିବ ବୋଲି ସେ କହିଥିଲେ । ଆସନ୍ତା ସାଧାରଣ ନିର୍ବାଚନରେ କଂଗ୍ରେସ ବାମଦଳ ସହିତ ମେଣ୍ଟ କରିବ କି ବୋଲି ପଚାରିବାରୁ ସିପିଆଇ, ସିପିଏମ୍ ଏବଂ ଜେଏମ୍‌ଏମ୍ ସହିତ ମେଣ୍ଟ ହେବାର ସମ୍ଭାବନା ରହିଛି, ଯଦିଓ ସେ ନେଇ କିଛି ଚୂଡ଼ାନ୍ତ ହୋଇ ନାହିଁ ବୋଲି ସେ କହିଥିଲେ ।

### ପୋଲିସ ଇନଫର୍ମର ସନ୍ଦେହ ମାଓବାଦୀଙ୍କ ଗୁଳିରେ ଜଣେ ମୃତ

ରାଇଘର,୧୨।୨(ଡି.ଏନ୍.ଏ): ନବରଙ୍ଗପୁର ଜିଲା ରାଇଘର ବ୍ଲକ ହଳଦୀ ପଞ୍ଚାୟତ ଭେଜସ ଗ୍ରାମର ଅନନ୍ତରାମ ଗଣ୍ଡ(୩୮)ଙ୍କୁ ପୋଲିସ ଇନଫର୍ମର ସନ୍ଦେହରେ ମାଓବାଦୀମାନେ ସୋମବାର ରାତିରେ ଗୁଳି କରି ହତ୍ୟା କରିଛନ୍ତି । ଅନନ୍ତ ରାମଙ୍କ ଗୋଟିଏ ପୁଅ ଓ ୪ ଝିଅ। ୨ ଝିଅ ନୂଆପାରା ଆଶ୍ରମରେ ପଢୁଥିବା ବେଳେ ୨ ଝିଅ ସୋମବାର ମା'ଙ୍କ ସାଙ୍ଗରେ ମାମୁ ଘରକୁ ଯାଇଥିଲେ । ସୋମବାର ଅନନ୍ତରାମଙ୍କ ସହ ପୁଅ ପୂର୍ଣ୍ଣ ରହିଥିଲେ। ରାତିରେ ସେମାନେ ଶୋଇବା ସମୟରେ ୧୦ ରୁ ଉର୍ଦ୍ଧ୍ୱ ମାଓବାଦୀ ଆସି ଅନନ୍ତରାମଙ୍କୁ ଡାକିଥିଲେ । ପୂର୍ଣ୍ଣଙ୍କୁ ସେଠାରୁ ଚାଲି ଯିବାକୁ କହିଥିଲେ । ପୂର୍ଣ୍ଣ ଭୟଭୀତ ହୋଇ ପଡୋଶୀ ଘରକୁ ଚାଲି ଯାଇଥିଲେ। ଘରଠାରୁ ୫୦ମିଟର ଦୂରରେ ଥିବା ଅଙ୍ଗନୱାଡି କେନ୍ଦ୍ର ନିକଟ ରାସ୍ତା ଉପରେ ମାଓବାଦୀମାନେ ଅନନ୍ତଙ୍କୁ ଗୁଳି କରି ହତ୍ୟା କରିଥିଲେ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖାଇଲେ ପେଟ ପୂରେନାଁ,**
**କହିଲେ ପେଟ ପୂରେ ।**

ମନଭରି ଖାଇଲେ କିମ୍ବା ମନ ତୋଷହେବା ଭଳି କିଛି କଥା ଶୁଣିଲେ ଯେ ପେଟ ପୂରିଯାଏ ବା ମନର ଦୁଃଖ ମେଣ୍ଟିଯାଏ ସେଭଳି ଭାବିବାରେ ଯଥାର୍ଥତା ନ ଥାଏ। ଯେଉଁଠି ସ୍ନେହ, ଆଦର ତଥା ଆନ୍ତରିକ ଭାବ ନ ଥାଏ ସେଠି ଏସବୁ ମୂଲ୍ୟହୀନ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଖଡ଼ା ଖାଇ ଖାଇ ଦାନ୍ତ ପାକୁଆ;**
**ନିଶରୁ ଘିଅ ପୋଛା ହଉଛି ।**

ଅନେକ କ୍ଷେତ୍ରରେ କିଛି ନ ଥିବା ବ୍ୟକ୍ତି ସମାଜରେ ନିଜର ଫମ୍ପା ଆଭିଜାତ୍ୟ ଦେଖାଇବାରେ କାଣିଚାଏ ହେଳା କରୁ ନ ଥିବା ଲକ୍ଷ୍ୟ କରାଯାଇଥାଏ। ତେବେ ସୀମିତ ସମ୍ବଳ ଥିବା ବ୍ୟକ୍ତିଙ୍କଠାରେ ଏଭଳି ଆତ୍ମବଡ଼ିମା ଆଦୌ ଶୋଭା ପାଇ ନ ଥାଏ। ଏପରିସ୍ଥଳେ ଅଭାବଗ୍ରସ୍ତ ବ୍ୟକ୍ତି ବାହାରେ ନିଜର ଚାତର ପ୍ରକାଶ କରି ଲୋକହସା ହେବା ସାର ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
–ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ପିକ୍‌ଅପ୍ ଭ୍ୟାନ୍ ଉପରକୁ ବୋମାମାଡ଼

# ୧.୬୦ ଲକ୍ଷ ଲୁଟ୍, ୨ ଆହତ

ଖଣ୍ଡପଡ଼ା,୧୨।୨(ସ୍ୱ.ପ୍ର.)

ଗତ ୨ ଦିନ ତଳେ ନୟାଗଡ଼ ଜିଲା କଣ୍ଟିଲୋ ଅଞ୍ଚଳରେ କେତେକ ଦୁର୍ବୃତ୍ତ ଜଣେ ସୁନା ବ୍ୟବସାୟୀଙ୍କୁ ବନ୍ଧୁକରେ ପିଟି ୪୦ ଲକ୍ଷରୁ ଉର୍ଦ୍ଧ୍ୱ ମୂଲ୍ୟର ସୁନା ଅଳଙ୍କାର ଲୁଟି ନେଇଥିବାବେଳେ ମଙ୍ଗଳବାର ସ୍ୱଷ୍ଟ ଦିବାଲୋକରେ ବୋମାମାଡ଼ କରି ଏକ ଫାଇନାନ୍ସ କମ୍ପାନୀର ଗାଡ଼ିରୁ ଲକ୍ଷାଧିକ ଟଙ୍କା ଲୁଟି ନେଇଛନ୍ତି। ଏହି ଘଟଣା କଣ୍ଟିଲୋ ପୋଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଥିବାବେଳେ ସାଧାରଣରେ ଆତଙ୍କ ଖେଳାଇଦେଇଛି।

ପ୍ରକାଶ ଯେ, କଟକ ଜିଲା ନରସିଂହପୁର ଅଞ୍ଚଳର ଏକ ଫାଇନାନ୍ସ କମ୍ପାନୀର ୨ଜଣ କର୍ମଚାରୀ ଓ ସୁରକ୍ଷାକର୍ମୀ ପ୍ରାୟ ୧ଲକ୍ଷ ୬୦ହଜାର ଟଙ୍କା ଧରି ଏକ ପିକ୍‌ଅପ୍ ଭ୍ୟାନ ଯୋଗେ ଆନ୍ଧ୍ର ବ୍ୟାଙ୍କ ନୟାଗଡ଼ ଶାଖାକୁ ଯାଉଥିଲେ। ୪ଜଣ ଦୁର୍ବୃତ୍ତ ୨ଟି ବାଇକ ଯୋଗେ ଉକ୍ତ ଭ୍ୟାନକୁ ପିଛା କରି ଅପରାହ୍ନ ପ୍ରାୟ ୨ଟାରେ କଇଁଥପଲ୍ଲୀ ଗ୍ରାମ ନିକଟରେ ଗାଡ଼ି ଉପରକୁ ବୋମାମାଡ଼ କରିଥିଲେ । ଫଳରେ ପିକ୍‌ଅପ୍ ଭ୍ୟାନର କିଛି ଅଂଶ ଭାଙ୍ଗିରୁଜି ଯାଇଥିବା ବେଳେ ସୁରକ୍ଷାକର୍ମୀ ଦୁର୍ଯ୍ୟୋଧନ ମହାପାତ୍ର ଓ ଚାଳକ ଆହତ ହୋଇଛନ୍ତି। ଗାଡି ଅଟକିଯିବାରୁ ଦୁର୍ବୃତ୍ତମାନେ ୨ଟି ବନ୍ଧୁକ ଦେଖାଇ କର୍ମଚାରୀ ଦ୍ୱୟଙ୍କୁ ଭୟଭୀତ କରି ଟଙ୍କା ଭର୍ତ୍ତି ବ୍ୟାଗ୍‌ଟିକୁ ଲୁଟି ନେଇ ଦ୍ରୁତଗତିରେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ଖଣ୍ଡପଡ଼ା ପୋଲିସ ଓ ନୟାଗଡ଼ ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଥିବାବେଳେ ୩ଟି ଅଫୁଟା ସୁତୁଲି ବୋମାକୁ ଜବତ କରିଛି। ପରେ ନୟାଗଡ଼ ଏସ୍‌ପି ଶଶିଭୂଷଣ ଶତପଥୀ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ପରେ ଦୁର୍ବୃତ୍ତମାନଙ୍କୁ ଧରିବା ନିମନ୍ତେ ଆଖପାଖ ଅଞ୍ଚଳକୁ ପୋଲିସର ଏକ ଟିମ୍ ଗସ୍ତ କରିଥିବା ସୂଚନା ମିଳିଛି । ସ୍ୱଷ୍ଟ ଦିବାଲୋକରେ ଦୁର୍ବୃତ୍ତମାନେ ନିର୍ବିଘ୍ନରେ ଏଭଳି କାଣ୍ଡ ଘଟାଇ ଘଟଣାସ୍ଥଳରୁ ଫେରାର ହୋଇଯିବା ଘଟଣା ଖଣ୍ଡପଡ଼ା ପୋଲିସ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି। ଏ ସମ୍ପର୍କରେ ଖଣ୍ଡପଡ଼ା ଥାନାରେ ୨୩/୧୯ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ବିମଳ କୁମାର ମଲ୍ଲିକ ସୂଚନା ଦେଇଛନ୍ତି।



 କ୍ଷତିଗ୍ରସ୍ତ ପିକ୍‌ଅପ୍ ଭ୍ୟାନ୍ ।



ଜବତ ଅଫୁଟା ବୋମା।

# ପ୍ରାର୍ଥୀ ତାଲିକା ଚୂଡ଼ାନ୍ତ କରିବାକୁ ଜୋର୍‌ଦାର କସରତ

- ଆଜି ଓଡ଼ିଶା ଆସିବେ କଂଗ୍ରେସର କେନ୍ଦ୍ରୀୟ ସ୍କ୍ରିନିଂ କମିଟି ସଦସ୍ୟ

ଭୁବନେଶ୍ୱର, ୧୨।୨(ବ୍ୟୁରୋ)

ପ୍ରଦେଶ କଂଗ୍ରେସ କମିଟି(ପିସିସି) ପକ୍ଷରୁ ପ୍ରାର୍ଥୀ ଚୟନ ପ୍ରକ୍ରିୟା ଶେଷ ହୋଇପାରୁ ନାହିଁ। ନିରଞ୍ଜନ ପଟ୍ଟନାୟକ ପିସିସି ସଭାପତି ଭାବେ ଦାୟିତ୍ୱ ନେବା ପରେ ଅନ୍ୟ ଦଳଠାରୁ ଆଗୁଆ କଂଗ୍ରେସ ପ୍ରାର୍ଥୀ ତାଲିକା ଘୋଷଣା କରିବ ବୋଲି କହିଥିଲେ। ହେଲେ ନିରଞ୍ଜନଙ୍କ ସେହି ଆକଳନ ପରବର୍ତ୍ତୀ ସମୟରେ ଭୁଲ୍ ପ୍ରମାଣିତ ହୋଇଥିଲା। ଯେଉଁମାନଙ୍କ ସମର୍ଥନରେ ନିରଞ୍ଜନ ସଭାପତି ପଦ ହାତେଇଥିଲେ ସେଥିରୁ ବହୁ ନେତା ଦଳ ଡିଆଁ ମାରିସାରିଛନ୍ତି। ଫଳରେ ପୂର୍ବରୁ ବହୁ ବୈଠକ ବସି ଯେଉଁ ପ୍ରାର୍ଥୀ ତାଲିକା ପିସିସି ଚୂଡ଼ାନ୍ତ କରିଥିଲା, ତାହା ବର୍ତ୍ତମାନ ପରିବର୍ତ୍ତନ କରାଯିବାକୁ ସ୍ଥିର ହୋଇଛି। ପୂର୍ବରୁ ପିଇସି(ପ୍ରଦେଶ ଇଲେକ୍ସନ କମିଟି) ବୈଠକରେ ୫୦ଜଣଙ୍କୁ ପ୍ରାର୍ଥୀ ତାଲିକାରେ ସ୍ଥାନ ଦିଆଯାଇଥିଲା । ଏହାପରେ କେନ୍ଦ୍ରୀୟ ସ୍କ୍ରିନିଂ କମିଟି ଓଡିଶା ଗସ୍ତରେ ଆସି ଉକ୍ତ ପ୍ରାର୍ଥୀ ତାଲିକା ସମ୍ପର୍କରେ ଆଲୋଚନା କରିଥିଲେ। ହେଲେ ସେତେବେଳେ କିଛି ଚୂଡ଼ାନ୍ତ ହୋଇ ନ ଥିବାବେଳେ ଖୋଦ୍ ପିସିସି ସଭାପତି ୪୪ଜଣଙ୍କୁ ତାଲିକାରେ ଚୂଡ଼ାନ୍ତ କରାଯାଇଥିବା ମତ ରଖିଥିଲେ । ବର୍ତ୍ତମାନ କିନ୍ତୁ ପୁନର୍ବାର କେନ୍ଦ୍ରୀୟ ସ୍କ୍ରିନିଂ କମିଟି ସଦସ୍ୟମାନେ ଓଡିଶା ଗସ୍ତରେ ଆସିବେ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି। ଆସନ୍ତା ନିର୍ବାଚନ ପରିପ୍ରେକ୍ଷୀରେ ପ୍ରାର୍ଥୀ ଚୟନ ସମ୍ପର୍କରେ ମତାମତ ଓ ତଥ୍ୟ ସଂଗ୍ରହ ଲାଗି ନିଖିଳ ଭାରତ କଂଗ୍ରେସ କମିଟି ପକ୍ଷରୁ କେନ୍ଦ୍ରୀୟ ସ୍କ୍ରିନିଂ କମିଟି ଅଧ୍ୟକ୍ଷ ଭି.ଡି. ସଥୀସାନ ଓ ସଦସ୍ୟ ନୌସାଦ ସୋଲାଙ୍କି ଓଡିଶା ଆସିବେ। ଭି.ଡି ସାଥୀସାନ ୩ଦିନ ଭୁବନେଶ୍ୱରଠାରେ ରହିବାକୁ ଥିବାବେଳେ ସୋଲାଙ୍କି ବିଭିନ୍ନ ଜିଲା ଗସ୍ତ କରିବେ । ବୁଧବାର କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟଠାରେ ସଥୀସାନ ଭୁବନେଶ୍ୱର ଓ କଟକ ଲୋକସଭା ଓ ବିଧାନସଭା ନିର୍ବାଚନମଣ୍ଡଳୀର ଜିଲା ସଭାପତି, କାର୍ଯ୍ୟକାରୀ ସଭାପତି, ଜିଲା ପରିଷଦ ଜୋନ୍ ସଭାପତି, ପିସିସି ସଭ୍ୟ, ପୂର୍ବତନ ଏମ୍‌ପି, ବିଧାୟକ, ଜିଲା ଦାୟିତ୍ୱରେ ଥିବା ପିସିସି କାର୍ଯ୍ୟକର୍ତ୍ତା, ପ୍ରଭାରୀ ଓ ସହପ୍ରଭାରୀ, କାଉନ୍ସିଲର, ପୂର୍ବତନ କାଉନସିଲର୍, ଜିଲା ପରିଷଦ ସଭ୍ୟ ଓ ପୂର୍ବତନ ସଭ୍ୟମାନଙ୍କ ମତାମତ ଲୋଡିବେ। ସେହିକ୍ରମରେ ଗୁରୁବାର ପୁରୀ ଓ ଜଗତ୍‌ସିଂହପୁର ଏବଂ ଶୁକ୍ରବାର କେନ୍ଦ୍ରାପଡା ଓ ଢେଙ୍କାନାଳର ଲୋକସଭା, ବିଧାନସଭା ନିର୍ବାଚନମଣ୍ଡଳୀଗୁଡିକର ସମୀକ୍ଷା କରିବେ। ଅପରପକ୍ଷରେ ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ଓଡିଶାରେ ରହି ସୋଲାଙ୍କି ପ୍ରଥମେ ଆସ୍କା ଓ ବ୍ରହ୍ମପୁର ଲୋକ ସଭା ନିର୍ବାଚନ ମଣ୍ଡଳୀରେ ଦଳର ବିଭିନ୍ନ ବର୍ଗର କାର୍ଯ୍ୟକର୍ତ୍ତାମାନଙ୍କ ସହ ଆଲୋଚନା କରିବେ। ସେହିପରି ୧୪ରେ ନବରଙ୍ଗପୁର ଓ କଳାହାଣ୍ଡି ଲୋକ ସଭା ନିର୍ବାଚନମଣ୍ଡଳୀ ଏବଂ ୧୫ରେ କୋରାପୁଟ ଲୋକ ସଭା ଓ ତତ୍ ଅନ୍ତର୍ଗତ ସମସ୍ତ ବିଧାନସଭା ନିର୍ବାଚନମଣ୍ଡଳୀର ପ୍ରାର୍ଥୀ ଚୟନ ସମ୍ପର୍କରେ ମତାମତ ଗ୍ରହଣ କରିବେ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି। ଏହାପରେ ଆସନ୍ତା ୨୦ତାରିଖ ସୁଦ୍ଧା କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟଠାରେ ପୁନର୍ବାର ପିଇସି ବୈଠକ ବସିବ ବୋଲି ଜଣାପଡିଛି। ବୈଠକରେ ଯେଉଁ ପ୍ରାର୍ଥୀ ତାଲିକା ଚୂଡ଼ାନ୍ତ କରାଯିବ ତାକୁ ସ୍କ୍ରିନିଂ କମିଟି ସଦସ୍ୟମାନେ ଭଲରେ ତର୍ଜମା କରିବେ । ଏହାପରେ ଯେଉଁ ପ୍ରାର୍ଥୀ ତାଲିକା ଚୂଡ଼ାନ୍ତ କରାଯିବ ତାହା ସିଇସି(ସେଣ୍ଟ୍ରାଲ ଇଲେକ୍ସନ କମିଟି) ପାଖକୁ ପଠାଯିବ। ଅପରପକ୍ଷରେ ଓଡ଼ିଶାରେ କଂଗ୍ରେସ ବିଭିନ୍ନ ବାମପନ୍ଥୀଦଳଗୁଡିକ ସହ ମେଣ୍ଟ କରିବା ନେଇ ଆଲୋଚନା କରିଥିବା ଜଣାପଡିଛି। ସୂତ୍ରରୁ ମିଳିଥିବା ସୂଚନା ମୁତାବକ ସିପିଆଇ, ସିପିଏମ୍ ଏବଂ ଜେଏମ୍‌ଏମ୍ ଦଳ ସହ କିଛି ଆସନ ନେଇ କଂଗ୍ରେସ ବୁଝାମଣା କରିଛି। ୧୦ଟି ବିଧାୟକ ଆସନ ଏବଂ ୨ଟି ଲୋକ ସଭା ଆସନରେ କଂଗ୍ରେସ ପ୍ରାର୍ଥୀ ନ ଦେଇ ବାମପନ୍ଥୀ ଦଳ ପ୍ରାର୍ଥୀଙ୍କୁ ସମର୍ଥନ ଦେବାକୁ ନିଷ୍ପତ୍ତି ନେଇଛି। ଏନେଇ ମଧ୍ୟ ସ୍କ୍ରିନିଂ କମିଟି ସଦସ୍ୟ ଆସନ୍ତା ଓଡିଶା ଗସ୍ତ ସମୟରେ ରିପୋର୍ଟ ନେବେ ବୋଲି ଜଣାପଡିଛି।

ଧରିତ୍ରୀ DHARITRI
CAREER APPOINTMENT
every Wednesday & Saturday

CONTACT:- 9938414918
ଭୁବନେଶ୍ୱର ଅଫିସ୍‌ରେ କାମ କରିବା ପାଇଁ 10th/above Candidates (M/F) ଆବଶ୍ୟକ। ବୟସ(17-35) yrs. ରହିବା ସୁବିଧା ଦିଆଯିବ। Monthly Salary upto Rs. 24000/-.

ସୁବର୍ଣ୍ଣ ଅବସର "ଭୁବନେଶ୍ୱର ଓ କଟକ"
ବାଇକ ଚାଳକ ପାଇଁ ଚାକିରି
(ପାର୍ଟ ଟାଇମ ଆଉ ଫୁଲ୍ ଟାଇମ ଚାକିରି ଉପଲବ୍ଧ)
Rs. 24000/- ପର୍ଯ୍ୟନ୍ତ ପ୍ରତି ମାସ କମାନ୍ତୁ
ଆବଶ୍ୟକ: Bike / Scooter, RC, DL ଆଉ Android ମୋବାଇଲ
Call: 01139585136, 7978604069
RAPIDO BIKE TAXI, C/O SAMIR KUMAR MOHANTY, 3RD FLOOR, NEAR KUSUMDEVI WOMENS COLLEGE, DARKHAPATNA KALYANI NAGAR, P.S. MADHUPATNA, CUTTACK.
(For Bhubaneswar & Cuttack)

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା ଏବଂ ବାଲେଶ୍ୱର ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.27000/-. (Part Time/Full Time)
Contact: 9938676412

ଚେନ୍ନାଇରେ ଚାକିରି + ଖୁମ୍। ହିନ୍ଦୀ କହିପାରୁଥିବେ। ଅଭିଜ୍ଞତା ଜରୁରୀ। ଘରୋଇ ରୋଷେୟା । କାର ଡ୍ରାଇଭର । ସେବକ । ବ୍ୟକ୍ତିଗତ ସହାୟକ। ବରିଷ୍ଠ ନାଗରିକଙ୍କ ପାଇଁ ଅଭିଜ୍ଞ କେୟାରଟେକର୍ ଟ.୧୨୦୦୦-୧୬୦୦୦। ଅଗରୱାଲ, ଏଫ୍‌ଏଫ୍‌ଏଫ୍
9884761210

URGENT REQUIRED
(1) Diploma Civil (Fresh/Exp): 25 Nos.
(2) Matric to Graduate: 50 Nos.
Contact: 7873563668, 7077415089

URGENT REQUIRED
Lecturer in
1. Food & Beverage Service
2. Management
For Hotel Management College
Bhubaneswar School of Hotel Management & Tourism, Bhubaneswar
Contact: 9861290107, 9437133750

ସବୁ ଏୟାର ପୋର୍ଟ ହେତୁ ଡାଇରେକ୍ଟ ଭର୍ତ୍ତି ପକ୍କା ଜଏନିଂ । ଶାସକୀୟ, ଅର୍ଦ୍ଧଶାସକୀୟ, ଅପାଠୁଆରୁ ଗ୍ରାଜୁଏଟ 45,500/- ରୁ 85,500/-। ଗ୍ରାଉଣ୍ଡ ଷ୍ଟାଫ, ସୁପରଭାଇଜର, ଏୟାରହୋଷ୍ଟେସ୍, ଲୋଡର, ହେଲପର, ଡ୍ରାଇଭର । ରହିବା + ଖାଇବା + ବୀମା
GLOBALCONSULTANT, DELHI
07289962847

URGENT REQUIRED
Bhubaneswar Airport ରେ ୨୪୦ ପଦବୀ ପାଇଁ ପୁଅ / ଝିଅ ଆବଶ୍ୟକ
Qualification : (10th,12th,+3) Salary : (18000-35000) ଏବଂ ସମସ୍ତ ସୁବିଧା + ଖାଇବା ଫ୍ରି
Mobile : 9090391585, 7694934663, 9090732106

କେନ୍ଦ୍ରୀୟ ପଣ୍ୟାଗାର ନିଗମ
(ଭାରତ ସରକାରଙ୍କ ଏକ ଅଗ୍ରଣୀ ଅନୁସୂଚୀ 'କ' ମିନି ରତ୍ନ ଉଦ୍ୟୋଗ)
କର୍ପୋରେଟ୍ କାର୍ଯ୍ୟାଳୟ: ୪/୧, ସିରି ଇନଷ୍ଟିଚ୍ୟୁସନାଲ୍ ଏରିଆ, ଅଗଷ୍ଟ କ୍ରାନ୍ତି ମାର୍ଗ, ହୌଜ ଖାସ୍, ନୂଆଦିଲ୍ଲୀ-୧୧୦୦୧୬
ୱେବ୍‌ସାଇଟ୍: www.cewacor.nic.in
ଆରମ୍ଭ ତାରିଖ: ୧୫ ଫେବୃୟାରୀ ୨୦୧୯, ୦୦.୦୦ ଘ. | ଶେଷ ତାରିଖ: ୧୬ ମାର୍ଚ୍ଚ ୨୦୧୯, ୨୩.୫୯ ଘ.
ଆସନ୍ତୁ ! ଆମ ସହ ସାମିଲ ହୁଅନ୍ତୁ ଏବଂ ନିଜର ଅନ୍ତର୍ନିହିତ ସାମର୍ଥ୍ୟରେ ଉତ୍କୃଷ୍ଟତା ହାସଲ କରନ୍ତୁ
ଆପଣଙ୍କ ଅଭିବୃଦ୍ଧିରେ ଆମେ ମଧ୍ୟ ଆପଣଙ୍କ ଭଳି ଗର୍ବ ଅନୁଭବ କରିଥାଉ
ବିଜ୍ଞାପନ ନଂ. ସିଡବ୍ଲ୍ୟୁସି/୧-ମ୍ୟାନ୍‌ପାୱାର/ଡିଆର୍/ଆର୍‌ଇସିଟିଟି/୨୦୧୯/୦୧
କେନ୍ଦ୍ରୀୟ ପଣ୍ୟାଗାର ନିଗମ, ଖାଉଟି ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରଣାଳୟର ପ୍ରଶାସନିକ ନିୟନ୍ତ୍ରଣ ଅଧୀନସ୍ଥ ଏକ ଅନୁସୂଚୀ–କ, ମିନି ରତ୍ନ, ବର୍ଗ–Ⅰ, କେନ୍ଦ୍ରୀୟ ସର୍ବସାଧାରଣ କ୍ଷେତ୍ରୀୟ ଉଦ୍ୟୋଗ, ଯାହା କୃଷିଗତ ଇନ୍‌ପୁଟ୍, ଫସଲ ଏବଂ ଅନ୍ୟାନ୍ୟ ଅଧିସୂଚିତ ଦ୍ରବ୍ୟ ପାଇଁ ବୈଜ୍ଞାନିକ ଭଣ୍ଡାର ସୁବିଧା ଯୋଗାଇବା ସମେତ ସିଏଫ୍‌ଏସ୍/ ଆଇସିଡି, ଲ୍ୟାଣ୍ଡ କଷ୍ଟମ୍ ଷ୍ଟେଶନ, ଏୟାର୍ କାର୍ଗୋ କମ୍ପ୍ଲେକ୍ସ ଇତ୍ୟାଦିକୁ ଆମଦାନୀ–ରପ୍ତାନି କାର୍ଗୋ ପାଇଁ ଲଜିଷ୍ଟିକ୍ସ ଭିତ୍ତିଭୂମି ଯୋଗାଇଥାଏ, ନିମ୍ନଲିଖିତ ପଦବୀଗୁଡ଼ିକ ପାଇଁ ଯୋଗ୍ୟ ପ୍ରାର୍ଥୀମାନଙ୍କଠାରୁ ଅନ୍‌ଲାଇନ୍ ଦରଖାସ୍ତ ଆହ୍ୱାନ କରୁଛି:–

| ପଦବୀ କୋଡ୍ | ପଦବୀର ନାମ | ଖାଲିସ୍ଥାନ ସଂଖ୍ୟା |
|---|---|---|
| ୦୧ | ମ୍ୟାନେଜମେଣ୍ଟ ଟ୍ରେନି (ଜେନେରାଲ୍) | ୩୦ |
| ୦୨ | ମ୍ୟାନେଜମେଣ୍ଟ ଟ୍ରେନି (ଟେକ୍ନିକାଲ୍) | ୦୧ |
| ୦୩ | ଆସିଷ୍ଟାଣ୍ଟ ଇଞ୍ଜିନିୟର୍ (ସିଭିଲ) | ୧୮ |
| ୦୪ | ଆସିଷ୍ଟାଣ୍ଟ ଇଞ୍ଜିନିୟର୍ (ଇଲେକ୍ଟ୍ରିକାଲ୍) | ୧୦ |
| ୦୫ | ଆକାଉଣ୍ଟାଣ୍ଟ | ୨୮ |
| ୦୬ | ସୁପରିଣ୍ଟେଣ୍ଡେଣ୍ଟ (ଜେନେରାଲ) | ୮୮ |
| ୦୭ | ଜୁନିୟର ସୁପରିଣ୍ଟେଣ୍ଡେଣ୍ଟ | ୧୫୫ |
| ୦୮ | ହିନ୍ଦୀ ଅନୁବାଦକ | ୦୩ |
| ୦୯ | ଜୁନିୟର ଟେକ୍ନିକାଲ୍ ଆସିଷ୍ଟାଣ୍ଟ | ୨୩୮ |

ଯୋଗ୍ୟତା ମାନଦଣ୍ଡ ସମେତ ଶିକ୍ଷାଗତ ଯୋଗ୍ୟତା ଓ ଅଭିଜ୍ଞତା, ମନୋନୟନ ପ୍ରକ୍ରିୟା, ସାଧାରଣ ସର୍ତ୍ତାବଳୀ ଇତ୍ୟାଦି ସମ୍ପର୍କିତ ସବିଶେଷ ସୂଚନା ପାଇଁ ଦୟାକରି ୧୫ ଫେବୃୟାରୀ ୨୦୧୯ ପରଠାରୁ ସିଡବ୍ଲ୍ୟୁସିର ୱେବ୍‌ସାଇଟ୍ (www.cewacor.nic.in) ପରିଦର୍ଶନ କରନ୍ତୁ କିମ୍ବା କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ । ଯୋଗ୍ୟ ପ୍ରାର୍ଥୀମାନଙ୍କୁ ଅନ୍‌ଲାଇନ୍‌ରେ ସିଡବ୍ଲ୍ୟୁସିର ୱେବ୍‌ସାଇଟ୍ www.cewacor.nic.in ମାଧ୍ୟମରେ ଆବେଦନ କରିବାକୁ ହେବ ଯାହା ୧୫ ଫେବୃୟାରୀ ୨୦୧୯, ୦୦.୦୦ ଘଟିକାରୁ ଆରମ୍ଭ ଓ ୧୬ ମାର୍ଚ୍ଚ ୨୦୧୯, ୨୩.୫୯ ଘଟିକାରେ ଶେଷ ହେବ। ଅନ୍ୟ କୌଣସି ପଦ୍ଧତିରେ ଦରଖାସ୍ତ ଗ୍ରହଣ କରାଯିବ ନାହିଁ।
"ପ୍ରତ୍ୟେକଙ୍କ ପାଇଁ ପଣ୍ୟାଗାର"

UTKAL INDUSTRIAL & SAFETY PRODUCTS, 1127/3405, Jayadurga Nagar, Bomikhal, BBSR
Experienced candidates required for
1. Receptionist cum Tele Caller: 1 Nos.
2. Store Keeper: 4 Nos.
3. Driver: 2 Nos.
4. Marketing Executives: 8 Nos.
Salary is no constraints for right candidate. Interested candidates may send resume on Email: info@utkalsafety.com within 7 days
Mob No: 8144249882/9437577339

ଭୁବନେଶ୍ୱରସ୍ଥିତ ନିଜ ଘରେଜଣେ ମାତ୍ର ବୟସ୍କ ଲୋକ ପାଇଁ ଘରକାମ, ରୋଷେଇବାସ ଓ ଅନ୍ୟାନ୍ୟ ଆନୁଷଙ୍ଗିକ କାମ ପାଇଁ ଜଣେ ବିଶ୍ୱସ୍ତ, କର୍ମନିପୁଣା ଓ ସେବାପରାୟଣା ଅସହାୟା, ବିଧବା କିମ୍ବା ପରିତ୍ୟକ୍ତା ଓ ପରିବାରହୀନା ଦାୟିତ୍ୱସମ୍ପନ୍ନା ସଚ୍ଚୋଟ ମହିଳା ୩୫ରୁ ୫୫ ବର୍ଷ କିମ୍ବା (ଯେ କୌଣସି ବୟସର) ଆବଶ୍ୟକ। ମାଗଣା ଖାଇବା ଓ ରହିବାର ସ୍ୱତନ୍ତ୍ର ବ୍ୟବସ୍ଥା ସହ ବିଶ୍ୱସନୀୟତା ଅନୁଯାୟୀ ପାରିଶ୍ରମିକ ପାଇବାର ବ୍ୟବସ୍ଥା ଅଛି। ତୁରନ୍ତ ଯୋଗାଯୋଗ କରନ୍ତୁ।
Ph: 9438359101

URGENTLY REQUIRED
Required local experienced Boy/ Girl for a Medicine Store at Pandara Square, Bhubaneswar.
Contact : 9437022665

OFFICIALLY JOB
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-40) yrs. ମାସିକ ଦରମା upto Rs.25000/-.
Contact Immediately
Mob: 8763257042

ବ୍ଲକ୍ ସ୍ତରୀୟ ନିଯୁକ୍ତି
ନିଜ ନିଜ ପଞ୍ଚାୟତସ୍ତରରେ କାମ କରିବା ପାଇଁ ODISHA ର ପ୍ରତ୍ୟେକ ଜିଲ୍ଲାରୁ ଆବଶ୍ୟକ
Qual. 7th, 10th, +2, +3 ଓ ITI candidate
Salary : Rs. 8,000 To Rs.15,000
Mob : 8895725158

URGENTLY REQUIRED
ପ୍ରତିଷ୍ଠିତ ଡାକ୍ତର ପରିବାରରେ ଛୋଟ ଛୁଆର ଯତ୍ନନେବା ପାଇଁ ଅଭିଜ୍ଞ Full Time ଶିକ୍ଷିତ ମହିଳା ଆବଶ୍ୟକ ଅଛି ।
(ବୟସ ୨୫-ରୁ ଉର୍ଦ୍ଧ) ଆକର୍ଷଣୀୟ ଦରମା ସହିତ ରହିବା ଓ ଖାଇବାର ସୁବିଧା ଦିଆଯିବ । ସ୍ଥାନ- ଭୁବନେଶ୍ୱର
7008818130 / 8456041617

PRAGATI MARINE SERVICES PVT. LTD.
WANTED
01. Driver Gr.I (Marine) / Junior Engineer (Marine) - 07 Nos. Minimum Qualification: (i) Must hold the Certificate for 1st Class Engine Driver's Exam under IV Act. (ii) Should have minimum 5 years post qualification experience in operation & maintenance of floating craft / sea going vessels. (iii) Must be within 38 years of age as on Dt.27.08.2018 OR (i) Must hold IME certificate under IV Act or MEO Class-IV (NCV). (ii) Should have minimum 2 years post qualification experience in operation & maintenance of floating craft / sea going vessels. (iii) Must be within 35 years of age as on Dt.27.08.2018 02. Mechanic - 01 No. Minimum Qualification: Passed ITI in Diesel Mechanic or Motor Mechanic trade with 10 years experience in the trade in any reputed Organization or Diploma in Mechanical with 2 years experience in the trade for Mechanic. Must be below 30 years of age as on Dt.27.08.2018 OR Diploma in Mechanical with 5 years of experience in the trade. 03. Marine Foreman Gr.II - 02 Nos. Minimum Qualification: i) Should passed HSC or its equivalent ii) Should know swimming iii) Should possess five years of experience in handling of buoys, mooring gangs & maintenance of small crafts & be able to control labour iv) Must be below 35 years of age as on Dt.27.08.2018 OR i) Cadet apprenticeship on completion of three years apprenticeship on vessels and be able to control labour. ii) Must be below 35 years of age as on Dt.27.08.2018 OR ii) Must be below 35 years of age as on Dt.27.08.2018. 04. Pilot Launch Master - 05 Nos. Minimum Qualification : i) Should posses 1st Class Master's Certificate OR ii) 2nd Class Master's Certificate with 2 Years of experience under I. V. Act iii) Should pass Launch handling test iv) Must be below 35 years of age as on Dt.27.08.2018. Lascar Gr.I - 24 Nos. Minimum Qualification: i) Should passed HSC or its equivalent ii) Should know swimming iii) Should passed pre-sea training for seaman / G. P. Rating from a Government recognized institution iv) Must be below 32 years of age as on Dt.27.08.2018
Plot No.17, Rabindra Garden, Soubhagya Nagar, Bubaneswar-751003
E-Mail Address: jobsatpragatimarine@gmail.com

WANTED
• ASST. SALES MANAGER: Graduate with min. 4 yrs experience in Industrial Selling.
• SR. MARKETING EXECUTIVE: Graduate with min. 2 yrs experience in Sales.
Interested Candidate can mail or walk in
HR MANAGER, TP INGREDIENTS (P) LTD,
301, Archid Apt. Nr. UCO Bank Colony, Jharpada, BBSR,
tpingredientshr@gmail.com, www.tpingredients.com.
For walk in between- 11.30 AM - 3 PM.
Ph: 8917381896, 9861183602
Leading Manufacture of speciality Ingredients

See CAREERAPPOINTMENT on every Wednesday & Saturday

TEACHERS REQUIRE
+2/ +3 with CT/B.Ed. (CTET/ OTET with English is preferred)
Last date: 23.02.2019
Secretary, Vidya Vikas Public School, Purunabhatta, K.Singpur, Rayagada, Pin: 765016
Contact No: 9668402419

FACULTY REQUIRED
NRI Medical College & General Hospital, one of the premier Institutions of Medical Education and Healthcare situated in the State Capital of Andhra Pradesh.
It is a 1000 bed hospital with all general and super specialties.
Professors are required in General Medicine, Pediatrics, Orthopedics and Obstetrics & Gynecology
Professor / Associate Professor in Physiology.
Interested candidates can apply to principal@nrias.ac.in
NRI Medical College & General Hospital
CHINAKAKANI, Mangalagiri (M), Guntur Dist. Ph: 08645 - 230101.

URGENTLY REQUIRED
A Leading Real Estate Company requires some staff.
(1) RECEPTIONIST : 01 (Female), (2) TELE CALLER : 02 (Female), (3) MARKETING EXECUTIVE : 08 (Male), (4) MARKETING MANAGER: 02 (Male), (5) DRIVER : 02.
Experience holder is preferred.
INTERVIEW DATE:- 11th and 14th February 2019.
ADDRESS:- Bimal Homes & Realcon Pvt. Ltd., M.I.G-22, Laxmi Sagar, Near High School
Phone: 9778643550, 9437964265

ନାଲକୋ ଫାଉଣ୍ଡେସନ୍ NALCO FOUNDATION
P/1, Nalco Bhawan, Nayapalli, Bhubaneswar - 751 013, Odisha, India
NEEDS CHIEF FINANCIAL OFFICER (CFO)
NALCO Foundation the CSR Arm of NALCO, A Navratna PSU is looking for committed, promising and passionate professionals with brilliant academic carrier for the position of Chief Financial Officer (CFO) on tenure basis initially for a period of 03 (Three) years. For details of the advertisement log on to career section of NALCO's website www.nalcoindia.com
Chief Operating Officer (COO)
NALCO Foundation

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

## ସଂକ୍ଷେପରେ

### ଇଂଲିଶ ବିଭାଗର ପାଠଚକ୍ର

**ଭଞ୍ଜନଗର,୧୨।୨(ଡି.ଏନ.ଏ.):** ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ କଲେଜ ଇଂରାଜୀ ବିଭାଗର ଏକ ପାଠଚକ୍ର ସୋମବାର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ଡ. ନୀଳାଞ୍ଚଳ ମୁନି ଉତ୍ସବରେ ସଭାପତିତ୍ୱ କରିଥିଲେ। ବିଭାଗୀୟ ମୁଖ୍ୟ ଅଧାପକ ସାତ୍ୱକୀ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଛାତ୍ର ସୁକାନ୍ତ ଜେନା ବୈଦ୍ଧ ଧର୍ମ ଏବଂ ହିନ୍ଦୁ ଧର୍ମ ଉପରେ ଲିଖିତ ସନ୍ଦର୍ଭ ପାଠ କରିଥିବା ବେଳେ ତାଙ୍କୁ ବିଭାଗୀୟ ଅଧାପକ ହରମୋହନ ନାୟକ ସହଯୋଗ କରିଥିଲେ। ଯୁକ୍ତ ୨ ବୈଷୟିକ ଶିକ୍ଷାନୁଷ୍ଠାନର ମୁଖ୍ୟ ପ୍ରାଧାପକ ଡ. ବିନୋଦ ଚନ୍ଦ୍ର ଦାସ, ଇତିହାସ ବିଭାଗ ମୁଖ୍ୟ ପ୍ରାଧାପକ ଏସ. କେ. ମିଶ୍ର, ପ୍ରଶାସନିକ ଅଧିକାରୀ ଡ଼. ସୁବାସ ଚନ୍ଦ୍ର ପ୍ରଧାନ ଅତିଥି ଭାବେ ଯୋଗ ଦେଇଥିଲେ। ଅଧାପକ ସୁନାମ ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧାପକ ତଷୋବନ୍ତ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

### ଓକିଲ ସଂଘ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

**ଭଞ୍ଜନଗର,୧୨।୨(ଡି.ଏନ.ଏ.):** ୬ଦଫା ଦାବୀନେଇ ଭଞ୍ଜନଗର ଓକିଲ ସଂଘ ପକ୍ଷରୁ ମଙ୍ଗଳବାର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପ ଜିଲାପାଳ ରାଜେନ୍ଦ୍ର ମିଞ୍ଜ୍‌ଙ୍କୁ ଏକ ଦାବୀପତ୍ର ପ୍ରଦାନ କରାଯାଇଛି। ଦାବୀ ଗୁଡ଼ିକ ହେଲା ଜୁନିୟର ଆଇନଜିବୀଙ୍କୁ ୧୦ ହଜାର ଟଙ୍କା ଷ୍ଟାଇପେଣ୍ଡ ପ୍ରଦାନ, ସ୍ୱାସ୍ଥ୍ୟ ବୀମା ପ୍ରମୁଖ। ବାର ଆସୋସିଏଶନ ସମ୍ପାଦକ ବସନ୍ତ ଦାସ, ଦଣ୍ଡପାଣି ସ୍ୱାଇଁ, ସୁଶାନ୍ତ ତ୍ରିପାଠୀ, ଦିବାକର ନାୟକ, ସନ୍ତୋଷ ନାୟକ, ଧିରେନ ସ୍ୱାଇଁ, ରାମକୃଷ୍ଣ ଦାସ,ବିଷ୍ଣୁ ପ୍ରସାଦ ପ୍ରଧାନ, ସମୀର ନାୟକ, ଜ୍ୟୋତିରାଜ ପତି ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ସୁଚନାଯୋଗ୍ୟଯେ ଅଲ୍ ଇଣ୍ଡିଆ ବାର୍ କାଉଁସିଲର ଆହ୍ୱାନକ୍ରମେ ଉକ୍ତ ୬ଦଫା ଦାବୀନେଇ ଆଇନଜିବୀମାନେ ସୋମବାର ଓ ମଙ୍ଗଳବାର କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିଲେ। ଏହାପରେ ଆଜି ଭଞ୍ଜନଗର ଆଇନଜିବୀମାନେ ଏକ ଶୋଭାଯାତ୍ରାରେ ଯାଇ ଉପ ଜିଲାପାଳଙ୍କୁ ଭେଟି ଦାବୀପତ୍ର ପ୍ରଦାନ କରିଥିଲେ।

### ଚିଲିକା କ୍ଲବ ଭଲିବଲ ଟୁର୍ନାମେଣ୍ଟ
### ରୟାଲ ସିକ୍ସ ଗଞ୍ଜାମ ଚାମ୍ପିୟନ

**ଖଲ୍ଲିକୋଟ, ୧୨।୨ (ଡି.ଏନ୍.ଏ):** ଖଲିକୋଟ ରେଲୱେ ଷ୍ଟେସନ ନିକଟରେ ଚିଲିକା କ୍ଲବ ଆନୁକୂଲ୍ୟରେ ଭଲିବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଟୁର୍ନାମେଣ୍ଟରେ ୮ଟି ଟିମ୍ ଭାଗ ନେଇଥିଲେ। ରୟାଲ ସିକ୍ସ ଗଞ୍ଜାମ ସହ ମହାଦେବ ଟିମ୍ ଛତ୍ରପୁର ମଧରେ ଅନୁଷ୍ଠିତ ହୋଇଥିବା ଫାଇନାଲ ମ୍ୟାଚ୍‌ରେ ୩-୧ ସେଟ୍‌ରେ ରୟାଲ ସିକ୍ସ ଗଞ୍ଜାମ ବିଜୟ ହୋଇଛି। ଉଇନର ଟିମ୍‌କୁ ୧୫ହଜାର ଟଙ୍କା ଏବଂ ଟ୍ରଫି ସହ ରନସ ଟିମ୍‌କୁ ୧୦ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ଉଦ୍‌ଯାପନି ଉତ୍ସବରେ ବରିଷ୍ଠ କଂଗ୍ରେସ ନେତା ପାଣ୍ଡବ ଜାଲି, ଅନିଲ ପଣ୍ଡା, ଅବସରପ୍ରାପ୍ତ ପିଇଟି ଲେକଚର ବିପିନି ବିହାରୀ ସାମନ୍ତ, ମୃତ୍ୟୁଞ୍ଜୟ ସାମନ୍ତରା, ଚିଲିକା କ୍ଲବ ସଭାପତି କେଶବ ଜାଲି, ଭୋକାଲି ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

### ନାରାୟଣପାଟଣା ସ୍କୁଲର ଶତବାର୍ଷିକୀ ଉତ୍ସବ



ମଞ୍ଚାସିନ ଅତିଥି।

**ଭଞ୍ଜନଗର,୧୨।୨(ଡି.ଏନ.ଏ.):** ଭଞ୍ଜନଗର ବ୍ଲକ ନାରାୟଣପାଟଣା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶତବାର୍ଷିକୀ ଉତ୍ସବ ମଙ୍ଗଳବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଉତ୍ସବରେ ଡ଼ିଏଫଓ ଅରୁଣ କୁମାର ସ୍ୱାଇଁ, ଏସିଏଫ୍ ସୁଦର୍ଶନ ବାଦୀ, ଅବସରପ୍ରାପ୍ତ ଶିକ୍ଷକ ପଦ୍ମନାଭ ପ୍ରଧାନ, ଅନ୍ତର୍ଯାମୀ ତ୍ରିପାଠୀ, ବୈଷ୍ଣବ ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟ ସଭାପତି କାଶିନାଥ ପାଣିଗ୍ରାହୀ ଉତ୍ସବରେ ଅଧକ୍ଷତା କରିଥିଲେ। ପ୍ରଧାନ ଶିକ୍ଷକ ସୁଷମା ରାୟଗୁରୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଅତିଥିମାନେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିବା ପରେ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ନିଖିଳ ଓଡିଶା ଏମ୍‌ଡିଏମ୍ ପାଚିକା ସହାୟିକା ସଂଘର ବିକ୍ଷୋଭ

**ଫୁଲବାଣୀ ଅଫିସ, ୧୨।୨**




ଶୋଭାଯାତ୍ରାରେ ଯାଉଛନ୍ତି ପାଚିକା, ସହାୟିକା।

ଏଆଇଟିୟୁସି ଅନୁବନ୍ଧିତ ନିଖିଳ ଓଡିଶା ଏମ୍‌ଡିଏମ୍ ପାଚିକା ସହାୟିକା ସଂଘ ପକ୍ଷରୁ ବଭିନ୍ନ ଦାବିରେ ଫୁଲବାଣୀରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସଂଘ କର୍ମକର୍ତ୍ତାମାନେ ମାଦିକୁନ୍ଦା ଛକରୁ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିବା ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ବିକ୍ଷୋଭ ପ୍ରଦର୍ଶନ ସହ ପ୍ରତିବାଦ ସଭା କରିଥିଲେ। ଆମ୍ଭେମାନେ ଦୀର୍ଘ ବର୍ଷ ଧରି ବିଦ୍ୟାଳୟରେ ଛାତ୍ରୀଛାତ୍ରମାନଙ୍କୁ ମଧାହ୍ନ ଭୋଜନ ରୋଷେଇ କରି ଦେବା ସହ ପୂର୍ବାହ୍ନ ୧୦ଟାରୁ ୪ଟା ପର୍ଯ୍ୟନ୍ତ ରହୁଛୁ। ରାଜ୍ୟ ସରକାର ଅଣକୁଶଳୀ ଶ୍ରମିକଙ୍କୁ ଦୈନିକ ମଜୁରୀ ୨୮୦ ଟଙ୍କା ପ୍ରଦାନ କରୁଥିବା ବେଳେ ପାଚିକାଙ୍କୁ ଦୈନିକ ୪୬ ଟଙ୍କା ୩୩ ପଇସା ତଥା ମାସିକ ଭତ୍ତା ୧୪୦୦ ଟଙ୍କା ମିଳୁଛି। କେରଳ, ପଣ୍ଡିଚେରୀ, ତାମିଲନାଡୁ, କର୍ନାଟକ ପ୍ରଭୃତି ରାଜ୍ୟରେ ସରକାର ପାଚିକାଙ୍କ ପ୍ରାପ୍ୟ ବୃଦ୍ଧି କରିଥିବାବେଳେ ଓଡିଶା ସରକାର ଏହାକୁ ଅଣଦେଖା କରୁଛନ୍ତି। ଯାହା ଶ୍ରମ ଆଇନର ଉଲଂଘନ ବୋଲି ସଂଘ କର୍ମକର୍ତ୍ତା ତରୁଣି ପ୍ରଧାନ, ଅମିଲା ନାୟକ, ସଂଯୁକ୍ତା ପ୍ରଧାନ, ପ୍ରମିଳା ମଲ୍ଲିକ, ସୁକାନ୍ତି ନାୟକ, କମଳା କହଁର, ସବିତା ନାୟକ ପ୍ରମୁଖ ପ୍ରକାଶ କରିଛନ୍ତି। ଶେଷରେ ଦାବି ସମ୍ବଳିତ ପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା। ସଂଘ ଜିଲା ଆବାହକ ଜନବାଦୀ ଗୌଡଙ୍କ ନେତୃତ୍ୱରେ ବହୁ ପାଚିକା ସହାୟିକା ରାଲିରେ ଯୋଗ ଦେଇଥିଲେ।

ସେହିପରି ଏହି ଅବସରରେ ଏଆଇଟିୟୁସି ଅନୁବନ୍ଧିତ ଓଡିଶା ନିର୍ମାଣ ଶ୍ରମିକ ସଂଘ ପକ୍ଷରୁ ମଧ ବିଭିନ୍ନ ଦାବିରେ ଜିଲା ଶ୍ରମ ଅଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ନିର୍ମାଣ ଶ୍ରମିକ କାର୍ଯ୍ୟ କରୁ ନ ଥିବା ବହୁ ପୁରୁଷ ଓ ମହିଳା ବେଆଇନ ଭାବେ ଶ୍ରମିକ କାର୍ଡ ହାତେଇଛନ୍ତି। ମାତ୍ର ପ୍ରକୃତ ହିତାଧିକାରୀ ଏବେ ବି ଏହି କାର୍ଡ ପାଇବାରୁ ବଞ୍ଚିତ। ତେଣୁ ଏହାର ତଦନ୍ତ କରାଯିବାକୁ ସଂଘ ଜିଲା ଆବାହକ ଜନବାଦୀ ଗୌଡ ଦାବି କରିଛନ୍ତି। ବର୍ଷ ବର୍ଷ ଧରି ପଡି ରହିଥିବା ନାମ ପଞ୍ଜୀକରଣ ପରିଚୟ ପତ୍ର ଫର୍ମକୁ ତୁରନ୍ତ କାର୍ଯ୍ୟକାରୀ କରି ପରିଚୟପତ୍ର ପ୍ରଦାନ, କୌଣସି ସହାୟକ ରାଶି ପାଇଁ ଆବେଦନ କଲେ ପ୍ରାପ୍ତି ସ୍ୱୀକାର ରଶିଦ୍ ପ୍ରଦାନ, ନାମ ପଞ୍ଜୀକରଣ ପାଇଁ ଟଙ୍କା ଆଦାୟ କରୁଥିବା ସଂଘ ଓ ଦଲାଲଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ଜିଲା ଶ୍ରମ କାର୍ଯ୍ୟାଳୟରେ ବେଆଇନ କାର୍ଯ୍ୟ କରୁଥିବା କର୍ମଚାରୀଙ୍କୁ ଚିହ୍ନଟ କରି ବହିଷ୍କାର କରିବା ଆଦି ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବିପତ୍ର ପ୍ରଦାନ ବେଳେ ଭାସ୍କର ପ୍ରଧାନ, ଯୁଧିଷ୍ଠିର ସାହୁ, ସବିତା ନାଗ୍, ସସ୍ମିତା ପ୍ରଧାନ, ଗୀତାଞ୍ଜଳୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ରାହ୍ମଣୀଗାଁରେ ଲୁର୍ଦ୍ଧୁମେରୀଙ୍କ ପର୍ବ

**ଦାରିଙ୍ଗବାଡ଼ି/ବ୍ରାହ୍ମଣୀଗାଁ, ୧୨।୨(ଡି.ଏନ.ଏ)**



ଉପସ୍ଥିତ ଧର୍ମଯାଜକମାନେ।

ବ୍ରାହ୍ମଣୀଗାଁ କ୍ୟାଥେଲିକ ଚର୍ଚ୍ଚରେ ଲୁର୍ଦ୍ଧୁମେରୀଙ୍କ ପର୍ବ ସୋମବାର ପାଳନ କରାଯାଇଛି। ସକାଳୁ କାଟିଙ୍ଗିଆ, କୁମ୍ଭାରିଗାଁ, ଝିଞ୍ଜିରିଗୁଡ଼ା, ଗଦାପୁର, ହାତିମୁଣ୍ଡା, ତାଜୁଙ୍ଗିଆ, ସରାମୁଳି ଓ ପଡ଼ୋଶୀ ଗଜପତି ଜିଲାରୁ ଶ୍ରଦ୍ଧାଳୁମାନେ ଚର୍ଚ୍ଚକୁ ଆସି ମା’ ମେରୀଙ୍କ ଆଶୀର୍ବାଦ ନେଇଥିଲେ। ଏହି ଅବସରରେ ଜପ, ତପ, ସାମୁହିକ ପ୍ରାର୍ଥନା କରିଥିବା ବେଳେ ଜ୍ଞାନଯଜ୍ଞ ଏବଂ ବାଇବେଲ ପାଠ କରାଯାଇଥିଲା। ତାଜୁଙ୍ଗିଆ ପଞ୍ଚାୟତ ସିକରମାହା ଚର୍ଚ୍ଚର ମୁଖ୍ୟ ଧର୍ମଯାଜକ କ୍ଲେମନ୍ତ ବାଗସିଂ ଦିବ୍ୟଯଜ୍ଞର ପୌରହିତ୍ୟ କରିଥିଲେ। ଅଞ୍ଚଳରେ ଶାନ୍ତି ପ୍ରତିଷ୍ଠା ସହ ସମସ୍ତଙ୍କୁ ରୋଗମୁକ୍ତ କରିବା ପାଇଁ ମା’ ମେରୀ ଏବଂ ପ୍ରଭୁଯୀଶୁଖ୍ରୀଷ୍ଟଙ୍କୁ ପ୍ରାର୍ଥନା କରାଯାଇଥିଲା । ଚର୍ଚ୍ଚର ମୁଖ୍ୟ ଯାଜକ ସନ୍ତୋଷ ସିଂଙ୍କ ସମେତ ଅନ୍ୟ ସମସ୍ତ ଧର୍ମ ଯାଜକ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ପବିତ୍ର ବାଣୀ ଶୁଣାଇଥିଲେ। ରାଜୀବ ଲୋଚନ ବଳିଆର ସିଂ, ପ୍ରଦୀପ ନାୟକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଥମାସ ନାୟକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସନ୍ଧ୍ୟାରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରାରେ ବଜାର , ସମସ୍ତ ସାହି ପରକ୍ରମା କରିଥିଲେ। ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ହୋଇଥିବା ଥାନା ଅଧିକାରୀ ଜୟଚନ୍ଦ୍ର ମଲ୍ଲିକ କହିଛନ୍ତି।

## ବିଜେଡି ୱାର୍ଡ କମିଟି ବୈଠକ

**ବୁଗୁଡ଼ା,୧୨।୨(ଡି.ଏନ.ଏ.)**

ବୁଗୁଡ଼ା ବ୍ଲକ ଗୌଡ଼ିଆବୋରଦା ଶିବ ମନ୍ଦିର ପରିସରରେ ମଙ୍ଗଳବାର ବିଜେଡି ପଞ୍ଚାୟତସ୍ତରୀୟ ୱାର୍ଡ କମିଟି ବୈଠକ ଓ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଧାୟକ ଶ୍ରୀକାନ୍ତ ସାହୁ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନା ସମ୍ପର୍କରେ ସଚେତନ କରିବା ସହ ବିଜେଡିର ସଙ୍ଗଠନକୁ ଦୃଢ଼ କରିବା ପାଇଁ ଆହ୍ୱାନ ଦେଇଥିଲେ। କବିରାଜ ଗୌଡ଼, ବ୍ଲକ ଅଧକ୍ଷା ପ୍ରତିନିଧି ବରୁଣ ସେନାପତି, ଖଦାଳ ଖଟ୍ଟାଇ, ବ୍ଲକ ବିଜେଡି ସଭାପତି ଇ. ମଦନ ଗୋପାଳ ଦୋରା, ସୁନୀଲ କୁମାର ପାଢ଼ୀ, ଜିଲା ବିଜେଡି ସମ୍ପାଦକ ସୁଧାଂଶୁ ଶେଖର ପାଢ଼ୀ, ଗୌଡ଼ିଆବୋରଦା ପଞ୍ଚାୟତର ୱାର୍ଡ କମିଟି ସଭ୍ୟାସଭ୍ୟ ଏବଂ ବିଜେଡିର କର୍ମୀମାନେ ଯୋଗ ଦେଇଥିଲେ।

## ରାଇକିଆରେ ଭାଜପାର ପ୍ରସ୍ତୁତି ବୈଠକ

**ରାଇକିଆ,୧୨।୨(ଡ଼ି.ଏନ.ଏ)**



କାର୍ଯ୍ୟକ୍ରମରେ ଉପସ୍ଥିତ କର୍ମକର୍ତ୍ତା ବୃନ୍ଦ

ରାଇକିଆ ବ୍ଲକ ଭାଜପା ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ଶରତ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଆଗାମୀ ନିର୍ବାଚନ ସମ୍ପର୍କିତ ଆଲୋଚନା ହେବା ସହ ପ୍ରତ୍ୟକ ୱାର୍ଡ ଏବଂ ପଞ୍ଚାୟତ ସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯିବା ପାଇଁ ଆଲୋଚନା ହୋଇଥିଲା । ବୁଥ ସ୍ତରରେ ପଣ୍ଡିତ ଦିନ ଦୟାଲ ସମର୍ପଣ ଦିବସ, ପ୍ରତ୍ୟକ କାର୍ଯ୍ୟକର୍ତ୍ତାଙ୍କ ଘରେ ପତାକା ଲଗାଇବା ପାଇଁ ମୋ ଘର ଭାଜପା ଘର କାର୍ଯ୍ୟକ୍ରମର ସଫଳ ଆୟୋଜନ କିପରି ହୋଇପାରିବା ସେ ନେଇ କର୍ମକର୍ତ୍ତା ମାନେ ମତ ରଖିଥିଲେ । ଜି ଉଦୟଗିରି ନିର୍ବାଚନ ମଣ୍ଡଳୀ ବିସ୍ତାରକ ବିକାଶ ସାହୁ, ଲୋକସଭା ନିର୍ବାଚନ ମଣ୍ଡଳୀ ବିସ୍ତାରକ ଅନୁପ ପରିଡ଼ା, ସାଧାରଣ ସମ୍ପାଦକ ବିଜୁ କିଶୋର ପ୍ରଧାନ, ଜିଲା ପରିଷଦ ସଭ୍ୟା ଝୁଲିମା ଦଳ ବେହେରା, ବ୍ଲକ ଉପାଧକ୍ଷ ସୁରେଶ ପ୍ରଧାନ, ମଣ୍ଡାକିଆ ସରପଞ୍ଚ ସୁଷମା ପ୍ରଧାନ, ଆଇଟି ସେଲ ପ୍ରମୁଖ ତାପସ ଦଳ ବେହେରା, ସଞ୍ଜୀବ ବେହେରା, ସନକ ଦିଗାଳ ପ୍ରମୁଖ ଯୋଗ ଦେଇଥିଲେ ।

## ଆଦିବାସୀ, ବନବାସୀ ସ୍ୱାଭିମାନ ମଞ୍ଚର ପରିବର୍ତ୍ତନ ସମାବେଶ

**ପାରଳାଖେମୁଣ୍ଡି, ୧୨।୨ (ସ୍ୱ.ପ୍ର.)**




ସମାବେଶରେ ଉପସ୍ଥିତ ଅତିଥିମାନେ।

ଗଜପତି ଜିଲା ଗୁମ୍ମା ବ୍ଲକ ତରଂଗଡା ପଞ୍ଚାୟତ ତହଜଙ୍ଗ ଗ୍ରାମରେ ଆଦିବାସୀ, ବନବାସୀ ସ୍ୱାଭିମାନ ମଞ୍ଚ ଏବଂ ଜିଲା କଂଗ୍ରେସର ମିଳିତ ଆନୁକୂଲ୍ୟରେ ଏକ ପରିବର୍ତ୍ତନ ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇଛି। ରାଜ୍ୟ ସରକାରଙ୍କ ଗାଦିଚ୍ୟୁତ କଲେ ହିଁ ଆଦିବାସୀଙ୍କ ସର୍ବାଙ୍ଗୀନ ବିକାଶ ସମ୍ଭବ ବୋଲି ସମାବେଶରେ କୁହାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଦେଶ କଂଗ୍ରେସ କୃଷକ ସେଲ୍ ରାଜ୍ୟ ସଭାପତି ଅମୀୟ ପଟ୍ଟନାୟକ, ଆଦିବାସୀ ସେଲ୍ ରାଜ୍ୟ ଉପାଧକ୍ଷ ପୁରୁଷୋତ୍ତମ ଗମାଙ୍ଗ ଏବଂ ପାରଳାଖେମୁଣ୍ଡି ସ୍ୱାଭିମାନ ମଞ୍ଚ ଆବାହକ ତଥା ବରିଷ୍ଠ କଂଗ୍ରେସ ନେତା ଡ.ତିରୁପତି ପାଣିଗ୍ରାହୀ ପ୍ରମୁଖ ଅତିଥିଭାବେ ମଞ୍ଚାସୀନ ଥିଲେ। ରାଜ୍ୟ ସରକାର ଆଦିବାସୀଙ୍କ ଉନ୍ନତି କଥା ଚିନ୍ତା କରୁ ନ ଥିବା ଅତିଥିମାନେ ଅଭିଯୋଗ କରିଥିଲେ। କଂଗ୍ରେସ ଆଦିବାସୀଙ୍କ ସୁଖ ଦୁଃଖରେ ସାମିଲ ହୋଇ ୨୦୦୫ରେ ସେମାନଙ୍କ ହକ ପ୍ରଦାନ କରିବା ପାଇ ଜଙ୍ଗଲ ଅଧିକାର ଆଇନ ପ୍ରଣୟନ କରିଥିଲା। ହେଲେ ରାଜ୍ୟ ସରକାର ସେମାନଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରିବାକୁ କୁଣ୍ଠାବୋଧ କରୁଥିବା ଅତିଥିମାନେ କହିଥିଲେ। ଗୁମ୍ମା ଅଞ୍ଚଳବାସୀ ଧାନ, ମକା, ରାଶି, କାଜୁ ଆଦି ଚାଷ କରୁଛନ୍ତି ମାତ୍ର ଗଜପତି ଜିଲାରେ ଜଳ ସେଚନ ପାଇଁ କୌଣସି ବ୍ୟବସ୍ଥା ନଥିବାରୁ ଚାଷୀମାନେ ସବୁବେଳେ ମରୁଡିର ଶିକାର ହେଉଛନ୍ତି। କୁଟୀର ଶିଳ୍ପ ପ୍ରତିଷ୍ଠା ହେଲେ ଅନେକ ଲୋକେ ସ୍ୱାବଲମ୍ବୀ ହୋଇ ପାରିବେ, ମାତ୍ର ତାହା କରାଯାଉ ନାହିଁ। ସବୁ ଜାଗାରେ ଧାନ ମଣ୍ଡି ଖୋଲା ଯାଉ ନ ଥିବାରୁ ଚାଷୀମାନେ ଅଭାବୀ ବିକ୍ରିର ଶିକାର ହେଉଥିବା ଅତିଥିମାନେ କହିଥିଲେ। ଆଗାମୀ ସାଧାରଣ ନିର୍ବାଚନରେ କଂଗ୍ରେସ ଶାସନକୁ ଆସିଲେ କୃଷି ଋଣ ଛାଡ କରିବା ସହ ଧାନ କୁଇଣ୍ଟାଲ ପିଚ୍ଛା ୧୮୦୦ଶହ ଟଙ୍କାକୁ ବୃଦ୍ଧି କରାଯିବ ବୋଲି ରାଜ୍ୟ କୃଷକ ସେଲ୍ ସଭାପତି କହିଥିଲେ। ରାଜ୍ୟରେ କର୍ମ ନିଯୁକ୍ତି ନ ଥିବାରୁ ଯୁବତୀଯୁବକମାନେ ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି ବୋଲି ମଞ୍ଚାସୀନ ଅତିଥିମାନେ କହିଥିଲେ। ଆଗାମୀ ନିର୍ବାଚନରେ ଏହାର କଡା ଜବାବ ଦେବାକୁ ହେଲେ ଆଦିବାସୀମାନଙ୍କୁ ଏକତ୍ରିତ ହୋଇ ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବାକୁ ପାରଳାଖେମୁଣ୍ଡି ସ୍ୱାଭିମାନ ମଞ୍ଚର ଆବାହକ ଡ.ପାଣିଗ୍ରାହୀ ଆହ୍ୱାନ ଦେଇଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ଜି.ତିରୁପତି ରାଓ, ବରିଷ୍ଠ କଂଗ୍ରେସ ନେତା କ୍ଷେତ୍ରବର ବିଷୋୟୀ, ଗୁଞ୍ଜୁ ଗମାଙ୍ଗ, ବ୍ରହ୍ମପୁରର ବରିଷ୍ଠ କଂଗ୍ରେସ ନେତା ବୃନ୍ଦାବନ ଖଟେଇ, ଡ.ବାସୁଦେବ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### କାଳିଆ ଯୋଜନାରେ ଫାଇଦା ମିଳିବା ମିଥ୍ୟା ଅଭିଯୋଗ
## ବୀରେନ୍ଦ୍ର ୧କୋଟିର ମାନହାନି ମକଦ୍ଦମା ନୋଟିସ୍ ପଠାଇଲେ

**ଭଞ୍ଜନଗର,୧୨।୨(ଡି.ଏନ.ଏ.)**

ରାଜ୍ୟ ସରକାରଙ୍କ କାଳିଆ ଯୋଜନା ନିର୍ବାଚନ ପୂର୍ବରୁ ସବୁଠୁ ଭଲ ଯୋଜନା ବୋଲି ଚର୍ଚ୍ଚା ହେଉଛି। ଏହି ଯୋଜନାରେ ସମସ୍ତ ଯୋଗ୍ୟ ଚାଷୀଙ୍କୁ ସାମିଲ କରି ସହାୟତା ଦେବାପାଇଁ ସରକାରଙ୍କ ପକ୍ଷରୁ ମଧ୍ୟ ପ୍ରସ୍ତୁତି ଚାଲିଛି। ପ୍ରଥମ ପର୍ଯ୍ୟାୟ ତାଲିକାରେ ସ୍ଥାନ ପାଇଥିବା ଚାଷୀଙ୍କୁ ଇତିମଧ୍ୟରେ ଖରିଫ ଫସଲ ବାବଦକୁ ୫ ହଜାର ଟଙ୍କା ଲେଖାଏଁ ଆର୍ଥୀକ ସହାୟତା ଯୋଗାଇ ଦିଆଯାଇଛି। ଯେଉଁ ଚାଷୀଙ୍କ ନାମ ମଣ୍ଡିରେ ଥିଲା ସମ୍ପୃକ୍ତ ଚାଷୀଙ୍କ ନାମ କାଳିଆ ଯୋଜନାର ପ୍ରଥମ ତାଲିକାରେ ଥିଲା। ଏଥିରେ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କ ଭାଇ ବୀରେନ୍ଦ୍ର କେଶରୀ ଆରୁଖଙ୍କ ନାମ ମଧ ଥିଲା। କିନ୍ତୁ ବିରେନ୍ଦ୍ର ଜଣେ ବଡ଼ ଚାଷୀ ହୋଇଥିବାରୁ ନିଜ ନାମକୁ ତାଲିକାରୁ ବାଦ୍ ଦେବାପାଇଁ ଆବେଦନ କରିଥିଲେ। ଫଳରେ ତାଙ୍କ ନାମ ତାଲିକାରୁ ବାଦ୍ ପଡ଼ିବା ସହ ସହାୟତା ରାଶିର ସୁବିଧା ପାଇନଥିଲେ। କିନ୍ତୁ ବୀରେନ୍ଦ୍ର କାଳିଆ ଯୋଜନାର ସହାୟତା ରାଶି ୫ ହଜାର ଟଙ୍କା ଫାଇଦା ପାଇଛନ୍ତି ବୋଲି କିଛି ବୈଦ୍ୟୁତିକ ଗଣମାଧମ ଏବଂ ସୋସିଆଲ ମିଡ଼ିଆରେ ପ୍ରଚାର ହୋଇଥିଲା। ଏଥିରେ ବୀରେନ୍ଦ୍ରଙ୍କ ମାନହାନୀ ହୋଇଥିବା ଦର୍ଶାଇ ତାଙ୍କ ଓକିଲ ରାଜେନ୍ଦ୍ର ପ୍ରସାଦ ପ୍ରଧାନ ଏକ ବୈଦ୍ୟୁତିକ ଗଣମାଧ୍ୟମକୁ ମଙ୍ଗଳବାର ୧ କୋଟି ଟଙ୍କାର ମାନହାନି ନୋଟିସ୍ ପଠାଇଛନ୍ତି।

## ରନ୍ଧନ ଗ୍ୟାସ ବ୍ୟବହାର ସଚେତନତା



ଜିଡୁବାଡ଼ିଠାରେ ଏଲପିଜି ପଞ୍ଚାୟତ କାର୍ଯ୍ୟକ୍ରମରେ ସଚେତନ କରାଯାଉଛି ।

**ଦାରିଙ୍ଗବାଡ଼ି/ବ୍ରହ୍ମଣୀଗାଁ, ୧୨।୨(ଡି.ଏନ.ଏ)**

ଉଜ୍ଜ୍ୱଳା ଯୋଜନାରେ ରନ୍ଧନ ଗ୍ୟାସ ଯୋଗାଇ ଦିଆଯାଉଥିବା ଯୋଗୁ ଏବେ ଆଉ କାଠର ଅବ୍ୟଶ୍ୟକତା ନାହିଁ ବୋଲି ଲୋକେ ବୁଝିବା ଆରମ୍ଭ କଲେଣି। ରନ୍ଧନ ଗ୍ୟାସ ବ୍ୟବହାର କଲେ ପରିବେଶ ପ୍ରଦ୍ୟୁଷଣ ମୁକ୍ତ ହେବା ସହ ସୁସ୍ଥ ସ୍ୱାସ୍ଥ୍ୟ ଗଠନରେ ସହାୟକ ହେବ ବୋଲି ଏଲପିଜି ପଞ୍ଚାୟତ କାର୍ଯ୍ୟକ୍ରମରେ କୁହାଯାଇଛି। ଦାରିଙ୍ଗବାଡ଼ି ବ୍ଲକ ବ୍ରାହ୍ମଣୀଗାଁ ଥାନା ଗଦାପୁର ଓ କ. ନୂଆଗାଁ ବ୍ଲକ ବାଲିଗାଡ଼ା ପଞ୍ଚାୟତ ଜିଡୁବାଡ଼ିରେ ଏଲପିଜି ପଞ୍ଚାୟତ କାର୍ଯ୍ୟକ୍ରମ ହୋଇଥିଲା। ଗଦାପୁରରେ ସଂଯୋଜକ ଶ୍ୟାମସୁନ୍ଦର ମହାକୁଡ଼ଙ୍କ ଅଧକ୍ଷତାରେ ଏହି ସଚେତନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ଆରତୀ ମଲ୍ଲିକ, ସମିତିସଭ୍ୟା ରଶ୍ମିତା ଗଡ଼ନାୟକ, ଭାଜପା ସଭାନେତ୍ରୀ ସୁମନ୍ତୀ ପ୍ରଧାନ, ପ୍ରଶାନ୍ତ ରଣଜିତ ପ୍ରମୁଖ ଯୋଗଦେଇ ରନ୍ଧନ ଗ୍ୟାସ ବ୍ୟବହାର ସମ୍ପର୍କରେ କହିଥିଲେ। ଗ୍ରାମୀଣ ବିତରକ ସଂସ୍ଥାର ପରିଚାଳକ ପ୍ରମୋଦ କୁମାର ବଳ ସମସ୍ତ ମହିଳାଙ୍କୁ ରନ୍ଧନ ଗ୍ୟାସ ବ୍ୟବହାର କୌଶଳ ଏବଂ ତାର ସୁରକ୍ଷା ଉପରେ କିପରି ଧ୍ୟାନ ଦିଆଯିବ ସୂଚନା ଦେଇଥିଲେ। ଅନ୍ୟପକ୍ଷରେ ଜିଡୁବାଡ଼ିଠାରେ ସିମନବାଡ଼ି ମା’ ପାଟଖଣ୍ଡା ବିତରକ କେନ୍ଦ୍ର ପରିଚାଳନା ନିର୍ଦ୍ଦେଶକ ଏସ.ସୁନିଲ କୁମାର ସୁବୁଦ୍ଧିଙ୍କ ଅଧକ୍ଷତାରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ବାଲିଗାଡ଼ା ସରପଞ୍ଚ ବିଭୀଷଣ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସମିତିସଭ୍ୟା ମଞ୍ଜୁଲତା ପ୍ରଧାନ, ଗ୍ରାମ୍ୟ ଉନ୍ନୟନ କମିଟିର ସଭାପତି ଯାକବ ଦିଗାଳ, ଅଙ୍ଗନୱାଡ଼ି କର୍ମୀ ସାନ୍ତୁନା ପ୍ରଧାନ, ୱାର୍ଡ଼ ସଭ୍ୟ ମନୋଜ ପ୍ରଧାନ, ନାଗେଶ୍ୱର ପ୍ରଧାନ, ସୁରଥ ପ୍ରଧାନ, ପ୍ରଦୀପ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। କମରାଧନ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା ସହ ପରିଚଳନା କରିଥିଲେ ।

## କାଳିଆ ରଥକୁ ସ୍ୱାଗତ ସମ୍ବର୍ଦ୍ଧନା



କାଳିଆ ରଥକୁ ସମ୍ବର୍ଦ୍ଧନା ଦିଆଯାଉଛି।

**ଗୋପାଳପୁର,୧୨।୨**

କାଳିଆ ରଥକୁ ରଙ୍ଗେଇଲୁଣ୍ଡା ବ୍ଲକ ରଙ୍ଗିପୁର ପଞ୍ଚାୟତରେ ମଙ୍ଗଳବାର ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି । କୃଷକମାନଙ୍କ ସଚେତନତା ନେଇ ଏହି ରଥ ଗ୍ରାମରେ ପରିକ୍ରମା କରିବା ସହ ଅଡିଓ ଓ ଭିଡିଓ ମାଧ୍ୟମରେ ଲୋକଙ୍କୁ କାଳିଆ ଯୋଜନା ସମ୍ପର୍କରେ ଅବଗତ କରାଯାଇଥିଲା। ଗ୍ରାମର କୃଷକ ଓ ଗ୍ରାମବାସୀ ରାଲିରେ ପରିକ୍ରମା କରିବା ସହ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚିବା ପରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକ ଉପାଧକ୍ଷ ଅଜିତ କୁମାର ଦାଶ ଓ ସରପଞ୍ଚ ରଶ୍ମିତା ପଟ୍ଟନାୟକ ଯୋଗ ଦେଇଥିଲେ। ଏହି ଅବସରରେ ଏମ. ରାଜେନ୍ଦ୍ର ପାତ୍ର, ରାମ ସ୍ୱାମୀ, ରାଘବ ରାଓ, ଜଟିଆ ନାୟକ, ବୃନ୍ଦାବନ ନାୟକ, ଶିଶିର ନାୟକ, ଲକ୍ଷ୍ମୀ ନାୟକ, ପୂର୍ଣ୍ଣଚନ୍ଦ୍ର ଦାଶ ଓ ଶତାଧିକ ଲୋକ ଉପସ୍ଥିତ ଥିଲେ ।

## ମହେନ୍ଦ୍ରଗିରି ପୌର ହାଇସ୍କୁଲ ବାର୍ଷିକ ଉତ୍ସବ

**ପାରଳାଖେମୁଣ୍ଡି, ୧୨।୨ (ସ୍ୱ.ପ୍ର.)**

ପାରଳାଖେମୁଣ୍ଡି ମହେନ୍ଦ୍ରଗିରି ପୌର ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଏବଂ ଶ୍ୟାମ ସୁନ୍ଦର ରାଜଗୁରୁଙ୍କ ୧୫୩ତମ ଜନ୍ମ ତିଥି ଜୟନ୍ତୀ ପାଳିତ ହୋଇଛି। କାର୍ଯ୍ୟକ୍ରମକୁ ବିଦ୍ୟାଳୟ ପରିଚାଳନା କମିଟି ଏବଂ ଓଡିଶା ସାହିତ୍ୟ ଏକାଡେମୀ ଗଜପତି ଶାଖାର ମିଳିତ ଆନୁକୁଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧକ୍ଷ ଡାକ୍ତର ମୁର୍ମୁ ଓ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ୍ ରବିନାରାୟଣ ପାଢୀ ଯୋଗଦେଇଥିଲେ। ଗୁଣାତ୍ମକ ଶିକ୍ଷା ଗ୍ରହଣ କରି ଆତ୍ମ ନିର୍ଭରଶୀଳ ହେବାକୁ। ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସେବାନିବୃତ୍ତ ପ୍ରଧାନ ଶିକ୍ଷକ ଲିଙ୍ଗରାଜ ଦାସ, ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଶୁଭଲକ୍ଷ୍ମୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ବିଷ୍ଣୁପ୍ରିୟା ରାଜଗୁରୁ ଧନ୍ୟବାଦ ଦେଇଥିଲେ।

## ଝୁଡ଼ଙ୍ଗ ଚାଷ ପାଇଁ...



ଝୁଡ଼ଙ୍ଗ ଚାଷ ଲାଗି ଫେବୃୟାରୀ-ମାର୍ଚ୍ଚ ମାସ ଉପଯୁକ୍ତ ସମୟ। ଗ୍ରୀଷ୍ମଋତୁରେ ବୁଦା ଚାଷ ପାଇଁ ପୁଷ୍ପା କୋମଲ୍,ପୁଷା ଫାଲ୍‌ଗୁନି ଓ ଲଟା ଚାଷ ସକାଶେ ଆମେରିକାନ୍ ଲଙ୍ଗ୍,ବନାରସୀ ଲଙ୍ଗ୍ ଆଦି ବିହନ ବ୍ୟବହାର କରନ୍ତୁ। ଏହା ବ୍ୟତୀତ ରସିଆନ୍ ଜାଏଣ୍ଟ,ଇସି-୪୩୧୬,ଏନ୍‌ପି୩, ସି୧୫୨, ୟୁପିସି୨୮୬, ୟୁପିସି ୫୨୮୬,୮୭ ଓ ଆଇଜିଏପ୍ ଆଇ-୪୫୦ ଆଦି ଉନ୍ନତ କିସମ ବିହନ ବ୍ୟବହାର କରନ୍ତୁ। ବିହନ ବୁଣିବାର ୭ଦିନ ପୂର୍ବରୁ କେଜି ବିହନ ପିଛା ୧ଗ୍ରାମ୍ ବେନୋମିଲ୍ ଏବଂ ବୁଣିବାର ୧ ଘଣ୍ଟା ପୂର୍ବରୁ ଏକ କେଜି ମଞ୍ଜିକୁ ୨୦ଗ୍ରାମ୍ ରାଇଜୋବିୟମ୍ କଲ୍‌ଚର ୪୦ମିଲି ପାଣିରେ ମିଶାଇ ଗୋଳାନ୍ତୁ। ଏହି ଚାଷ ସକାଶେ ଜମି ଗୁଣ୍ଡ ଚାଷ ହେବା ଆବଶ୍ୟକ। ଶେଷ ଓଡ଼ ଚାଷ ବେଳେ ଏକର ପ୍ରତି ୮ ଟନ୍ କମ୍ପୋଷ୍ଟ ଖତ ମୂଳସାର ହିସାବରେ ହେବା ଦରକାର। ଶେଷ ଓଡ ଚାଷ ବେଳେ ଏକର ପ୍ରତି ୮ଟନ୍ କମ୍ପୋଷ୍ଟ ଖତ ମୂଳସାର ହିସାବରେ ଦିଅନ୍ତୁ। ଏହା ସହିତ ୨୦କି.ଗ୍ରା ଯବକ୍ଷାରଜାନ,୪୦କି.ଗ୍ରା ଫସଫରସ ଓ ୨୦କି.ଗ୍ରା ଫଟାସ ସାର ପ୍ରୟୋଗ କରନ୍ତୁ। ମୂଳସାର ହିଁ ଝୁଡଙ୍ଗ ଅମଳରେ ବେଶି ସାହାଯ୍ୟ କରିପାରିବ। ଗଛକୁ ଗଛ ୧୦ସେ.ମି ଓ ଧାଡିକୁ ଧାଡି ୩୦ସେ.ମି ବ୍ୟବଧାନରେ ଲଗାନ୍ତୁ।

# ଅର୍ଦ୍ଧ କମ୍ପୋଷ୍ଟ ପ୍ରଣାଳୀରେ ପାଳଛତୁ ଚାଷ







ନିରଞ୍ଜନ ଚିନରା

ପାଳଛତୁ ଚାଷ ଲାଗି ଅଧିକ ନଡ଼ା ଆବଶ୍ୟକ ହୋଇଥାଏ। ବର୍ତ୍ତମାନ କୃଷିକ୍ଷେତ୍ରରେ ଯନ୍ତ୍ରପାତିର ବ୍ୟବହାର ଯୋଗୁ ପାଳଛତୁ ପାଇଁ ନଡ଼ା ମିଳିବାରେ ସମସ୍ୟା ଦେଖାଗଲାଣି। ଅର୍ଦ୍ଧକମ୍ପୋଷ୍ଟ ପ୍ରଣାଳୀରେ ଛତୁ ଚାଷ କରାଗଲେ ଏହି ସମସ୍ୟା ସମାଧାନ କରାଯାଇପାରିବ।

ଅର୍ଦ୍ଧ କମ୍ପୋଷ୍ଟ ପ୍ରଣାଳୀରେ ଛତୁ ଚାଷ କରିବା ସକାଶେ ପ୍ରଥମେ ନଡା କିମ୍ବା ପାଳକୁ ଚଟାଣରେ ଖେଳାଇ ପାଣିସିଞ୍ଚନ କରନ୍ତୁ। ଲକ୍ଷ୍ୟ ରଖନ୍ତୁ ଯେପରି ଆବଶ୍ୟକତା ଠାରୁ ଅଧିକ ପାଣି ନ ରୁହେ । ପୁନର୍ବାର ଦ୍ୱିତୀୟ ଦିନ ପାଣି ସିଞ୍ଚନ କରନ୍ତୁ ଏବଂ ସେଥିରେ ସମାନ ପରିମାଣର ଲୁଗାକଳର ମଇଳା ମିଶାନ୍ତୁ। ଯଦି କେବଳ ନଡା ବ୍ୟବହାର କରୁଥାନ୍ତି ତେବେ ସେଥିରେ ନଡାର ୫ ପ୍ରତିଶତ ଚୋକଡ ଏବଂ କୁକୁଡାମଳ ମିଶାନ୍ତୁ। ଏହାପରେ ଓଦା ନଡାକୁ ଚଟାଣରେ ଗଦାକରନ୍ତୁ, ଯେପରି କି ଏହାର ଚଉଡା ଓ ଉଚ୍ଚତା ୫ ଫୁଟ ରହିବ। ପ୍ରତି ଦୁଇଦିନ ଅନ୍ତରରେ ଏହାକୁ ଓଲଟାନ୍ତୁ। ତୃତୀୟ ଥର ଓଲଟାଇବା ସମୟରେ ୨ ପ୍ରତିଶତ ଚୂନଗୁଣ୍ଡ ମିଶାନ୍ତୁ। ଅର୍ଦ୍ଧକମ୍ପୋଷ୍ଟ ହୋଇଯାଇଥିବା ନଡାକୁ ଛତୁ ଉତ୍ପାଦନ ପାଇଁ ପ୍ରସ୍ତୁତ ଘରର ଥାକରେ ସମାନଭାବେ ୧୦ସେ.ମି. ବହଳରେ ଖେଳାଇ ଦିଅନ୍ତୁ। ଏହା ମଧ୍ୟକୁ ବଏଲର ଦ୍ୱାରା ଗରମ ବାଷ୍ପ ଛାଡନ୍ତୁ ଏବଂ ୬୫ ଡିଗ୍ରୀ ସେଣ୍ଟିଗ୍ରେଡରେ ୬ ଘଣ୍ଟା ପର୍ଯ୍ୟନ୍ତ ରଖନ୍ତୁ। ଏହା ପରେ ୪୮ ଘଣ୍ଟା ପର୍ଯ୍ୟନ୍ତ ୪୮-୫୨ଡିଗ୍ରୀ ସେଣ୍ଟିଗ୍ରେଡରେ ରଖନ୍ତୁ ଏବଂ ପ୍ରାକୃତିକ ଉପାୟରେ ସାଧାରଣ ତାପମାତ୍ରାକୁ କମାଇଦିଅନ୍ତୁ। ସେଥିରେ ୧୦୦ କେଜି ନଡାପ୍ରତି ୧.୫ କେଜି ପାଳଛତୁ ମଞ୍ଜିକୁ ଖଣ୍ଡଖଣ୍ଡ କରି ୨ସେ.ମି ଗଭୀରତାରେ ଦିଅନ୍ତୁ ଯେପରି କି ମଞ୍ଜିରୁ ମଞ୍ଜି ମଧ୍ୟରେ ୧୫ ସେ.ମି. ବ୍ୟବଧାନ ରହିବ ଏବଂ ଏହା ଉପରେ ପଲିଥିନ ଚଦର ଘୋଡାଇ ଘରର ତାପମାତ୍ରାକୁ ୩୫ ଡିଗ୍ରୀ ସେଣ୍ଟିଗ୍ରେଡରେ ରଖନ୍ତୁ। ପାଞ୍ଚ ଦିନ ମଧ୍ୟରେ ଫିମ୍ପି ମାଡିଗଲା ପରେ ପଲିଥିନ ଚଦରକୁ ବାହାର କରି ଆବଶ୍ୟକତା ଅନୁସାରେ ପାଣି ସିଞ୍ଚନ୍ତୁ। ପଲିଥିନ ବାହାର କରିବାର ୨ ଦିନ ପରେ ଛତୁ କଢ଼ ବାହାରେ ଏବଂ ଏହି ସମୟରେ ତାପମାତ୍ରା ୨୮-୩୨ ସେଣ୍ଟିଗ୍ରେଡ, ୮୫ ପ୍ରତିଶତ ଆର୍ଦ୍ରତା, ଆଲୋକ ଏବଂ ବାୟୁ ଚଳାଚଳ କରାଯାଏ। କଢ଼ ଆସିବାର ୪-୫ ଦିନ ମଧ୍ୟରେ ଛତୁ ଅମଳଯୋଗ୍ୟ ହୋଇଯାଏ।ଏହିପରି ଦୁଇଥରରେ ପ୍ରତି ୧୦୦ କେଜି କମ୍ପୋଷ୍ଟରୁ ପ୍ରାୟ ୩୦-୪୫ କେଜି ଛତୁ ଅମଳ ମିଳିଥାଏ । ତେବେ ଏହି କମ୍ପୋଷ୍ଟ ସମ୍ପର୍କରେ କେତୋଟି ଜାଣିବା କଥା....

-ନଡା ଏବଂ ଲୁଗାକଳର ମଇଳାରେ ୫-୬ ଦିନ ମଧ୍ୟରେ ଫିମ୍ପି ବଢ଼ିଲା ବେଳେ କେବଳ ନଡାରୁ ପ୍ରସ୍ତୁତ କମ୍ପୋଷ୍ଟରେ ଫିମ୍ପି ବଢ଼ିବା ପାଇଁ ୬-୭ ଦିନ ସମୟ ଲାଗିଥାଏ ।

-କମ୍ପୋଷ୍ଟ କରିବା ସମୟରେ ସେଥିରେ ୬୫ ପ୍ରତିଶତ ଆର୍ଦ୍ରତା ରହିବା ଆବଶ୍ୟକ।

-ଛତୁ ଘରର ତାପମାତ୍ରା ନିୟନ୍ତ୍ରଣ କରିବା ଲାଗି ଏହାର କାନ୍ଥରେ ତାପ କୁପରିବାହୀ ପଦାର୍ଥ ବ୍ୟବହାର କରାଯାଏ।

-ପାରମ୍ପରିକ ପ୍ରଣାଳୀରେ ଛତୁ ଅମଳ ପାଇଁ ୧୫ ଦିନ ଲାଗୁଥିବା ବେଳେ କମ୍ପୋଷ୍ଟ ପ୍ରଣାଳୀରେ ୧୦-୧୨ ଦିନ ସମୟ ଲାଗିଥାଏ।

-ବଳଦ କିମ୍ବା ମେଶିନ ଦ୍ୱାରା ଅମଳ କରାଯାଇଥିବା ନଡାକୁ କମ୍ପୋଷ୍ଟ କରି ଛତୁ ଅମଳ କରାଯାଇ ପାରିବ।

*-ସହକାରୀ ଅଧ୍ୟାପକ, ଉଦ୍ଭିଦ ରୋଗ ନିଦାନ ବିଭାଗ,ଓୟୁଏଟି, ଭୁବନେଶ୍ୱର, ମୋ: ୯୪୩୯୨୧୨୫୫୭*

## କାଜୁରେ କାଣ୍ଡ ବିନ୍ଧା ପୋକ ଲାଗୁଥିଲେ..



କାଜୁରେ କାଣ୍ଡ ଓ ଚେର ବିନ୍ଧା ପୋକର ଦମନ ପାଇଁ ଆକ୍ରାନ୍ତ ଅଞ୍ଚଳରୁ ଶତକଡା ୫୦ଭାଗ ବକଳ ଗୋଲେଇକରି ଛଡାଇ ଦିଅନ୍ତୁ ଏବଂ ପ୍ରତି ଟନେଲରେ ଏକ ମିଲି ମନୋକ୍ରୋଟଫସ (ଶତକଡା ୦.୦୫ଭାଗ) ପ୍ରୟୋଗ କରନ୍ତୁ। ଉକୁଣିଆ ପୋକର ଦମନ ପାଇଁ ପ୍ରତି ଲିଟର ପାଣିରେ ୨ ମିଲି ମିଥାଇଲ୍ ଡେମିଟନ୍ ସିଞ୍ଚନ କରନ୍ତୁ। ଗଛମୂଳରୁ ୧ ମିଟର ବ୍ୟାସାର୍ଦ୍ଧ ପରିମିତ ଅଞ୍ଚଳରୁ ଅନାବନା ଘାସ ବାଛି ଦିଅନ୍ତୁ। ଗଛ ପ୍ରତି ୧୦-୨୦କି.ଗ୍ରା ଖତ, ୭୫୦ଗ୍ରାମ୍ ଯବକ୍ଷାରଜାନ , ୧୨୫ଗ୍ରାମ୍ ଫସଫରସ ଏବଂ ୧୨୫ ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ। ପ୍ରତି ଗଛରେ ୨୦-୨୫ଲିଟର ପାଣି ଦିଅନ୍ତୁ।

## ଅମୃତଭଣ୍ଡା ଲଗାଉଥିଲେ...

ବର୍ତ୍ତମାନ ହେଉଛି ଅମୃତଭଣ୍ଡା ଲଗାଇବାର ପ୍ରକୃଷ୍ଟ ସମୟ। ହନି ଡ୍ୟୁ, କୁର୍ଗ ହନି ଡ୍ୟୁ, କୋଏମ୍ବାଟୁର୍-୧,କୋଏମ୍ବାଟୁର୍-୨, ପୁଷା ଡେଲସିୟସ୍,ପୁଷା ମାଜେଷ୍ଟିକ୍,ପୁଷା ଡ୍ୱାର୍ଫ,ପୁଷା ଜାଏଣ୍ଟ ଆଦି କିସମ ଲଗାନ୍ତୁ। ୨.୫ମି ×୨.୫ମି ଦୂରତାରେ ୦.୫×୦.୫×୦.୫ମିଟର ଗାତକରି ଗଛ ଲଗାନ୍ତୁ। ସୁସ୍ଥ,ବଳିଷ୍ଠ ଓ ନୀରୋଗ ତଳି କିମ୍ବା ଟିସୁ କଲ୍‌ଚର ତଳି ଲଗାନ୍ତୁ। ଲଗାଇବା ବେଳେ ଗାତ ପ୍ରତି ୨ଝୁଡି କମ୍ପୋଷ୍ଟ ଦେଇ ଲଗାନ୍ତୁ। ଏହା ସହିତ ୪୦୦ ଗ୍ରାମ୍ ସି.ଏ.ନ୍, ୨୫୦ଗ୍ରାମ୍ ସୁପର ଓ ୩୦୦ଗ୍ରାମ୍ ଏମ୍.ଓ.ପି ସାର ପ୍ରୟୋଗ କରନ୍ତୁ।





## କଦଳୀର ଝାଉଁଳା ରୋଗ ଦମନ ...

କବକଜନିତ ଝାଉଁଳା ରୋଗର ଦମନ ପାଇଁ ଆକ୍ରାନ୍ତ ଗଛକୁ ଉପାଡି ପୋଡି ଦିଅନ୍ତୁ ଏବଂ ମୂଳକୁ ପ୍ରତି ଲିଟର ପାଣିରେ ୨ଗ୍ରାମ୍ କାର୍ବେଣ୍ଡାଜିମ୍ ମିଶାଇ ସିଞ୍ଚନ କରନ୍ତୁ। ପତ୍ରଦାଗ ରୋଗର ଦମନ ଲାଗି ପ୍ରତି ଲିଟର ପାଣିରେ ୧ ମିଲି ହିସାବରେ ପ୍ରୋପିକୋନାଜୋଲ୍ ମିଶାଇ ସିଞ୍ଚନ କରନ୍ତୁ। କଦଳୀରେ ଜଉପୋକ ଦେଖାଗଲେ ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ ଡାଇମେଥୋଏଟ୍ ପତ୍ରକୋଣକୁ ଦେଖାଇ ସିଞ୍ଚନ କରନ୍ତୁ। ସୂତ୍ରଜୀବ ଦ୍ୱାରା ଆକ୍ରାନ୍ତ କଦଳୀଗଛ ଛୋଟ ହେବା ସହିତ ପତ୍ର ସଂଖ୍ୟା ବି କମି ଯାଇଥାଏ। ଏହାର ଦମନ ପାଇଁ ପ୍ରତି ଗଛ ମୂଳରେ ୩୦ଗ୍ରାମ କାର୍ବୋଫ୍ୟୁରାନ୍ କିମ୍ବା ୫୦୦ଗ୍ରାମ୍ ନିମ ପିଡିଆ ପ୍ରୟୋଗ କରନ୍ତୁ।



# ସୁଇଟ୍ କର୍ଣ୍ଣ



ଡ.ପରେଶ କୁମାର ପଣ୍ଡା



ଆଜିକାଲି ଗ୍ରାମ ହେଉ ବା ସହର, ସବୁଠି ସୁଇଟ୍ କର୍ନ ବା ମିଠା ମକାର ଆଦର। ସବୁ ବର୍ଗର ଲୋକଙ୍କ ପାଇଁ ଏହା ଏକ ସୁଆଦିଆ ଖାଦ୍ୟ ଭାବେ ଲୋକପ୍ରିୟ । ତୈଳଯୁକ୍ତ ବା ମସଲା ଖାଦ୍ୟ ବଦଳରେ ଡାକ୍ତର ମକା ଖାଦ୍ୟ ଖାଇବାକୁ ପରାମର୍ଶ ଦେଇଥାନ୍ତି । କାରଣ ମକାରେ ୮-୧୧ ଭାଗ ପୁଷ୍ଟିସାର ସହିତ ଯଥେଷ୍ଟ ପରିମାଣର ଖଣିଜ ଲବଣ ଓ ଜୀବନିକା ଭରିରହିଥାଏ । ଏହା ଆମର ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପଯୋଗୀ । ସ୍ୱାସ୍ଥ୍ୟଯୁକ୍ତ ଖାଦ୍ୟ ହିସାବରେ ଲୋକେ କଞ୍ଚା ମକାକୁ ପୋଡ଼ି ବା ସିଝାଇ ସାଲାଡ୍ ପରି ଖାଇବାକୁ ଖୁବ୍ ପସନ୍ଦ କରିଥାନ୍ତି । ତାହା ଖୁବ୍ ସହଜରେ ହଜମ ହୋଇଥାଏ । ଏଥିରୁ ଅଧିକ ଲାଭ ମିଳିପାରୁଥିବାରୁ ରାଜ୍ୟର ସବୁ ଅଞ୍ଚଳରେ ଏହି ଚାଷ କରାଯାଉଛି । ସୁଇଟ୍ କର୍ନର ଚାହିଦା ବଢୁଥିବାରୁ ତାହାର ମୂଲ୍ୟ ସାଧାରଣ ମକା ତୁଳନାରେ ୨ ଗୁଣ ହୋଇଥାଏ । ସହରରେ ସନ୍ଧ୍ୟା ସମୟରେ ସିଝା ମକାର ମୂଲ୍ୟ ୧୫ରୁ ୨୦ ଟଙ୍କା ହୋଇଥାଏ ।

ଆମ ରାଜ୍ୟ ପାଇଁ ବିଜ୍ଞପିତ ଓ ଅନୁମୋଦିତ ଅଧିକ ଅମଳକ୍ଷମ ଲୋକପ୍ରିୟ ଉନ୍ନତ ମିଠା ମକା କିସମଗୁଡିକ ହେଲା- ପ୍ରିୟା ସୁଇଟ୍ କର୍ଣ୍ଣ, ଏଚ.ଏସ୍.ସି-୧ ଓ୍ୱିନ, ଅରେଞ୍ଜ ସୁଇଟ୍ କର୍ଣ୍ଣ ଓ ମିଷ୍ଟି । ଉନ୍ନତ ବୈଜ୍ଞାନିକ କୌଶଳ ଅବଲମ୍ବନ ଓ ଅଧିକ ଅମଳକ୍ଷମ କିସମର ବ୍ୟବହାର କରି ବଜାରର ଚାହିଦାକୁ ଦେଖି ବିକ୍ରି କରିପାରିଲେ, ଏହି ମକା ଚାଷ ରୂପେ ସଫଳ ଓ ଅର୍ଥକରୀ ହୋଇପାରିବ, ଏହା ନିଃସନ୍ଦେହ ।

ଅନ୍ୟ ମକା ଚାଷ ପରି ଏହି ମକା ଚାଷ ସହଜ । ବର୍ଷସାରା ଏହାର ଚାଷ କରାଯାଇପାରିବ । ଖରାଦିନ ପାଇଁ ଜାନୁୟାରୀ- ଫେବୃୟାରୀ, ବର୍ଷାଦିନ ଲାଗି ଜୁନ ଓ ଶୀତ ଦିନିଆ ଚାଷ ପାଇଁ ଅକ୍ଟୋବର-ନଭେମ୍ବର ମାସରେ ବିହନ ବୁଣାଯାଏ । ଏକର ପ୍ରତି ୩ କି.ଗ୍ରା. ବିହନ ଦରକାର । ମଞ୍ଜିଗୁଡିକ ଆକାରରେ ଛୋଟ । ୬୦ ସେ.ମି. ଧାଡିକୁ ଧାଡି ଓ ୨୦-୨୫ ସେ.ମି. ଗଛକୁ ଗଛ ଦୂରତା ରଖାଯାଏ । ଏକର ପ୍ରତି ଖତ ସହ ୩୨-୧୬-୧୬ (ବର୍ଷା ଦିନିଆ) ଅଥବା ୪୮-୨୪-୨୪ (ଶୀତ ଓ ଖରାଦିନିଆ) ହିସାବରେ ସାର ଦୁଇ ଥରରେ ଦିଆଯାଏ । ୩୨-୧୬-୧୬ ପୋଷକ ପାଇବାକୁ ହେଲେ ଡିଏପି ୩୫ କି.ଗ୍ରା.+ ୟୁରିଆ ୫୭ କି.ଗ୍ରା + ପଟାସ ସାର ୨୭ କି.ଗ୍ରା. ଦରକାର । ୪୮-୨୪-୨୪ ପୋଷକ ପାଇବା ପାଇଁ ଡିଏପି ୫୩ କି.ଗ୍ରା.+ ୟୁରିଆ ୮୫ କି.ଗ୍ରା.+ ପଟାସ୍ ୪୦ କି.ଗ୍ରା. ଯୋଗାଡ଼ କରାଯାଏ । ସମୁଦାୟ ଡିଏପି ଓ ପଟାସ ମୂଳ ସାର ରୂପେ, ୟୁରିଆ ସାରର ଦୁଇ-ତୃତୀୟାଂଶ ଗଛ ହେବାର ୩ ସପ୍ତାହ ଓ ଅବଶିଷ୍ଟ ୟୁରିଆ ସାର (ଏକ-ତୃତୀୟାଂଶ) ଅଣ୍ଡିରା ଫୁଲ ଆସିବା ବେଳେ ଘାସ ବାଛି ମୂଳଠାରୁ ସାମାନ୍ୟ (ଅଧ ଚାଖଣ୍ଡ) ଛାଡି ପ୍ରୟୋଗ କରି ମାଟି ଟେକାଯାଏ । ଏହାର ଘାସ ନିୟନ୍ତ୍ରଣ, ଜଳସେଚନ ଓ ସମନ୍ୱିତ ରୋଗ ପୋକ ପରିଚାଳନା ଅନ୍ୟ ମକା ଚାଷ ପରି ।

ଅଢେଇ ମାସ ବେଳକୁ ଅମଳ କରାଯାଏ । ଚଅଁର ବାହାରିବାର ୩ ସପ୍ତାହ ବେଳକୁ ଅମଳ କରାଯାଏ । ମକାର ଉପର ଚୋପା ସବୁଜ ଥିବାବେଳେ ଅମଳ କରିବା ଦରକାର ଓ ତୁରନ୍ତ ବଜାରକୁ ପଠାନ୍ତୁ। ଗଦା କରି ରଖନ୍ତୁ ନାହିଁ । ଠିକ୍ ଚାଷରୁ ଏକର ପ୍ରତି ୧୬ କୁଇଣ୍ଟାଲ ମିଠା ମକା ମିଳିଥାଏ । କଞ୍ଚା ମକା ହିସାବରେ ବିକ୍ରି କଲେ ମକା ପ୍ରତି ୪ ଟଙ୍କା ଦରରେ ଗଛ ପ୍ରତି ୧ଟି କରି ୨୦ ହଜାର ମକାରୁ ୮୦ ହଜାର ଟଙ୍କା ପର୍ଯ୍ୟନ୍ତ ଆୟ ମିଳି ପାରିବ । ଏକର ପ୍ରତି ଚାଷ କାର୍ଯ୍ୟ ସାର, ମଞ୍ଜି, ଜଳସେଚନ ଅମଳ ଓ ବିକ୍ରିବଟା ବାବଦ ସର୍ବମୋଟ ଖର୍ଚ୍ଚ ୩୦ ହଜାର ବାଦ୍ ଦେଲେ ଲାଭ ୫୦ ହଜାର ମିଳିପାରିବ ଓ କୃଷି ପରିବାରର ଆର୍ଥିକ ସ୍ୱଚ୍ଛଳତା ବୃଦ୍ଧି ପାଇବ।

*-ସହକାରୀ କୃଷି ଅଧିକାରୀ, ଭୁବନେଶ୍ୱର, ମୋ:୭୨୦୫୦୯୬୦୮୦*



## ADVERTISEMENT

The Advertisement Published in "SAMAJA" Newspaper on 21.06.2018 for recruitment for Geology Lecturer is now herewith cancelled.

**Sd./-**
**Principal**
**Khemundi College, Digapahandi, Gm.**

## ADVERTISEMENT

**NO.249/SW/ Dt.07.02.2019**

Sealed tenders are invited from Registered Printing Press/ Supplying Agencies for Printing and supply of NUA ARUNIMA ABHYASA PUSTIKA PART - I & II. Intending Printing Press / Firms may download T & C from Website **www.angul.nic.in** and submit their tender latest by 1.00 PM. of 01.03.2019.

***Sd./-***
***Collector, Angul***

## DISTRICT OFFICE, ANGUL
**(Social Welfare Section)**
**No.210 / SW Date - 02.02.2019**
**IST CORRIGENDUM**

**(TO TENDER CALL NOTICE No - 2361 DATED 15.12.2018 FOR ENGAGEMENT OF TRANSPORT CONTRACTOR FOR TRANSPORTING OF WHEAT AND RICE UNDER SNP)**

The following changes are made in the Tender Notice No - 2361 dated 15.12.2018 for engagement of Transport Contractor for Transporting of Wheat and Rice under SNP in Angul District.

1 - Last date for available of tender Paper - 19.02.2019 by 1.00 PM.
2 - Last date for Submission of Tender Paper - 20.02.2019 by 1.00 PM.
3 - Opening of Tender Paper - 20.02.2019 by 3.00 PM.

All other Terms and Condition of the tender remained unaltered.
Further details can be seen from the District website **www.angul.nic.in.**

***Sd./-***
***COLLECTOR, ANGUL***

## ରେଳପଥ ବିଦ୍ୟୁତୀକରଣ/ଭୁବନେଶ୍ୱର
## ଟେଣ୍ଡର ଆହ୍ୱାନକାରୀ ବିଜ୍ଞପ୍ତି

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଏସ୍‌ଡିଆର୍‌ଇ-ସିଭିଲ-ଓଟି-୨୦୧୮-୧୯-୩ ତାରିଖ: ୦୮।୦୨।୨୦୧୯

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ, ଡେପୁଟି ଚିଫ୍ ଇଞ୍ଜିନିୟର, ରେଳପଥ ବିଦ୍ୟୁତୀକରଣ, ସିପିଡି/ଆର୍‌ଇ/ବିବିଏସ୍‌ଙ୍କ କାର୍ଯ୍ୟାଳୟ, ଆନେକ୍ସ ବିଲ୍ଡିଂ, ରେଳ ବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୭୫୧୦୨୩ ନିମ୍ନଲିଖିତ କାର୍ଯ୍ୟ ପାଇଁ ଆବଶ୍ୟକ ଯୋଗ୍ୟତା ମାନଦଣ୍ଡ ପୂରଣ କରୁଥିବା ଟେଣ୍ଡରଦାତାମାନଙ୍କଠାରୁ ୱେବ୍‌ସାଇଟ୍: http://www.ireps.gov.inରେ ଇ-ବିଡ୍ ଆହ୍ୱାନ କରୁଛନ୍ତି।

**କାର୍ଯ୍ୟର ନାମ:** "ଏସ୍‌ପିଆର୍‌ଡି-ଡିଏମ୍‌ଏନ୍‌ଜେ ସେକ୍ସନ୍ ମଧ୍ୟରେ ପୂର୍ବତଟ ରେଳପଥର ଡବ୍ଲ୍ୟୁଏଟି ଡିଭିଜନର ଆର୍‌ଇ କାର୍ଯ୍ୟ ସଂକ୍ରାନ୍ତରେ ଷ୍ଟାଫ୍ କ୍ୱାର୍ଟର୍ସ ଟାଇପ୍-II- ୧୫ ଗୋଟି (ଭାଲୁମାସ୍କାଠାରେ ୦୭ ଗୋଟି, ଲକ୍ଷ୍ମୀପୁର ରୋଡ୍‌ଠାରେ ୦୭ ଗୋଟି, ଦାମନଯୋଡ଼ିଠାରେ ୦୧ ଗୋଟି), ଟାଇପ୍-III- ୦୪ ଗୋଟି (ଭାଲୁମାସ୍କାଠାରେ ୦୨ ଗୋଟି ଏବଂ ଲକ୍ଷ୍ମୀପୁର ରୋଡ୍‌ଠାରେ ୦୨ ଗୋଟି), ଟାଇପ୍-IV-୩ ଗୋଟି (ଭାଲୁମାସ୍କାଠାରେ ୦୨ ଗୋଟି ଏବଂ ଲକ୍ଷ୍ମୀପୁର ରୋଡ୍‌ଠାରେ ୦୧ ଗୋଟି), ଲକ୍ଷ୍ମୀପୁର ରୋଡ୍‌ଠାରେ ଡିଇଇ/ଏଇଇ କାର୍ଯ୍ୟାଳୟ ଏବଂ ଏସ୍‌ଇ/ସିଗ୍‌ନାଲ୍ କାର୍ଯ୍ୟାଳୟ ଭଳି ସର୍ଭିସ୍ ବିଲ୍ଡିଂ ନିର୍ମାଣ ଯାହା ମଧ୍ୟରେ ଜଳ ଯୋଗାଣ ବ୍ୟବସ୍ଥା ଏବଂ ଆଭ୍ୟନ୍ତରୀଣ ବିଦ୍ୟୁତୀକରଣ ଅନ୍ତର୍ଭୁକ୍ତ"।

| ଅଟକଳ ମୂଲ୍ୟ | ଇ.ଏମ୍.ଡି. | ଟେଣ୍ଡର କାଗଜପତ୍ର ମୂଲ୍ୟ |
|---|---|---|
| ₹୫,୧୭,୪୫,୫୦୭/- | ₹୪,୦୮,୭୦୦/- | ₹୧୦,୦୦୦/- |
| ଖୋଲାଯିବାର ତାରିଖ ଓ ସମୟ | କାର୍ଯ୍ୟର ସମାପ୍ତି ଅବଧି | ଟେଣ୍ଡର ସମାପ୍ତିର ତାରିଖ ଓ ସମୟ |
| ତା୦୮।୦୩।୨୦୧୯ରିଖ ୧୫.୦୦ ଘଟିକା | ୧୨ (ବାର) ମାସ | ତା୦୮।୦୩।୨୦୧୯ରିଖ ୧୫.୦୦ ଘଟିକା |

ଏହି ଇ-ଟେଣ୍ଡର ପାଇଁ ଡାକ/କୋରିୟର/ ଫାକ୍ସ କିମ୍ବା ବ୍ୟକ୍ତିଗତ ଭାବେ ପଠାଯାଇଥିବା କୌଣସି ମାନୁଆଲ୍ ଅଫର୍‌କୁ ଗ୍ରହଣ କରାଯିବ ନାହିଁ, ସେଗୁଡ଼ିକ ସଂସ୍ଥାର ଲେଟର୍ ହେଡ୍‌ରେ ଦାଖଲ ହୋଇଥିଲେ ଏବଂ ଠିକ୍ ସମୟରେ ପ୍ରାପ୍ତ ହୋଇଥିଲେ ମଧ୍ୟ। ଏପରି ସମସ୍ତ ମାନୁଆଲ୍ ଅଫର୍‌ଗୁଡ଼ିକ ଅବୈଧ ବିବେଚିତ ହେବ ଏବଂ ଏହାକୁ ବିଚାରକୁ ନିଆ ନ ଯାଇ ବିଧିବଦ୍ଧ ଭାବେ ନାକଚ କରିଦିଆଯିବ। **ଉପରୋକ୍ତ ଇ-ଟେଣ୍ଡରର ସମ୍ପୂର୍ଣ୍ଣ ସୂଚନା ସମେତ ଇ-ଟେଣ୍ଡର କାଗଜପତ୍ର ୱେବ୍‌ସାଇଟ୍- http://www.ireps.gov.inରେ ଉପଲବ୍ଧ।**
**ଦ୍ରଷ୍ଟବ୍ୟ:-** ଏହି ଟେଣ୍ଡର ପାଇଁ ଜାରି କୌଣସି ସଂଶୋଧନ/ଶୁଦ୍ଧିପତ୍ରକୁ ଧ୍ୟାନରେ ରଖିବା ପାଇଁ ଟେଣ୍ଡର ସମାପ୍ତିର ୧୫ (ପନ୍ଦର) ଦିନ ପୂର୍ବରୁ ପୁନର୍ବାର ୱେବ୍‌ସାଇଟ୍ ପରିଦର୍ଶନ କରିବା ଲାଗି ସମ୍ଭାବ୍ୟ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି। http://www.ireps.gov.in

ସ୍ୱା./- ଡେପୁଟି ଚିଫ୍ ଇଞ୍ଜିନିୟର, ରେଳପଥ ବିଦ୍ୟୁତୀକରଣ, ସିପିଡି/ଆର୍‌ଇ/ବିବିଏସ୍‌ଙ୍କ କାର୍ଯ୍ୟାଳୟ, ଆନେକ୍ସ ବିଲ୍ଡିଂ, ରେଳ ବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୭୫୧୦୨୩

## NOTIFIED AREA COUNCIL, KESINGA

**"e" Procurement Notice No. 276/NAC (K), Dt.08.02.2019**
**Tender Reference No. KSNG-NAC-01/2018-19**
**Tender ID No. 2019_ORULB_53375**

The Notified Area Council, Kesinga invites online Bid in single cover system through e-Procurement.

| | | |
|---|---|---|
| Total Nos. of work | : | 10 (Ten) |
| Apprx. value of works | : | Rs. 223220.00 to Rs. 5517892.00 |
| Period of availability of tender for online bidding | : | From 11.02.2019 to 20.02.2019 upto 5.00PM |
| Date & time of opening | : | 2.30PM on 23.02.2019 |
| **Submission of Original Document** 1. Physical documents:- Xerox copy of all documents as per DTCN with self attested. 2. Financial documents (original) i.e. Tender Paper Cost, EMD and also Additional Performance Security only | : | By Registered Post / Speed Post upto 1.00PM on 20.02.2019 |
| Class of Contractor | : | Class "D", Class "C", Class "B", Class "A" |

Further details can be seen from the website www.tendersorissa.gov.in

***Sd./- Executive Officer***
***N.A.C., Kesinga***

See Career Appointment on every Wednesday & Saturday

## OFFICE OF THE EXECUTIVE ENGINEER
## R.W.S.&S. DIVISION, GAJAPATI, PARALAKHEMUNDI, ODISHA

Email: eerwssgjp@gmail.com, Ph. No. 06815-224803

1655-O

**Invitation of Bid through E-Tendering**
**Bid Identification No. EE/RWS&S/GPT/18 of year 2018-19**

1. The Executive Engineer, RWS&S Division, Gajapati, on behalf of Governor of Odisha invites percentage rate bids in single cover system in ONLINE MODE for Rural Piped Water Supply Projects as detailed in the DTCN to be hoisted in the website www.tenderorissa.gov.in. The eligible class of Contractors may offer their bids for e-Procurement.
2. No. of works : 4
3. Estimated Cost : Ranging from approx. Rs. 10 Lakhs to 60 Lakhs
4. Period of Completion : 06 (Six) months
5. Tender Cost : Rs. 6000/- as mentioned in the Annexure
6. Class of Contractor : "D", "C", "B" & "A" Class
7. Date & time of availability of bid in the website : 16.02.2019 to 22.02.2019 upto 5.00PM
8. Last date & time for seeking Tender clarification : 21.02.2019 upto 5.00PM
9. Last date & time for receipt of bids : 22.02.2019 upto 5.00PM
10. Date & time of opening of Technical & Financial bids : 23.02.2019 at 11.00AM
11. Further details can be had in the website www.tenderorissa.gov.in only.
12. The contractors who have been awarded with the work orders for execution of any work under this Division earlier, but on some account or the other, have not successfully completed the same within the stipulated period and have remained defaulter for considerable period of time are debarred from participating in the tender process.
13. Authority reserves the right to reject any or all the tenders without assigning any reason thereof.

**Enclosed:** The details of the works in annexure attached herewith for reference.

***Sd./- Execuive Engineer***
***RWS&S Division, Gajapati, Paralakhemundi***

25025/11/0017/1819

ନୂତନ ଟେକ୍ନୋଲୋଜି ଗ୍ରହଣ ପଦକ୍ଷେପ ଅନ୍ତର୍ଗତ ଭାରତ ୫ଜି କ୍ଷେତ୍ରରେ ରହିଥିବା ସୁଯୋଗକୁ ହାତଛଡ଼ା କରିବ ନାହିଁ।
– ମନୋଜ ସିହ୍ନା, କେନ୍ଦ୍ର ଟେଲିକମ୍ ମନ୍ତ୍ରୀ



ଲଜିଷ୍ଟିକ କ୍ଷେତ୍ରର ଖର୍ଚ୍ଚ ହ୍ରାସ ସହ ଦକ୍ଷତା ବୃଦ୍ଧି କରିବାକୁ ସରକାର ନୂଆ ସମନ୍ୱିତ ନୀତି ଆଣିବେ।
– ସୁରେଶ ପ୍ରଭୁ, କେନ୍ଦ୍ର ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରୀ



## ସଂକ୍ଷେପରେ

### ମାଲ୍ୟା ଋଣ ମାମଲା ଫସିବେ ଏୟାର ଡେକାନ୍ ପ୍ରତିଷ୍ଠାତା

**ନୂଆଦିଲ୍ଲୀ,୧୨-୨:** ମଦ ବ୍ୟବସାୟୀ ବିଜୟ ମାଲ୍ୟା ଋଣ ଠକେଇ ମାମଲାରେ ଏୟାର ଡେକାନ ପ୍ରତିଷ୍ଠାତା ଜି.ଆର.ଗୋପୀନାଥ ଏବେ ଯାଞ୍ଚ ଏଜେନ୍ସିଙ୍କ ନଜରକୁ ଆସିଛନ୍ତି। ଡେକାନ୍ ଏଭିଏଶନକୁ ଏସ୍‌ବିଆଇ ଦେଇଥିବା ୩୪୦ କୋଟି ଟଙ୍କାର ଋଣକୁ ଗୋପୀନାଥ ବିଦେଶ ପଠାଇବାରେ ସହାୟତା କରିଥିଲେ ବୋଲି ଅଭିଯୋଗ ହୋଇଛି। ତାଙ୍କରି ସ୍ୱାକ୍ଷରରେ ଏସ୍‌ବିଆଇରୁ ନିଆଯାଇଥିବା ଟଙ୍କାକୁ ଆକ୍ସିସ ବ୍ୟାଙ୍କ ଜରିଆରେ ବିଦେଶକୁ ପଠାଯାଇଥିଲା ବୋଲି ଯାଞ୍ଚ ଏଜେନ୍ସି ସିବିଆଇ ଜାଣିପାରିଛି। ଏସ୍‌ବିଆଇ ପକ୍ଷରୁ ଋଣ ପ୍ରଦାନ ବେଳେ ଗୋପୀନାଥ କିଙ୍ଗ୍‌ଫିଶର୍ ଏୟାରଲାଇନ୍ସରେ ଡାଇରେକ୍ଟର ଭାବେ କାର୍ଯ୍ୟ କରୁଥିଲେ। ସୂଚନାଥାଉ କି, ୨୦୦୭ରେ ଏୟାର ଡେକାନ ଓ କିଙ୍ଗ୍‌ଫିଶର୍ ଏୟାରଲାଇନ୍ସର ମିଶ୍ରଣ ଘଟିଥିଲା। ସେବେଠାରୁ ଗୋପୀନାଥ କିଙ୍ଗଫିଶର ଏୟାରଲାଇନ୍ସର ଡାଇରେକ୍ଟର ଭାବେ କାର୍ଯ୍ୟ କରୁଛନ୍ତି। ଏହାଛଡ଼ା କିଙ୍ଗ୍‌ଫିଶର୍ ଏୟାରଲାଇନ୍ସ ଦ୍ୱାରା ଗୋପୀନାଥଙ୍କୁ ଦିଆଯାଇଥିବା ୩୦ କୋଟି ଟଙ୍କା ସମ୍ପର୍କରେ ମଧ ସିବିଆଇ ଖୋଳତାଡ଼ ଆରମ୍ଭ କରିଛି।

### ନୂଆ ଚ୍ୟାନେଲ ଟାରିଫ ଚୟନ ମାର୍ଚ୍ଚ ୩୧ ଯାଏ ସମୟ ବୃଦ୍ଧି

**ନୂଆଦିଲ୍ଲୀ,୧୨-୨:** ଟେଲିକମ ରେଗୁଲେଟୋରି ଅଥରିଟି ଅଫ୍ ଇଣ୍ଡିଆ(ଟ୍ରାଇ) ନୂଆ ଟିଭି ଚ୍ୟାନେଲ ଟାରିଫ ଚୟନର ସମୟସୀମାକୁ ମାର୍ଚ୍ଚ ୩୧ ଯାଏ ବୃଦ୍ଧି କରିଛନ୍ତି। ପୂର୍ବରୁ ଏହା ଫେବୃୟାରୀ ପହିଲା ଧାର୍ଯ୍ୟ କରାଯାଇଥିଲା। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ପ୍ରାୟ ୧୦୦ ମିଲିୟନ କେବୁଲ ଟିଭି ସେବା ସଂଯୋଗ ଦିଆଯାଇଥିବା ବେଳେ ୬୭ ମିଲିୟନ ଡାଇରେକ୍ଟ ଟୁ ହୋମ୍ ଗ୍ରାହକ ରହିଛନ୍ତି। ଟ୍ରାଇର ତଥ୍ୟ ଅନୁଯାୟୀ ଅଦ୍ୟାବଧି ୯ କୋଟି ଗ୍ରାହକ ନୂଆ ଟାରିଫ ବ୍ୟବସ୍ଥା ଆପଣାଇସାରିଲେଣି। ଅଦ୍ୟାବଧି ଟାରିଫ ଚୟନ କରି ନ ଥିବା ଗ୍ରାହକଙ୍କୁ 'ବେଷ୍ଟ ଫିଟ୍ ପ୍ଲାନ'ରେ ସାମିଲ କରିବା ଲାଗି ସେବା ଯୋଗାଣକାରୀମାନେ ପଦକ୍ଷେପ ନେବାକୁ ଟ୍ରାଇ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ନିଜର ପ୍ଲାନ ପସନ୍ଦ କରିବା ପର୍ଯ୍ୟନ୍ତ ପୁରୁଣା ପ୍ଲାନ ଜାରି ରହିବ ବୋଲି ଟ୍ରାଇ ସ୍ପଷ୍ଟ କରିଛି।

### ହଂକଂରେ ବିଦେଶୀ ନିବେଶକଙ୍କୁ ଭେଟିଲେ ଆର୍‌ବିଆଇ ଗଭର୍ନର



**ନୂଆଦିଲ୍ଲୀ,୧୨-୨:** ଭାରତୀୟ ରିଜର୍ଭ ବ୍ୟାଙ୍କ ଗଭର୍ନର ଶକ୍ତିକାନ୍ତ ଦାସ ହଂକଂରେ ବିଦେଶୀ ନିବେଶକଙ୍କୁ ଭେଟିଛନ୍ତି। ଗତବର୍ଷ ରିଜର୍ଭ ବ୍ୟାଙ୍କର ଗଭର୍ନର ପଦ ସମ୍ଭାଳିବା ପରେ ବିଦେଶରେ ନିବେଶକଙ୍କ ସହ ଦାସଙ୍କ ଏହା ପ୍ରଥମ ବୈଠକ। ଏ ସମ୍ପର୍କରେ ସେ ମଙ୍ଗଳବାର ଟୁଇଟ୍ କରି ଜଣାଇଛନ୍ତି। କେନ୍ଦ୍ରୀୟ ବ୍ୟାଙ୍କର ୨୫ ତମ ଗଭର୍ନର ଭାବେ ଅବସ୍ଥାପିତ ହେବା ପରେ ଦାସ ବିଭିନ୍ନ ବ୍ୟକ୍ତିବିଶେଷଙ୍କ ସହ ସାକ୍ଷାତ ଜାରି ରଖିଛନ୍ତି। ଏଥିପୂର୍ବରୁ ସେ ରାଷ୍ଟ୍ରାୟତ୍ତ ଓ ଘରୋଇ କ୍ଷେତ୍ରର ବ୍ୟାଙ୍କ, ଆର୍ଥିକ ଜଗତ ତଥା ଉଦ୍ୟୋଗ ଜଗତର ମୁଖ୍ୟମାନଙ୍କୁ ଭେଟିଛନ୍ତି। ନିକଟରେ ରିଜର୍ଭ ବ୍ୟାଙ୍କ ବିଦେଶୀ ପୋର୍ଟଫୋଲିଓ ନିବେଶକଙ୍କ ଲାଗି ରହିଥିବା ସୀମାକୁ ପ୍ରତ୍ୟାହାର କରିନେବା ଲାଗି ପ୍ରସ୍ତାବ ଦେଇଛନ୍ତି।

### ବନ୍ଦେ ଭାରତ ଏକ୍ସପ୍ରେସ ଭଡ଼ା କମିଲା



**ନୂଆଦିଲ୍ଲୀ,୧୨-୨:** ଆସନ୍ତା ୧୫ରୁ ଚଳାଚଳ କରିବାକୁ ଥିବା ଟ୍ରେନ୍୧୮ ବା ବନ୍ଦେ ଭାରତ ଏକ୍ସପ୍ରେସର ଭଡ଼ାକୁ ରେଳବାଇ ହ୍ରାସ କରିଛି। ଏଣିକି ଦିଲ୍ଲୀରୁ ବାରାଣସୀ ପାଇଁ ଚେୟାର କାର୍‌ରେ ୧୭୬୦ ଟଙ୍କା ଏବଂ ଏକ୍‌ଜିକ୍ୟୁଟିଭ ଶ୍ରେଣୀ ଲାଗି ୩୩୧୦ ଟଙ୍କା ଭଡ଼ା ଧାର୍ଯ୍ୟ କରାଯାଇଛି। ପୂର୍ବରୁ ଚେୟାର କାର୍ ବାବଦରେ ୧୮୫୦ ଟଙ୍କା ଏବଂ ଏକ୍‌ଜିକ୍ୟୁଟିଭ ପାଇଁ ୩୫୨୦ ଟଙ୍କା ଭଡ଼ା ନିର୍ଦ୍ଧାରଣ କରାଯାଇଥିଲା। ଏଥିରେ କ୍ୟାଟରି ଚାର୍ଜକୁ ସାମିଲ କରାଯାଇଛି। ଭଡ଼ା ହ୍ରାସ ସତ୍ତ୍ୱେ ଏଣିକି ଚେୟାର କାର୍ ଓ ଏକ୍‌ଜିକ୍ୟୁଟିଭ ଶ୍ରେଣୀ ଟିକେଟ ମୂଲ୍ୟ ଶତାବ୍ଦୀ ଏକ୍ସପ୍ରେସଠାରୁ ଯଥାକ୍ରମେ ୧.୪% ଓ ୧.୩% ଅଧିକ ରହିବ।

# ୯୫% ରିୟଲ ଇଷ୍ଟେଟ୍ ସଂସ୍ଥାଙ୍କ ପାନ୍ ତଥ୍ୟ ଉପଲବ୍ଧ ନାହିଁ

**ନୂଆଦିଲ୍ଲୀ,୧୨-୨**

**ସିଏଜି ରିପୋର୍ଟ**

- ରେଜିଷ୍ଟ୍ରାର ଅଫ୍ କମ୍ପାନିଜ ଓ ଆୟକର ବିଭାଗରେ ତଥ୍ୟ ଉପଲବ୍ଧ କରାଇପାରିନାହାନ୍ତି
- ୨୦୧୪-୧୭ ପର୍ଯ୍ୟନ୍ତ ଆସେସ୍‌ମେଣ୍ଟ କରାଯାଇଥିଲା
- ୫୪,୫୭୮ କମ୍ପାନୀଙ୍କ ମଧ୍ୟରୁ ୫୧,୬୭୦ର ପାନ୍ ନାହିଁ

**ଅର୍ଥ ମନ୍ତ୍ରଣାଳୟ ଅଧିକ ଖର୍ଚ୍ଚ କରିଛି ୧୧୫୭ କୋଟି**

କମ୍ପଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ(ସିଏଜି) ରିପୋର୍ଟ ମଙ୍ଗଳବାର ସଂସଦରେ ଉପସ୍ଥାପିତ ହୋଇଛି। ଅର୍ଥ ମନ୍ତ୍ରଣାଳୟ ୨୦୧୭-୧୮ ଆର୍ଥିକ ବର୍ଷରେ ସଂସଦର ବିନାନୁମତିରେ ୧୧୫୭କୋଟି ଟଙ୍କା ଅତିରିକ୍ତ ବ୍ୟୟ କରିଛି ବୋଲି ରିପୋର୍ଟରେ ଦର୍ଶାଯାଇଛି। ମନ୍ତ୍ରଣାଳୟ ନୂଆ ସେବା ଅଥବା ନୂଆ ପଦ୍ଧତି ଆପଣାଇବା ଲାଗି ଠିକ୍ ବ୍ୟବସ୍ଥା ଗ୍ରହଣ କରି ନଥିଲା। ଏହି କାରଣରୁ ଅତିରିକ୍ତ ଖର୍ଚ୍ଚ ବଢ଼ିଛି। ସିଏଜି ରିପୋର୍ଟ ଅନୁଯାୟୀ, ୧୧୫୬.୭୦ କୋଟି ଟଙ୍କାକୁ କେତେକ ଭାଗରେ ଖର୍ଚ୍ଚ କରାଯାଇଛି। ରିପୋର୍ଟରେ କୁହାଯାଇଛି ଯେ, ଅର୍ଥ ମନ୍ତ୍ରଣାଳୟ ଅଧୀନରେ ଥିବା ଆର୍ଥିକ ବ୍ୟାପାର ବିଭାଗ ଅତିରିକ୍ତ ଖର୍ଚ୍ଚ କରିବା ଲାଗି ସଂସଦରେ ବିଲ୍ ଉପସ୍ଥାପନ କରି ନ ଥିଲା।

ସଂସଦରେ ମଙ୍ଗଳବାର ଉପସ୍ଥାପିତ ମହାଲେଖା ପରୀକ୍ଷକ (ସିଏଜି)ଙ୍କ ରିପୋର୍ଟରେ ରିୟଲ ଇଷ୍ଟେଟ ସମ୍ପର୍କରେ ଚାଞ୍ଚଲ୍ୟକର ତଥ୍ୟ ପ୍ରକାଶ କରାଯାଇଛି। ସିଏଜି ରିପୋର୍ଟ ଅନୁଯାୟୀ, ରିୟଲ ଇଷ୍ଟେଟ ସେକ୍ଟରରେ ରେଜିଷ୍ଟ୍ରାର ଅଫ୍ କମ୍ପାନିଜଙ୍କ ନିକଟରେ ୯୫% ପଞ୍ଜୀକୃତ କମ୍ପାନୀଙ୍କ ପାନ୍ ତଥ୍ୟ ନାହିଁ। ଏଥିସହିତ ଏ ସମ୍ପର୍କରେ ଜାଣିବା ଲାଗି ଆୟକର ବିଭାଗ ନିକଟରେ କୌଣସି ବ୍ୟବସ୍ଥା ନାହିଁ।

ସିଏଜି ରିପୋର୍ଟରେ କୁହାଯାଇଛି ଯେ, ଅଡିଟ ଲାଗି ଉପଲବ୍ଧ ୫୪,୫୭୮ କମ୍ପାନୀଙ୍କ ମଧ୍ୟରୁ ୫୧,୬୭୦ କମ୍ପାନୀ(ପ୍ରାୟ ୯୫%)ଙ୍କ ପାନ୍ ନମ୍ବର ତଥ୍ୟ ପ୍ରଦାନ କରାଯାଇ ନାହିଁ। ସିଏଜିର ଅଡିଟ ଟିମ୍ ପକ୍ଷରୁ ୨୦୧୪ରୁ ୨୦୧୭ ପର୍ଯ୍ୟନ୍ତ ରିୟଲ ଇଷ୍ଟେଟ ସେକ୍ଟରର ଆସେସମେଣ୍ଟ ରିପୋର୍ଟ ପ୍ରସ୍ତୁତ କରାଯାଇଛି। ଏଥିରେ କୁହାଯାଇଛି ଯେ, ପଞ୍ଜୀକୃତ ରିୟଲ ଇଷ୍ଟେଟ କମ୍ପାନୀଙ୍କର ପାନ୍ ନମ୍ବର ନେଇ ଆୟକର ବିଭାଗ ଜାଣିନାହିଁ। ଏପରିକି ସେମାନଙ୍କର ଆୟକର ରିଟର୍ନ ଦାଖଲ ସମ୍ପର୍କରେ ମଧ କୌଣସି ତଥ୍ୟ ଆୟକର ବିଭାଗ ନିକଟରେ ରହିଥିବା ସ୍ପଷ୍ଟ ହୋଇନାହିଁ। ରିୟଲ ଇଷ୍ଟେଟ କମ୍ପାନୀ/ବିଲ୍ଡର ସହ ଜଡ଼ିତ ସୂଚନା ଏକତ୍ର କରିବା ଲାଗି ରେଜିଷ୍ଟ୍ରାର ଅଫ୍ କମ୍ପାନିଜ (ଆର୍‌ଓସି), ରିୟଲ ଇଷ୍ଟେଟ ରେଗୁଲେଟୋରି ଅଥରିଟି (ରେରା)ଠାରୁ ତଥ୍ୟ ମଗାଯାଇଥିଲା। ଆର୍‌ଓସି ପକ୍ଷରୁ ୧୨ ରାଜ୍ୟରେ ରିୟଲ ଇଷ୍ଟେଟ ସେକ୍ଟରରେ ଥିବା ହଜାର ହଜାର କମ୍ପାନୀଙ୍କ ପାନ୍ ସୂଚନା ପ୍ରଦାନ କରାଯାଇ ପାରି ନ ଥିଲା। ରିପୋର୍ଟ ଅନୁଯାୟୀ ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନାରେ ଆରଓସି ଅଧୀନରେ ପଞ୍ଜୀକୃତ ମୋଟ ୭୫୨୦ କମ୍ପାନୀଙ୍କ ମଧ୍ୟରୁ ୭୩୯୧ଙ୍କ ପାନ୍ ତଥ୍ୟ ମିଳି ନ ଥିଲା। ସେହିପରି ବିହାରରେ ୪୫୪ କମ୍ପାନୀଙ୍କ ପାନ୍ ନାହିଁ। ଏହାବ୍ୟତୀତ ଦିଲ୍ଲୀର ୪୬୨୨ କମ୍ପାନୀ ମଧ୍ୟରୁ ୪୫୧୮ର ପାନ୍ ତଥ୍ୟ ନାହିଁ। ଗୁଜରାଟର ସ୍ଥିତି ବିହାର ଭଳି ଥିଲା। ସେଠାରେ ୧୨୭୮ କମ୍ପାନୀଙ୍କର ପାନ୍ ସୂଚନା ମିଳିପାରି ନାହିଁ।




## ଆଇଓବିର ଏମ୍‌ଏସ୍‌ଏମ୍‌ଇ ଆଉଟରିଚ୍ ଅଭିଯାନ

**ଭୁବନେଶ୍ୱର,୧୨-୨**

ଇଣ୍ଡିଆନ ଓଭରସିଜ ବ୍ୟାଙ୍କ (ଆଇଓବି) ଭୁବନେଶ୍ୱର ରିଜିୟନ ପକ୍ଷରୁ ସିଡ଼ିଏ ବିଲ୍ଡିଂଠାରେ ଏମ୍‌ଏସ୍‌ଏମ୍‌ଇ ଆଉଟରିଚ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏମ୍‌ଏସ୍‌ଏମ୍‌ଇ ବିଭାଗ କଟକର ମିଳିତ ସହଯୋଗରେ ଏଭଳି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଆଇଓବି କୋଲକାତାର ଜୋନାଲ ମ୍ୟାନେଜର ସୁରଜ ନାଥ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବା ବେଳେ ଏମ୍‌ଏସ୍‌ଏମ୍‌ଇ ବିଭାଗ କଟକର ନିର୍ଦ୍ଦେଶକ ସୁବ୍ରତ କୁମାର ସାହୁ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଆଇଓବି ଭୁବନେଶ୍ୱରର ସିଜିଏମ ଆର. ଶଙ୍କର ରାଓ, କଟକର ମୁଖ୍ୟ ଶାଖା ସମେତ ବିଭିନ୍ନ ଶାଖାର ପ୍ରତିନିଧି ଏଠାରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଏମ୍‌ଏସ୍‌ଏମ୍‌ଇଗୁଡ଼ିକୁ ୪.୫୬ କୋଟି ଟଙ୍କାର ଋଣ ପ୍ରଦାନ କରାଯାଇଥିଲା। ବ୍ୟାଙ୍କ ପକ୍ଷରୁ ବିଭିନ୍ନ ଏମ୍‌ଏସ୍‌ଏମ୍‌ଇ ସ୍କିମ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା। ଏଭଳି କାର୍ଯ୍ୟକ୍ରମ ପୁରୀ ଏବଂ ବରଗଡ଼ରେ ଆୟୋଜନ ନେଇ ବ୍ୟାଙ୍କ ପକ୍ଷରୁ ସୂଚନା ରହିଛି। ଫେବୃୟାରୀ ୧୦ରେ ବ୍ୟାଙ୍କ ଏହାର ୮୨ତମ ପ୍ରତିଷ୍ଠା ଦିବସ ପାଳନ କରିଥିବା ବେଳେ ଏହି ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ବ୍ୟାଙ୍କ ପକ୍ଷରୁ ଗ୍ରହଣ କରାଯାଇଥିଲା।

## ହୋଣ୍ଡା ପକ୍ଷରୁ ସଡ଼କ ସୁରକ୍ଷା ସପ୍ତାହ ଉଦ୍‌ଯାପିତ

**ଭୁବନେଶ୍ୱର,୧୨-୨**




ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ ପକ୍ଷରୁ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ଉଦ୍‌ଯାପିତ ହୋଇଯାଇଛି। ଏହା ଦ୍ୱାରା ୩୩,୦୦୦ରୁ ଅଧିକ ଶିଶୁ ଓ ମହିଳାଙ୍କ ସଡ଼କ ସୁରକ୍ଷା ସଚେତନତା ବାର୍ତ୍ତା ପ୍ରଦାନ କରାଯାଇଛି। ରାଜ୍ୟ ପୋଲିସ ବିଭାଗ, ମ୍ୟୁନିସିପାଲ କର୍ପୋରେଶନ, ଆର୍‌ଟିଓ, ଏନ୍‌ଜିଓ, ବିଭିନ୍ନ ବିଦ୍ୟାଳୟ ସହ ମିଳିତ ହୋଇ ହୋଣ୍ଡା ଏହି କାର୍ଯ୍ୟକ୍ରମ ଆୟୋଜନ କରିଛି। ପ୍ରତିବର୍ଷ ସଡ଼କ ଦୁର୍ଘଟଣାରେ ଅନେକ ଲୋକଙ୍କ ଜୀବନ ହାନି ହେଉଥିବାରୁ ଏହା ଏକ ଜାତୀୟ ସମସ୍ୟା ଭାବେ ଉଭା ହୋଇଛି। ଏହାକୁ ଧ୍ୟାନରେ ରଖି ଲୋକଙ୍କୁ ସଚେତନ କରାଯାଉଥିବା କମ୍ପାନୀର ବ୍ରାଣ୍ଡ ଏବଂ କମ୍ୟୁନିକେଶନ ଉପସଭାପତି ପ୍ରଭୁ ନାଗରାଜ ସୂଚନା ଦେଇଛନ୍ତି। କମ୍ପାନୀର ୫,୮୦୦ ଟଚ୍ ପଏଣ୍ଟ, ୨୨,୦୦୦ ଅଂଶୀଦାର, ଦେଶର ୧୩ ଟ୍ରାଫିକ ଟ୍ରେନିଂ ପାର୍କରେ ଏହା ଅନୁଷ୍ଠିତ ହୋଇଥିଲା। ସେହିଭଳି ଦେଶର ୯ ସହରର ୧୩ ହଜାର ସ୍କୁଲ ଏବଂ କଲେଜ ପିଲା ଏବଂ ୧୦୦୦ ମହିଳାଙ୍କୁ ସଚେତନତାରେ ସାମିଲ କରାଯାଇଛି। ଏହାବାଦ କମ୍ପାନୀର ଡ଼ିଲରଶିପଗୁଡ଼ିକରେ ମଧ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି।

## ଜୁନ ସୁଦ୍ଧା ପିସିଏରୁ ବାହାରିବେ ଅବଶିଷ୍ଟ ୮ ବ୍ୟାଙ୍କ

**ନୂଆଦିଲ୍ଲୀ,୧୨-୨**

ରିଜର୍ଭ ବ୍ୟାଙ୍କର ଗାଇଡଲାଇନ ପାଳନ କରିବା ପରେ ୧୧ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କ ମଧ୍ୟରୁ ୩ଟି ଇତିମଧ୍ୟରେ ପ୍ରମ୍ପ୍ଟ କରେକ୍ଟିଭ ଆକ୍ସନ(ପିସିଏ) ବା ତ୍ୱରିତ୍ ସୁଧାରାତ୍ମକ କାର୍ଯ୍ୟାନୁଷ୍ଠାନରୁ ବାହାରି ଆସିଛି। ଆସନ୍ତା ଜୁନ ସୁଦ୍ଧା ଅବଶିଷ୍ଟ ୮ଟି ବ୍ୟାଙ୍କ ଏଥିରୁ ବାହାରି ଆସିବେ ବୋଲି ଅର୍ଥ ମନ୍ତ୍ରଣାଳୟ ଆଶାବ୍ୟକ୍ତ କରିଛି। ସେମାନଙ୍କର ଏନ୍‌ପିଏ(ଅନାଦାୟ ଋଣ ପରିମାଣ) ୬% ସ୍ତରକୁ ଖସି ଆସିଛି ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ପିସିଏରେ ସାମିଲ ଥିବା ବ୍ୟାଙ୍କଗୁଡ଼ିକୁ କେନ୍ଦ୍ର ସରକାର ଗତ ବର୍ଷ ଡିସେମ୍ବର ଓ ଜାନୁୟାରୀରେ ପୁନଃପୁଞ୍ଜୀକରଣ କରିସାରିଛନ୍ତି। ସୂଚନାଥାଉ କି, ଗତ ମାସରେ ବ୍ୟାଙ୍କ ଅଫ୍ ଇଣ୍ଡିଆ, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ଓ ଓରିଏଣ୍ଟାଲ ବ୍ୟାଙ୍କ ଅଫ୍ କମର୍ସ ପିସିଏରୁ ବାହାରି ଆସିଥିଲା। ଖୁବଶୀଘ୍ର ଦେନା ବ୍ୟାଙ୍କ ଏବଂ ଆଡିବିଆଇ ବ୍ୟାଙ୍କ ପିସିଏରୁ ବାହାରି ଆସିବେ ବୋଲି ଜଣାପଡିଛି।

## ମୁଦ୍ରାସ୍ଫୀତି ୨.୦୫%, ଶିଳ୍ପ ଉତ୍ପାଦନ ୨.୪%

**ନୂଆଦିଲ୍ଲୀ,୧୨-୨**

କେନ୍ଦ୍ରୀୟ ପରିସଂଖ୍ୟାନ କାର୍ଯ୍ୟାଳୟ ପକ୍ଷରୁ ମଙ୍ଗଳବାର ଖୁଚୁରା ମୁଦ୍ରାସ୍ଫୀତି ଓ ଶିଳ୍ପ ଉତ୍ପାଦନ ଅଭିବୃଦ୍ଧି ଜାରି କରାଯାଇଛି। ଅଣ୍ଡା, ପନିପରିବା ସମେତ ଖାଦ୍ୟ ପଦାର୍ଥ ଦର ହ୍ରାସ ପାଇବା କାରଣରୁ ଖୁଚୁରା ମୁଦ୍ରାସ୍ଫୀତି ଜାନୁୟାରୀରେ ୬ ମାସ ଆଧାରରେ କମି ୨.୦୫ ପ୍ରତିଶତରେ ପହଞ୍ଚିଛି। ଡିସେମ୍ବର, ୨୦୧୮ରେ ଏହା ୨.୧୧ ପ୍ରତିଶତ ଏବଂ ବର୍ଷକ ପୂର୍ବରୁ ଜାନୁୟାରୀରେ ଏହା ୫.୦୭ ପ୍ରତିଶତ ରହିଥିଲା। ଅନ୍ୟପକ୍ଷରେ ଡିସେମ୍ବରରେ ଆଇଆଇପି ଅର୍ଥାତ୍ ଶିଳ୍ପ ଉତ୍ପାଦନ ଅଭିବୃଦ୍ଧି ୨.୪%ରେ ପହଞ୍ଚିଛି। ନଭେମ୍ବରରେ ଏହା ମାତ୍ର ୦.୫% ରହିଥିଲା, ଯାହାକି ୧୭ ମାସର ସର୍ବନିମ୍ନ ସ୍ତର ଥିଲା। ବର୍ଷକ ପୂର୍ବେ ଏହି ସମୟରେ ଏହା ୭.୩% ରହିଥିଲା। ବର୍ତ୍ତମାନ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ମହଙ୍ଗା ଭତ୍ତା ୧୩୮.୮% ରହିଛି। ଏହା ଏପ୍ରିଲ ପହିଲାରେ କମିପାରେ। ବ୍ୟାଙ୍କ କର୍ମଚାରୀମାନେ ବର୍ତ୍ତମାନ ୬୧.୧% ମହଙ୍ଗା ଭତ୍ତା ପାଉଛନ୍ତି। ଏହା ମେ ପହିଲାରେ କମିବା ନେଇ ଆକଳନ କରାଯାଇଛି। ଏହି ସମୟରେ ବୀମା କର୍ମଚାରୀମାନେ ୫୪.୪% ମହଙ୍ଗା ପାଉଥିବା ବେଳେ ଏହା ମଧ ମେ ପହିଲାରେ କମିପାରେ। ଜୁନ ମାସରେ ଆର୍‌ବିଆଇର ବାର୍ଷିକ କ୍ଲୋଜିଂ ଯୋଗୁ ପେମେଣ୍ଟ ହେବ ନାହିଁ ବୋଲି ଜଣା ପଡ଼ିଛି। ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୯% ଥିବା ବେଳେ ଏଥିରେ ୬% ବଢ଼ି ୧୫% ଛୁଇଁଛି। ଏମାନେ ଜାନୁୟାରୀ ପହିଲାରୁ ପିଛିଲା ଭାବେ ୩% ଏବଂ ଆଉ ୩% ଜୁଲାଇ ପହିଲାରୁ ପାଇବେ। ସୂଚନା ଯୋଗ୍ୟ, ପ୍ରାଇସ ଇଣ୍ଡେକ୍ସ ବୃଦ୍ଧିକୁ ନେଇ କର୍ମଚାରୀମାନଙ୍କର ଭତ୍ତା ବିଚାର କରାଯାଏ। ଏ କ୍ଷେତ୍ରରେ ରାଷ୍ଟ୍ରାୟତ୍ତ ଉଦ୍ୟୋଗ, ବୀମା ଏବଂ ବ୍ୟାଙ୍କ କର୍ମଚାରୀଙ୍କ ଲାଗି ହାରାହାରି ଗତ ୩ ମାସର ମୂଲ୍ୟ ସୂଚୀ ସ୍ଥିତିକୁ ବିଚାର କରି ଭତ୍ତା ନିର୍ଦ୍ଧାରଣ କରାଯାଉଥିବା ବେଳେ ସରକାରୀ କର୍ମଚାରୀଙ୍କ ହାରାହାରି ୧୨ ମାସର ସ୍ଥିତିକୁ ବିଚାର କରାଯାଏ।

## ବିମୁଦ୍ରୀକରଣ ସ୍ତରକୁ ଟପିଲା ନଗଦ

**ମୁମ୍ବାଇ,୧୨-୨**

ଚଳିତ ବର୍ଷ ଜାନୁୟାରୀ ୧୮ ସୁଦ୍ଧା ବଜାରରେ ୨୦.୬୫ ଲକ୍ଷ କୋଟି ଟଙ୍କାର ନଗଦ ଅର୍ଥ ମହଜୁଦ ରହିଛି। ଏହା ବିମୁଦ୍ରୀକରଣ ସମୟଠାରୁ ଯଥେଷ୍ଟ ଅଧିକ ବୋଲି ଜଣାପଡିଛି। ବିମୁଦ୍ରୀକରଣ ଘୋଷଣା ସମୟରେ ବଜାରରେ ୧୭.୯୭ ଲକ୍ଷ କୋଟି ଟଙ୍କାର ନଗଦ ଉପଲବ୍ଧ ଥିଲା। ଏଚ୍‌ଏସ୍‌ବିସିର ଚିଫ୍ ଇକୋନୋମିଷ୍ଟ, ଇଣ୍ଡିଆ ପ୍ରାଞ୍ଜୁଲ ଭଣ୍ଡାରୀଙ୍କ କହିବାନୁଯାୟୀ, କେନ୍ଦ୍ର ସରକାର ଜିଏସ୍‌ଟିକୁ ବହୁଳ ଭାବେ କୋହଳ କରିବା ପରେ ଏବଂ ବ୍ୟବସାୟୀକ ସଂସ୍ଥାଗୁଡ଼ିକ ଅଧିକ ମାତ୍ରାରେ ନଗଦ ବ୍ୟବହାର କରୁଥିବାରୁ ଏହା ସମ୍ଭବ ହୋଇପାରିଛି। ତାଙ୍କ ଦ୍ୱାରା ପ୍ରକାଶିତ ରିପୋର୍ଟରେ କୁହାଯାଇଛି ଯେ, ବିମୁଦ୍ରୀକରଣ ଯୋଗୁ ଅସଂଗଠିତ କ୍ଷେତ୍ର ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଥିବା ବେଳେ ନଗଦ ପହଞ୍ଚାଇବା ବ୍ୟବସ୍ଥା ଦ୍ୱାରା ସେଗୁଡ଼ିକ ପୁନଃ ଆଗେଇବାରେ ଲାଗିଛି। ଅନ୍ୟପକ୍ଷରେ ଏସ୍‌ବିଆଇର ଚିଫ୍ ଇକୋନୋମିଷ୍ଟ ସୌମ୍ୟ କାନ୍ତି ଘୋଷଙ୍କ ମତରେ ଯେକୌଣସି ନିର୍ବାଚନ ପୂର୍ବରୁ ବଜାରରେ ନଗଦ ପରିମାଣ ବଢ଼ିବାର ଦେଖାଯାଇଛି। ବିଧାନସଭା ନିର୍ବାଚନ କାରଣରୁ ୨୦୧୬ ଏପ୍ରିଲରେ ବଜାରରେ ଅଧିକ ନଗଦ ଥିଲା।

ଓଡ଼ିଶା ସରକାର

ନିମାପଡ଼ାର ବିକାଶ ପ୍ରକ୍ରିୟାରେ ଆଉ ଏକ ବଳିଷ୍ଠ ଯୋଗଦାନ

DSPL-401

ମାନ୍ୟବର ମନ୍ତ୍ରୀ, ପୂର୍ତ୍ତ, ଇସ୍ପାତ ଓ ଖଣି ବିଭାଗ, ଓଡ଼ିଶା ସରକାର
ଶ୍ରୀଯୁକ୍ତ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ
କରକମଳରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର
ଉଦ୍‌ଘାଟନ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ
୧୩ ଫେବୃୟାରୀ ୨୦୧୯, ବୁଧବାର
ସମୟ ଦିବା ୩.୦୦ ଘ.।

ମୁଖ୍ୟ ଅତିଥି
ଶ୍ରୀଯୁକ୍ତ ସମୀର ରଞ୍ଜନ ଦାଶ
ମାନ୍ୟବର ବିଧାୟକ, ନିମାପଡ଼ା
ତଥା ଅଧ୍ୟକ୍ଷ, ଜିଲ୍ଲା ଯୋଜନା ବୋର୍ଡ, ପୁରୀ

ଉଦ୍‌ଘାଟନ
➢ ନିମାପଡ଼ା-ବଳଙ୍ଗା ରାସ୍ତାର ୪.୦୦ କି.ମି.ଠାରେ ଅଙ୍ଗାରପଡ଼ା ନାଳ ଉପରେ ହୋଇଥିବା ସେତୁ
ବ୍ୟୟ - ୨ କୋଟି ୭୩ ଲକ୍ଷ ଟଙ୍କା
➢ ନିମାପଡ଼ା-ବଳଙ୍ଗା ରାସ୍ତାର ୮.୯ କି.ମି.ଠାରେ ବୁଧେଇ ନାଳ ଉପରେ ହୋଇଥିବା ସେତୁ
ବ୍ୟୟ - ୫ କୋଟି ୯୬ ଲକ୍ଷ ଟଙ୍କା

ଭିତ୍ତିପ୍ରସ୍ତର ସ୍ଥାପନ
➢ ପିପିଲି-ନିମାପଡ଼ା-ଗୋପ ରାସ୍ତାର (୮ କି.ମି.ରୁ ୨୦ କି.ମି.) ଉନ୍ନତୀକରଣ
ବ୍ୟୟ ବରାଦ - ୨୫ କୋଟି ୭୨ ଲକ୍ଷ ଟଙ୍କା
➢ ନିମାପଡ଼ା-କାକଟପୁର-ଅସ୍ତରଙ୍ଗ ରାସ୍ତାର (୦.୦୦ କି.ମି.ରୁ ୩୧ କି.ମି.) ଉନ୍ନତୀକରଣ
ବ୍ୟୟ ବରାଦ - ୪୨ କୋଟି ଟଙ୍କା
➢ ପିପିଲି-ନିମାପଡ଼ା-ଗୋପ ରାସ୍ତାର ୧୨.୫ କି.ମି.ରେ ଥିବା ନାଳ ଉପରେ ଉଚ୍ଚସ୍ତରୀୟ ସେତୁ ନିର୍ମାଣ
ବ୍ୟୟ ବରାଦ - ୪ କୋଟି ୮୧ ଲକ୍ଷ ଟଙ୍କା
➢ ପିପିଲି-ନିମାପଡ଼ା-ଗୋପ ରାସ୍ତାର ୧୬ କି.ମି.ରେ ଥିବା ନାଳ ଉପରେ ଉଚ୍ଚସ୍ତରୀୟ ସେତୁ ନିର୍ମାଣ
ବ୍ୟୟ ବରାଦ - ୫ କୋଟି ୭ ଲକ୍ଷ ଟଙ୍କା

ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗଦାନ କରିବା ପାଇଁ ନିବେଦନ।

34064/13/0020/1819

> ଗତ ସିଜନରେ ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଫେଡେରେଶନ(ବିଡବ୍ଲ୍ୟୁଏଫ୍) କ୍ୟାଲେଣ୍ଡର ମୋ ଫିଟ୍‌ନେସ୍‌କୁ ପ୍ରଭାବିତ କରିଥିଲା। ଏଥର କିନ୍ତୁ ପସନ୍ଦ ଅନୁସାରେ ଟୁର୍ନାମେଣ୍ଟ ଖେଳୁଛି ।
> –ବି. ସାଇ ପ୍ରଣୀଥ, ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି




> ନାସା କର୍କଟରୁ ଆରୋଗ୍ୟ ପରେ ଅଲ୍ ଇଂଲଣ୍ଡ ଓପନରେ ପ୍ରତ୍ୟାବର୍ତ୍ତନ କରିବା ଲାଗି ଲକ୍ଷ୍ୟ ରଖିଥିଲି, ମାତ୍ର ମୁଁ ମାଲେସିଆନ ଓପନ୍‌ରେ ଖେଳକୁ ଫେରିବି ।
> –ଲି ଚୋଙ୍ଗ୍ ୱି, ବିଶିଷ୍ଟ ବ୍ୟାଡ୍‌ମିଣ୍ଟନ ଖେଳାଳି



## ସଂକ୍ଷେପରେ

### ସାଇର ନୂଆ ନାମ ସ୍ପୋର୍ଟ୍ସ ଇଣ୍ଡିଆ

**ନୂଆଦିଲ୍ଲୀ,୧୨।୨:** ଦୀର୍ଘ ୩୪ ବର୍ଷ ପରେ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ)ର ନାମ ପରିବର୍ତ୍ତନ ହୋଇଛି। ସାଇର ନୂଆ ନାମ 'ସ୍ପୋର୍ଟ୍ସ ଇଣ୍ଡିଆ' ରଖାଯାଇଛି ବୋଲି କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ରାଜ୍ୟବର୍ଦ୍ଧନ ସିଂ ରାଠୋର କହିଛନ୍ତି। ମଙ୍ଗଳବାର ଏ ନେଇ ରାଠୋର ଆନୁଷ୍ଠାନିକ ଭାବେ ଘୋଷଣା କରିଛନ୍ତି। ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆରୁ ଅଥରିଟି ଶବ୍ଦକୁ କାଢି ନିଆଯାଇଛି। ଫଳରେ ସାଇର ନୂଆ ନାମ ସ୍ପୋର୍ଟ୍ସ ଇଣ୍ଡିଆ ହୋଇଛି ବୋଲି ସେ କହିଛନ୍ତି। ୧୯୮୪ରେ ସାଇର ସ୍ଥାପନ ହୋଇଥିଲା। ସାଇର ୫୦ତମ ସାଧାରଣ ପରିଷଦ ବୈଠକ ଚାଲୁ ରହିଛି। ଏହି ବୈଠକରେ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ବିଭିନ୍ନ ନିଷ୍ପତ୍ତି ନେବା ବେଳେ କୋଚ୍‌ମାନଙ୍କର ପରାମର୍ଶ ଗ୍ରହଣ କରାଯିବ ବୋଲି ବୈଠକରେ ପ୍ରସ୍ତାବ ଗୃହୀତ ହୋଇଛି। ଏଥିସହିତ ଆଥଲେଟମାନଙ୍କ ଖାଇବା ଖର୍ଚ୍ଚରେ ବୃଦ୍ଧି କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଆଥଲେଟମାନଙ୍କ ପାଇଁ ଉତ୍କୃଷ୍ଟମାନର ଖାଦ୍ୟ ଯୋଗାଇଦେବାକୁ ସାଇକୁ ସାଧାରଣ ପରିଷଦ ନିର୍ଦ୍ଦେଶ ଦେଇଛି। ଏଥିପାଇଁ ଜଣାଶୁଣା କମ୍ପାନୀଗୁଡିକୁ ଦାୟିତ୍ୱ ଦେବା ପାଇଁ ସାଇକୁ କୁହାଯାଇଛି। କ୍ରୀଡ଼ା ପାଇଁ ଭିତ୍ତିଭୂମିକୁ ବିଶ୍ୱସ୍ତରୀୟ କରିବା ନେଇ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯିବ ବୋଲି କୁହାଯାଇଛି। ଦେଶରେ କ୍ରୀଡ଼ା ପ୍ରତିଭାର ଚିହ୍ନଟ ଓ ବିକାଶ ଦିଗରେ ପ୍ରକ୍ରିୟାକୁ ଜୋରଦାର କରାଯିବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବୈଠକରେ ବିଭିନ୍ନ ପ୍ରସ୍ତାବ ଗୃହିତ ହୋଇଛି। ମିଶନ ଅଲିମ୍ପିକ୍ସ ସେଲର ସହଯାଗ ପାଇଁ ଟାର୍ଗେଟ ଅଲିମ୍ପିକ ପୋଡିୟମ ସ୍କିମ୍ (ଟପ୍ସ) ପାଇଁ ସଚିବାଳୟ ସ୍ଥାପନ କରାଯିବା ନେଇ ବୈଠକରେ ନିଷ୍ପତ୍ତି ନିଆଯାଇଛି।

### ଶରଣାର୍ଥୀ ଫୁଟ୍‌ବଲର ହକିମ୍ ଅଷ୍ଟ୍ରେଲିଆ ଫେରିଲେ

**ମେଲବୋର୍ନ, ୧୨।୨ (ଏ.ଏଫ୍.ପି.):** ଶରଣାର୍ଥୀ ଫୁଟ୍‌ବଲର ହକିମ୍ ଅଲ୍-ଆରେବି ସଫଳତାର ସହ ଅଷ୍ଟ୍ରେଲିଆ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଥାଇଲାଣ୍ଡରେ ଦୁଇ ମାସ ହେଲା ଅଟକ ପରେ ଫେରିବା ନେଇ ସେ ଅନିଶ୍ଚିତ ଥିଲେ। ହକିମ୍‌ଙ୍କ ମାତୃଭୂମି ହେଉଛି ବାହାରିନ। ମାତ୍ର ସେ ନିଜ ଦେଶ ଛାଡ଼ି ଏବେ ଅଷ୍ଟ୍ରେଲିଆରେ ଶରଣ ନେଇଛନ୍ତି। ସେ ହନିମୁନ୍ ପାଇଁ ଥାଇଲାଣ୍ଡ ଆସିଥିବା ବେଳେ ଇଣ୍ଟରପୋଲ୍‌ର ଅନୁରୋଧ କ୍ରମେ ଗତ ନଭେମ୍ବର ୨୭ରେ ବ୍ୟାଙ୍କକ ବିମାନବନ୍ଦରଠାରେ ପୋଲିସ ଦ୍ୱାରା ଗିରଫ ହୋଇଥିଲେ। ବାହାରିନ ହକିମଙ୍କ ପ୍ରତ୍ୟର୍ପଣ ଚାହିଁଥିଲା। ଦେଶ ତରଫରୁ ୨୫ ବର୍ଷୀୟ ଏହି ଫୁଟ୍‌ବଲରଙ୍କ ବିରୋଧରେ ଦେଶଦ୍ରୋହ ଅଭିଯୋଗ ଥିଲା। ମାତ୍ର ଏହି ଫୁଟ୍‌ବଲରଙ୍କୁ ପ୍ରତ୍ୟର୍ପଣ ନ କରି ତୁରନ୍ତ ଖଲାସ କରିଦେବା ଲାଗି, ଅଷ୍ଟ୍ରେଲିଆ ସରକାର, ମାନବାଧିକାର ସଂଗଠନ ସମେତ ବିଭିନ୍ନ ମହଲରୁ ଥାଇଲାଣ୍ଡ କର୍ତ୍ତୃପକ୍ଷଙ୍କ ଉପରେ ଚାପ ପଡ଼ିଥିଲା। ହକିମ କହିଥିଲେ ତାଙ୍କୁ ଯଦି ବାହାରିନ ପ୍ରତ୍ୟର୍ପଣ କରାଯାଏ ତେବେ ସେଠାରେ ତାଙ୍କୁ ନିର୍ଯାତନା ଦିଆଯାଇ ପାରେ ଏପରିକି ହତ୍ୟାର ଆଶଙ୍କା ରହିଛି। ଖଲାସ ହେବା ପରେ ହକି ପ୍ରଥମେ ଅଷ୍ଟ୍ରେଲିଆକୁ ଧନ୍ୟବାଦ ଜଣାଇଛନ୍ତି। ଯଦିଓ ମୋତେ ଏପର୍ଯ୍ୟନ୍ତ ନାଗରିକତ୍ୱ ମିଳି ନାହିଁ ମୁଁ ଅଷ୍ଟ୍ରେଲିଆକୁ ଭଲ ପାଏ ଏବଂ ଏହି ଦେଶରେ ଶେଷ ନିଃଶ୍ୱାସ ତ୍ୟାଗ କରିବାକୁ ଚାହେଁ।

### ଆୟୋଜନ ଲାଗି ବିଡ୍ ଦାଖଲ କରିବ ମିଳିତ କୋରିଆ

**ସିଓଲ, ୧୨।୨(ଏଏଫ୍‌ପି):** ଉତ୍ତର ଓ ଦକ୍ଷିଣ କୋରିଆ ମିଳିତଭାବେ ୨୦୩୨ ଅଲିମ୍ପିକ୍ସ ଆୟୋଜନ ପାଇଁ ବିଡ୍ ଦାଖଲ କରିବା ଲକ୍ଷ୍ୟରେ ରହିଛନ୍ତି। ଦକ୍ଷିଣ କୋରିଆ ମଙ୍ଗଳବାର ଏହାର ରାଜଧାନୀ ସିଓଲକୁ ବିଡ୍ ପାଇଁ ଚୟନ କରିଛି। ଶୁକ୍ରବାର ସୁଇଜରଲାଣ୍ଡର ଲାଉସେନଠାରେ ହେବାକୁ ଥିବା ଏକ ଇଭେଣ୍ଟରେ କୋରିଆ ଅଫିସିଆଲ ଭାବେ ଏହା ଇଣ୍ଟରନ୍ୟାଶନାଲ ଅଲିମ୍ପିକ କମିଟି (ଆଇଓସି)କୁ ଜଣାଇବ ବୋଲି ଜଣାପଡ଼ିଛି। ଅପରପକ୍ଷରେ ଚଳିତ ସପ୍ତାହ ଶେଷଆଡ଼କୁ ଉତ୍ତର କୋରିଆ ଏହାର ଆଶାୟୀ ସହର ନାମ ଘୋଷଣା କରିବାର ସମ୍ଭାବନା ରହିଛି। ଏଥିପାଇଁ ରାଜଧାନୀ ପୟୋଙ୍ଗ୍‌ୟାଙ୍ଗ୍ ପସନ୍ଦର ସହର ଭାବେ ମନୋନୀତ ହୋଇପାରେ ବୋଲି ସିଓଲର ଜୈନିକ ଅଧିକାରୀ କହିଛନ୍ତି। ଗତବର୍ଷ ଦୁଇ କୋରିଆ ମଧ୍ୟରେ ବହୁ ଆଲୋଚନା ପରେ ଉଭୟ ଦେଶ ୨୦୩୨ ଅଲିମ୍ପିକ୍ସ ଆୟୋଜନ ମିଳିତଭାବେ ବିଡ୍ ଦାଖଲ କରିବେ ବୋଲି ନିଷ୍ପତ୍ତି ନେଇଥିଲେ।

# ହନୁମା ବିହାରୀଙ୍କ ଶତକ

**ନାଗପୁର,୧୨।୨**

ଇରାନୀ ଟ୍ରଫି

ସ୍ଥାନୀୟ ବିଦର୍ଭ କ୍ରିକେଟ ଆସୋସିଏଶନ ଗ୍ରାଉଣ୍ଡରେ ମଙ୍ଗଳବାର ରଣଜୀ ଚାମ୍ପିୟନ ବିଦର୍ଭ ଓ ଅବଶିଷ୍ଟ ଭାରତ ମଧ୍ୟରେ ଇରାନୀ କପ୍ ଆରମ୍ଭ ହୋଇଛି। ୫ ଦିନ ଧରି ଚାଲିବାକୁ ଥିବା ଏହି ମ୍ୟାଚ୍‌ରେ ଅଜିଙ୍କ୍ୟ ରାହାନେଙ୍କ ନେତୃତ୍ୱାଧୀନ ଅବଶିଷ୍ଟ ଭାରତ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ମିଡିଲ ଅର୍ଡର ବ୍ୟାଟ୍ସମ୍ୟାନ ହନୁମା ବିହାରୀଙ୍କ ୧୧୪ ରନର ଶତକୀୟ ପାଳି ଓ ଓପନର ମୟଙ୍କ ଅଗ୍ରୱାଲଙ୍କ ୯୫ ରନର ଅର୍ଦ୍ଧଶତକୀୟ ପାଳି ବଳରେ ଅବଶିଷ୍ଟ ଭାରତ ପ୍ରଥମ ଦିନରେ ୮୯.୪ ଓଭରରେ ୩୩୦ ରନ କରି ଅଲଆଉଟ ହୋଇଛି।

ପ୍ରଥମ ଇନିଂସ ଆରମ୍ଭ କରି ଅବଶିଷ୍ଟ ଭାରତ ଏକଦା ୧ ଉଇକେଟ ହରାଇ ୧୭୧ ରନ କରି ଦମ୍‌ଦାର ଆରମ୍ଭ କରିଥିଲା। ତେବେ ମିଡିଲ ଅର୍ଡରର ବିପର୍ଯ୍ୟୟ ଯୋଗୁ ଦଳ ବଡ଼ ସ୍କୋର ହାସଲ କରିବାରେ ସଫଳ ହୋଇ ପାରିନାହିଁ। ବିହାରୀ ଶତକ ହାସଲ କରିଥିଲେ ମଧ୍ୟ ମୟଙ୍କ ୫ ରନ ପାଇଁ ଶତକ ହାସଲରୁ ବଞ୍ଚିତ ହୋଇଥିଲେ। ଟେଲଏଣ୍ଡର ରାହୁଲ ଚହର ୨୨ ଓ ଅଙ୍କିତ ରାଜପୁତ ୨୫ ରନ କରି ଦଳର ସ୍କୋରକୁ ୩୦୦ ରନ ପାର କରାଇଥିଲେ। ବାକି ବ୍ୟାଟ୍ସମ୍ୟାନ ବିଫଳ ହୋଇଥିଲେ। ଏହି କ୍ରମରେ ଓପନର ଅନମୋଲପ୍ରୀତ ସିଂ ୧୫, ଅଧିନାୟକ ଅଜିଙ୍କ୍ୟ ରାହାନେ ୧୩, ଶ୍ରେୟାସ ଆୟାର ୧୯, ଉଇକେଟ କିପର ବ୍ୟାଟ୍ସମ୍ୟାନ ଇଶାନ କିଷନ ୨, କ୍ରିଷ୍ଣାପ୍ପା ଗୋଥାମ ୭, ଧର୍ମେନ୍ଦ୍ରସିନ୍ ଜାଡେଜା ୬ ରନ କରି ଆଉଟ ହୋଇଥିଲେ। ବୋଲିଂରେ ବିଦର୍ଭ ତରଫରୁ ଆଦିତ୍ୟ ସରୱାଟେ ଓ ଅକ୍ଷୟ ୱାଖରେ ୩ଟି ଲେଖାଏ ଉଇକେଟ ହାସଲ କରିଥିଲେ। ସେହିପରି ରଜନୀଶ ଗୁର୍ବାନୀ ୨, ଯଶ୍ ଠାକୁର ଓ ଅକ୍ଷୟ କର୍ନେୱାର ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।



ଶତକୀୟ ଇନିଂସ୍ ଅବସରରେ ହନୁମା ବିହାରୀ।

**ସଂକ୍ଷିପ୍ତ ସ୍କୋର**

**ଅବଶିଷ୍ଟ ଭାରତ ପ୍ରଥମ ଇନିଂସ: ୮୯.୪ ଓଭରରେ ୩୩୦ ଅଲଆଉଟ, (ବିହାରୀ- ୧୧୪, ମୟଙ୍କ- ୯୫, ରାଜପୁତ- ୨୫, ଚହର- ୨୨, ସରୱାଟେ- ୩/୯୯, ୱାଖରେ- ୩/୬୨, ଗୁର୍ବାନୀ- ୨/୫୮)**

## ■ ପୂର୍ବତନ କ୍ରିକେଟରଙ୍କୁ ଆକ୍ରମଣ ଘଟଣା

# ଆଜୀବନ ବାସନ୍ଦ ହେବେ ଖେଳାଳି

**ନୂଆଦିଲ୍ଲୀ, ୧୨।୨**



ଅମିତ ଭଣ୍ଡାରି

ପ୍ରାକ୍ତନ ଭାରତୀୟ କ୍ରିକେଟର ତଥା ଦିଲ୍ଲୀ ଆଣ୍ଡ ଡିଷ୍ଟ୍ରିକ୍ଟ କ୍ରିକେଟ ଆସୋସିଏଶନ (ଡିଡିସିଏ) ଚୟନ କମିଟିର ଅଧ୍ୟକ୍ଷ ଅମିତ୍ ଭଣ୍ଡାରୀଙ୍କୁ ଆକ୍ରମଣ ମାମଲାରେ ଦିଲ୍ଲୀ ୨୩ ବର୍ଷରୁ କମ୍ ଦଳର ଖେଳାଳି ଅଞ୍ଜୁ ଦେଢ ଆଜୀବନ ବାସନ୍ଦ ହେବେ। ଅଞ୍ଜୁଙ୍କୁ ଆଜୀବନ ବାସନ୍ଦ ପାଇଁ ଡିଡିସିଏ ସମସ୍ତ ପ୍ରକାର ପ୍ରସ୍ତୁତି ଚୂଡ଼ାନ୍ତ କରିସାରିଛି। 'ଦଣ୍ଡ ବିଧାନ ନେଇ ବୁଧବାର ଏକ ବୈଠକ ହେବାର କାର୍ଯ୍ୟକ୍ରମ ରହିଛି। ଦେଢଙ୍କ ଉପରେ ଆଜୀବନ ବାସନ୍ଦ ନେଇ କେବଳ ଔପଚାରିକ ଭାବେ ଘୋଷଣା ହେବାର ବାକି ରହିଛି' ବୋଲି ଡିଡିସିଏ ସଭାପତି ରଜତ ଶର୍ମା କହିଛନ୍ତି। ଆମେ ଚୟନ ଉପରେ ମଧ୍ୟ ଆଲୋଚନା କରିବୁ। କିନ୍ତୁ ସମସ୍ତ ଚୟନକର୍ତ୍ତା ନିର୍ଭୟର ସହ ଟିମ୍ ଚୟନ କରନ୍ତୁ। ମୁଁ ତାଙ୍କ ସହିତ ରହିଛି। ଉପରାଜ୍ୟପାଳ ଅନିଲ ବୈଜଲଙ୍କ ସହ ସାକ୍ଷାତ କରିଛି ଏବଂ ପୋଲିସ ଅଧିକାରୀ ସମସ୍ତ ଦିଗରୁ ଏହାର ସମାଧାନ କରିବା ପାଇଁ ତାଙ୍କୁ ଅନୁରୋଧ କରିଛି ବୋଲି ରଜତ ଏକ ସାକ୍ଷାତକାର ଅବସରରେ ପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ, ସୋମବାର ସ୍ଥାନୀୟ ସେଣ୍ଟ ଷ୍ଟିଫେନ୍ସ ଗ୍ରାଉଣ୍ଡଠାରେ ସୟଦ ମୁସ୍ତାକ ଅଲୀ ଟି୨୦ ଟୁର୍ନାମେଣ୍ଟ ପାଇଁ ଅନୁଷ୍ଠିତ ଏକ ୱାର୍ମଅପ୍ ମ୍ୟାଚ୍ ଅବସରରେ ଦିଲ୍ଲୀ ସିନିୟର ଚୟନ କମିଟିର ଅଧ୍ୟକ୍ଷ ଭଣ୍ଡାରୀଙ୍କ ଉପରେ ଆକ୍ରମଣ ହୋଇଥିଲା। ୨୩ ବର୍ଷରୁ କମ୍ ଦଳରେ ମନୋନୟନ କରା ନ ଯିବାରୁ କ୍ରିକେଟର ଅଞ୍ଜୁ ଓ ତାଙ୍କର ୧୫ଜଣ ସହଯୋଗୀ ହକି ଷ୍ଟିକ୍, କ୍ରିକେଟ୍ ବ୍ୟାଟ୍, ଲୁହା ରଡ୍ ଆଦିରେ ଭଣ୍ଡାରୀଙ୍କୁ ଆକ୍ରମଣ କରି ଆହତ କରିଥିଲେ। ଅମିତ୍‌ଙ୍କୁ ସ୍ଥାନୀୟ ଏକ ହସ୍ପିଟାଲ ନିଆଯାଇ ସେଠାରେ ତାଙ୍କ ଚିକିତ୍ସା କରାଯାଇଥିଲା। ଏହି ଘଟଣାରେ ଦିଲ୍ଲୀ ପୁଲିସ ଅଞ୍ଜୁ ଓ ତାଙ୍କ ଭାଇଙ୍କୁ ଗିରଫ କରିଛି।

## ■ ପିଏସ୍‌ପିବି ଟାଇଟଲ ବଜାୟ ରଖିଲା

# ପଦ୍ମିନୀଙ୍କ ପ୍ରଭାବୀ ପ୍ରଦର୍ଶନ


ପଦ୍ମିନୀ ରାଉତ

**କୋଲକାତା,୧୨।୨(ପି.ଟି.)**

ପେଟ୍ରୋଲିୟମ ସ୍ପୋର୍ଟ୍ସ ପ୍ରମୋଶନ ବୋର୍ଡ (ପିଏସ୍‌ପିବି) ଜାତୀୟ ଟିମ୍ ଚେସ୍ ଚାମ୍ପିୟନଶିପ୍ ଟାଇଟଲ ବଜାୟ ରଖିଛି। ଶେଷ ହୋଇଥିବା ଉଭୟ ପୁରୁଷ ଓ ମହିଳା ପ୍ରତିଯୋଗିତାରେ ପିଏସ୍‌ପିବି ବାଜି ମାରିଛି। ସୂର୍ଯ୍ୟ ଶେଖର ଗାଙ୍ଗୁଲି ଓ ଅରବିନ୍ଦ ଚିଦାମ୍ବରମ୍ ନେତୃତ୍ୱ ନେଇ ୮ଟି ଗେମ୍‌ରୁ ଦଳକୁ ୪ଟିରେ ବିଜୟୀ କରାଇଥିଲେ। ମୋଟ ୧୮ରୁ ୧୭ ପଏଣ୍ଟ ପାଇ ପିଏସ୍‌ପିବି ଶୀର୍ଷରେ ରହିଥିଲା ଓ ଜାତୀୟ ଚେସ୍ ଚାମ୍ପିୟନଶିପ୍‌ର ୩୯ତମ ସଂସ୍କରଣରେ ବାଜି ମାରିଥିଲା। ଅପରପକ୍ଷରେ ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ ୧୪ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ରେଲୱେ ସ୍ପୋର୍ଟ୍ସ ପ୍ରମୋଶନ ବୋର୍ଡ– ବି ୧୩ ପଏଣ୍ଟ ପାଇ ତୃତୀୟ ସ୍ଥାନରେ ରହି ଅଭିଯାନ ଶେଷ କରିଛି। ପିଏସ୍‌ପିବି ବିଜୟରେ ଓଡ଼ିଆ ଚେସ୍ ତାରକା ତଥା ଆଇଏମ୍ ପଦ୍ମିନୀ ରାଉତ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ମହିଳା ବିଭାଗରେ ସେ ୭ଟି ଗେମ୍ ଖେଳି ସବୁ ୭ଟିରେ ବିଜୟ ହାସଲ କରିଥିଲେ। ଫଳରେ ମହିଳା ବିଭାଗରେ ପିଏସ୍‌ପିବି ଟାଇଟଲ ବଜାୟ ରଖି ୧୭ତମ ଜାତୀୟ ମହିଳା ଟିମ୍ ଚେସ୍ ଚାମ୍ପିୟନଶିପ୍ ହାସଲ କରିଛି। ସେହିପରି ଏୟାର ଇଣ୍ଡିଆ ଓ ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ।

## ତାମିଲନାଡୁକୁ ହରାଇଲା ଓଡ଼ିଶା

**କଟକ ଅଫିସ, ୧୨।୨:** ଗୋଆର ପୋରଭୋରିମସ୍ଥ ଗୋଆ କ୍ରିକେଟ ଆସୋସିଏଶନ ଏକାଡେମୀ ଗ୍ରାଉଣ୍ଡରେ ମଙ୍ଗଳବାର ଖେଳାଯାଇଥିବା ୧୯ବର୍ଷରୁ କମ୍ ମହିଳା ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟରେ ଓଡ଼ିଶା ୨ ଉଇକେଟରେ ତାମିଲନାଡୁକୁ ପରାସ୍ତ କରିଛି । ଓଡ଼ିଶା ପକ୍ଷରୁ ସୁଇଟ ବେଉରା ଅପରାଜିତ ୪୪ରନର ମ୍ୟାଚ୍ ବିଜୟୀ ଇନିଂସ ଖେଳିଥିଲେ। ଲଗାତାର ୨ଟି ବିଜୟ ସହ ଓଡ଼ିଶା ଏଲିଟ୍ ଗ୍ରୁପ–ସି ପଏଣ୍ଟ ଟେବୁଲର ଶୀର୍ଷ ସ୍ଥାନରେ ରହିଛି। ତାମିଲନାଡୁ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବା ସହ ନିର୍ଦ୍ଧାରିତ ୫୦ ଓଭରରେ ୯ ଉଇକେଟ ହରାଇ ୧୬୨ରନ କରିଥିଲା । ଅଧିନାୟିକା ଏସ୍.ବି କୀର୍ଥାନା ଅପରାଜିତ ୭୬ରନ କରିଥିଲେ। ଓଡ଼ିଶା ପକ୍ଷରୁ ଶୁଭ୍ରନିର୍ଝରିଣୀ ସ୍ୱାଇଁଙ୍କୁ ୨ଟି ଉଇକେଟ ମିଳିଥିବା ବେଳେ ଅଧିନାୟିକା ଇନ୍ଦ୍ରାଣୀ ଛତ୍ରିଆ ଓ ସୋନାଲୀ ହେମ୍ବ୍ରମ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଛନ୍ତି । ପ୍ରାରମ୍ଭରୁ ଭଲ ବ୍ୟାଟିଂ ପ୍ରଦର୍ଶନ କରିଥିଲେ ମଧ୍ୟ ମଧ୍ୟକ୍ରମରେ ଲଗାତର ଉଇକେଟ ହରାଇ ଓଡ଼ିଶା ସଙ୍କଟରେ ପଡ଼ିଥିଲା । ୮୨ରନରେ ଓଡ଼ିଶାର ୬ଜଣ ବ୍ୟାଟ୍ସଓମ୍ୟାନ ପ୍ୟାଭିଲିୟନ ଫେରି ସାରିଥିଲେ । ସୁଇଟ ନିମ୍ନକ୍ରମର ଖେଳାଳି ତରଣା ପ୍ରଧାନ(୨୨ରନ)ଙ୍କ ସହ ଦଳକୁ ବିଜୟୀ କରାଇବାରେ ସହାୟକ ହୋଇଥିଲେ। ପୁନମ ନାୟକ ୩୩ରନ କରିଥିଲେ। ତାମିଲନାଡୁ ପକ୍ଷରୁ କେ. ରାମ୍ୟାଶ୍ରୀ ୩ଟି ଉଇକେଟ ଅକ୍ତିଆର କରିଥିଲେ।

## ■ ଆଇସିସି ମହିଳା ଟି୨୦ ର୍‍ୟାଙ୍କିଙ୍ଗ୍

# ରୋଡ୍ରିଗ୍ସେଜ୍, ମନ୍ଧାନାଙ୍କ ଉନ୍ନତି

**ଦୁବାଇ,୧୨।୨(ପି.ଟି.)**

ସଦ୍ୟ ପ୍ରକାଶିତ ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ଟି୨୦ ର୍‍ୟାଙ୍କିଙ୍ଗ୍‌ରେ ଦୁଇ ଭାରତୀୟ ମହିଳା କ୍ରିକେଟର ଜେମିମା ରୋଡ୍ରିଗ୍ସେଜ୍ ଓ ସ୍ମୃତି ମନ୍ଧାନା ଉନ୍ନତି କରିଛନ୍ତି। ନ୍ୟୁଜିଲାଣ୍ଡ ବିପକ୍ଷ ଟି୨୦ ସିରିଜରେ ଭାରତ ୩–୦ରେ ପରାସ୍ତ ହେବା ସତ୍ତ୍ୱେ ରୋଡ୍ରିଗ୍ସେଜ୍ ଓ ମନ୍ଧାନା ୪ଟି ଲେଖାଏ ସ୍ଥାନ ଉପରକୁ ଉଠି ଯଥାକ୍ରମେ ଦ୍ୱିତୀୟ ଓ ଷଷ୍ଠ ସ୍ଥାନ ଅଧିକାର କରିଛନ୍ତି। ନ୍ୟୁଜିଲାଣ୍ଡ ବିପକ୍ଷ ୩ଟି ମ୍ୟାଚ୍‌ରେ ରୋଡ୍ରିଗ୍ସେଜ୍ ୧୩୨ ରନ ସଂଗ୍ରହ କରିଥିଲେ। ସେହିପରି ମନ୍ଧାନା ଗତ ସପ୍ତାହରେ ଦିନିକିଆରେ ଶୀର୍ଷ ସ୍ଥାନ ଅଧିକାର କରିଥିଲେ। ତେବେ ସେ ନ୍ୟୁଜିଲାଣ୍ଡ ବିପକ୍ଷ ୩ଟି ମ୍ୟାଚ୍‌ରୁ ସର୍ବାଧିକ ୧୮୦ ରନ ସଂଗ୍ରହ କରିଥିଲେ। ବାମହାତୀ ମନ୍ଧାନା ଦୁଇ ଅର୍ଦ୍ଧଶତକ ହାସଲ କରିଥିଲେ। ହାମିଲଟନରେ ଖେଳାଯାଇଥିବା ଅନ୍ତିମ ମ୍ୟାଚ୍‌ରେ ସେ ୮୬ ରନର ଦ୍ରୁତ ଅର୍ଦ୍ଧଶତକ ପାଳି ଖେଳିଥିଲେ। ଅବଶ୍ୟ ଭାରତ ଏହି ମ୍ୟାଚ୍‌ରେ ୨ ରନରେ ପରାସ୍ତ ହୋଇଥିଲା। ସ୍ପିନର ରାଧା ଯାଦବ ସିରିଜରେ ୪ ଉଇକେଟ ନେଇ ୧୮ଟି ସ୍ଥାନ ଉପରକୁ ଉଠି ଦଶମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଦିପ୍ତୀ ଶର୍ମା ୫ଟି ସ୍ଥାନ ଉପରକୁ ଉଠି ବୋଲିଂ ତାଲିକାର ୧୪ତମ ସ୍ଥାନ ହାସଲ କରିଛନ୍ତି।



ଜେମିମା ରୋଡ୍ରିଗ୍ସେଜ୍ ଓ ସ୍ମୃତି ମନ୍ଧାନା।

ଅପରପକ୍ଷରେ ନ୍ୟୁଜିଲାଣ୍ଡର ସୋଫି ଡିଭାଇନ୍ ସିରିଜରେ ୧୫୩ ରନ ସଂଗ୍ରହ କରି ଦୁଇଟି ସ୍ଥାନ ଉପରକୁ ଉଠି ଅଷ୍ଟମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଅଧିନାୟିକା ଏମି ସାଟରଥ୍‌ୱେଟ୍ ୨୩ରୁ ୧୭ତମ ସ୍ଥାନକୁ ଉଠିଛନ୍ତି। ବୋଲିଂ ତାଲିକାରେ ଲି ତାହୁହୁ ୫ଟି ସ୍ଥାନ ଉପରକୁ ଉଠି ୧୧ତମ ସ୍ଥାନ ଅଧିକାର କରିଛନ୍ତି। ୱେଷ୍ଟଇଣ୍ଡିଜ୍‌ର ଡିଏଣ୍ଡ୍ରା ଡଟିନ ଅଲରାଉଣ୍ଡର ତାଲିକାର ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି। ପାକିସ୍ତାନର ବିସ୍‌ମା ମାରୁଫ୍ ୩ଟି ସ୍ଥାନ ଉପରକୁ ଉଠି ନିଜ ଦେଶର ଜାଭେରିଆ ଖାଁଙ୍କ ସହ ଯୁଗ୍ମ ଭାବେ ବ୍ୟାଟିଂ ତାଲିକାର ୧୫ତମ ସ୍ଥାନରେ ରହିଛନ୍ତି। ଦିନିକିଆରେ ଟପ୍ ର୍‍ୟାଙ୍କର ସାନା ମୀର ସିରିଜରେ ୩ଟି ଉଇକେଟ ଅକ୍ତିଆର କରି ୬ଟି ସ୍ଥାନ ଉପରକୁ ଉଠି ୨୮ ତମ ସ୍ଥାନ ଅଧିକାର କରିଛନ୍ତି।

ଦଳୀୟ ର୍‍ୟାଙ୍କିଙ୍ଗରେ ଇଂଲଣ୍ଡକୁ ପଛରେ ପକାଇ ନ୍ୟୁଜିଲାଣ୍ଡ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ତେବେ ଅଷ୍ଟ୍ରେଲିଆ ପୂର୍ବପରି ତାଲିକାର ଶୀର୍ଷ ସ୍ଥାନ ବଜାୟ ରଖିଛି। ସେହିପରି ୱେଷ୍ଟଇଣ୍ଡିଜ୍ ଓ ଭାରତ ଯଥାକ୍ରମେ ଚତୁର୍ଥ ଓ ପଞ୍ଚମ ସ୍ଥାନରେ ରହିଛନ୍ତି।

# ରୁଟ୍‌ଙ୍କ ଶତକ ବଳରେ ଇଂଲଣ୍ଡ ସ୍ଥିତି ଦୃଢ଼

**ସେଣ୍ଟ ଲୁସିଆ, ୧୨।୨**

ୱେଷ୍ଟଇଣ୍ଡିଜ ବିପକ୍ଷ ତୃତୀୟ ଟେଷ୍ଟ ମ୍ୟାଚ୍‌ରେ ଭ୍ରମଣକାରୀ ଇଂଲଣ୍ଡ ତା'ର ସ୍ଥିତି ଦୃଢ କରିଛି। ଟସ୍ ହାରି ଇଂଲଣ୍ଡ ପ୍ରଥମେ ବ୍ୟାଟିଂ କରି ପ୍ରଥମ ଇନିଂସରେ ୨୭୭ ରନ କରି ଅଲଆଉଟ ହୋଇଥିଲା। ଜବାବରେ ୱେଷ୍ଟଇଣ୍ଡିଜ୍ ୧୫୪ ରନ କରି ଅଲଆଉଟ ହୋଇଥିଲା। ଫଳରେ ଇଂଲଣ୍ଡ ୧୨୩ ରନର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଥିଲା। ଏହା ପରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ଇଂଲଣ୍ଡ ସୋମବାର ତୃତୀୟ ଦିନ ଖେଳ ଶେଷସୁଦ୍ଧା ୧୦୦ ଓଭରରେ ୪ ଉଇକେଟ ହରାଇ ୩୨୫ ରନ ସଂଗ୍ରହ କରିଛି। ମ୍ୟାଚ୍ ଆଉ ୨ ଦିନ ବାକିଥିବା ବେଳେ ଇଂଲଣ୍ଡ ୬ ଉଇକେଟ ହାତରେ ରଖି ମୋଟ ୪୪୮ ରନର ଅଗ୍ରଣୀ ହାସଲ କରି ସ୍ଥିତି ଦୃଢ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଅଧିନାୟକ ଜୋ ରୁଟ ୧୧୧ ରନର ଶତକୀୟ ପାଳି ଓ ବେନ୍ ଷ୍ଟୋକ୍ସ ୨୯ ରନ କରି ଅପରାଜିତ ରହିଛନ୍ତି।

ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୧୯/୦ରୁ ଇଂଲଣ୍ଡ ଖେଳ ଆରମ୍ଭ କରିଥିଲା। ଓଭରନାଇଟ ବ୍ୟାଟ୍ସମ୍ୟାନ ରୋରୀ ବର୍ନ୍ସ ୧୦ରୁ ଖେଳ ଆରମ୍ଭ କରି ଆଉ ଅଧିକ ରନ ସଂଗ୍ରହ କରି ନ ପାରି ପ୍ୟାଭିଲିୟନ ଫେରିଥିଲେ। ସେହିପରି ୮ ରନରୁ ଖେଳ ଆରମ୍ଭ କରି କିଟନ ଜେନିଙ୍ଗ୍ସ ୨୩ ରନ କରି ଆଉଟ ହୋଇଥିଲେ। ଏହାପରେ ଜୋ ଡେନଲି ୬୯ ଓ ଜୋଶ ବଟ୍ଲର ୫୬ ରନର ଅର୍ଦ୍ଧଶତକୀୟ ପାଳି ଖେଳି ପ୍ୟାଭିଲିୟନ ଫେରିଥିଲେ। ବୋଲିଂରେ ୱେଷ୍ଟଇଣ୍ଡିଜ ତରଫରୁ କେମର ରୋଚ, ଶାନନ ଗାବ୍ରିଏଲ, କିମୋ ପଲ ଓ ଅଲଜାରି ଜୋଶେଫ୍ ଗୋଟିଏ ଲେଖାଏ ଉଇକେଟ ହାସଲ କରିଛନ୍ତି।



ଶତକ ହାସଲ ପରେ ଜୋ ରୁଟ୍।

**ସଂକ୍ଷିପ୍ତ ସ୍କୋର**

**ଇଂଲଣ୍ଡ ପ୍ରଥମ ଇନିଂସ: ୨୭୭।**
**ୱେଷ୍ଟଇଣ୍ଡିଜ୍ ପ୍ରଥମ ଇନିଂସ: ୧୫୪ ।**
**ଇଂଲଣ୍ଡ ଦ୍ୱିତୀୟ ଇନିଂସ: ୧୦୦ ଓଭରରେ ୩୨୫/୪ (ରୁଟ- ୧୧୧*, ଷ୍ଟୋକ୍ସ- ୨୯*, ଡେନଲି- ୬୯, ବଟ୍ଲର- ୫୬, ରୋଚ୍- ୧/୩୧, ଗାବ୍ରିଏଲ- ୧/୮୭, ପଲ- ୧/୧୧, ଜୋଶେଫ- ୧/୬୩)।**

# ଫେଡେରେଶନ କପ୍ ସିନିୟର ସୁନ୍ଦରସ୍ୱାସ୍ଥ୍ୟରେ ଓଡ଼ିଶାକୁ ୫ ପଦକ



କୃତୀ ପ୍ରତିଯୋଗୀ ଅତିଥିଙ୍କ ଗହଣରେ।

**ଭୁବନେଶ୍ୱର, ୧୨।୨(କ୍ରୀଡ଼ା ପ୍ରତିନିଧି)**

ଚଣ୍ଡିଗଡ଼ରେ ଗତ ୯ ଓ ୧୦ ତାରିଖ ଦୁଇଦିନଧରି ଅନୁଷ୍ଠିତ ୮ମ ଫେଡେରେଶନ କପ୍ ସିନିୟର ଜାତୀୟ ସୁନ୍ଦରସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ଓଡ଼ିଶା ପ୍ରତିଯୋଗୀମାନେ ୫ ପଦକଲାଭ କରିଛନ୍ତି। ଏହା ମଧ୍ୟରେ ୧ ସ୍ୱର୍ଣ୍ଣ, ୧ ରୌପ୍ୟ ଓ ୩ ବ୍ରୋଞ୍ଜ ପଦକ ସାମିଲ। ୯୦ କେଜି ଓଜନ ବର୍ଗରେ ସୁପ୍ରତିଭ ଖୁଣ୍ଟିଆ ସ୍ୱର୍ଣ୍ଣ ପଦକ ପାଇଥିବାବେଳେ ୫୫ କେଜିରେ ଏସ.କ୍ରିଷ୍ଣା ରାଓ ରୌପ୍ୟ ପଦକ ହାସଲ କରିଛନ୍ତି। ୭୦ କେଜି ବର୍ଗରେ ଜଗନ୍ନାଥ ଖୁଣ୍ଟିଆ, ୭୫ କେଜିରେ ଅନୀଲ ଗୋଛିକାର ଓ ୯୦ କେଜିରେ ସୁଜିତ କୁମାର ଜେନା ବ୍ରୋଞ୍ଜ ପଦକଲାଭ କରି ଓଡ଼ିଶାର ସମ୍ମାନ ରକ୍ଷା କରିଛନ୍ତି। ଉକ୍ତ ପ୍ରତିଯୋଗିତାରେ ଓଡ଼ିଶା ବଡିବିଲ୍ଡିଂ ଆସୋସିଏଶନର ସଭାପତି ସୁମିତ୍ରା ତ୍ରିପାଠୀ ଓ ମ୍ୟାନେଜର ସଞ୍ଜୟ କୁମାର ସାହୁ ଉପସ୍ଥିତ ରହି ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ସଫଳତା ପାଇଁ ଓଡ଼ିଶା ପ୍ରତିଯୋଗୀଙ୍କୁ ଆସୋସିଏଶନର ସାଧାରଣ ସମ୍ପାଦକ ପ୍ରସନ୍ନ ମହାସୁଆର ଅଭିନନ୍ଦନ ଜଣାଇଛନ୍ତି।



“ଭ୍ରମଣକାରୀ ବାଂଲାଦେଶ ପୂର୍ବରୁ ୪ଥର ଟୁର୍‌ରେ ଆସି ନ୍ୟୁଜିଲାଣ୍ଡକୁ କୌଣସି ଫର୍ମାଟରେ ହରାଇ ପାରିନାହିଁ, କିନ୍ତୁ ଏଥର ଫଳାଫଳରେ ପରିବର୍ତ୍ତନ ଘଟିପାରେ।

–ଷ୍ଟିଭ୍ ରୋଡ୍ସ, ବାଂଲାଦେଶ କ୍ରିକେଟ କୋଚ୍



“ଆଗକୁ ବିଶ୍ୱକପ୍ ଥିବା ବେଳେ ଏକଦା ମହେନ୍ଦ୍ର ସିଂ ଧୋନୀଙ୍କ ବ୍ୟାଟିଂ ଫର୍ମକୁ ନେଇ ଆମେ ଚିନ୍ତିତ ଥିଲୁ। ବର୍ତ୍ତମାନ ଏହି ସମସ୍ୟା ଦୂର ହୋଇଛି।

–ଏମ୍.ଏସ୍.କେ. ପ୍ରସାଦ, ଭାରତୀୟ କ୍ରିକେଟର ମୁଖ୍ୟ ଚୟନକର୍ତ୍ତା

## ସଂକ୍ଷେପରେ

### କୋଚ୍‌ଙ୍କଠାରୁ ଅଲଗା ହେଲେ ଓସାକା

**ନ୍ୟୁୟର୍କ,୧୨।୨:** ଆମେରିକୀୟ ମହିଳା ଟେନିସ୍ ତାରକା ନାଓମି ଓସାକା କୋଚ୍ ସସ୍‌ଚା ବାଜିନଙ୍କଠାରୁ ଅଲଗା ହୋଇଛନ୍ତି। ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଅଷ୍ଟ୍ରେଲିଆନ୍ ଓପନ ଜିତିବାର ମାତ୍ର ଦୁଇ ସପ୍ତାହ ପରେ ଓସାକା ଏହି ନିଷ୍ପତ୍ତି ନେଇ ସମସ୍ତଙ୍କୁ ଚକିତ କରିଛନ୍ତି। ଟୁଇଟ୍ କରି ଓସାକା ଏ ସଂକ୍ରାନ୍ତରେ ସୂଚନା ଦେଇଛନ୍ତି। ବାଜିନଙ୍କୁ ଧନ୍ୟବାଦ ଜଣାଉଛି ଓ ଭବିଷ୍ୟତ ପାଇଁ ତାଙ୍କୁ ଶୁଭେଚ୍ଛା ଜଣାଉଛି ବୋଲି ସେ ଉଲ୍ଲେଖ କରିଛନ୍ତି। ତେବେ କୋଚ୍‌ଙ୍କଠାରୁ ଅଲଗା ହେବାର କାରଣ ସମ୍ପର୍କରେ ଓସାକା କିଛି କହିନାହାନ୍ତି। ଅଷ୍ଟ୍ରେଲିଆନ୍ ଓପନ୍ ଜିତିବା ସହ ଓସାକା କ୍ରମାଗତ ଦୁଇଟି ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରି ଡବ୍ଲ୍ୟୁଟିଏ ର୍‍ୟାଙ୍କିଙ୍ଗ୍‌ର ୧ ନମ୍ବର ସ୍ଥାନ ହାସଲ କରିଥିଲେ। ବାଜିନ୍ ମଧ୍ୟ ଓସାକାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ୨୦୧୮ ସେସନ ପୂର୍ବରୁ ବାଜିନଙ୍କୁ ଓସାକା କୋଚ୍ ରୂପେ ନିଯୁକ୍ତି ଦେଇଥିଲେ। ଉଲ୍ଲେଖଥାଉ କି, ବାଜିନ ପୂର୍ବରୁ ସେରେନା ୱିଲିୟମ୍ସ, ଭିକ୍ଟୋରିଆ ଆଜାରେଙ୍କା ଓ କାରୋଲିନ୍ ଓଜ୍‌ନିଆକିଙ୍କ ଭଳି ସୁପରଷ୍ଟାରମାନଙ୍କ ସହ କୋଚ୍ ହିସାବରେ କାର୍ଯ୍ୟ କରିଛନ୍ତି। ବ୍ୟାକ୍ ଇଞ୍ଜୁରୀ କାରଣରୁ ଓସାକା କାତାର ଓପନ୍ ଟେନିସ୍ ଟୁର୍ନାମେଣ୍ଟରୁ ଓହରିଯାଇଛନ୍ତି। ୨୧ ବର୍ଷୀୟା ଓସାକା ଗତ ଅଷ୍ଟ୍ରେଲିଆନ୍ ଓପନ୍ ଫାଇନାଲରେ ପେଟ୍ରା କ୍ୟାଟୋଭାଙ୍କୁ ହରାଇ ଚାମ୍ପିୟନ ହୋଇଥିଲେ। ସେହିପରି ଗତ ସେପ୍ଟେମ୍ବରରେ ସେରେନା ୱିଲିୟମ୍ସଙ୍କୁ ହରାଇ ସେ ୟୁଏସ୍ ଓପନ୍ ଟାଇଟଲ ଜିତିଥିଲେ। ୨୦୧୪-୧୫ ପରେ ଓସାକା ପ୍ରଥମ ମହିଳା ଖେଳାଳିଭାବେ କ୍ରମାଗତ ଦୁଇଟି ମେଜର ଟାଇଟଲ ଜିତିବାକୁ ସକ୍ଷମ ହୋଇଥିଲେ। ପୂର୍ବରୁ ସେରେନା କ୍ରମାଗତ ଦୁଇଟି ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଥିଲେ।

### କୁର୍ଗ ବିପକ୍ଷରେ ଓଡ଼ିଶାର ସହଜ ବିଜୟ

**କଟକ ଅଫିସ,୧୨।୨:** ହରିୟାଣାର ହିସାରଠାରେ ଚାଲିଥିବା ୯ମ ସିନିୟର ମହିଳା ହକି ଜାତୀୟ ଚାମ୍ପିୟନଶିପ(ଡିଭିଜନ-ଏ)ରେ ମଙ୍ଗଳବାର ଓଡ଼ିଶା୩-୦ ଗୋଲରେ କୁର୍ଗକୁ ପରାସ୍ତ କରିଛି। ପ୍ରଥମ କ୍ୱାର୍ଟର ଗୋଲ ଶୂନ୍ୟ ରହିବା ପରେ ଦ୍ୱିତୀୟ କ୍ୱାର୍ଟରର ୧୮ତମ ମିନିଟରେ ଅସ୍ମିତା ବାର୍ଲା ଓଡ଼ିଶା ନିମନ୍ତେ ପ୍ରଥମ ଗୋଲ ସ୍କୋର କରିଥିଲେ। ୩ୟ କ୍ୱାର୍ଟର ମଧ ଗୋଲ ଶୂନ୍ୟ ରହିଥିଲା। ୪ର୍ଥ କ୍ୱାର୍ଟରରେ ୫୬ତମ ମିନିଟରେ ରଶ୍ମିତା ମିଞ୍ଜ ଓ ୬୦ତମ ମିନିଟରେ ଖୁସବୁ କୁଜୁର ଗୋଟିଏ ଲେଖାଏ ଗୋଲ ସ୍କୋର କରି ଓଡ଼ିଶାକୁ ବିଜୟୀ କରାଇଛନ୍ତି।

### ଇଂଲଣ୍ଡ ଲାୟନ୍ସ-ଭାରତ ଏ’ ୨ୟ ଅନ୍‌ଅଫିସିଆଲ ଟେଷ୍ଟ ଆଜିଠାରୁ

**ମହୀଶୁର, ୧୨।୨(ପି.ଟି.):** ଭ୍ରମଣକାରୀ ଇଂଲଣ୍ଡ ଲାୟନ୍ସ ଓ ଭାରତ-ଏ ମଧ୍ୟରେ ଅନ୍ତିମ ତଥା ୨ୟ ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍ ବୁଧବାରଠାରୁ ଏଠାରେ ଆରମ୍ଭ ହେବ। ପୂର୍ବରୁ ଦୁଇ ଦଳ ମଧ୍ୟରେ କେରଳର କ୍ରିଷ୍ଣାଗିରି ଷ୍ଟାଡିୟମରେ ଖେଳାଯାଇଥିବା ପ୍ରଥମ ଅନ୍‌ଅଫିସିଆଲ ଟେଷ୍ଟ ଅମୀମାଂସିତ ଭାବେ ଶେଷ ହୋଇଥିଲା। ତେଣୁ ଉଭୟ ଦଳ ଏହି ମ୍ୟାଚ୍ ଜିତି ସିରିଜ ହାତେଇବା ଲକ୍ଷ୍ୟରେ ରହିଛନ୍ତି। ଅପରପକ୍ଷରେ ଅଷ୍ଟ୍ରେଲିଆ ବିପକ୍ଷ ସୀମିତ ଓଭର ସିରିଜ ଲାଗି ଶୁକ୍ରବାର ଘରୋଇ ଭାରତୀୟ ଦଳ ଘୋଷଣ ହେବ। ଏହି ମ୍ୟାଚ୍‌ରେ ଉନ୍ନତ ପ୍ରଦର୍ଶନ ସହ ଭାରତ-ଏ ଦଳର ଅଧିନାୟକ ଲୋକେଶ ରାହୁଲ ଚୟନକର୍ତ୍ତାଙ୍କୁ ପ୍ରଭାବିତ କରି ଅଷ୍ଟ୍ରେଲିଆ ବିପକ୍ଷ ସିରିଜରେ ସ୍ଥାନ ପାଇବା ଲକ୍ଷ୍ୟରେ ରହିଛନ୍ତି। ପ୍ରଥମ ମ୍ୟାଚ୍‌ରେ ରାହୁଲ ୮୯ ରନର ଉପଯୋଗୀ ଇନିଂସ ଖେଳିଥିଲେ। ସେହିଭଳି ଗୁଜରାଟ ଓପନର୍ ପ୍ରିୟଙ୍କ ପଞ୍ଚାଲ ଓ ଉଇକେଟ୍‌କିପର କୋନା ଭରତ ଯଥାକ୍ରମେ ଦ୍ୱିଶତକ ଓ ଶତକୀୟ ଇନିଂସ ଖେଳି ପ୍ରଥମ ଟେଷ୍ଟରେ ଭାରତ-ଏ’କୁ ଇନିଂସ ଅଗ୍ରଣୀ ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଏହି ମ୍ୟାଚ୍‌ରେ ମଧ ଉଭୟଙ୍କ ଉପରେ ସମସ୍ତଙ୍କ ନଜର ରହିବ। ଅପରପକ୍ଷରେ ସାମ୍ ବିଲିଙ୍ଗଙ୍କ ନେତୃତ୍ୱାଧୀନ ଇଂଲଣ୍ଡ ଲାୟନ୍ସ ଏହି ମ୍ୟାଚ୍ ଜିତି ସିରିଜ କବ୍‌ଜା କରିବା ସହ ଗସ୍ତ ଶେଷ କରିବା ଲକ୍ଷ୍ୟରେ ରହିଛି। ପୂର୍ବରୁ ଦୁଇ ଦଳ ମଧ୍ୟରେ ଖେଳାଯାଇଥିବା ୫ ମ୍ୟାଚ୍‌ବିଶିଷ୍ଟ ଅନ୍‌ଅଫିସିଆଲ ଦିନିକିଆ ସିରିଜକୁ ଭାରତ-ଏ ୪-୧ରେ ଜିତିନେଇଥିଲା।

# ମ୍ୟାନମାର ଚ୍ୟାଲେଞ୍ଜ ପାଇଁ ଭାରତ ପ୍ରସ୍ତୁତ

**ଭୁବନେଶ୍ୱର, ୧୨।୨(କ୍ରୀଡ଼ା ପ୍ରତିନିଧି)**



ଭାରତ କୋଚ୍ ମେମୋଲ ରକି।

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହିରୋ ଗୋଲ୍ଡ କପ୍ ଚତୁଃରାଷ୍ଟ୍ରୀୟ ମହିଳା ଫୁଟବଲ୍ ଟୁର୍ନାମେଣ୍ଟ ରୋମାଞ୍ଚକ ମୋଡ଼ ନେଇଛି। ପ୍ରତିଯୋଗିତାର ୪ଟି ଲିଗ୍ ମ୍ୟାଚ ହୋଇ ଯାଇଥିବାବେଳେ ବୁଧବାର ୨ଟି ମ୍ୟାଚ ଅନୁଷ୍ଠିତ ହେବ। ଏହାପରେ ଟୁର୍ନାମେଣ୍ଟର ଫାଇନାଲିଷ୍ଟ ନିର୍ଦ୍ଧାରିତ ହେବ। ବୁଧବାର ପ୍ରଥମ ମ୍ୟାଚରେ ଇରାନ ଓ ନେପାଳ ପରସ୍ପରକୁ ଭେଟୁଥିବାବେଳେ ଦ୍ୱିତୀୟ ମ୍ୟାଚରେ ଆୟୋଜକ ଭାରତ ଓ ଉଚ୍ଚ ର୍‍ୟାଙ୍କିଙ୍ଗପ୍ରାପ୍ତ ମ୍ୟାନମାର ମଧ୍ୟରେ ମୁକାବିଲା ହେବ। ଭାରତ ଏହାର ପ୍ରଥମ ମ୍ୟାଚରେ ଇରାନକୁ ୧-୦ ଗୋଲରେ ହରାଇଥିଲେ ହେଁ ଦ୍ୱିତୀୟ ମ୍ୟାଚରେ ନିମ୍ନ ର୍‍ୟାଙ୍କିଙ୍ଗପ୍ରାପ୍ତ ନେପାଳଠାରୁ ୧-୨ ଗୋଲରେ ପରାଜିତ ହୋଇଛି। ୨ ମ୍ୟାଚରୁ ୩ ପଏଣ୍ଟରେ ସ୍ଥିର ରହିଥିବା ଭାରତ ପାଇଁ ଅନ୍ତିମ ଲିଗ୍ ମ୍ୟାଚ ଜିତିବା ଜରୁରୀ ହୋଇ ପଡ଼ିଛି। ଏହା ହେଲେ ଦଳ ଅଙ୍କକଷାରେ ନ ଫସି ଫାଇନାଲ ପାଇଁ ସମ୍ଭାବନା ସୃଷ୍ଟି କରିପାରିବ। ତେବେ ୬୨ ର୍‍ୟାଙ୍କପ୍ରାପ୍ତ ଭାରତ ସମ୍ମୁଖରେ ରହିଛି ୪୪ ନମ୍ବର ମ୍ୟାନମାର। ମ୍ୟାନମାର କ୍ରମାଗତ ୨ଟି ଯାକ ଲିଗ୍ ମ୍ୟାଚ ଜିତି ଡ୍ରାଇଭର ସିଟ୍‌ରେ ରହିଛି। ଏହି ଦଳ ଏକପ୍ରକାର ଫାଇନାଲରେ ପ୍ରବେଶ କରି ସାରିଥିଲେ ହେଁ ଶେଷ ଲିଗ୍ ମ୍ୟାଚର ଫଳାଫଳକୁ ଅପେକ୍ଷା କରିଛି।

ଭାରତକୁ ହରାଇବାପରେ ନେପାଳର ମନୋବଳ ଏବେ ବହୁ ଉପରେ। ଏହି ଦଳ ୩ ପଏଣ୍ଟ ପାଇ ସାରିଥିବାରୁ ଆଗାମୀ ମ୍ୟାଚରେ ୬୦ ର୍‍ୟାଙ୍କପ୍ରାପ୍ତ ଇରାନକୁ ଚ୍ୟାଲେଞ୍ଜ ଦେବାକୁ ପ୍ରସ୍ତୁତ। ଇରାନ ୨ଟି ମ୍ୟାଚ ଖେଳିଥିଲେ ହେଁ ଏପର୍ଯ୍ୟନ୍ତ ପଏଣ୍ଟ ଖାତା ଖୋଲି ପାରିନାହିଁ। ଭାରତ ଯଦି ଆଗାମୀ ମ୍ୟାଚରେ ମ୍ୟାନମାରକୁ ହରାଇଦିଏ ଏବଂ ନେପାଳ ଇରାନକୁ ହରାଇବାରେ ସକ୍ଷମ ହୁଏ ତେବେ ୩ ଦଳର ପଏଣ୍ଟ ସଂଖ୍ୟା ସମାନ ୬ ହୋଇଯିବ। ଏ କ୍ଷେତ୍ରରେ ଗୋଲ ବ୍ୟବଧାନକୁ ଦେଖି ଫାଇନାଲିଷ୍ଟ ନିର୍ଦ୍ଧାରିତ ହେବ। ଯଦି ଭାରତ ମ୍ୟାନମାରଠାରୁ ହାରିଯାଏ ଏବଂ ନେପାଳ ଇରାନଠାରୁ ପରାଜିତ ହୁଏ ତେବେ ୩ଟି ଦଳର ପଏଣ୍ଟ ସମାନ ୩ ରହିବ। ଏ କ୍ଷେତ୍ରରେ ମଧ ଗୋଲ ବ୍ୟବଧାନକୁ ବିଚାରକୁ ନିଆଯିବ। ଯଦି ଭାରତ ହାରିଯାଏ ଏବଂ ନେପାଳ ଇରାନକୁ ହରାଇଦିଏ ତେବେ ଭାରତର ସମ୍ଭାବନା ଶେଷ ହୋଇଯିବ। ଏ କ୍ଷେତ୍ରରେ ମ୍ୟାନମାର ସହ ନେପାଳ ଫାଇନାଲରେ ପ୍ରବେଶ କରିଯିବ। ମ୍ୟାନମାର ୩ ମ୍ୟାଚ ଜିତିଲେ ନିର୍ଦ୍ୱନ୍ଦ୍ୱରେ ଫାଇନାଲରେ ପ୍ରବେଶ କରିଯିବ। ତେଣୁ ଅନ୍ତିମ ୨ଟି ଯାକ ଲିଗ୍ ମ୍ୟାଚ ପ୍ରତ୍ୟେକ ଦଳପାଇଁ ଗୁରୁତ୍ୱ ବହନ କରୁଛି। ଟୁର୍ନାମେଣ୍ଟ ନିୟମ ଅନୁସାରେ ଏକାଧିକ ଦଳର ପଏଣ୍ଟ ସଂଖ୍ୟା ସମାନ ରହିଲେ ପ୍ରଥମେ ଗୋଲ ବ୍ୟବଧାନକୁ ବିଚାରକୁ ନିଆଯିବ। ଏଥିରେ ସମାନତା ଦେଖାଗଲେ ଗୋଲ ସ୍କୋରିଂକୁ ଅଗ୍ରାଧିକାର ଦିଆଯିବ। ଏ ସମସ୍ତ ଅଙ୍କ ସମାନ ରହିଲେ ଗ୍ରୁପ୍ ପର୍ଯ୍ୟାୟରେ ଦୁଇ ଦଳ ମଧ୍ୟରେ ହେଡ୍ ଟୁ ହେଡ୍ ରେକର୍ଡକୁ ବିଚାକୁ ନିଆଯିବ। ବର୍ତ୍ତମାନ ମ୍ୟାନମାର ୬ ପଏଣ୍ଟ ସହ ୧ ନମ୍ବରରେ ଥିବାବେଳେ ଭାରତ ଓ ନେପାଳ ୩ ପଏଣ୍ଟ ଲେଖାଏ ପାଇଁ ମିଳିତଭାବେ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ତେବେ ଭାରତର ଗୋଲ ବ୍ୟବଧାନ ଶୂନ୍ୟ(୦) ଥିବାବେଳେ ନେପାଳର -୨ ଏବଂ ଇରାନର -୩ ରହିଛି।





**ବୁଧବାର ମ୍ୟାଚ**

**ଇରାନ ବନାମ ନେପାଳ**
**ସମୟ: ଅପରାହ୍ଣ ୪ଟା**
**ଭାରତ ବନାମ ମ୍ୟାନ୍‌ମାର**
**ସମୟ: ରାତି ୭ଟା**
**ସ୍ଥାନ: କଳିଙ୍ଗ ଷ୍ଟାଡିୟମ**
**ପ୍ରସାରଣ: ହଟ୍‌ଷ୍ଟାର**

### ମେମୋଲ ଆଶାବାଦୀ

ନେପାଳଠାରୁ ଭାରତ ହାରିଯାଇଥିଲେ ହେଁ ଦଳର ପ୍ରଦର୍ଶନକୁ ନେଇ ବେଶ୍ ଆଶାବାଦୀ କୋଚ୍ ମେମୋଲ ରକି। “ଗୋଟିଏ ମ୍ୟାଚ ହାରିଗଲେ କୌଣସି ଦଳକୁ ଖରାପ କୁହାଯାଇ ପାରିବ ନାହିଁ। ଆମେ ଏବେ ମଧ ଟ୍ରାକ୍‌ରେ ରହିଛୁ। ଆହୁରି ଗୋଟିଏ ମ୍ୟାଚ ଅଛି। ଆମଦଳ ନିଶ୍ଚିତ ଭଲ ପ୍ରଦର୍ଶନ ସହ ପ୍ରତ୍ୟାବର୍ତ୍ତନ କରିବ” ବୋଲି ମେମୋଲ ପ୍ରକାଶ କରିଛନ୍ତି। ଭାରତ ଏକ ଯୁବ ଦଳ। ଦଳର ଖେଳାଳିମାନେ ଦୃଢ଼ମନା ହୋଇଥିବାରୁ ନିଶ୍ଚିତ ସକାରାତ୍ମକ ଫଳ କରାଯାଇ ପାରିବ। ଆଗାମୀ ମ୍ୟାଚ ପାଇଁ ଆମେ ନିଜକୁ ପ୍ରସ୍ତୁତ କରିଛୁ। ମ୍ୟାନମାର ବିପକ୍ଷରେ ଆମେ ଜୀବନ ଲଗାଇ ଖେଳିବୁ ବୋଲି ମେମୋଲ କହିଛନ୍ତି। “ମ୍ୟାନମାର ଟୁର୍ନାମେଣ୍ଟର ସବୁଠାରୁ ଶକ୍ତିଶାଳୀ ଦଳ। ପ୍ରତ୍ୟେକ ପୋଜିଶନରେ ଏହି ଦଳର ଖେଳାଳିମାନେ ସେଟ୍ ହୋଇ ରହିଛନ୍ତି। ର୍‍ୟାଙ୍କିଙ୍ଗ୍‌ରେ ମଧ ଦଳ ବହୁ ଉପରେ। ଅନ୍ୟ ପକ୍ଷରେ ଆମ ଦଳରେ ମଧ କ୍ୱାଲିଟି ଖେଳାଳିମାନେ ରହିଛନ୍ତି। ଆମେ ସମ୍ପୂର୍ଣ୍ଣ ପ୍ରସ୍ତୁତିର ସହ ପଡ଼ିଆକୁ ଓହ୍ଲାଇବୁ। ଆମେ ଏହାକୁ ପ୍ରତିଯୋଗିତାର ଶେଷ ମ୍ୟାଚ ଭାବି ଖେଳିବୁ। ଅଲ୍‌ଆଉଟ୍ ପ୍ରଦର୍ଶନ ଦେବା ଆମର ଉଦ୍ଦେଶ୍ୟ ରହିବ” ବୋଲି ମେମୋଲ ପ୍ରକାଶ କରିଛନ୍ତି। ୟାନଗନ୍‌ଠାରେ ଦୁଇ ଦଳ ମଧ୍ୟରେ ଅନୁଷ୍ଠିତ ପୂର୍ବ ମୁକାବିଲାରେ ରତ୍ନବାଳା ଦେବୀ ଭାରତ ପକ୍ଷରୁ ଗୋଟିଏ ଗୋଲ ସ୍କୋର କରିଥିଲେ। ମ୍ୟାନମାର ବିପକ୍ଷରେ ବିଜୟ ପାଇଁ କ୍ୱାଲିଟି ଖେଳ ସହ ଟେମ୍ପରାମେଣ୍ଟର ଆବଶ୍ୟକ ରହିଛି ବୋଲି ଏହି ୧୯ ବର୍ଷୀୟା ମିଡ୍ ଫିଲ୍ଡର ପ୍ରକାଶ କରିଛନ୍ତି। “୪ ମାସ ତଳେ ସେମାନଙ୍କ ଘରୋଇ ପରିବେଶରେ ଆମେ ମ୍ୟାନମାରକୁ ହରାଇବାର ନିକଟତର ହୋଇଥିଲୁ। ଏବେ ଘରୋଇ ପରିବେଶ ଏବଂ ଦର୍ଶକ ସମର୍ଥନ ଆମ ସପକ୍ଷରେ ରହିଛି। ଆମେ ଏହାର ଫାଇଦା ଉଠାଇବୁ” ବୋଲି ରତ୍ନବାଳା କହିଛନ୍ତି।



କାଲିଫର ପେବଲ ବିଚ୍‌ରେ ଅନୁଷ୍ଠିତ ଏଟି ଆଣ୍ଡ ଟି ପେବଲ ବିଚ୍ ପ୍ରୋ-ଆମ୍ ଗଲ୍ଫ ଟୁର୍ନାମେଣ୍ଟରେ ଟାଇଟଲ ବିଜୟୀ ଫିଲ୍ ମାଇକେଲସନ ଟ୍ରଫି ସହ।

### ଅଲ୍-ଫାଲହା ବିଶ୍ୱବିଦ୍ୟାଳୟ ଚାମ୍ପିୟନ

**ଭୁବନେଶ୍ୱର,୧୨।୨(ସ୍ପୋର୍ଟ୍ସ ବ୍ୟୁରୋ)**

ସ୍ଥାନୀୟ କିଟ୍ କ୍ରିକେଟ ଷ୍ଟାଡିୟମଠାରେ କିଟ୍ ପ୍ରିମିୟର ଲିଗ୍(କେପିଏଲ୍)ର ଦ୍ୱାଦଶ ସଂସ୍କରଣ ଉଦ୍‌ଯାପିତ ହୋଇଯାଇଛି। ସୋମବାର ଅନୁଷ୍ଠିତ ଫାଇନାଲ୍ ମ୍ୟାଚ୍‌ରେ ଫରିଦାବାଦର ଅଲ୍-ଫାଲହା ବିଶ୍ୱବିଦ୍ୟାଳୟ ଅମୃତସରର ପ୍ରତିପକ୍ଷ ଗୁରୁନାନକ ଡିମ୍ଡ ବିଶ୍ୱବିଦ୍ୟାଳୟକୁ ହରାଇ ଚାମ୍ପିୟନ୍ ହୋଇଛି। ଅଲ୍-ଫାଲହା ବିଶ୍ୱବିଦ୍ୟାଳୟ ନିର୍ଦ୍ଧାରିତ ୨୦ ଓଭରରେ ୩ ଉଇକେଟ୍ ବିନିମୟରେ ୨୧୬ ରନ୍ କରିଥିଲା। ଜବାବରେ ଗୁରୁନାନକ ବିଶ୍ୱବିଦ୍ୟାଳୟ ୯ ଉଇକେଟ ବିନିମୟରେ ମାତ୍ର ୧୪୩ ରନ୍ ହାସଲ କରି ପରାସ୍ତ ହୋଇଥିଲା। ଗୁରୁନାନକ ପ୍ରଥମ ରନର୍ସ ଅପ୍ ବିବେଚିତ ହୋଇଥିବା ବେଳେ ହାଇଦ୍ରାବାଦ୍‌ର ଜେଏନ୍‌ଟିୟୁ ତୃତୀୟ ଓ ମୁମ୍ବାଇ ବିଶ୍ୱବିଦ୍ୟାଳୟ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଓଲିଉଡ୍ ଅଭିନେତା ତଥା ରାଜ୍ୟ ସଭା ସାଂସଦ ଅନୁଭବ ମହାନ୍ତି, ରାଜ୍ୟ ଯୁବ କଲ୍ୟାଣ ବୋର୍ଡ କାର୍ଯ୍ୟକାରୀ ଅଧ୍ୟକ୍ଷ ଅରୂପ ପଟ୍ଟନାୟକ ଏବଂ କିମ୍ସ ସିଇଓ ଡା. ବିଷ୍ଣୁ ପ୍ରସାଦ ପାଣିଗ୍ରାହୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିଜୟୀ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ଚାମ୍ପିଅନ ଅଲ-ଫାଲହା ବିଶ୍ୱବିଦ୍ୟାଳୟକୁ ଚାମ୍ପିୟନ୍ ଟ୍ରଫି ସହ ନଗଦ ୨ଲକ୍ଷ ଟଙ୍କା ଅର୍ଥରାଶି ପୁରସ୍କାର ପ୍ରଦାନ କରାଯାଇଥିବାବେଳେ ପ୍ରଥମ୍ ରନର୍ସ ଅପ୍ ଗୁରୁନାନକ ବିଶ୍ୱବିଦ୍ୟାଳୟକୁ ଟ୍ରଫି ସହ ନଗଦ ୧ଲକ୍ଷ, ତୃତୀୟ ଶ୍ରେଷ୍ଠ ଦଳ ଜେଏନ୍‌ଟିୟୁକୁ ୫୦ ହଜାର ଓ ଚତୁର୍ଥ ଶ୍ରେଷ୍ଠ ଦଳ ମୁମ୍ବାଇକୁ ୨୫ ହଜାର ଟଙ୍କା ନଗଦ ଅର୍ଥରାଶ ପୁରସ୍କାର ପ୍ରଦାନ କରାଯାଇଥିଲା।

### ଅଂଶୁ, ଚିନ୍ମୟ କ୍ୱାର୍ଟରରେ

**ଭୁବନେଶ୍ୱର, ୧୨।୨(କ୍ରୀଡ଼ା ପ୍ରତିନିଧି)**

ମେଣ୍ଢାଶାଳସ୍ଥିତ ଗୁରୁକୁଳ ରିସର୍ଟରେ ଏଆଇଟିଏ-ଓଟିଏ ପୁରୁଷ ୫୦କେ ଟେନିସ ଟୁର୍ନାମେଣ୍ଟ ମଙ୍ଗଳବାର ଆରମ୍ଭ ହୋଇଛି। ୧୫ ତାରିଖ ପର୍ଯ୍ୟନ୍ତ ହେବାକୁଥିବା ଏହି ପ୍ରତିଯୋଗିତାରେ ପଶ୍ଚିମବଙ୍ଗ, ଛତିଶଗଡ଼, ମହାରାଷ୍ଟ୍ର, କର୍ନାଟକ, ତେଲେଙ୍ଗାନା, ଆନ୍ଧ୍ର ପ୍ରଦେଶ, ଦିଲ୍ଲୀ, ପଞ୍ଜାବ, ଉତ୍ତର ପ୍ରଦେଶ ଓ ଆୟୋଜକ ଓଡ଼ିଶା ଆଦି ୧୦ ରାଜ୍ୟର ୩୫ ଖେଳାଳି ଅଂଶଗ୍ରହଣ କରିଛନ୍ତି। ସର୍ବଭାରତୀୟ ର୍‍ୟାଙ୍କର ୪୨ ନମ୍ବରରେ ଥିବା ଅଂଶୁକୁମାର ଭୂୟାଁ ଏବଂ ୫୩ ର୍‍ୟାଙ୍କପ୍ରାପ୍ତ ଚିନ୍ମୟ ପ୍ରଧାନ ଯଥାକ୍ରମେ ୧ମ ଓ ୨ୟ ସିଡ୍‌ର ମାନ୍ୟତା ପାଇଛନ୍ତି। ପ୍ରତିଯୋଗିତାର ଚାମ୍ପିୟନ ଓ ରନର୍ସଅପ୍ ଖେଳାଳି ଯଥାକ୍ରମେ ୧୫ ଓ ୧୨ ଏଆଇଟିଏ ର୍‍ୟାଙ୍କିଙ୍ଗ୍ ପଏଣ୍ଟ ପାଇବେ। ପ୍ରଥମ ଦିବସରେ ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ ମ୍ୟାଚରେ ଓଡ଼ିଶାରୁ କେବଳ ଅଂଶୁ ଓ ଚିନ୍ମୟ ବିଜୟଲାଭ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରି-କ୍ୱାର୍ଟରରେ ଅଂଶୁ ଉତ୍ତର ପ୍ରଦେଶର ବାସୁ ଗୁପ୍ତାଙ୍କୁ ୬-୧, ୬-୦ ସେଟ୍‌ରେ ହରାଇଥିବାବେଳେ ଚିନ୍ମୟ ଅନ୍ୟତମ ଓଡ଼ିଆ ଖେଳାଳି ସଂଗ୍ରାମ କୁମାର ପାତ୍ରଙ୍କୁ ୬-୩, ୬-୩ ସେଟ୍‌ରେ ହରାଇ ଅଗ୍ରସର ହୋଇଛନ୍ତି। ଅନ୍ୟ ଓଡ଼ିଆ ଖେଳାଳିଙ୍କ ମଧ୍ୟରେ କୁମାର ଅନୁରାଗ ସରଣ ଓ ସନ୍ତୋଷ ମଲ୍ଲିକ ପରାଜିତ ହୋଇ ବିଦାୟ ନେଇଛନ୍ତି। ବାହାର ରାଜ୍ୟ ଖେଳାଳିଙ୍କ ମଧ୍ୟରେ ବାବ୍‌ଜି ଶିବା ଆଲ୍ଲୁରୁ, ସାଜିଦ ଉର୍ ରହମାନ, ଶ୍ରୀନିବାସ କୋଣ୍ଡ୍ରି, ତେଲେଙ୍ଗାନାର ତାହା କାପଡ଼ିଆ, ପଶ୍ଚିମବଙ୍ଗର ଅର୍ଘ୍ୟ ଦାସ ଓ ଦିଲ୍ଲୀର ରିତ୍‌ଭିକ୍ କାଶ୍ୟପ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।

# ମହିଳା ହକିରେ ଭାରତ ‘ଏ’ ବିଜୟୀ





ଭାରତ-ଏ ଓ ଫ୍ରାନ୍ସ-ଏ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

**ଲକ୍ଷ୍ନୌ, ୧୨।୨ (ପି.ଟି.)**

ଭାରତ ‘ଏ’ ମହିଳା ହକି ଦଳ ଶନିବାର ଅନୁଷ୍ଠିତ ତୃତୀୟ ମ୍ୟାଚରେ ଭ୍ରମଣକାରୀ ଦଳ ଫ୍ରାନ୍ସ ‘ଏ’କୁ ୨-୧ ଗୋଲରେ ହରାଇ ଦେଇଛି। ଏଥିସହିତ ଦଳ ୪ ମ୍ୟାଚ ବିଶିଷ୍ଟ ସିରିଜରେ ୨-୧ରେ ଅଗ୍ରଣୀ ଲାଭ କରିଛି। ସ୍ଥାନୀୟ ପଦ୍ମଶ୍ରୀ ମହମ୍ମଦ ସହିଦ ସିନ୍ଥେଟିକ୍ ହକି ଷ୍ଟାଡିୟମରେ ଅନୁଷ୍ଠିତ ଏହି ମାଚରେ ଭାରତ ‘ଏ’ ତରଫରୁ ମମ୍‌ତାଜ ଖାଁ (୪୨ତମ) ଓ ଶର୍ମିଳା ଦେବୀ (୬୦ତମ ମିନିଟ)ରେ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଏହି ମ୍ୟାଚରେ ଭ୍ରମଣକାରୀ ଦଳ ଆରମ୍ଭରେ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ମାତ୍ର ଭାରତୀୟ ଡିଫେଣ୍ଡର ଦୃଢ ପ୍ରତିରୋଧ କରି ସେମାନଙ୍କୁ କୌଣସି ସୁଯୋଗ ଦେଇ ନ ଥିଲେ। ପ୍ରଥମାର୍ଦ୍ଧ ଖେଳ ଗୋଲଶୂନ୍ୟ ଭାବେ ଶେଷ ହୋଇଥିଲା। ଦୁଇ ଦଳ ମଧ୍ୟରେ ଚତୁର୍ଥ ତଥା ଅନ୍ତିମ ମ୍ୟାଚ ବୁଧବାର ଖେଳାଯିବ।

## ଆନ୍ତଃ ମଣ୍ଡଳସ୍ତରୀୟ ଚେସ୍: ବିଳାସପୁର ଚାମ୍ପିୟନ

**ଭୁବନେଶ୍ୱର, ୧୨।୨(ସ୍ପୋର୍ଟ୍ସ ବ୍ୟୁରୋ):** ସ୍ଥାନୀୟ ସିଏମପିଡିଆଇ କଲୋନୀ ପରିସରରେ ମଙ୍ଗଳବାର ଆନ୍ତଃ ମଣ୍ଡଳସ୍ତରୀୟ ଚେସ୍ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଛି। ସିଏମପିଡିଆଇ ଭୁବନେଶ୍ୱର ମଣ୍ଡଳର ବରିଷ୍ଠ ନିର୍ଦ୍ଦେଶକ ଏସ.କେ. ଶ୍ରୀବାସ୍ତବ ଏହାକୁ ଉଦ୍‌ଘାଟନ କରିଛନ୍ତି। ପ୍ରଥମ ଦିବସରେ ଅନୁଷ୍ଠିତ ଦଳଗତ ବିଭାଗରେ ଛତିଶଗଡ଼ର ବିଳାସପୁର ଚାମ୍ପିୟନ ଏବଂ ପଶ୍ଚିମବଙ୍ଗର ଆସନସୋଲ ରନର୍ସଅପ୍ ହୋଇଛି। ୧୩ ତାରିଖରେ ଶେଷ ହେବାକୁଥିବା ଏହି ପ୍ରତିଯୋଗିତାର ବ୍ୟକ୍ତିଗତ ବିଭାଗରେ ଶ୍ରେଷ୍ଠ ୫ ପ୍ରତିଯୋଗୀ ସର୍ବଭାରତୀୟ କୋଲ୍ କମ୍ପାନୀ ଚେସ୍ ପାଇଁ ଯୋଗ୍ୟତା ଅର୍ଜନ କରିବେ। ସିଏମପିଡିଆଇ ସ୍ପୋର୍ଟ୍ସକମିଟି ଆନୁକୂଲ୍ୟରେ ଏସ.ଆର.ଚେସ୍ ସେଣ୍ଟର ସହଯୋଗରେ ଚାଲିଥିବା ପ୍ରତିଯୋଗିତାକୁ ଜି.ଶ୍ରୀନିବାସ, ଶୁଭାଶିଷ ପଟ୍ଟନାୟକ, ସତ୍ୟରଞ୍ଜନ ପଟ୍ଟନାୟକ, ଫିଡେ ଆର୍ବିଟର ଭବେଶ ମହାନ୍ତି, ଅବିନାଶ ଦାସ ପ୍ରମୁଖ ପରିଚାଳନା କରୁଛନ୍ତି।



ଡ୍ରିମ୍ସ କର୍ମକର୍ତ୍ତାଙ୍କ ଗହଣରେ ଅରୁଣାଚଳ ପ୍ରଦେଶ କ୍ରିକେଟ ଦଳର ଖେଳାଳିମାନେ।

## ଡ୍ରିମ୍ସରେ ଅଭ୍ୟାସ ଆରମ୍ଭ କଲା ଅରୁଣାଚଳ ପ୍ରଦେଶ

**କଟକ ଅଫିସ,୧୨।୨**

ଆସନ୍ତା ୨୧ରୁ କଟକରେ ସୟଦ ମୁସ୍ତାକ ଅଲ୍ଲୀ ଟି୨୦ ଟୁର୍ନାମେଣ୍ଟ ଗ୍ରୁପ-ଡିର ମ୍ୟାଚ ଗୁଡ଼ିକ କଟକର ବିଭିନ୍ନ ଗ୍ରାଉଣ୍ଡରେ ଖେଳାଯିବ। ଏଥି ନିମନ୍ତେ କଟକରେ ପ୍ରଥମେ ଆସି ପହଞ୍ଚିଛି ଅରୁଣାଚଳ ପ୍ରଦେଶ। ମଙ୍ଗଳବାରଠାରୁ ଡ୍ରିମ୍ସ ଗ୍ରାଉଣ୍ଡରେ ଅରୁଣାଚଳ ପ୍ରଦେଶ ଖେଳାଳିମାନେ ଅଭ୍ୟାସ ଆରମ୍ଭ କରିଛନ୍ତି। ୨୧ ତାରିଖରେ ଏହି ଗ୍ରାଉଣ୍ଡରେ ହରିୟାଣା ବିପକ୍ଷରେ ଅରୁଣାଚଳ ପ୍ରଦେଶ ପ୍ରଥମ ମ୍ୟାଚ୍ ଖେଳିବ। ଦଳକୁ ଡ୍ରିମ୍ସ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ‘ଡ୍ରିମ୍ସ’ର ପ୍ରତିଷ୍ଠାତା ଅଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ରଥ ଦଳର କୋଚ, ଅଧିନାୟକଙ୍କ ସମେତ ସମସ୍ତ ଖେଳାଳୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର ଓ ଆଇନଜୀବୀ ବିଧୁଭୂଷଣ ଶତପଥି ପ୍ରମୁଖ ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା୧୪ Press Regd. No. R.N. 21326/74 Postal Regd. No. BN/42/18-20. ବ୍ରହ୍ମପୁର, ବୁଧବାର, ଫେବୃୟାରୀ ୧୩/୨୦୧୯ Berhampur, Wednesday, February 13/ 2019

## ସଂକ୍ଷେପରେ

### ବିରଞ୍ଚି ନାରାୟଣ ଠାକୁରଙ୍କ ରଥଯାତ୍ରା

ବୁଗୁଡ଼ା,୧୨।୨(ଡି.ଏନ.ଏ.)-ବୁଗୁଡ଼ାର ବିରଞ୍ଚି ନାରାୟଣ ମନ୍ଦିରରେ ପୂଜା ପାଇ ଆସୁଥିବା ବିରଞ୍ଚି ନାରାୟଣ ଠାକୁରଙ୍କ ମଙ୍ଗଳବାର ତିଳସପ୍ତମୀ ଅବସରରେ ରଥଯାତ୍ରା ପାରମ୍ପରିକ ରୀତିନୀତିରେ ଅନୁଷ୍ଠିତ ହୋଇଯାଇଛି। ଏଥି ଉପଲକ୍ଷେ ମଙ୍ଗଳବାର ପୂର୍ବାହ୍ନରେ ଠାକୁରଙ୍କୁ ସୁବେଶ କରାଯାଇ ରୀତିନୀତିରେ କାର୍ଯ୍ୟକ୍ରମ କରାଯାଇଥିଲା। ପୁରୋହିତ ଚିତ୍ତରଞ୍ଜନ ମିଶ୍ରଙ୍କ ତତ୍ତ୍ୱାବଧାନରେ ଚିନ୍ମୟ ଦାଶ, ନାରାୟଣ ଦାଶ, ବୈଷ୍ଣବ ଚରଣ ଦାଶ, ସୁବାସ ଚନ୍ଦ୍ର ଦାଶ, ଶିବ ପ୍ରସାଦ ଦାଶ, ପ୍ରଶାନ୍ତ ମିଶ୍ର, ରାମାନୁଜ ମହାପାତ୍ର ପ୍ରମୁଖ ବ୍ରାହ୍ମଣମାନଙ୍କ ଦ୍ୱାରା ହୋମାଦି, ଘୃତଙ୍କ ହୋଇଥିଲା । ଏଥିସହ ବ୍ରାହ୍ମଣମାନଙ୍କ ଦ୍ୱାରା କାରୁକାର୍ଯ୍ୟ ସଜ୍ଜିତ ରଥର ପ୍ରତିଷ୍ଠା କରାଯାଇଥିଲା। କର୍ତ୍ତା ରୂପେ ମଠାଧୀଶ ଭକ୍ତ ରାମଦାସ ଦାୟିତ୍ୱ ନିର୍ବାହ କରିଥିଲେ। ସନ୍ଧ୍ୟାରେ ପୂଜା ଆରତୀ ପରେ ଠାକୁରଙ୍କ ଚଳନ୍ତି ପ୍ରତିମାକୁ ପହଣ୍ଡି କରାଇ ରଥରେ ଉପବେଶନ କରାଯାଇଥିଲା। ବାଦ୍ୟବାଜଣା ପୂର୍ବକ ବାଘ, ବୃଷଭ ନାଚ ସହ ଠାକୁରଙ୍କ ରଥକୁ ଭକ୍ତମାନେ ଶ୍ରଦ୍ଧାର ସହ ଟାଣିଥିଲେ। ବିରଞ୍ଚି ନାରାୟଣ ଠାକୁରଙ୍କ ରଥ ପରିକ୍ରମା ବେଳେ ଘରେ ଘରେ ଲୋକେ ପୂଜାକୁମ୍ଭ ବାଢ଼ିଥିଲେ ।

### ଗୁପ୍ତେଶ୍ୱରଙ୍କ ପୀଠରେ ହର ହର ଭେଟଯାତ୍ରା

ଖଲ୍ଲିକୋଟ, ୧୨।୨ (ଡି.ଏନ୍.ଏ)-ଖଲ୍ଲିକୋଟ ବ୍ଲକ କେଶପୁର ପଞ୍ଚାୟତ ନିକଟ ଚିଲିକା ମଧ୍ୟରେ ଥିବା ଗୁପ୍ତେଶ୍ୱର ମହାଦେବଙ୍କ ପୀଠରେ ମାଘ ଶୁକ୍ଳ ସପ୍ତମୀ ବା ତିଳ ସପ୍ତମୀରେ ହରହର ଭେଟ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶ୍ରୀକୃଷ୍ଣଶରଣପୁର ଶାସନ ନିକଟରେ ଥିବା ଶକଳେଶ୍ୱର ମହାଦେବଙ୍କ ଚଳନ୍ତି ପ୍ରତିମା ବୃଷଭ ବାହାନରେ ସଜ୍ଜିତ ହୋଇ ଖୋଳ କୀର୍ତ୍ତନ ସହ ଏକ ଶୋଭାଯାତ୍ରାରେ ସାହି ପରିକ୍ରମା କରି ଗୁପ୍ତେଶ୍ୱରଙ୍କ ପୀଠରେ ପହଞ୍ଚି ସେଠାରେ ପାରମ୍ପରିକ ରୀତିନୀତିରେ ପୂଜାର୍ଚ୍ଚନା ହୋଇଥାଏ। ଏହି ଯାତ୍ରା କେଉଁ ଆବହମାନ କାଳରୁ ହେଉଥିବା ବୟୋଜ୍ୟେଷ୍ଠ ବ୍ୟକ୍ତିମାନେ କୁହନ୍ତି। ପୂର୍ବରୁ ଚିଲିକା ଜଳ ଉପରେ ବାଉଁଶର ଭେଳା ଉପରେ ଠାକୁରଙ୍କୁ ନିଆଯାଉଥିଲା। କିନ୍ତୁ ଏବେ ରାସ୍ତା ନିର୍ମାଣ ହେଲାଣି। ଶ୍ରୀକୃଷ୍ଣଶରଣପୁର ଓ କେଶପୁର ପଞ୍ଚାୟତର ସରପଞ୍ଚ ଏବଂ ବହୁ ବ୍ୟକ୍ତି ଏହି ଯାତ୍ରା ପାଇଁ ସ୍ୱତନ୍ତ୍ର କମିଟି ଗଠନ କରି ଏହାକୁ ପରିଚାଳନା କରନ୍ତି। ବ୍ଲକର ବହୁ ଜନସାଧାରଣ ଗୁପ୍ତେଶ୍ୱର ପୀଠରେ ଠାକୁର ଦର୍ଶନ ପାଇଁ ଭିଡ଼ ଲାଗିଥିଲା। ଏଠାରେ ଦୋକାନ ବଜାର, ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ହେଉଛି।

### ଜନ ଅଦାଲତ ପ୍ରସ୍ତୁତି ବୈଠକ

ଆସିକା,୧୨।୨(ଡି.ଏନ୍.ଏ.)-ଭାଜପା ଘୁମୁସର ଜିଲା ପକ୍ଷରୁ ବୁଧବାର ସ୍ଥାନୀୟ ଟାଉନ ହଲରେ ଆସିକା ଲୋକସଭା ନିର୍ବାଚନ ମଣ୍ଡଳୀର ଏକ ଜନଅଦାଲତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏଥିରେ ସମାଜର ବିଭିନ୍ନ ରାଜନୈତିକ ଦଳର ନେତା, ବୁଦ୍ଧିଜୀବୀ ଆଦି ଯୋଗ ଦେବେ । ରାଜ୍ୟରେ ୧୯ ବର୍ଷର ବିଜେଡି ଶାସନରେ ଜନସାଧାରଣ ସେମାନଙ୍କ ନିତିଗତ ହକ ପାଇବାରେ କିଭଳି ଉପେକ୍ଷିତ ହୋଇଛନ୍ତି ଏ ସମ୍ପର୍କରେ ଜନଅଦାଲତରେ ଆଲୋଚନା ହେବ । ଆସିକା ଟାଉନ ହଲରେ ମଙ୍ଗଳବାର ମଧାହ୍ନରେ ଭାଜପା ପକ୍ଷରୁ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଏହା ସ୍ପଷ୍ଟ କରାଯାଇଛି । ସମାଜର ସମସ୍ତ ବର୍ଗର ପ୍ରତିନିଧିତ୍ୱ ଏହି ଅଦାଲତରେ ଯେଭଳି ହୋଇପାରିବ ସେଥିଲାଗି ଦଳ ପକ୍ଷରୁ ବିଧିବଦ୍ଧ ପଦକ୍ଷେପ ନିଆଯାଉଛି ବୋଲି ସ୍ପଷ୍ଟ କରାଯାଇଥିଲା । ଘୁମୁସର ଜିଲା ସଭାପତି ସୂର୍ଯ୍ୟନାରାୟଣ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାଜପା ରାଜ୍ୟ ସମବାୟ ସେଲର ଆବାହକ ପବିତ୍ର ଦାଶ, ଘୁମୁସର ଜିଲାସଭାପତି ସୂର୍ଯ୍ୟନାରାୟଣ ଦାସ, ଉପସଭାପତି ଦୁର୍ଗାଚରଣ ପଟ୍ଟନାୟକ, ରାଜ୍ୟପରିଷଦ ସଦସ୍ୟ ନାରାୟଣ ବେହେରା, ଭାଜପା ନଗର ସଭାପତି ନାରାୟଣ ହୋତା ପ୍ରମୁଖ ସାମିଲ ଥିଲେ ।

### ଦୁର୍ଘଟଣାରେ ୨ ଗୁରୁତର

ପାତ୍ରପୁର,୧୨।୨(ଡି.ଏନ୍.ଏ.)- ଜରଡ଼ା ଥାନା ସପଙ୍ଗ ନିକଟରେ ଟ୍ରାକ୍ଟର ଓ ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ୨ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଜରଡ଼ା ଗଡ଼ର ଏ. ଜଗଦୀଶ (୩୦) ଓ କେ. ନିକିତା (୨୭)। ବାଇକ୍ ଯୋଗେ ନିକିତା ଓ ଜଗଦୀଶ ବ୍ରହ୍ମପୁର ଯାଉଥିବା ବେଳେ ଟ୍ରାକ୍ଟର ସହିତ ଧକ୍କା ହୋଇଥିଲା। ଗୁରୁତର ଅବସ୍ଥାରେ ଉଭୟଙ୍କୁ ପ୍ରଥମେ ପାତ୍ରପୁର ଓ ପରେ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି।

# ଘାଟିରେ ଖରାପ ହେଲା ଆମ୍ବୁଲାନ୍ସ, ଜଙ୍ଗଲରେ ପ୍ରସବ

ତୁମୁଡିବନ୍ଧ,୧୨।୨(ଡି.ଏନ୍.ଏ.)

ତୁମୁଡିବନ୍ଧ ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ଆସନ୍ନପ୍ରସବାଙ୍କୁ ନେଇ ଯାଉଥିବା ଆମ୍ବୁଲାନ୍ସ ଘାଟି ରାସ୍ତାରେ ଖରାପ ହେବାରୁ ସମ୍ପୃକ୍ତ ମହିଳା ଜଙ୍ଗଲରେ ପ୍ରସବ କରିଛନ୍ତି। ପରେ ୧ କିମି ଚାଲି ଚାଲି ଯାଇ ଅନ୍ୟ ଏକ ଆମ୍ବୁଲାନ୍ସରେ ତୁମୁଡିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲେ। ସେଠାରେ ମା' ଓ ନବଜାତକଙ୍କ ଅବସ୍ଥା ଗୁରୁତର ହେବାରୁ ବାଲିଗୁଡା ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

ପ୍ରକାଶ ଯେ, ସିର୍ଲା ପଞ୍ଚାୟତ ବିରିମିଲା ଗ୍ରାମର ପଦ୍ମିନୀ ମାଝୀ(୨୨)ଙ୍କର ସୋମବାର ସକାଳେ ପ୍ରସବଯନ୍ତ୍ରଣା ଆରମ୍ଭ ହୋଇଥିଲା। ସ୍ୱାମୀ ବିଙ୍ଗ ୬ଟା ୪୫ରେ ୧୦୨ ଆମ୍ବୁଲାନ୍ସକୁ ଫୋନ କରିଥିଲେ। ପ୍ରାୟ ୮ଟାରେ ଆମ୍ବୁଲାନ୍ସ ବିରିମିଲାରେ ପହଞ୍ଚି ପଦ୍ମିନୀଙ୍କୁ ନେଇ ତୁମୁଡିବନ୍ଧ ସ୍ୱାସ୍ଥ୍ୟକେନ୍ଦ୍ର



ଖରାପ ହୋଇଥିବା ଆମ୍ବୁଲାନ୍ସ।

ଅଭିମୁଖେ ଯାଇଥିଲା। ପଦ୍ମିନୀଙ୍କ ସହ ସ୍ୱାମୀ ଓ ଜଣେ ସମ୍ପର୍କୀୟ ସହ ମହିଳା ମଧ୍ୟ ଯାଇଥିଲେ। ମାତ୍ର ଶରଧାପୁର ଘାଟିରାସ୍ତାରେ ଆମ୍ବୁଲାନ୍ସ ଖରାପ ହୋଇଯାଇଥିଲା। ସେଠାରେ ୧୦୮ ଆମ୍ବୁଲାନ୍ସକୁ ଘଟଣାସ୍ଥଳକୁ ଆସିବାକୁ ଯୋଗାଯୋଗ କରାଯାଇଥିଲା। ମାତ୍ର ଏହା ମଧ୍ୟରେ ପଦ୍ମୀନୀ ପ୍ରାୟ ପୂର୍ବାହ୍ନ ୧୦ଟାରେ ରାସ୍ତାପାର୍ଶ୍ୱ ଜଙ୍ଗଲରେ ଏକ କନ୍ୟା ସନ୍ତାନ ଜନ୍ମ ଦେଇଥିଲେ। ପରେ ପ୍ରାୟ ୧ କିମି ଚାଲି ଚାଲି ଆସିଥିଲେ। ସେଠାରୁ ୧୦୮ ଆମ୍ବୁଲାନ୍ସ ଯୋଗେ ତୁମୁଡିବନ୍ଧ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲେ। ଉଭୟ ମା' ଓ ସନ୍ତାନଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବାଲିଗୁଡା ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି।

ମୁଖ୍ୟମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ଶରଧାପୁର ଠାରୁ ବିରିମିଲା ରାସ୍ତା କାମ ୩ ବର୍ଷ ତଳୁ ଆରମ୍ଭ ହୋଇ ଏପର୍ଯ୍ୟନ୍ତ ସରୁନାହିଁ। ଫଳରେ ଏଭଳି ଘଟଣା ଘଟିଲା। ତୁରନ୍ତ ରାସ୍ତା କାମ ସମ୍ପୂର୍ଣ୍ଣ ନହେଲେ ଆନ୍ଦୋଳନ କରାଯିବ ବୋଲି ବିରିମିଲା ୱାର୍ଡମେମ୍ବର ଦୁଗୁନା ମୁଠାମାଝୀ ଓ ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ୨ଦିନ ହେଲା ୧୦୨ ଆମ୍ବୁଲାନ୍ସ ମଧ୍ୟ ମରାମତି ହୋଇନାହିଁ। ଏନେଇ ତୁମୁଡିବନ୍ଧ ବିଡିଓ ଜୟଦେବ ଦାସଙ୍କୁ ପଚାରିବାରୁ, ତୁରନ୍ତ ଆମ୍ବୁଲାନ୍ସ ମରାମତି ପାଇଁ ତୁମୁଡିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଚଣ୍ଡିପୁର ସାହିରେ ପୁଣି ବୋମାମାଡ଼, ୪ ଅଟକ

ଗଞ୍ଜାମ,୧୨।୨(ଡି.ଏନ.ଏ.)

ରମ୍ଭା ଥାନା ଚଣ୍ଡିପୁର ସାହି କେ. ସୁରେନ୍ଦ୍ର ପାତ୍ରଙ୍କ ଘର ଉପରକୁ ପୁଣି ଦୁର୍ବୃତ୍ତମାନେ ୪ଟି ବୋମାମାଡ଼ କରିଥିବା ଥାନାରେ ଅଭିଯୋଗ ହୋଇଛି। ବୋମାମାଡ଼ ଘଟଣାରେ ସମ୍ପୃକ୍ତି ସନ୍ଦେହକରି ପୋଲିସ ୪ ଜଣ ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଛି। ସୁରେନ୍ଦ୍ରଙ୍କ ସାନଭାଇ ମୁନାଙ୍କ କହିବା ଅନୁଯାୟୀ ପାହାନ୍ତିଆ ୪ଟାରେ ତାଙ୍କ ଘରକୁ ଲକ୍ଷ୍ୟ କରି ୪ଟି ବୋମା ଫିଙ୍ଗି ସେଠାରୁ ଚମ୍ପଟ ମାରିଥିଲେ। ଏ ନେଇ ଆଇଆଇସି କୃଷ୍ଣଚନ୍ଦ୍ର ସେଠୀଙ୍କୁ ପଚାରିବାରେ ପୁଣି ବୋମାମାଡ଼କୁ ଅସ୍ୱୀକାର କରିଛନ୍ତି। ତଦନ୍ତ ଚାଲିଥିବା ଆଳ ଦେଖାଇ ପୋଲିସ ମୁହଁ ଖୋଲୁନି। କିନ୍ତୁ ବିଶ୍ୱସ୍ତସୂତ୍ରରୁ ଖବର ମିଳିଛି ଯେ ଚାରିଜଣ ରମ୍ଭା ଥାନାରେ ଅଟକ ଅଛନ୍ତି । ପ୍ରକାଶ ଯେ ଗତ ଶୁକ୍ରବାର ରାତ୍ର ପ୍ରାୟ ସାଢ଼େ ୧୧ଟାରେ ଗୋଟିଏ ବାଇକରେ ୩ଜଣ ଯୁବକ ଆସି ସୁରେନ୍ଦ୍ରଙ୍କ ଘର ସମ୍ମୁଖରେ ୨ଟି, ସାହିରେ ଗୋଟିଏ ଏବଂ ତାଙ୍କ କାଜୁ ଫ୍ୟାକ୍ଟ୍ରିରେ ଦୁଇଟି ବୋମାମାଡ଼ ହୋଇଥିବା ଶନିବାର ସୁରେନ୍ଦ୍ର ରମ୍ଭା ଥାନାରେ ଏତଲା ଦେଇଥିଲେ । ଘଟଣା ୫ ଦିନ ବିତିଯାଇଥିଲେ ସୁଦ୍ଧା ରମ୍ଭା ପୋଲିସ ଏଯାବତ କାହାକୁ ଗିରଫ କରି ନ ଥିବା ଯୋଗୁ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

■୬ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀଙ୍କ ଆନ୍ଦୋଳନ ନିଷ୍ପତ୍ତି

## ୧୮ରୁ ଦେବେ ଧାରଣା


ଭାଟକୁମରଡ଼ା ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ କର୍ମଚାରୀମାନେ।

ପୁରୁଷୋତ୍ତମପୁର,୧୨।୨(ଡି.ଏନ୍.ଏ.)

ପୁରୁଷୋତ୍ତମପୁର ବ୍ଲକ ଭାଟକୁମରଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ୬ଟି ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ କର୍ମଚାରୀମାନେ ଆନ୍ଦୋଳନ କରିବାରୁ ନିଷ୍ପତ୍ତି ନେଇଛନ୍ତି। ଏହି ଆନ୍ଦୋଳନ ଆଗାମୀ ୧୮ରୁ ଆରମ୍ଭ ହେବ। ସମସ୍ତ କର୍ମଚାରୀ ହାଟକୁମରଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସମ୍ମୁଖରେ ଦାବି ପୂରଣ ହେବା ପର୍ଯ୍ୟନ୍ତ ଧାରଣାରେ ବସିବା ସହ ଆମରଣ ଅନସନ କରିବେ ବୋଲି ଚେତାବନୀ ଦେଇଛନ୍ତି। ପ୍ରକାଶ ଯେ, ଉକ୍ତ ସ୍ୱାସ୍ଥ୍ୟ କେନ୍ଦ୍ରର ବହୁ କର୍ମଚାରୀଙ୍କୁ ୨୦୦୯ରୁ ସରକାରୀ ସୁବିଧା ମିଳୁନାହିଁ, ପଦୋନ୍ନତି, ଠିକ୍ ସମୟରେ ଦରମା ମିଳୁନାହିଁ,, ଫେବୃୟାରୀ ୨୦୧୬-୧୮ ଯାଏ ବକେୟା ଦରମା ପ୍ରଦାନ, ୨୦୦୯ରୁ ବର୍ଦ୍ଧିତ ଭତ୍ତା ପ୍ରଦାନ ଆଦି ଦାବି କରିଛନ୍ତି। ୨୦୦୯ରୁ ଉକ୍ତ ସମସ୍ୟା ଦେଖାଯାଉଥିବା ବେଳେ ସ୍ୱାସ୍ଥ୍ୟ କେନ୍ଦ୍ର କର୍ତ୍ତୃପକ୍ଷ ଗୁରୁତ୍ୱ ଦେଉନାହାନ୍ତି। ଏ ନେଇ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ବହୁବାବାର ଜଣାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିବାରୁ ଆନ୍ଦୋଳନର ନିଷ୍ପତ୍ତି ନେଇ କର୍ମଚାରୀମାନେ ଜିଲାପାଳ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ସମେତ ସମସ୍ତ ପ୍ରଶାସନିକ ଅଧିକାରୀଙ୍କ ନିକଟରେ ସ୍ମାରକପତ୍ର ପଠାଇଛନ୍ତି। ଆନ୍ଦୋଳନରେ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର, ଫାର୍ମାସିଷ୍ଟ, ଷ୍ଟାଫ୍‌ନର୍ସ ଏବଂ କର୍ମଚାରୀମାନେ ସାମିଲ ହେବେ।

■ଅଷ୍ଟମ ତାପସ ମେମୋରିଆଲ ଟ୍ରଫି

## ଆସିକା ପାନାସୋନିକ ଚାମ୍ପିୟନ୍

ଧରାକୋଟ,୧୨।୨(ଡି.ଏନ୍.ଏ.)

ଧରାକୋଟସ୍ଥିତ ମିନିଷ୍ଟାଡିୟମ୍‌ରେ ଚାଲିଥିବା ଅଷ୍ଟମ ତାପସ ମେମୋରିଆଲ ଟ୍ରଫି ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଆସିକାର ପାନାସୋନିକ କ୍ରିକେଟ କ୍ଲବ ଓ କେନ୍ଦୁପଦରର ବାବା ପାତାଳେଶ୍ୱର କ୍ରିକେଟ କ୍ଲବ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଟସ୍ ଜିଣି ଆସିକା ୨୫ ଓଭରରେ ୮ ଉଇକେଟ ହରାଇ ୨୧୪ ରନ୍ କରିଥିବାବେଳେ କେନ୍ଦୁପଦର ୨୩.୧ ଓଭରରେ ୧୦୩ ରନ୍ କରି ଅଲ୍‌ଆଉଟ ହୋଇଯାଇଥିଲା। ଆସିକା ପାନାସୋନିକ କ୍ରିକେଟ କ୍ଲବ ଅଷ୍ଟମ ତାପସ ମେମୋରିୟାଲ ଟ୍ରଫିର ଟାଇଟଲ ହାସଲ କରିଛି। ବିଜୟୀ ଦଳକୁ ଟ୍ରଫି ସହ ୧୦ ହଜାର ଟଙ୍କା ଏବଂ ରନର୍ସଅପ୍ ଦଳକୁ ୭ ହଜାର ଟଙ୍କା ସହ ରନ୍‌ସର୍ଅପ୍ ଟ୍ରଫି ପ୍ରଦାନ କରାଯାଇଥିଲା। ବିଜୟୀ ଦଳର ନାଗାର୍ଜୁନ ମୁନିଙ୍କୁ ଶ୍ରେଷ୍ଠ ଖେଳାଳି, ମ୍ୟାନ୍


ବିଧାୟିକା ଜଣେ ଖେଳାଳିଙ୍କୁ ପୁରସ୍କୃତ କରୁଛନ୍ତି।

ଅଫ୍‌ଦି ସିରିଜ ଭାବେ ବିଜୟୀ ଦଳର ଉମା ପ୍ରଧାନଙ୍କୁ ପୁରସ୍କୃତ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ସାନଖେମୁଣ୍ଡି ବିଧାୟିକା ନନ୍ଦିନୀ ଦେବୀ, ସମ୍ମାନୀତ ଅତିଥି ଡ. ବିମଳ ପ୍ରସାନ ପଟ୍ଟନାୟକ, ପୂର୍ବତନ ସରପଞ୍ଚ ଦିଲୀପ କୁମାର ସ୍ୱାଇଁ ପ୍ରମୁଖ ମଞ୍ଚାସୀନ ଥିଲେ। ୟଙ୍ଗ କ୍ରିକେଟ କ୍ଲବର ଦିଲୀପ ପ୍ରଧାନ, ବାପୁନି ସ୍ୱାଇଁ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଫାଇନାଲ ମ୍ୟାଚ୍‌ରେ ଗ୍ରାମାଞ୍ଚଳର ଲୁକ୍‌କାୟିତ ପ୍ରତିଭା ତଥା ବିକଶିତ ପ୍ରତିଭାମାନଙ୍କୁ ମାନପତ୍ର ସହ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ବିଦେଶରେ କାମ ଦେବାକୁ କହି ଅର୍ଥ ହଡ଼ପ

ପାତ୍ରପୁର,୧୨।୨(ଡି.ଏନ୍.ଏ.)

ଜରଡ଼ା ଥାନା ବି.ନୂଆଗାଁର ଜଣେ ବ୍ୟକ୍ତି ବିଦେଶରେ କାମ ଦେବାକୁ କହି ବିପୁଳ ଅର୍ଥ ହଡ଼ପ କରିଥିବା ଅଭିଯୋଗ ହୋଇଛି। ଗତ ୬ ମାସ ତଳେ ସମ୍ପୃକ୍ତ ବ୍ୟକ୍ତି ବିଦେଶରେ ୱେଲ୍‌ଡ଼ର, ଫିଟର୍, ପ୍ଲମ୍ବର ଭଳି ବିଭିନ୍ନ ବିଭାଗରେ କାମ ଦେବା ପାଇଁ ପାତ୍ରପୁର ବ୍ଲକର ବିଭିନ୍ନ ଗ୍ରାମ ସମେତ ଆନ୍ଧ୍ରପ୍ରଦେଶର ଇଚ୍ଛାପୁରମ୍, ସମପେଣ୍ଟ, କାବିଟି ଭଳି ଜାଗାରେ ପୋଷ୍ଟର ଲଗାଇଥିଲେ। ଏହା ଦେଖି ବହୁ ଯୁବକ ପ୍ରମାଣପତ୍ର ଧରି ସମ୍ପୃକ୍ତ ବ୍ୟକ୍ତିଙ୍କ ନିକଟରେ ପହଞ୍ଚିଥିଲେ। ସେ ଯୁବକମାନଙ୍କଠାରୁ ୮୦ ହଜାର ଟଙ୍କା ଦାବି କରି ପ୍ରତି ଯୁବକଙ୍କ ସହ ଏକ ଚୁକ୍ତିପତ୍ର ସ୍ୱାକ୍ଷରିତ କରି, ନିର୍ଦ୍ଧାରିତ ସମୟରେ କାମ ନ ଦେଲେ ଅର୍ଥ ଫେରସ୍ତ କରିବେ ବୋଲି ବହୁ ଯୁବକଙ୍କଠାରୁ ଟଙ୍କା ନେଇ ଚମ୍ପଟ ମାରିଛନ୍ତି। ଗତ ବର୍ଷ ଜରଡ଼ା ଥାନାରେ ଠକେଇରେ ଶିକାର ହୋଇଥିବା କିଛି ଯୁବକ ଅଭିଯୋଗ କରିଥିଲେ। ଥାନା ଅଧିକାରୀ ଆପୋଷ ବୁଝାମଣା କରି ଟଙ୍କା ଫେରାଇବାକୁ ସମ୍ପୃକ୍ତ ବ୍ୟକ୍ତିଙ୍କୁ କହିବା ସହ ଏକ ବୁଝାମଣା ପତ୍ର ସମ୍ପାଦନ ହୋଇଥିଲା। କିନ୍ତୁ ସମ୍ପୃକ୍ତ ବ୍ୟକ୍ତି ଲକ୍ଷଲକ୍ଷ ଟଙ୍କା ନେଇ ରାଜ୍ୟ ବାହାରକୁ ଚାଲିଯିବା ସହ ଫୋନ୍ ଉଠାଉନାହାନ୍ତି।

■ମନ୍ତ୍ରୀ ସମୀକ୍ଷା କଲେ, ଲୋକାର୍ପଣ ହେବ ୧୦୦ କୋଟିର ପ୍ରକଳ୍ପ

## ୧୮ରେ ଭଞ୍ଜନଗର ଆସିବେ ମୁଖ୍ୟମନ୍ତ୍ରୀ

ଭଞ୍ଜନଗର,୧୨।୨(ଡି.ଏନ.ଏ.)

ସାଧାରଣ ନିର୍ବାଚନ ପାଇଁ ଆଉ କିଛିଦିନ ପରେ ଆଚରଣବିଧି ଲାଗୁ ହେବ। ଏହାପୂର୍ବରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୮ ତାରିଖରେ ସରକାରୀ ଗସ୍ତରେ ଭଞ୍ଜନଗର ଆସି ୧୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ପ୍ରକଳ୍ପ ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ। ତେଣୁ ଗ୍ରାମ୍ୟ ଉନ୍ନୟନ, ସଂସଦୀୟ ବ୍ୟାପାର ଓ ସରକାରୀ ଉଦ୍ୟୋଗ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ଗଞ୍ଜାମ ଜିଲାପାଳ ବିଜୟ ଅମୃତ କୁଲାଙ୍ଗେ, ପୂର୍ତ୍ତ ବିଭାଗ ନିର୍ବାହୀଯନ୍ତ୍ରୀ ରମେଶ ପ୍ରସାଦ ସ୍ୱାଇଁ, ଏସ୍‌ଡ଼ିପିଓ ଉତ୍କଳ କେଶରୀ ଦାସ, ଉପ ଜିଲାପାଳ ରାଜେନ୍ଦ୍ର ମିଞ୍ଜ୍ ପ୍ରମୁଖ ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ଓ ଶିଳାନ୍ୟାସ ହେବାକୁ


ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ବିଭିନ୍ନ ଅଞ୍ଚଳ ପରିଦର୍ଶନ କରୁଛନ୍ତି।

ଥିବା ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରିଥିଲେ। ମୁଖ୍ୟମନ୍ତ୍ରୀ ନୂତନ ଜେଲ କୋଠା, ଟାଉନହଲ୍, ନବନିର୍ମିତ ବସଷ୍ଟାଣ୍ଡ ପ୍ରମୁଖ ଉଦ୍ଘାଟନ କରିବା କାର୍ଯ୍ୟକ୍ରମ ରହିଛି। ଏଥିସହ ପୂର୍ତ୍ତ ବିଭାଗ ପକ୍ଷରୁ ୨୯ କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା ଭଞ୍ଜନଗର ଦଶପଲ୍ଲା ରାଜ୍ୟ ରାଜପଥ ଓ ୬ କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା ଭଞ୍ଜସାହିତ୍ୟ ଗଳି ରାସ୍ତା ଶିଳାନ୍ୟାସ କରିବେ। ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ସଫଳ କରିବା ପାଇଁ ଶାସକଦଳ ପକ୍ଷରୁ ମଧ୍ୟ ପ୍ରସ୍ତୁତି ଆରମ୍ଭ ହୋଇଛି। କିଛିଦିନ ତଳେ ଦୁର୍ବୃତ୍ତମାନେ ଭଞ୍ଜନଗର ସହରରେ ଆତଙ୍କ ସୃଷ୍ଟି କରିବା ପାଇଁ ସହରର ମୁଖ୍ୟ ସଡ଼କର ପ୍ରମୁଖ ବ୍ୟବସାୟ ପ୍ରତିଷ୍ଠାନକୁ ଲକ୍ଷ୍ୟ କରି ଘନଘନ ବୋମା ମାଡ଼ କରିଥିଲେ। ଫଳରେ ସହରବାସୀ ଆତଙ୍କିତ ଅବସ୍ଥାରେ ଅଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ସମୟରେ ଯେଭଳି କୌଣସି ବିଶୃଙ୍ଖଳା ନହେବ ସେଥିପାଇଁ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ବଢ଼ାଇ ଦିଆଯାଇଛି।

## ମଦ ଜବତ, ଜଣେ ଗିରଫ

ଦିଗପହଣ୍ଡି,୧୨।୨(ଡି.ଏନ.ଏ.)

ଦିଗପହଣ୍ଡି ପୋଲିସ ମଙ୍ଗଳବାର ବାସୁଦେବପୁର ପଞ୍ଚାୟତ ବଡ଼ବୁରୁଡ଼ା ଗ୍ରାମର ନକୁଳ ମଲିକଙ୍କୁ ଗିରଫ କରିଛି । ଭୋର ପ୍ରାୟ ସାଢ଼େ ୬ଟାରେ ପୋଲିସ ଗ୍ରାମରେ ଚଢ଼ାଉ କରି ଅଭିଯୁକ୍ତ ନକୁଳଙ୍କ ନିକଟରୁ ୨ଟି ପ୍ଲାଷ୍ଟିକ ଜାରକିନରେ ଥିବା ୫୦ ଲିଟର ଦେଶୀ ମଦ ଜବତ କରିଥିଲେ। ଦୀର୍ଘଦିନ ହେଲା ନକୁଳ ଗ୍ରାମରେ ଚୋରା ମଦ ବିକ୍ରି କରୁଥିବା ସୂଚନା ମିଳିଥିଲା ବୋଲି ଆଇଆଇସି ଦେବାଶିଷ ମହାନ୍ତି କହିଛନ୍ତି। ଏ ନେଇ ନଂ. ୨୫/୧୯ ଅନୁଯାୟୀ ଅଭିଯୁକ୍ତଙ୍କ ବିରୋଧରେ ମକଦ୍ଦମା ରୁଜୁ କରାଯାଇଥିବା ତଦନ୍ତକାରୀ ପୋଲିସ ଏସଆଇ ମାଧବ ଚନ୍ଦ୍ର ଟିକ୍ରି ଜଣାଇଛନ୍ତି । ଅପରାହ୍ନରେ କୋର୍ଟଚାଲାଣ ପରେ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ୍‌ଜେଲ ହାଜତକୁ ପଠାଇ ଦିଆଯାଇଛି ।

## ନଦୀରୁ ମହିଳାଙ୍କ ମୃତଦେହ ଉଦ୍ଧାର

ଆର.ଉଦୟଗିରି,୧୨।୨(ଡି.ଏନ.ଏ.)

ଆର.ଉଦୟଗିରି ଥାନା ମହେନ୍ଦ୍ରଗଡ଼ ନଦୀରେ ଭାସୁଥିବା ଜଣେ ମହିଳାଙ୍କ ଗଳିତ ମୃତଦେହ ମଙ୍ଗଳବାର ପୋଲିସ ଉଦ୍ଧାର କରିଛି। ସେ ହେଲେ ସ୍ଥାନୀୟ ବ୍ଲକ ଗଞ୍ଜାର ଗ୍ରାମର ଡାଳବଡ଼ କୁମର। ଡାଳବଡ଼ ସୋମବାର ମହେନ୍ଦ୍ରଗଡ଼ ଗ୍ରାମର ଶିବ ମନ୍ଦିରକୁ ଯାଇଥିଲେ। ସେଠାରୁ ସୌଚ କରିବା ପାଇଁ ମହେନ୍ଦ୍ରଗଡ଼ ନଦୀକୁ ଯାଇ ଗୋଡ ଖସିଯିବାରୁ ନାଳରେ ଥିବା ଗଣ୍ଡରେ ପଡ଼ି ତାଙ୍କର ମୃତ୍ୟୁ ଘଟିବା ସହ ୮୦ କିମି ଦୂରରେ ମୃତଦେହ ଭାସୁଥିଲା। ମଙ୍ଗଳବାର ମହେନ୍ଦ୍ରଗଡ଼ ଗ୍ରାମର କିଛି ଲୋକ ଗାଧୋଇବା ପାଇଁ ନଦୀକୁ ଯାଇଥିଲେ। ନଦୀରେ ମୃତଦେହ ଦେଖି ଗ୍ରାମବାସୀଙ୍କ ସହ ପୋଲିସକୁ ଜଣାଇଥିଲେ । ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପାରଳାଖେମୁଣ୍ଡି ବଡ଼ ମେଡିକାଲକୁ ପଠାଯାଇଛି। ଏ ନେଇ ନଂ.୨/୧୯ରେ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ଘଟଣାର ଅଧିକ ତଦନ୍ତ ଚଳାଇଛି। ମୃତଦେହ ଭାସିବା ଦେଖି ପୋଲିସ ଡାଳବଡ଼ଙ୍କ ସ୍ୱାମୀଙ୍କୁ ଡାକି ଚିହ୍ନଟ କରିଥିଲେ।

## ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଅର୍ଥନୈତିକ ଅବରୋଧ

ଖଲ୍ଲିକୋଟ,୧୨।୨(ଡି.ଏନ୍.ଏ)

ଖଲ୍ଲିକୋଟ ବ୍ଲକ ଗୁରାପଲ୍ଲୀ ଟୋଲଗେଟ ନିକଟ କନ୍ହେଇପୁର ଛକ ଜାତୀୟ ରାଜପଥ ନଂ. ୧୬ ଉପରେ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଶତାଧିକ ମହିଳା ଓ ପୁରୁଷ ଚାଷୀ ବିଭିନ୍ନ ସ୍ଲୋଗାନ ଦେଇ ରାସ୍ତା ଉପରେ ବସି ଧାରଣା ଦେଇଥିଲେ। ଫଳରେ ପ୍ରାୟ ଏକ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଜାତୀୟ ରାଜପଥ ବନ୍ଦ ରହିବାରୁ ବହୁ ମାଲ ବୋଝେଇ ଟ୍ରକ ଅଟକି ରହିଥିଲା। ସ୍ଥାନୀୟ ଆଇଆଇସି ବିବେକାନନ୍ଦ ସ୍ୱାଇଁ, ଭେଜିପୁଟ ଫାଣ୍ଡି ଓଆଇସି ଭବାନୀ ଶଙ୍କର ମିଶ୍ର ପୋଲିସ ବାହିନୀ ସହ ପହଞ୍ଚି କୃଷକ ସଙ୍ଗଠନକୁ ରାସ୍ତାରୁ ହଟାଇ ଭେଜିପୁଟ ଫାଣ୍ଡିରେ ରଖି ପରେ ଛାଡ଼ି ଦେଇଥିଲେ।


ରାସ୍ତା ଉପରେ ଚାଷୀମାନେ ଧାରଣାରେ ବସିଛନ୍ତି।

## ପ୍ରାଇସ୍, ପ୍ରେଷ୍ଟିଜ୍, ପେନ୍‌ସନ ଦାବିରେ ରାସ୍ତାରୋକୋ

ଫୁଲବାଣୀ ଅଫିସ, ୧୨।୨

ନବନିର୍ମାଣ କୃଷକ ସଙ୍ଗଠନ କର୍ମକର୍ତ୍ତା ମଙ୍ଗଳବାର ଅପରାହ୍ନରେ ପ୍ରାଇସ ପ୍ରେଷ୍ଟିଜ୍ ପେନ୍‌ସନ ଦାବିରେ ସଦର ଥାନା କେରେଡିଠାରେ ଫୁଲବାଣୀ-ବ୍ରହ୍ମପୁର ରାସ୍ତାରୋକୋ କରିଛନ୍ତି। ଏଥିଯୋଗୁ ୨ ଘଣ୍ଟା ଗାଡି ଚଳାଚଳ ବ୍ୟାହତ ହୋଇଛି । ପୋଲିସ ଘଟଣା ସ୍ଥଳରେ ପହଞ୍ଚି ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା। ସଂଗଠନ ଦୀର୍ଘ ୮ ବର୍ଷ ଧରି ଚାଷୀଙ୍କ ପାଇଁ ସରକାରଙ୍କ ପାଖରେ ଦାବି ରଖି ଆସୁଛି। ଚାଷୀ ଉତ୍ପାଦିତ ଦ୍ରବ୍ୟର ଉଚିତ ମୂଲ୍ୟ, ସୁରକ୍ଷା ଭତ୍ତା, ପ୍ରତି ଚାଷୀ ପରିବାରର ୨୦ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ମାସିକ ୫ହଜାର ଟଙ୍କା ଦାବିରେ ଚାଲିଥିବା ଆନ୍ଦୋଳନକୁ ସରକାର


ରାସ୍ତା ଉପରେ ଚାଷୀ ବସିଛନ୍ତି।

ପୋଲିସ ଲଗାଇ ଭଣ୍ଡୁର କରୁଛନ୍ତି। ଆମର ମୌଳିକ ଅଧିକାର ଛଡାଇ ନେଉଛନ୍ତି। ଅଗଣତାନ୍ତ୍ରିକ ଭାବରେ ଆମକୁ ଦମନ କରାଯାଉଛି। ରାଜ୍ୟର ବିଭିନ୍ନ ସଙ୍ଗଠନର ଆନ୍ଦୋଳନକୁ ରାଜ୍ୟ ସରକାର ସ୍ୱୀକୃତି ଦେଉଥିବା ବେଳେ ଚାଷୀଙ୍କ ପ୍ରତି କଠୋର ମନୋଭାବ ପୋଷଣ କରୁଛନ୍ତି। ଏହାକୁ ବିରୋଧ କରି ଆମେ ଆଜିଠାରୁ ଅସହଯୋଗ ଆନ୍ଦୋଳନ ଆରମ୍ଭ କରିଛୁ । ପ୍ରତି ବ୍ଲକ କାର୍ଯ୍ୟାଳୟରେ ଏହି ଆନ୍ଦୋଳନ ହୋଇ ଆଗାମୀ ଦିନରେ ଜିଲାସ୍ତରରେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ସଂଗଠନ ଜିଲା ସଂଯୋଜକ ଚାଣକ୍ୟ କହଁର କହିଛନ୍ତି। ଭାସ୍କର ପ୍ରଧାନ, ଅଶୋକ କୁମାର ପରିଡା, ସନ୍ତୋଷ ପାତ୍ର, ବିଶ୍ୱାମିତ୍ର ଦିଗାଲ, ସୁଦ୍ର କହଁର, ବିରୂପାକ୍ଷ କହଁର, ଜଳନ୍ଧର କହଁର, ଅଟଳ ପ୍ରଧାନଙ୍କ ନେତୃତ୍ୱରେ ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ଚାଷୀ ରାସ୍ତାରୋକୋରେ ସାମିଲ ହୋଇଥିଲେ।


2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ